ଚଉପଦୀକାର ଉପେନ୍ଦ୍ର

ଏକ ସମୀକ୍ଷା

ଡ. ଲମ୍ବୋଦର ପାଣିଗ୍ରାହୀ

Digitized by srujanika@gmail.com

ଚଉପଦୀକାର ଉପେନ୍ଦ୍ର

ଏକ ସମୀକ୍ଷା

ଡ଼ଃ ଲମ୍ବୋଦର ପାଣିଗ୍ରାହୀ

Digitized by srujanika@gmail.com

ଚଉପଦୀକାର ଉପେନ୍ଦ୍ର : ଏକ ସମୀକ୍ଷା

ଲେଖକ : ଡ଼ଃ. ଲମ୍ବୋଦର ପାଣିଗ୍ରାହୀ
ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ଚିକିଟି ମହାବିଦ୍ୟାଳୟ, ଚିକିଟି

ପ୍ରକାଶକ : ଶ୍ରୀମତୀ ଭାନୁମତୀ ପାଣିଗ୍ରାହୀ
ଭଞ୍ଜନଗର-୨

ପ୍ରଥମ ମୁଦ୍ରଣ : ୧୯୯୨
ମୂଲ୍ୟ : ୨୫ ଟଙ୍କା
ମୁଦ୍ରଣ : ରେଡିଏଣ୍ଟ ପ୍ରୋସେସ୍, ବ୍ରହ୍ମପୁର

CHOUPADIKAR UPENDRA : EKA SAMIKSHYA

Written by : **Dr. Lambodar Panigrahi**
Head of Dept. Oriya
Chikiti Mahavidyalaya, Chikiti

Publisher : Smt, BHANUMATI PANIGRAHI
Bhanjanagar-2

First Edition— 1992
Price : Rs. 25-00
Printed at : RADIANT PROCESS, Berhampur

Digitized by srujanika@gmail.com

ମୋର ପୂଜ୍ୟ ପିତା

୰ କ୍ଷେତ୍ରବାସୀ ପାଣିଗ୍ରାହୀଙ୍କୁ..........

ଉତ୍ସର୍ଗୀକୃତ

Digitized by srujanika@gmail.com

କୃତଜ୍ଞତା............

ଡ଼ଃ. ସୀତାରାମ ମହାପାତ୍ର, ଡ଼ଃ ଉପେନ୍ଦ୍ର ନାୟକ, ଡ଼ଃ ନିଶାକର ପାଢ଼ୀ, ଡ଼ଃ. ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶ୍ରୀଯୁକ୍ତ ମାଗୁଣି ଦାଶ, ଶ୍ରୀଯୁକ୍ତ ସନାତନ ପଣ୍ଡା, ଶ୍ରୀଯୁକ୍ତ ଶୂଳପାଣି ଶତପଥୀ, ଶ୍ରୀଯୁକ୍ତ ପ୍ରଶାନ୍ତ ମହାନ୍ତ, ଟିଲୁ, ଶିବୁ, ବୁଢ଼ୀ, ଶ୍ରୀଯୁକ୍ତ ରାଧାଶ୍ୟାମ ପଟ୍ଟନାୟକ ।

ଭଞ୍ଜ ଯୁବ ସାହିତ୍ୟ ସଂସଦ, ମଧ୍ୟାହ୍ନ ସାହିତ୍ୟ ସଂସଦ ।

Digitized by srujanika@gmail.com

ପଦେ

ଉପେନ୍ଦ୍ରଙ୍କ କାବ୍ୟକୃତି ବହୁ ସମାଲୋଚନାରେ ସ୍ବୀକୃତ । ତଦାନ୍ତନ ସାହିତ୍ୟିକଙ୍କ ପ୍ରପାଣ୍ଡିତ୍ୟ ପ୍ରଦର୍ଶନ ସକାଶେ ଭଞ୍ଜ କାବ୍ୟ ଏକ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରତିଭା ପୂଜା ଆଳରେ ଆଜିକାଲି ଉପେନ୍ଦ୍ରଙ୍କୁ ପାଶ୍ଚାତ୍ୟ କବିଙ୍କ ସହ ତୁଳନା କରିବା ଉଦ୍ୟମ ବେଶୀ । ଏହାଦ୍ୱାରା ଉପେନ୍ଦ୍ରଙ୍କ ଗୌରବ ବୃଦ୍ଧି ପାଏ କି ହ୍ରାସ ହୁଏ ତାହାକୁ ଯଥାର୍ଥ ଅନୁଶୀଳନ କରାଯାଏ ନାହିଁ । ଗଡ୍ଡାଳିକା ପ୍ରବାହରେ ଉପେନ୍ଦ୍ରଙ୍କୁ ଧରି ଭଞ୍ଜନଗର ଠାରୁ ଭଞ୍ଜବିହାର, ଇସ୍ପାତ ନଗରୀ ଠାରୁ ଏକାମ୍ର ନଗରୀ ଯାଏଁ ଅମର ଦୌଡ଼ ଚାଲିଛି । କିନ୍ତୁ ଉପେନ୍ଦ୍ର ଯେଉଁ ସୃଷ୍ଟି ରାଜି ଦ୍ୱାରା 'ଲୋକ'ରେ ଆଦୃତ ଓ ବନ୍ଦିତ ସେଗୁଡ଼ିକର ସ୍ପଷ୍ଟ ଚିତ୍ର ଦୃଷ୍ଟି ଗୋଚର ହୁଏ ନାହିଁ । ତେଣୁ 'ଚଉପଦୀରେ ଉପେନ୍ଦ୍ର : ଏକ ସମୀକ୍ଷା'ରେ ଭଞ୍ଜଙ୍କ ଚଉପଦୀଗୁଡ଼ିକୁ ସଙ୍କଳନ କରି ସେଗୁଡ଼ିକର ସାର୍ବଜନୀନ ଆବେଦନକୁ ରେଖାଙ୍କନ କରାଯାଇଛି । ଏହା ପୂର୍ଣ୍ଣାଙ୍ଗ ନୁହେଁ ବରଂ ଏକ ଉଦ୍ୟମ ମାତ୍ର । ସହୃଦୟ ପାଠକ ଏହାକୁ ସାଦରେ ଗ୍ରହଣ କଲେ ଉପକୃତ ହେବ ।

ଲେଖକ

Digitized by srujanika@gmail.com

Digitized by srujanika@gmail.com

ସୂଚୀ

ପ୍ରେକ୍ଷାପଟ

କ) ଚଉପଦୀର ସାମାନ୍ୟ କଥନ

i) ସଜ୍ଞା — ୧

ii) ପ୍ରକାର ଭେଦ — ୨

iii) ସାହିତ୍ୟିକ ଆବେଦନ — ୬

iv) ସମୟର ପୃଷ୍ଠଭୂମିରେ ଓଡ଼ିଆ ଚଉପଦୀ — ୧୩

ଖ) ଓଡ଼ିଆ ଚଉପଦୀ ପରମ୍ପରା — ୧୪

ବକ୍ଷମାଣ

କ) ଚଉପଦୀକାର ଉପେନ୍ଦ୍ର ଭଞ୍ଜ — ୧୬

ଖ) ଭଞ୍ଜୀୟ ଚଉପଦୀର ଆଙ୍ଗିକ ବିଭବ

i) ଅଲଙ୍କାର — ୨୩

ii) ଶବ୍ଦ ବିନ୍ୟାସ — ୨୫

iii) ବୃତ୍ତ ରଙ୍ଗ — ୨୮

ଗ) ଭଞ୍ଜୀୟ ଚଉପଦୀର ଆତ୍ମିକ ସମ୍ପଦ

i) ରସାନୁଭୂତି — ୩୦

ii) ଭାବ ବସ୍ତୁ — ୩୩

iii) କୁଶୀଳବ — ୩୫

iv) ସମାଜ ଚେତନା — ୩୯

ଉପସଂହାର — ୪୧

ଅକ୍ଷମାଳା — ୧

Digitized by srujanika@gmail.com

Digitized by srujanika@gmail.com

ପ୍ରେକ୍ଷାପଟ

Digitized by srujanika@gmail.com

Digitized by srujanika@gmail.com

ଚଉପଦୀର ସାମାନ୍ୟ କଥନ

ସଂଜ୍ଞା

ଯାହା ଅତୀତରେ ଚଉପଦୀ ଭାବେ ଆଦୃତ ହୋଇଥିଲା ତାହା ସାଂପ୍ରତିକ ଅଭିଧାରେ 'ଓଡ଼ିଶୀ ସଙ୍ଗୀତ' ନାମରେ ପରିଚିତ । ତେବେ ଏଠି ସ୍ୱତଃ ପ୍ରଶ୍ନ ଉଠେ 'ଚଉପଦୀ'ର ପ୍ରତିଶବ୍ଦ ଭାବେ 'ଓଡ଼ିଶୀ ସଙ୍ଗୀତ' ଯଥାର୍ଥ କି ? ସଙ୍ଗୀତ ଏବଂ ଚଉପଦୀ ସମାର୍ଥ ବାଚକ ଶବ୍ଦ ନୁହେଁ, କାରଣ ସଙ୍ଗୀତକୁ ଏକ କାବ୍ୟରୂପ ଭାବେ କେହି ବି ସ୍ୱୀକୃତି ଦେଇନାହାନ୍ତି । ବରଂ, ଓଡ଼ିଆ ଅଳଙ୍କାର ଗ୍ରନ୍ଥରେ ଚଉପଦୀକୁ ଗୀତି କବିତାର ଅଙ୍ଗ ରୂପେ ଗ୍ରହଣ କରାଯାଇଛି ।

'ଗୁଚ୍ୟ ବୋଲି, ଛାନ୍ଦ, ଚଉତିଶା, ଚଉପଦୀ, ଚିତ୍ର ପଦ୍ମବନ୍ଧ ଗୀତେ ଥିବ ।' ୧

ଭାରତୀୟ ପରମ୍ପରାରେ ଗୀତ, ବାଦ୍ୟ ଓ ନୃତ୍ୟର ଏକତ୍ର ପରିବେଷଣକୁ ସଙ୍ଗୀତ କୁହାଯାଏ ।୨ ଏହା ଏକ ଯୌଥ କଳା । ତେଣୁ ଓଡ଼ିଶୀ ସଙ୍ଗୀତ ମଧ୍ୟରେ ଓଡ଼ିଆ ଗୀତି କବିତାର ଗାନଯୋଗ୍ୟ ବିଭିନ୍ନ ଆଙ୍ଗିକ ଯଥା—ଭଜନ, ଜଣାଣ, ଚଉତିଶା, ଚମ୍ପୂ, ଚଉପଦୀ ଇତ୍ୟାଦିକୁ ପକ୍ଷଭୁକ୍ତ କରାଯାଇଥାଏ । ପୁନଶ୍ଚ ଚଉପଦୀକୁ ସଙ୍କୁଚିତ କଲାବେଳେ ମଧ୍ୟ ସଙ୍ଗୀତ ସହ ଏହାର ବ୍ୟବଧାନକୁ ଉପଲବ୍ଧି କରିହୁଏ । 'ଚାରି ଓ କ୍ୱଚିତ୍ ତତୋଽଧିକ ପଦବିଶିଷ୍ଟ ସଙ୍ଗୀତ ବା କବିତାକୁ ଚଉପଦୀ କୁହାଯାଏ ।'୩ ଉକ୍ତ ଉକ୍ତିଟିରେ ମଧ୍ୟ ଚଉପଦୀର ପ୍ରତିଶବ୍ଦ ଭାବେ ସଙ୍ଗୀତକୁ ଗ୍ରହଣ କରାଯାଇନାହିଁ । ତଥାପି ବହୁ ସମାଲୋଚକ 'ଚଉପଦୀ'କୁ 'ଓଡ଼ିଶୀ ସଙ୍ଗୀତ' ଭାବେ ନାମିତ କରି ଓଡ଼ିଆ ସାହିତ୍ୟର ଏକ ମୌଳିକ ଆଙ୍ଗିକର ନାମକରଣକୁ ବିଲୁପ୍ତ କରିବା ଉଦ୍ୟମ କରୁନାହାନ୍ତି କି ? ବାସ୍ତବରେ ଚଉପଦୀ ପ୍ରାପ୍ତ ଚାରିପଦ ବିଶିଷ୍ଟ ଘୋଷାଯୁକ୍ତ ଏକ ଗୀତି କବିତା, ସାଙ୍ଗୀତିକତା ଯାହାର ଆତ୍ମା । ତେଣୁ ଓଡ଼ିଆ ଚଉପଦୀକୁ ଓଡ଼ିଶୀ ସଙ୍ଗୀତର ବାହକ କହିବା ଅଧିକତର ସମୀଚୀନ ହେବ ।

---

୧ । ରସପଞ୍ଚକ : ଉପେନ୍ଦ୍ର ଭଞ୍ଜ : ପ୍ରଥମ ପଞ୍ଚକ, ର'କାର ବୋଲି—୩ୟ ପଦ

୨ । ଭାରତୀୟ ସଙ୍ଗୀତ; ନୀଳମାଧବ ପାଣିଗ୍ରାହୀ; ୧୯୬୫ । ପୃ ୧୭, ୧୮

୩ । ପୂର୍ଣ୍ଣଚନ୍ଦ୍ର ଭାଷା କୋଷ; ଗୋପାଳ ଚନ୍ଦ୍ର ପ୍ରହରାଜ; ୧୯୩୩, Vo. II ପୃ ୨୩୭୫

Digitized by srujanika@gmail.com

ଚଉପଦୀର ବ୍ୟୁତ୍ପତ୍ତି ସମ୍ପର୍କରେ ବିଦ୍ୱାନ୍ମାନେ କେବଳ ସମ୍ଭାବ୍ୟ ଯୁକ୍ତି ଉପସ୍ଥାପନ କରିଛନ୍ତି । ସେମାନଙ୍କ ମତରେ ସଂସ୍କୃତ ଗୀତିକବିତାର ଚର୍ଯ୍ୟକଳା ବିଭାଗର ଚତୁଃଷ୍ପଦୀ ଶବ୍ଦରୁ ଏହି ଚଉପଦୀ ଉଦ୍ଭବ ହୋଇଛି । କାରଣ ଚାରିପଦ ବିଶିଷ୍ଟ ପଦ୍ୟ ରଚନାକୁ ସଂସ୍କୃତରେ ଚତୁଃଷ୍ପଦୀ କୁହାଯାଏ ।୪। କିନ୍ତୁ, ଓଡ଼ିଆ ଚଉପଦୀ ସ୍ୱକୀୟ ଶୈଳୀରେ ସମୃଦ୍ଧ । କାରଣ ଦୁଇ, ତିନି, ପାଞ୍ଚ, ଛଅ, ସାତ, ଆଠ ଓ ଦଶପଦ ବିଶିଷ୍ଟ ରଚନାକୁ ମଧ୍ୟ ଚଉପଦୀ ଭାବେ ଗ୍ରହଣ କରାଯାଇଛି ।

ଚାରିପଦ ବିଶିଷ୍ଟ ଚଉପଦୀର ପ୍ରତ୍ୟେକ ପଦକୁ ସ୍ୱତନ୍ତ୍ରଅଙ୍ଗ ରୂପେ ଗ୍ରହଣ କରାଯାଇଛି । ସେଗୁଡ଼ିକୁ ଯଥାକ୍ରମେ ଧ୍ରୁବ, ଅନ୍ତରା, ସଞ୍ଚାରୀ ଓ ଆଭୋଗ କୁହାଯାଏ । ପ୍ରଥମ ଅଙ୍ଗ 'ଧ୍ରୁବ'କୁ 'ଘୋଷା' ବା ସ୍ଥାୟୀ ପଦ ମଧ୍ୟ କୁହାଯାଏ । ଏହାକୁ ପ୍ରତ୍ୟେକପଦର ଅନ୍ତରେ ବାରମ୍ବାର ଗାନ କରାଯାଇଥାଏ । ଅଧିକାଂଶ ଚଉପଦୀର 'ଧ୍ରୁବ' ପଦ ଅନ୍ୟ ପଦର ଅକ୍ଷର ସଂଖ୍ୟା ନ୍ୟୁନାଧିକ ହୋଇଥାଏ । କିନ୍ତୁ ଗାନବେଳେ ସ୍ୱର ଲହରୀରେ ଏହି ବ୍ୟତିକ୍ରମକୁ ଜାଣିହୁଏ ନାହିଁ । ଚଉପଦୀ ଗୁଡ଼ିକ କ୍ଷୁଦ୍ର ହେଲେ ମଧ୍ୟ 'ଆଭୋଗ' ଅଂଶ ଦ୍ୱାରା ସ୍ରଷ୍ଟାଙ୍କୁ ଜାଣିହୁଏ । ଅନ୍ୟତମ ଲକ୍ଷଣ ଭାବେ କେତେକ ଚଉପଦୀରେ 'ପଦ' ବ୍ୟବହୃତ ହୋଇଥାଏ । ଏହା ଦ୍ୱାରା ଚଉପଦୀର ସାଙ୍ଗୀତିକତାକୁ ଉପଭୋଗ କରିହୁଏ । ପ୍ରତ୍ୟେକ ଚଉପଦୀରେ ଘୋଷା ପଦ ରହିବା ଅନିବାର୍ଯ୍ୟ ନୁହେଁ । 'ଘୋଷା' ପଦ ନ ଥାଇ ଛାନ୍ଦବୃତ୍ତର ଆଧାରରେ ମଧ୍ୟ ବହୁ ଚଉପଦୀ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିପାରିଛି ।

ପ୍ରକାର ଭେଦ

ଓଡ଼ିଆ ଚଉପଦୀକୁ ମୁଖ୍ୟତଃ ଅଲୌକିକ ଲୀଳାତ୍ମକ ଏବଂ ଲୌକିକ ପ୍ରେମମୂଳକ ଦୁଇଟି ଶୀର୍ଷକରେ ବିଭକ୍ତ କରାଯାଇଥାଏ । ଅଲୌକିକ ଲୀଳାତ୍ମକ ବିଭାଗରେ ମନଃଶିକ୍ଷାମୂଳକ କେତେକ ସୃଷ୍ଟିକୁ ବାଦ ଦେଲେ ଅଧିକାଂଶ ଚଉପଦୀରେ ରାଧାକୃଷ୍ଣ ଓ ଗୋପୀକୃଷ୍ଣଙ୍କ ଅପ୍ରାକୃତ ପ୍ରେମ ପ୍ରସଙ୍ଗ ବହୁଳ ଭାବେ ବର୍ଣ୍ଣିତ ହୋଇଛି । ଷୋଡ଼ଶ ଶତାବ୍ଦୀର ଉତ୍କଳରେ ବୈଷ୍ଣବ ଧର୍ମର ପ୍ରାବଲ୍ୟ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟକୁ ସମ୍ପୂର୍ଣ୍ଣ ପ୍ରଭାବିତ କରିଥିଲା । ଓଡ଼ିଆ ଚଉପଦୀ ସାହିତ୍ୟ ଏହି ପ୍ରଭାବରୁ ମୁକ୍ତ ନୁହେଁ । ବୈଷ୍ଣବ ସାହିତ୍ୟର ଅନ୍ତଃସ୍ୱର ବିରହ ବା ବିପ୍ରଲମ୍ଭ ଶୃଙ୍ଗାର ପ୍ରଧାନ ହୋଇଥିବା ଯୋଗୁଁ କୃଷ୍ଣ ଲୀଳାତ୍ମକ ଚଉପଦୀରେ ସମ୍ଭୋଗ ଅପେକ୍ଷା ବିପ୍ରଲମ୍ଭ ଶୃଙ୍ଗାରର ପର୍ଯ୍ୟାପ୍ତ ବର୍ଣ୍ଣନା

---

୪ । "ପଦ୍ୟ ଚତୁଷ୍ପଦୀ ତଚ୍ଚବୃତ୍ତଂ ଜାତିରବ୍ଦ୍ୱିଧାତି"
ଛନ୍ଦୋମଞ୍ଜରୀ : ଗଙ୍ଗାଦାସ ୧।୪

Digitized by srujanika@gmail.com

ହୋଇଛି । ଆଲୋଚନାର ସୌକର୍ଯ୍ୟ ଦୃଷ୍ଟିରୁ ଏହି ଧରଣର ଚଉପଦୀଗୁଡ଼ିକୁ ପୂର୍ବରାଗ, ମାନ, ପ୍ରେମ ବୈଚିତ୍ତ୍ୟ ଓ ପ୍ରବାସ ବା ମାଥୁର ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥାଏ ।

ମିଳନ ପୂର୍ବରୁ ଦର୍ଶନ ଓ ରୂପଗୁଣାଦି ଶ୍ରବଣ ଦ୍ୱାରା ନାୟକ ନାୟିକା ମନରେ ଯେଉଁ ଅନୁରକ୍ତ ଭାବ ବା ପ୍ରଣୟ ଉଦ୍ରେକ ହୁଏ, ତାହାକୁ ପୂର୍ବରାଗ କୁହାଯାଏ ।୫ ବୈଷ୍ଣବ ରସ ଶାସ୍ତ୍ରରେ ମଧ୍ୟ ଏହା ସ୍ୱୀକୃତ ।୬ ଶଙ୍କା, ଔତ୍ସୁକ୍ୟ, ବ୍ୟାଧି ଇତ୍ୟାଦି ପୂର୍ବରାଗର ସଞ୍ଚାରୀ ଭାବ । ପୂର୍ବରାଗକୁ ସଂକ୍ଷେପରେ ଦର୍ଶନାନୁରାଗ, ନାମାନୁରାଗ ଓ ବଂଶୀ ଅନୁରାଗ ଶୀର୍ଷକରେ ଶ୍ରେଣୀଭୁକ୍ତ କରାଯାଇଥାଏ । କାହାରି କାହାରି ମତରେ ଏହାକୁ ସାକ୍ଷାତ ଦର୍ଶନ, ଚିତ୍ରପଟ ଦର୍ଶନ, ସ୍ୱପ୍ନ ଦର୍ଶନ, ଭାଟମୁଖରୁ ଶ୍ରବଣ, ଦୂତୀ ମୁଖରୁ ଶ୍ରବଣ, ସଖୀମୁଖରୁ ଶ୍ରବଣ, ଗୁଣୀଙ୍କ ଗାନରୁ ଶ୍ରବଣ, ବଂଶୀ ଧ୍ୱନି ଶ୍ରବଣ ଇତ୍ୟାଦି ଆଠଟି ବିଭାଗରେ ଆଲୋଚନା କରାଯାଇଥାଏ । ବୈଷ୍ଣବୀୟ ଦୃଷ୍ଟିରେ ବଂଶୀ ଧ୍ୱନି ସ୍ୱୟଂଦୂତୀର କାର୍ଯ୍ୟ କରେ । ଏହା ପ୍ରେମମୟୀ ରାଧାଙ୍କ ଶରୀରରେ ପୁଲକ ସଞ୍ଚାର କରି ଶ୍ରୀକୃଷ୍ଣଙ୍କ ପ୍ରତି ଆସକ୍ତ ଭାବ ଜନ୍ମାଏ । ସାକ୍ଷାତ ଦର୍ଶନରେ ରୂପାନୁରାଗ ଅନ୍ୟତମ ବିଭାଗ, ଯହିଁରେ ରାଧାକୃଷ୍ଣଙ୍କ ରୂପ ବର୍ଣ୍ଣନା ପ୍ରସଙ୍ଗ ଚଉପଦୀର ସାହିତ୍ୟିକ ମର୍ଯ୍ୟାଦାକୁ ବହୁଗୁଣିତ କରିଅଛି । ଏହି ଧରଣର ଚଉପଦୀରେ ସୌନ୍ଦର୍ଯ୍ୟ ପିପାସୁ ଗୀତିକବିଙ୍କୁ ପାଠକ ବେଶ ଉପଲବ୍ଧି କରେ ।

ନାୟକ ନାୟିକାର ପ୍ରଣୟ ସଂପର୍କିତ ନୀରବ ମନୋମାଳିନ୍ୟକୁ ମାନ କୁହାଯାଏ । ଏହା ପ୍ରଣୟର ଅବିଚ୍ଛେଦ୍ୟ ଅଙ୍ଗ । ଯେଉଁଠାରେ ପ୍ରେମର ନିବିଡ଼ତା ବେଶୀ ସେଠାରେ ମାନର ପ୍ରାଧାନ୍ୟ ତତୋଽଧିକ । ମାନ ହେତୁ ସାମୟିକ ବିଚ୍ଛେଦ ଘଟୁଥିବାରୁ ଏହା ବିପ୍ରଲମ୍ଭ ଶୃଙ୍ଗାରର ଦ୍ୱିତୀୟ ପର୍ଯ୍ୟାୟ । ସାଧାରଣତଃ ଏହାକୁ ପ୍ରଣୟମାନ (ସମ୍ଭୋଗ ବିମୁଖତା) ଓ ଈର୍ଷାମାନ (ଈର୍ଷା ବଶତଃ) ଏପରି ଦୁଇଟି ଭାଗରେ ବିଭାଜୀକରଣ କରାଯାଇଥାଏ । ପୁଣି ପ୍ରତ୍ୟେକକୁ ଯଥାକ୍ରମେ ପ୍ରେମଜା ଓ ଭ୍ରମଜା ଏବଂ ସହେତୁକ ଓ ଅହେତୁକ ଉପବିଭାଗରେ ଶ୍ରେଣୀଭୁକ୍ତ କରି ଆଲୋଚନା କରାଯାଇଥାଏ । କିନ୍ତୁ, ବୈଷ୍ଣବ ସାହିତ୍ୟରେ ଯେଉଁ ସବୁ କାରଣରୁ ନାୟିକାର ମାନ ଉଦୟ ହୁଏ ସେଗୁଡ଼ିକ ହେଲା—ସଖୀ ମୁଖରୁ ଶ୍ରବଣ, ଅନ୍ୟ କୁଞ୍ଜରେ ବଂଶୀ ଧ୍ୱନି ଶ୍ରବଣ, ଶୁକ ମୁଖରୁ ଶ୍ରବଣ, ପ୍ରିୟତମଙ୍କ ଅଙ୍ଗରେ ସମ୍ଭୋଗ ଚିହ୍ନ ଦର୍ଶନ, ପ୍ରତିଦ୍ୱନ୍ଦ୍ୱୀ ଦେହରେ ସମ୍ଭୋଗ ଚିହ୍ନ ଦର୍ଶନ, ଗୋତ୍ର ସ୍ଖଳନ, ସ୍ୱପ୍ନରେ ଦର୍ଶନ, ଅନ୍ୟ ପ୍ରଣୟିନୀଙ୍କ

---

୫ । ପୂର୍ଣ୍ଣଚନ୍ଦ୍ର ଭାଷା କୋଷ; ଗୋପାଳ ଚନ୍ଦ୍ର ପ୍ରହରାଜ : ୧୯୩୩, ପୃ ୪୯୫୪

୬ । ଉଜ୍ଜ୍ୱଳ ନୀଳମଣି, ରୂପ ଗୋସ୍ୱାମୀ, ପୃ ୮୩ ।

Digitized by srujanika@gmail.com

ସହ ପ୍ରିୟତମଙ୍କ ଦର୍ଶନ ଇତ୍ୟାଦି ଆଠ ପ୍ରକାରର । ରାଧାକୃଷ୍ଣ ଲୀଳାତ୍ମକ ଚଉପଦୀରେ ଏହି ଅଷ୍ଟବିଧ ମାନ ମଞ୍ଜୁଳ ଭାବେ ପରିବେଷିତ । ତତ୍ ସଙ୍ଗେ ସଙ୍ଗେ ସେଗୁଡ଼ିକରେ ମାନମୟୀ ରାଧାଙ୍କର ମାନଭଞ୍ଜନ ସକାଶେ ରସିକରାଜ ଶ୍ରୀକୃଷ୍ଣ ଏବଂ ଦୂତୀଙ୍କ ଉଦ୍ୟମ ଉଲ୍ଲେଖନୀୟ । ମାନ ଦ୍ୱାରା ପ୍ରେମିକକୁ ସନ୍ତାପିତ କରିବା ଯଦିଚ ଲକ୍ଷ୍ୟ କିନ୍ତୁ ନାୟିକା ଏଥିରେ ମାନାଧିକ ବେଦନାରେ ବିଧୁରା ହୁଏ ।

ପ୍ରେମ ବୈଚିତ୍ତ୍ୟ ସମ୍ଭୋଗର ଅନ୍ୟତମ ଦଶା । ପ୍ରେମଜନିତ ବିକ୍ଷିପ୍ତ ଚିତ୍ତତା ବା ସମ୍ଭୋଗରେ ବିରହର ଆଶଙ୍କାକୁ ପ୍ରେମବୈଚିତ୍ତ୍ୟ କୁହାଯାଏ । ସ୍ୱକୀୟା ପ୍ରେମ ଅପେକ୍ଷା ପରକୀୟା ପ୍ରେମରେ ମିଳନର କ୍ଷଣିକତା ହେତୁ ପ୍ରେମବୈଚିତ୍ତ୍ୟ ପରିଦୃଷ୍ଟ ହୁଏ । ତେଣୁ ରାଧାକୃଷ୍ଣ ଲୀଳାତ୍ମକ ଚଉପଦୀରେ ଏହି ପ୍ରେମ ବୈଚିତ୍ତ୍ୟର ତୀବ୍ରତା ଅନୁଭବ କରିହୁଏ । ବଂଶୀ ପ୍ରତି, ଦୂତୀ ପ୍ରତି, ସଖୀ ପ୍ରତି, ବିଧାତା ପ୍ରତି ଇତ୍ୟାଦି ଆକ୍ଷେପୋକ୍ତି ଜନିତ ଚଉପଦୀକୁ ପ୍ରେମବୈଚିତ୍ତ୍ୟ ବିଭାଗରେ ଆଲୋଚନା କରାଯାଇଥାଏ ।

କାର୍ଯ୍ୟବଶତଃ ନାୟକର ଅନ୍ୟତ୍ରଗମନ ବା ଦେଶାନ୍ତରରେ ଯେଉଁ ବିରହ ସୃଷ୍ଟି ହୁଏ ତାହାକୁ ପ୍ରବାସ କୁହାଯାଏ । ଓଡ଼ିଆ ଚଉପଦୀ ସାହିତ୍ୟ ଏହି ପ୍ରବାସ ଜନିତ ଅନୁଚିନ୍ତା, ସ୍ମୃତି ଓ ଅଭିଳାଷରେ ପରିପୂର୍ଣ୍ଣ । ବିପ୍ରଲମ୍ଭ ଶୃଙ୍ଗାରରେ ପ୍ରବାସ ପରିବର୍ତ୍ତେ କେହି କେହି ମାଥୁର ଶବ୍ଦ ବ୍ୟବହାର କରିଥାନ୍ତି । ରସିକରାଜ ଶ୍ରୀକୃଷ୍ଣଙ୍କ ମଥୁରା ଯାତ୍ରା ଦ୍ୱାରା ସୃଷ୍ଟି ହୋଇଥିବା ଗୋପୀ ଓ ରାଧାଙ୍କ ବିରହ ଭାବନାକୁ ବୈଷ୍ଣବୀୟ ପରମ୍ପରାରେ ମାଥୁର କୁହାଯାଏ । ମାଥୁରର ବିରହ ଜନିତ କାରୁଣ୍ୟ ଦୀର୍ଘସ୍ଥାୟୀ ଏବଂ ମର୍ମସ୍ପର୍ଶୀ । ତେଣୁ କୃଷ୍ଣ ଲୀଳାତ୍ମକ ଓଡ଼ିଆ ଚଉପଦୀରେ ଏହି ବିରହର ମାର୍ମିକ ପରିପ୍ରକାଶ ଘଟିଛି ।

ବିଷୟାସକ୍ତ ମନ ଭଗବତ୍ ଚେତନାକୁ ଦୂରେଇ ଦିଏ । ସିଦ୍ଧସାଧକ ଭଗବତ୍ ଚେତନାକୁ ଉପଲବ୍ଧି କରିବା ସକାଶେ ନିରନ୍ତର ଉଦ୍ୟମ କରୁଥାଏ । ତେଣୁ ତା' ଠାରେ ବୈରାଗ୍ୟ ସମ୍ପାତ ହେବା ଅବଶ୍ୟମ୍ଭାବୀ । ଏହି ଭାବରେ ଅର୍ପିତ ଓଡ଼ିଆ ଚଉପଦୀ ଗୁଡ଼ିକୁ ମନଃଶିକ୍ଷାମୂଳକ ରଚନା କୁହାଯାଏ । କବିସୂର୍ଯ୍ୟ ବଳଦେବ ରଥ, ବନମାଳି ଦାସ, ଗୋପାଳକୃଷ୍ଣ ପଟ୍ଟନାୟକ ଇତ୍ୟାଦି ସ୍ରଷ୍ଟା ଏହି ଚେତନା ସମ୍ବଳିତ କେତେକ ଚଉପଦୀ ରଚନା କରିଛନ୍ତି । ଆଲୋଚନାର ସୁବିଧା ଦୃଷ୍ଟିରୁ ସେହି ଚଉପଦୀ ଗୁଡ଼ିକୁ ପ୍ରତ୍ୟକ୍ଷ ବୈରାଗ୍ୟ ଚେତନା, ଭକ୍ତ୍ୟଙ୍ଗ ଆଚରଣ, ମନ୍ତ୍ରସ୍ୱଭାବ ସମ୍ପନ୍ନ, ତତ୍ତ୍ୱ-ମୂଳକ, ସ୍ମରଣାତ୍ମକ ଏବଂ ଲୀଳାତ୍ମକ ଶୀର୍ଷକରେ ଶ୍ରେଣୀଭୁକ୍ତ କରାଯାଇଥାଏ ।

Digitized by srujanika@gmail.com

ଓଡ଼ିଆ ସାହିତ୍ୟରେ ବୈଷ୍ଣବୀୟ ଭାବଧାରାର ଚଉପଦୀ ଠାରୁ ଲୌକିକ ପ୍ରେମମୂଳକ ଚଉପଦୀର ସଂଖ୍ୟା ନ୍ୟୂନ ନୁହେଁ । ଉଭୟ ପ୍ରକାରର ଚଉପଦୀ ଶୃଙ୍ଗାର-ଧର୍ମୀ ହେଲେ ମଧ୍ୟ ମାନବୀୟ ପ୍ରଣୟମୂଳକ ଚଉପଦୀର ଆବେଦନ ବ୍ୟାପକ । କାରଣ ଏହା ଧର୍ମୀୟ ଚେତନାର ଊର୍ଦ୍ଧ୍ୱରେ ରଚିତ । ତେଣୁ ବୈଷ୍ଣବ ଓ ଅବୈଷ୍ଣବ ସମସ୍ତଙ୍କୁ ଏହା ସ୍ପର୍ଶ କରିଥାଏ । ପୁନଶ୍ଚ ଲୌକିକ ପ୍ରଣୟମୂଳକ ଚଉପଦୀରେ ଅନାମେୟ ନାୟକ ନାୟିକାର ଆବେଗ ଓ ଅନୁଭବର ପ୍ରସଙ୍ଗ ବର୍ଣ୍ଣିତ । ଫଳରେ ଯେ କୌଣସି ନାମଧାରୀ ଚରିତ୍ରକୁ ସେଠାରେ ଆରୋପଣ କରାଯାଇପାରେ । ସାଧାରଣତଃ ଲୌକିକ ପ୍ରେମମୂଳକ ଚଉପଦୀକୁ ଗୁଣ୍ଠୁକ୍ତି, ବିରହାନୁଚିନ୍ତା, ସମ୍ଭୋଗ, ସ୍ମୃତି ଓ ମିଳନାନନ୍ଦ ଏପରି ଗୁରିଭାଗରେ ବିଭକ୍ତ କରି ସମାଲୋଚକମାନେ ତା'ର ବିଚାର କରିଛନ୍ତି ।

ବିପ୍ରଲମ୍ଭ ଶୃଙ୍ଗାରର ମାନ ଓ ମାନବତୀର ମାନଭଙ୍ଗ ଉଦ୍ୟମ ଓଡ଼ିଆ ଲୌକିକ ପ୍ରଣୟ ପ୍ରଧାନ ଚଉପଦୀରେ ପୁଷ୍କଳ ଭାବେ ବର୍ଣ୍ଣିତ । ନାୟକର ଅବଗୁଣ ସଂପର୍କରେ ଅନ୍ୟଠାରୁ ଶୁଣିବା ପରେ ବା ନାୟକ ଠାରୁ ଅଧିକ ସୋହାଗ ପାଇବା ଆଶାରେ ମାନିନୀ ନାୟିକା ମାନ ବା ଛଳମାନ ପ୍ରକାଶ କରେ । ଯାହାଦ୍ୱାରା ନାୟକ କାମ-ପୀଡ଼ାରେ ଦଗ୍ଧୀଭୂତ ହୁଏ ଏବଂ ତାହାକୁ ପ୍ରଶମିତ କରିବା ସକାଶେ ବିଭିନ୍ନ ଉପାୟ ପାଞ୍ଚିଥାଏ । ତେଣୁ ସେ ଗୁଣ୍ଠୁକ୍ତି ମାଧ୍ୟମରେ ନାୟିକାର ବେଶ, ପୋଷାକ, ଅଙ୍ଗପ୍ରତ୍ୟଙ୍ଗ, ରୂପ ଗୁଣ, କାମ କ୍ରୀଡ଼ାକାଳୀନ ପ୍ରତିକ୍ରିୟାର ବହୁ ପ୍ରଶଂସା କରେ । ନିଜକୁ ସେ ସେବକ ବା ଦାସ ଭାବେ ପ୍ରତିପାଦନ କରି ନାୟିକାକୁ ପ୍ରଭୁପଣରେ ଅଧିଷ୍ଠିତ କରାଏ । ଯଦିଓ ଦୈହିକ ସମ୍ଭୋଗର ଉତ୍କଣ୍ଠା ଏହି ଧରଣର ଚଉପଦୀରେ ପରିଦୃଷ୍ଟ, ତଥାପି ପରକୀୟା ପ୍ରେମର ଉଚ୍ଛୃଙ୍ଖଳତା ଏଥିରେ ନାହିଁ ।

ନାୟକର ପ୍ରବାସ ଜନିତ ବିରହାନୁଚିନ୍ତା ଓଡ଼ିଆ ଲୌକିକ ପ୍ରୀତିମୂଳକ ଚଉପଦୀର ଅନ୍ୟତମ ଲକ୍ଷଣ । ନାୟକର ଅନୁପସ୍ଥିତିରେ ନାୟିକାର ବିଚ୍ଛେଦ ଜନିତ କ୍ରନ୍ଦନ, ବିରହ ଶୀର୍ଣ୍ଣତା, ବିଭିନ୍ନ ଋତୁରେ ନିଃସଙ୍ଗବୋଧତା ଓ କାମବିକାରକୁ କଳ୍ପନା କରି ନାୟକର ଖେଦୋକ୍ତି, ଏ ଧରଣର କେତେକ ଚଉପଦୀରେ ପ୍ରକାଶ ପାଇଛି । କେତେକ ସୃଷ୍ଟିରେ ସମ୍ଭୋଗ ଜନିତ ମଧୁର ସ୍ମୃତିକୁ ବିରହୀ ନାୟକ ରୋମନ୍ଥନ କରି କେବଳ ମାନସିକ ତୃପ୍ତି ଲାଭ କରୁଥିବେଳେ ଅନ୍ୟ କେତେକ ଚଉପଦୀରେ ସେ ନାୟିକାର ରୂପ ଗୁଣର ଅତିଶୟ ପ୍ରଶଂସା କରିଛି । ବାସ୍ତବରେ ବିରହାନୁଚିନ୍ତା ଓ ପ୍ରଶଂସାମୂଳକ ଚଉପଦୀ ଗୁଡ଼ିକ ଓଡ଼ିଆ ଆଳଙ୍କାରିକ ସାହିତ୍ୟର ଶ୍ରେଷ୍ଠତମ ପରିପ୍ରକାଶ ମାତ୍ର । ଏ ଗୁଡ଼ିକରେ ପ୍ରଦତ୍ତଭାବ, ରସ ଓ ପଦ ସଂଯୋଜନା ପାଠକ ଚିତ୍ତରେ ସ୍ଥାୟୀ ମୁଦ୍ରା ଅଙ୍କନ କରିଥାଏ । କାବ୍ୟ ସଦୃଶ ପ୍ରକୃତ ବର୍ଣ୍ଣନାରେ

Digitized by srujanika@gmail.com

ପ୍ରଶସ୍ତତା ନଥିଲେ ମଧ ଚଉପଦୀର କ୍ଷୁଦ୍ର କଳେବରରେ ରୂପଶାଳୀ କବି ପ୍ରାଣ ତା'ର , ବର୍ଣ୍ଣନା ପ୍ରୀତିକୁ ସଂଗୁପ୍ତ ଭାବେ ରୂପ ଦେଇଥାଏ । ଓଡ଼ିଆ ଚଉପଦୀ ସାହିତ୍ୟରେ ସମ୍ଭୋଗ ଶୃଙ୍ଗାର ଓ ମିଳନାନନ୍ଦ ବିପ୍ରଲମ୍ଭ ଶୃଙ୍ଗାର ପରି ବହୁ ସଂଖ୍ୟାରେ ଚଉପଦୀ ରଚିତ ହୋଇନାହିଁ । ସମ୍ଭୋଗ କ୍ରିୟାରେ ନାୟିକାର ପ୍ରତିକ୍ରିୟା ଏବଂ ପୁରୁଷାୟିତ ରତିର ନଗ୍ନ ବର୍ଣ୍ଣନା କେତେକ ଚଉପଦୀର ଉପଜୀବ୍ୟ ମାତ୍ର ।

ଓଡ଼ିଆ ଚଉପଦୀ ମୁଖ୍ୟତଃ ଶୃଙ୍ଗାର ରସର ସରହଦ ଭିତରେ ଲୀଳାବିଳାସ କରିଛି । ଏହା ସାମାଜିକ ସମସ୍ୟାର ବିବିଧତାରେ କିମ୍ବା ଜୀବନର ବହୁବିଧ ଘଟଣାବଳୀରେ ରୁଚିବନ୍ତ ହୋଇନାହିଁ ବୋଲି ବହୁ ଆକ୍ଷେପର ଶରବ୍ୟ ହୋଇଛି । କିନ୍ତୁ ପରିବେଷଣର ନାଟକୀୟତା, ସଂକ୍ଷିପ୍ତତା ଓ ସାଙ୍ଗୀତିକତା ଓଡ଼ିଆ ଚଉପଦୀକୁ ବହୁ ଆଦୃତ କରାଇପାରିଛି ।

ସାହିତ୍ୟିକ ଆବେଦନ

ଚଉପଦୀ ଓଡ଼ିଆ ଗୀତି କବିତାର ବିଶେଷ ଭାବେ ଆଦୃତି ଏକ ଅଙ୍ଗ । ଏହା ସାହିତ୍ୟିକ ଗୁଣାବଳୀରେ ସମୃଦ୍ଧ, ଏଥିରେ ଦ୍ୱିରୁକ୍ତି ନାହିଁ । ପରିସରର ସୀମିତତା ଚଉପଦୀକୁ ବର୍ଣ୍ଣନା ବହୁଳ କରିବା ପରିବର୍ତ୍ତେ ବ୍ୟଞ୍ଜନାଧର୍ମୀ କରାଇଅଛି । ତେଣୁ ଶବ୍ଦ ସଂଯୋଜନା କ୍ଷେତ୍ରରେ ଚଉପଦୀକାର କାବ୍ୟକାର ପରି ସ୍ୱେଚ୍ଛାଗ୍ରହୀ ହୋଇପାରେ ନାହିଁ । ବରଂ ଭାବାବେଗକୁ ପ୍ରକାଶ କରିବା ସକାଶେ ସଂଯମତା ରକ୍ଷା କରି ନିହାତି ହୃଦୟସ୍ପର୍ଶୀ ଶବ୍ଦାବଳୀକୁ ସେ ପ୍ରୟୋଗ କରେ । ପ୍ରତ୍ୟେକ ଚଉପଦୀକାର ତା ସୃଷ୍ଟିରେ କ୍ଲିଷ୍ଟ ଏବଂ ଅବ୍ୟବହୃତ ଶବ୍ଦକୁ ପରିହାର କରିବା ନିମିତ୍ତ ଉଦ୍ୟମ କରିଥାଏ । କାରଣ ମୃଦୁ ମଧୁର ଶବ୍ଦାବଳୀ ହିଁ ଶ୍ରୁତି ରସାୟନ ହୁଏ । ଏହାହିଁ ରସ ନିଷ୍ପନ୍ନ କରାଇ ଚଉପଦୀର ଜନାଦୃତିକୁ ଦୀର୍ଘସ୍ଥାୟୀ କରାଏ । ଶ୍ରୁତି ମଧୁରତା ହିଁ ଓଡ଼ିଆ ଚଉପଦୀର ବଶିଷ୍ଟ ଲକ୍ଷଣ ଅଟେ । ଧନଞ୍ଜୟ ଭଞ୍ଜ, ଉପେନ୍ଦ୍ର ଭଞ୍ଜ, ଗୋପାଳକୃଷ୍ଣ ପଟ୍ଟନାୟକଙ୍କ କେତେକ ସୃଷ୍ଟିର କ୍ଲିଷ୍ଟ ଶବ୍ଦାବଳୀକୁ ବାଦ ଦେଲେ ଅଧିକାଂଶ ଚଉପଦୀକାରଙ୍କ ଚଉପଦୀ ସହଜ, ଅର୍ଥପୂର୍ଣ୍ଣ ଶବ୍ଦାବଳୀରେ ପରିପୁଷ୍ଟ । ଉପର୍ଯ୍ୟୁକ୍ତ କବିବୃନ୍ଦ ତାଙ୍କ ସୃଷ୍ଟିରେ ତତ୍ସମ ଓ ତଦ୍ଭବ ଶବ୍ଦାବଳୀର ପ୍ରୟୋଗ କରିଥିବା ସ୍ଥଳେ କବିସମ୍ରାଟ ବଳଦେବ ରଥ ଖାଣ୍ଟି ଓଡ଼ିଆ ଶବ୍ଦ ସହ ଯାବନିକ ଶବ୍ଦାବଳୀକୁ ପ୍ରୟୋଗ କରି ଚଉପଦୀର ସୌଷ୍ଠବ ପ୍ରତି ଧ୍ୟାନ ଦେଇଛନ୍ତି । ସାଙ୍ଗୀତିକତା ହେଉଛି ଓଡ଼ିଆ ଚଉପଦୀର ଅନ୍ୟତମ ଲକ୍ଷଣ । ତେଣୁ ଏହି ଧାରାକୁ ବ୍ୟାହତ ନ କରିବା ପାଇଁ ଚଉପଦୀକାର ଶବ୍ଦ ଚୟନ କରି ଯେ ସବୁର ପ୍ରୟୋଗ କରେ । ଓଡ଼ିଆ ଚଉପଦୀରେ

Digitized by srujanika@gmail.com

ତତ୍‌ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ ଶବ୍ଦାବଳୀର ସଂଯୋଜନାରେ ଚଉପଦୀକାର ଯେଉଁ ଦକ୍ଷତା ପ୍ରଦର୍ଶନ କରିଛନ୍ତି ତାହା ଭାଷାତାତ୍ତ୍ୱିକ ଦୃଷ୍ଟିରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

କାବ୍ୟର ଆନନ୍ଦକୁ ପ୍ରକାରାନ୍ତରରେ ରସ କୁହାଯାଏ । ସାହିତ୍ୟର ସ୍ରଷ୍ଟ୍ୟକ ସୃଷ୍ଟିରେ ଏହାର ଉପସ୍ଥିତି ଅନିବାର୍ଯ୍ୟ । କୃତି ମଧ୍ୟରେ ରସର ସ୍ଥିତି ସ୍ଫୂର୍ତ୍ତି ଓ ସ୍ଫୀତିକୁ ଲକ୍ଷ୍ୟ କରି ଯଥାକ୍ରମେ ଉତ୍ତମ ଓ ଅଧମ ଶ୍ରେଣୀୟ ସାହିତ୍ୟ ବୋଲି ତାହାକୁ ଘୋଷଣା କରାଯାଇଥାଏ । ରସପ୍ରୟୋଗ ଦୃଷ୍ଟିରୁ ଓଡ଼ିଆ ଚଉପଦୀ ସ୍ୱତନ୍ତ୍ର ଏବଂ ଉଲ୍ଲେଖନୀୟ ଅଟେ । ରସର ବୈଚିତ୍ର୍ୟକୁ ଦୀର୍ଘ କଳେବର ବିଶିଷ୍ଟ ଅନ୍ୟାନ୍ୟ ସାହିତ୍ୟିକ ଆଙ୍ଗିକରେ ଉପଲବ୍ଧ କରିହୁଏ । କିନ୍ତୁ ଚଉପଦୀରେ ରସରାଜ ଶୃଙ୍ଗାରକୁ ହିଁ ପ୍ରାଧାନ୍ୟ ଦିଆଯାଇଛି । ମଧ୍ୟଯୁଗୀୟ ଦରବାରୀ ପରିବେଶ, ବିଳାସୀ ଜୀବନ ଯାପନର ଆକାଂକ୍ଷା, ବୈଷ୍ଣବ ସମ୍ପ୍ରଦାୟର ପରକୀୟା ତତ୍ତ୍ୱ, ସମାଜରେ ସଙ୍ଗୀତର ଆଦର ଇତ୍ୟାଦି ଏହାର ହେତୁ ହୋଇପାରେ ।

ଅଧିକାଂଶ ଓଡ଼ିଆ ଚଉପଦୀ ବୈଷ୍ଣବ ଚେତନାରେ ମଣ୍ଡିତ । ସେଗୁଡ଼ିକରେ ଭକ୍ତି ଅପେକ୍ଷା ପ୍ରେମ ଚେତନା ହିଁ ମୂର୍ତ୍ତିମନ୍ତ । ତେଣୁ ଅଲୌକିକ ରାଧାକୃଷ୍ଣଙ୍କ ଲୀଳାକୁ ସାଧାରଣ ନାୟିକା ନାୟକଙ୍କ ପ୍ରେମ ପରି ଚିତ୍ରଣ କରାଯାଇଛି । ଏ ଦିଗରେ ଚଉପଦୀକାର ବନମାଳି ଦାସ, ବଳଦେବ ରଥ ଓ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ବର୍ଣ୍ଣନା ଉଲ୍ଲେଖ ଯୋଗ୍ୟ । ସେମାନଙ୍କ ସୃଷ୍ଟିରେ ସମ୍ଭୋଗ ଶୃଙ୍ଗାର ଅପେକ୍ଷା ବିପ୍ରଲମ୍ଭ ଶୃଙ୍ଗାରର ମାତ୍ରାଧିକ ବର୍ଣ୍ଣନା ଦୃଶ୍ୟମାନ ।

'ସଜ ହୋଇଥାଅଁରେ ଗଜ ଗ୍ରଜ ଗତି ଆଜି
ଏ ରଜନୀ ଆସିବେ ସଜନୀ ନୀଳୋତ୍ପଳ ଶ୍ୟାମ ବ୍ରଜ ଯୁବରାଜ ।'

(ବନମାଳି ଦାସ)

× ×

'ସଜନୀ ଆଜ ରଜନୀରେ ନାଇଁଲେ ବ୍ରଜମୋହନ
ମନ କେତେ ମୋହିନୀରେ (ଦେ)'

(ବଳଦେବ ରଥ)

× ×

'ମୋହନ ଖଣ୍ଡ ଚନ୍ଦ୍ରମା ପଡ଼ିଲା ମା
ଅପାର ରଜନୀ ହୋଇଲା ସଜନୀ ପ୍ରାଚୀ ବଧୂକୁ ବଧି ଚୁମ୍ବିଲା ମା ।'

(ଗୋପାଳ କୃଷ୍ଣ ପଟ୍ଟନାୟକ)

Digitized by srujanika@gmail.com

ଉପରୋକ୍ତ ସୃଷ୍ଟି ଗୁଡ଼ିକରେ ବାସକସଜ୍ଜା, ଖଣ୍ଡିତା ରାଧାଙ୍କ ବିରହ ବେଦନାକୁ ଉପଲବ୍ଧି କରିହୁଏ । ଏହା ବ୍ୟତୀତ ନାୟିକାର ଅଷ୍ଟବିଧ ଲକ୍ଷଣ ଏବଂ ବିପ୍ରଲମ୍ଭ ଶୃଙ୍ଗାରର ପୂର୍ବରାଗ, ମାନ, ପ୍ରେମବୈଚିତ୍ର୍ୟ ଓ ପ୍ରବାସକୁ ଉପଜୀବ୍ୟ କରି ବହୁ ଚଉପଦୀ ରଚିତ । ମାନବୀୟ ପ୍ରଣୟମୂଳକ ଚଉପଦୀକୁ ସଂଗ୍ରହ କର୍ତ୍ତାମାନେ ଗ୍ରାମ୍ୟ ରସ ଶୀର୍ଷକରେ ସେମାନଙ୍କର ସଙ୍କଳନ ମଧ୍ୟରେ ସ୍ଥାନିତ କରିଛନ୍ତି । ପ୍ରେମ ଭକ୍ତିର ସନ୍ଧା ଏ ଗୁଡ଼ିକରେ ଆଦୌ ନାହିଁ ବରଂ ବାସ୍ତବାନୁଭୂତିରେ ଚଉପଦୀ ଗୁଡ଼ିକ ମଧୁର ହୋଇପାରିଛି ।

"ଅରେ ରମଣୀମଣି ଗୋ କେଉଁପୁର/ଏବେ ଯେ ହୋଇଥିବ କାହା ଆକାରରେ ।
ଅନୁବରତେ ତେଜୁଥିବ ନେତ୍ରକ/ଅଙ୍ଗ ଯେ ଦହୁଥିବ ଫୁଲ ଶାୟକ ରେ ।"
(ଦୀନକୃଷ୍ଣ ଭକ୍ତ)

"ଆହେ ମୋର ରତି କଳସୀ/ମନେ ପଡ଼େ ତୋର ଶ୍ରୀମୁଖ ଶଶୀ
ଦରଦର ହାସ ପୀୟୂଷ ପ୍ରକାଶ/କୁଞ୍ଚିତ ସୁନୀଳ-ଭ୍ରମର କେଶୀ ।"
(ବନମାଳି ଦାସ)

"ମାନସରୁ ମାନସରୁ ମାନସରୁ ମଧ୍ୟମା
ହରବର ଦୁଃଖ ମୋର ହରବର ତୁ ନକର ହରବରରେ ମୁଁ ତୋର ବରବରନା ।"
(ବଳଦେବ ରଥ)

"ଚାହିଁ ଗଲା କି ଭଙ୍ଗୀରେ ଛଇଲା ଅଳସ ଢଙ୍ଗିରେ
ଟେକାକୃତ କରି ଭ୍ରୂଲତିକା ତୋଳି ଊର୍ଦ୍ଧ୍ୱକୁ ସେ ନବ ରସିକା
ମଦନ ମୁଠାରୁ ଫିଙ୍ଗିଲା ବରଛା ପରି କଟାକ୍ଷ ଦେଲା ଫିଙ୍ଗିରେ ।"
(ଗୋପାଳକୃଷ୍ଣ)

ମାନବୀୟ ଶୃଙ୍ଗାର ଅଂବେଶୀ ଗୁଡ଼ିକ ଚଉପଦୀ ମାନଙ୍କରେ ଯେପରି ନିଖୁଣ ଭାବେ ଶବ୍ଦାୟିତ ହୋଇଛି ସେପରି ସମ୍ଭୋଗର ନଗ୍ନ ପରିପ୍ରକାଶ ଏହାର ସୀମିତ ପରିସରରେ ଚିତ୍ତାକର୍ଷକ ଭାବେ ବର୍ଣ୍ଣିତ । ଏ ଦିଗରେ ନୟାଗଡ଼ ରାଜା ବିନାୟକ ସିଂହଙ୍କ "ମୃଗଧେ ଉନ୍ମାଦ ରଙ୍ଗରେ ସାଜସାଜ ସୁନ୍ଦରୀ ତନୁକୁ ଆଜି, ବିରାଜ ମୋ ପୂରେ ଦିନ ତୁ ।" ଚଉପଦୀ ରୂପଗତ ରତି ବର୍ଣ୍ଣନାରେ ଅତି ଉତ୍କୃଷ୍ଟ ଅଟେ ।

ଶୃଙ୍ଗାର ବ୍ୟତୀତ ଓଡ଼ିଆ ଚଉପଦୀରେ କରୁଣ, ବାତ୍ସଲ୍ୟ ଓ ଶାନ୍ତ ରସକୁ ଉପଲବ୍ଧି କରିହୁଏ । ଗୋପାଳକୃଷ୍ଣଙ୍କ 'ଉଠିଲୁ ଏତେ ବେଗି କାହିଁକିରେ ଦୁଃଖୀଦିନ,' ବନମାଳିଙ୍କ 'ଉଠ ନିଶି ପାହିଲା ଏଥର ହେ ବଂଶୀଧର' ଓ 'ଦୁଃଖୀ ସଙ୍ଗାଳି, ଅନ୍ଧାର

Digitized by srujanika@gmail.com

ଲକ୍ତି ନେଇ ପିଉଳି'ଏବଂ ବଣ୍ଣପୁର ରାଜେନ୍ଦ୍ର ଦେବଙ୍କ “ନୀଳମଣି ଏତେ ମୁଁ ମାଗୁଛି ତୋରେ ନବୁଲ ଆଉ ଏ ବନେ/ ଏଥି ସଞ୍ଚାରିବା ଦେବୀ ହରିନେବା ପରି ଦେଖିଲି ସ୍ୱପନେ” ଇତ୍ୟାଦି ଚଉପଦୀରେ ବାତ୍ସଲ୍ୟ ରସର ମାର୍ମିକ ଉପସ୍ଥାପନ ପ୍ରତ୍ୟେକ ପ୍ରାଣକୁ ପୁଲକିତ କରେ । ମୃତ୍ୟୁ ଜନିତ କାରୁଣ୍ୟ ଓଡ଼ିଆ ଚଉପଦୀରେ ଆଦୌ ପରିଦୃଷ୍ଟ ହୁଏନାହିଁ । ବରଂ ବିରହ ଜନିତ କରୁଣର କ୍ଷୀଣାଭାସକୁ ହୃଦୟଙ୍ଗମ କରିହୁଏ ।

ଯୁଗୀୟ ଆଦର୍ଶରେ ଚଉପଦୀରେ ଯେପରି ଶୃଙ୍ଗାର ରସର ପରିଚର୍ଯ୍ୟା ହୋଇଛି ସେପରି ଅଲଙ୍କାରର ସନ୍ତୁଳିତ ସଂଯୋଜନାରେ ଏହା ବିଶେଷ ଆକର୍ଷଣୀୟ ହୋଇ ପାରିଛି । କୃଷ୍ଣଲୀଳାତ୍ମକ ଓ ମାନବୀୟ ପ୍ରଣୟମୂଳକ ଏହି ଉଭୟବିଧ ଚଉପଦୀରେ ଅର୍ଥାଲଙ୍କାର ଏବଂ ଶବ୍ଦାଳଙ୍କାରର ପ୍ରୟୋଗ ବିଦଗ୍ଧ ପାଠକ ଏବଂ ଶ୍ରୋତାଙ୍କ ଉପଭୋଗ୍ୟ । ସଂକ୍ଷିପ୍ତ ପରିସର ଚଉପଦୀକାରଙ୍କୁ ବିବିଧ ଅଲଙ୍କାରରେ ସଜ୍ଜୀକରଣର ସୁଯୋଗ ଦେଇ ନଥିଲେ ମଧ୍ୟ ପ୍ରସଙ୍ଗାନୁକୂଳରେ ସେମାନେ ଯଥା ଯୋଗ୍ୟ ଅଲଙ୍କାରରେ ଚଉପଦୀକୁ ବୈଚିତ୍ର୍ୟ ମଣ୍ଡିତ କରିଛନ୍ତି । ଆଲଙ୍କାରିକ କାରୁକାର୍ଯ୍ୟରେ ଓଡ଼ିଆ ଚଉପଦୀ କମନୀୟ ହୋଇ ପାରିଛି ଏଥିରେ ଲେଶ ମାତ୍ର ଅତିରଞ୍ଜନ ନାହିଁ । ଶବ୍ଦାଳଙ୍କାରର ଅନୁପ୍ରାସ ଓ ଯମକ ଶ୍ରୁତି ରମ୍ୟାତ୍ମକ । ସୁଲଳିତ ଗାନ ଏବଂ ଛନ୍ଦୋମୟତା ପାଇଁ ଚଉପଦୀରେ ଏ ଗୁଡ଼ିକୁ ବହୁଳ ବ୍ୟବହାର କରାଯାଇଛି । ଧନଞ୍ଜୟ, ଉପେନ୍ଦ୍ର, ବନମାଳି, ବଳଦେବ ଓ ଗୋପାଳକୃଷ୍ଣଙ୍କ ଚଉପଦୀରେ ଶବ୍ଦାଳଙ୍କାରର ପ୍ରଚୁର ଦୃଷ୍ଟାନ୍ତ ମିଳିଥାଏ ।

“ଆନେ ମନ ନାହିଁ ଧନ ମାନେ ବିସନା
ସାର ସାରସ ଲପନା ମାର ମାରେ ବାରେ ଅନା
ପାର ନାହିଁ ତୋର ବିନା ମଞ୍ଜୁ ବଚନା ।” (ଭ୍ରମରବର)

× ×

“ ମାନସରୁ ମାନସରୁ ମାନସରୁ ମଧ୍ୟମା
ହରବର ଦୁଃଖ ମୋର ହରବର ତୁ ନ କର ହରବରରେ ମୁଁ ତୋର
ବରବରନା (ବଳଦେବ)

× ×

“ପରିକର ପରିକର ପରିଣତ ବିମ୍ବାଧରୀରେ
ହର ବିରହ ଦୁଃସହ ଦୁଃଖ ହରିଣାକ୍ଷୀ ଏପରିରେ ରକ୍ଷ

Digitized by srujanika@gmail.com

ହଜନୀର ହଜନୀରେ ଜଳପନ ତଳ କର ରେ ।
(ଗୋପାଳକୃଷ୍ଣ)''

× ×

''ସାରସ ନୟନା ଅନାରେ ଥରେ ମନ୍ଦେହସି ଚନ୍ଦ୍ରାନନା
ନନାଶ ଦାସଙ୍କୁ ହେବ ଅପଯଶ
ଯଶରକ୍ଷଣୀ ବସ୍ତୁର ତୋ ମାନସରେ
ନସହୁ ମୋ ନାଁ ରେ କେ କ କହୁଅଛୁ
ଅଚ୍ଛଦ୍ର ଗୁରୁକେଶୀ ନବୀନା ।'' (ହରିକୃଷ୍ଣ ରାଜ)

ଓଡ଼ିଆ ଚଉପଦୀ ସାହିତ୍ୟରୁ ଶବ୍ଦାଲଙ୍କାର ସକାଶେ ରାଶି ରାଶି ଦୃଷ୍ଟାନ୍ତ ଦିଆଯାଇପାରେ । କିନ୍ତୁ ଶବ୍ଦାଲଙ୍କାର ବ୍ୟତୀତ ଓଡ଼ିଆ ଚଉପଦୀ ଅର୍ଥାଲଙ୍କାରରେ ଗୌରବଶାଳୀ । ଉପମା, ଉତ୍ପ୍ରେକ୍ଷା, ଅତିଶୟୋକ୍ତି, ରୂପକ, ବ୍ୟତିରେକ ଇତ୍ୟାଦି ଅର୍ଥାଲଙ୍କାରରେ ଏହା ଯେତିକ ଭାରାକ୍ରାନ୍ତ ସେତିକ ସୌଷ୍ଠବ ଓ ଚିତ୍ତାକର୍ଷକ ।

ନନ୍ଦକିଶୋର ପଣ ଗୋ କିଶୋରୀ/ ଖୋଜିଲେ ନଥିବ ଚଉଦ ପୁରୀ, ଗୋ କିଶୋରୀ
କେତେକାଳ ବସି ରହିଯତନେ/ ସଜାଡ଼ିଲା ତନୁ ନୀଳ ରତନେ
ଅଳପ ଅନାଇ ଦେଲେ ଅପାଙ୍ଗେ/ ଅଙ୍ଗଯାକ ପୂରି ରହେ ଅନଙ୍ଗେ ଗୋ । (୧)
ନୟନ ମୁନ ତା ମଦନଛୁରୀ/ ଦୁଃଖ ସୁଖ ତହିଁ ରହିଛି ପୂରି
ଥରେ ଗୃହିଁ ଦେଲେ ଅଳପ କରି/ ଜୀଉଁଥିବା ଯାକ ନୁହେଁ ପାଶୋରି ଗୋ । (୨)
(ବନମାଳି ଦାସ)

× ×

କାହାଚରିତ୍ର ତାହା ଗୃହିଁ ନ ବଳବ ଯାହା ଦେଖିଲି ଗୋ ମା ।
ଆହା ନବ ତାରୁଣ୍ୟ/ଆହା କ ସେ ଲାବଣ୍ୟ/ ଆହା ବ୍ରଜେନ୍ଦ୍ର ପୁଣ୍ୟପୁଞ୍ଜ ଗୋଷ୍ଠଚନ୍ଦ୍ରମା
ବଳଦ୍ୱକ ନବହ/ କଳାରୁ ବଳଦେହ/ ଡ଼ୋଳାରେ ନାଚୁଛି ଗୋ ମା ।
ଢ଼ଳାଚୂଳ ଧ୍ୱଜକୁ/ ତୁଳା କୋଟି ତିଳକୁ/ ବଳାଇଦୃଷ୍ଟି ସରିଗଲା ସବୁ ଗାରିମା (୧)

× ×

ଯୁବା ନକର ବର/ ନବାବତାର ମାର/ କବା ସେ ହୋଇଛୁ ଗୋ ମା
ନବାସ ମୁରଲୀର/ ଜୀବ ତୁ ଯୁବତୀର/ ଜବା ଗର୍ବାପହର ଅଧର ଅରୁଣିମା । (୪)
(ଗୋପାଳକୃଷ୍ଣ)

ଶ୍ରୀକୃଷ୍ଣଙ୍କ ରୂପ ପ୍ରଶଂସା ପ୍ରସଙ୍ଗରେ ଉପମା, ଉତ୍ପ୍ରେକ୍ଷା, ବ୍ୟତିରେକ ଇତ୍ୟାଦି ଅଲଙ୍କାରର ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଉପରୋକ୍ତ ଦୃଷ୍ଟାନ୍ତରେ ପ୍ରକାଶିତ

Digitized by srujanika@gmail.com

ତାହା ଯେ କୌଣସି ବିଦଗ୍ଧ ପାଠକର ଚିତ୍ତ ଉଲ୍ଲାସ କରିବ । ଉପମା ଅଳଙ୍କାର ପ୍ରୟୋଗରେ ଚଉପଦୀ ରଚନା ଓଡ଼ିଆ ସାହିତ୍ୟର ଏକ ପୁଷ୍କଳ ଅଙ୍ଗ ।

ଗୀତ କାବ୍ୟ ସଦୃଶ ବର୍ଣ୍ଣ ବିଳାସରେ ଓଡ଼ିଆ ଚୌପଦୀ ଗୁଡ଼ିକ ନ ହେଲେ ବି ଗୁଣହୀନ ନୁହେ । ଚଉପଦୀକାର ତା' ସୃଷ୍ଟିକୁ କଳାମଣ୍ଡିତ କରିବା ସକାଶେ ନାନା ଉଦ୍ୟମ କରିଅଛି । ଅକ୍ଷରାଳ୍ୟ କାବ୍ୟପରି ସ୍ୱର ଓ ବ୍ୟଞ୍ଜନର ପ୍ରତ୍ୟେକ ବର୍ଣ୍ଣକୁ ଆଶ୍ରିତ କରି ସ୍ୱତନ୍ତ୍ର ଚଉପଦୀ ରଚନା କରି ଯାଇଛି । ଧନଞ୍ଜୟ ଭଞ୍ଜ, ଉପେନ୍ଦ୍ର ଭଞ୍ଜ, ଦାମୋଦର ଦାସ, ବନମାଳୀ, ଦୀନବନ୍ଧୁ ରାଜ ହରିଚନ୍ଦନ, ନୃସିଂହ ପଟ୍ଟନାୟକ ଇତ୍ୟାଦି ସ୍ରଷ୍ଟାବ୍ୟଞ୍ଜନର ଗୋଟିଏ ଗୋଟିଏ ବର୍ଣ୍ଣକୁ ପଦର ଆଦ୍ୟରେ ବ୍ୟବହାର କରି ଚଉପଦୀ ରଚନା କରିଛନ୍ତି । ଏତଦ୍‌ବ୍ୟତୀତ କେବଳ ସ୍ୱର ବର୍ଣ୍ଣକୁ ପଦାଦ୍ୟରେ ବ୍ୟବହାର କରି ଉପେନ୍ଦ୍ର ଏକ ଚଉପଦୀ ଗୁଚ୍ଛ ରଚନା କରିଛନ୍ତି ଯାହାକୁ ଷୋଡ଼ଶୀ କୁହାଯାଏ । ଏହା ରଚନା କରିବା ଅପେକ୍ଷାକୃତ କଠିନ ଏବଂ ସାଙ୍ଗୀତିକତା ଓ ଲାଳିତ୍ୟର ଅନଭୋଗର ଆଶଙ୍କା ହେତୁ ଓଡ଼ିଆ ସାହିତ୍ୟରେ ଏ ଧରଣର ଚଉପଦୀ ସ୍ୱଳ୍ପ ପରିମାଣରେ ଦେଖାଯାଏ । ପୁନଶ୍ଚ ଅନାଦୃତ ଏବଂ ଅପ୍ରଚଳିତ ଶବ୍ଦ ଏହି ଚଉପଦୀକୁ ଦୁର୍ବୋଧ କରିଦିଏ । ଚଉତିଶା ଅନୁକ୍ରମରେ ଚଉପଦୀ ରଚନା କରିବା ଶୈଳୀ ଉପେନ୍ଦ୍ର ଓ ବନମାଳୀଙ୍କ ସୃଷ୍ଟିରେ କେବଳ ପରିଲକ୍ଷିତ ହୁଏ ।

"କମଳ ଲୋଚନା କରିଛୁ ମାନ/ କ୍ଷଣେ ରସିକ ବୋଲଇ ବଚନ
ଗଜଗମନା ଶୁଣ ଆରେ ବାମା/ ଯେନ ବିନତି ଦୋଷ କର କ୍ଷମା ଗୋ ।
ମୁଁ ତୋହର ଦାସ, ତମ୍ଭା ବରନୀ ନକର ନିରାଶ ଗୋ ।"

(ଉପେନ୍ଦ୍ର ଭଞ୍ଜ)

× ×

'କଳାବତୀ, ଖଞ୍ଜନାକ୍ଷୀ ଗୁରୁ ନିତମ୍ବିନୀ
ଘନକେଶୀ, ଉରୁ ଶୋଭୀ, ଚମ୍ପକ ହାସିନୀ ଛାନ୍ଦ ପଠନୀରେ ।'

(ବନମାଳି ଦାସ)

କବିସୂର୍ଯ୍ୟ ବଳଦେବ ରଥଙ୍କ ସମସାମୟିକ କବି ନାରାୟଣ ଦ୍ୱିଜ ଚଉପଦୀରେ ଗୋଟିଏ ଗୋଟିଏ ବର୍ଗର ଅକ୍ଷରମାନଙ୍କୁ ପଦାଦ୍ୟରେ ବ୍ୟବହାର କରି ଏକ ଶୈଳୀଗତ ମୌଳିକତା ଆନୟନ କରିଛନ୍ତି । ତାଙ୍କର ରଚନାବଳୀରୁ 'ଟ'ବର୍ଗ ଏବଂ 'ପ' ବର୍ଗର ଚଉପଦୀ ଦୁଇଟି କେବଳ ସଂଗୃହୀତ ହୋଇଥିବା ଯୋଗୁଁ ଏଠାରେ ବିଶେଷ ଆଲୋଚନା ସମ୍ଭବ ନୁହେଁ । ସେପରି ସପ୍ତଦଶ ଶତାବ୍ଦୀର ଅନ୍ୟତମ କବି

Digitized by srujanika@gmail.com

ବୈଶ୍ୟ ହରିଙ୍କ "କୋଷ୍ଠ ନିସ୍ପନ ନାମ ହେଲେ ମୋଠାରେ" ଚଉପଦୀରେ କ, ଖ, ଗ, ଘ, ଙ, ଚ ଓ ଛ ଅକ୍ଷର ଓ 'ଜୀବନେ ମୋ ଜନା ହରିଯିବନି' ଚଉପଦୀରେ ଜ, ଝ, ଞ, ଟ, ଠ ଇତ୍ୟାଦି ଅକ୍ଷର ପଦାଦ୍ୟରେ ବ୍ୟବହୃତ ହୋଇଅଛି । ତେଣୁ ଓଡ଼ିଆ ଚଉପଦୀଗୁଡ଼ିକ ବିବିଧ ଆଙ୍ଗିକ ବୈଚିତ୍ର୍ୟରେ ଗୌରବାନ୍ୱିତ ।

ଋତୁ ଓ ରୂପ ବର୍ଣ୍ଣନାରେ ଚୌପଦୀ ସାହିତ୍ୟ ମଧ୍ୟଯୁଗୀୟ ପରିବେଶରେ ଆଶାନୁରୂପ ନୁହେଁ । ପ୍ରଣୟ ଆବେଗ ଏହାର କେନ୍ଦ୍ର ବିନ୍ଦୁ ହେଉ଼ ଅନୁଭବ ଓ ଅନୁଚିନ୍ତାର ସୀମାକୁ ଏହା ଅତିକ୍ରମ କରି ପାରିନାହିଁ । ଏ ଯାଏଁ ସଂଗୃହୀତ ହୋଇଥିବା ଚଉପଦୀଗୁଡ଼ିକରେ ସୁରଙ୍ଗୀ ରାଜା ଦୀନବନ୍ଧୁ ହରିଚନ୍ଦନଙ୍କ 'ମଧୁ ଋତୁ ସଙ୍ଗରେ ବିଜେ ରାଜ ରାଜ ଅନଙ୍ଗ' ଓ ବାଙ୍କୀ ରାଜା ବ୍ରଜ ବିହାରୀ ଶ୍ରୀଚନ୍ଦନଙ୍କ 'ଭ୍ରମ ମହିମା ଭାଙ୍ଗିଲା' ଚଉପଦୀ ଦୁଇଟିରେ ବସନ୍ତ ଋତୁକୁ କେବଳ ବର୍ଣ୍ଣନା କରାଯାଇଛି । ତେଣୁ ଉପରୋକ୍ତ ସୃଷ୍ଟି ଦୁଇଟିକୁ ଚଉପଦୀ ସାହିତ୍ୟର ବ୍ୟତିକ୍ରମ ଭାବେ ଗ୍ରହଣ କରାଯାଇଛି । ଅନ୍ୟତ୍ର ପ୍ରେମ ବିକାରକୁ ରୂପାୟିତ କରିବାକୁ ଯାଇ କବି ବ୍ରଜବିହାରୀ ଶ୍ରୀଚନ୍ଦନ, ବସନ୍ତ ଓ ବରଷା ଋତୁକୁ ନାୟିକା ଶରୀରରେ ଏକତ୍ର ଆରୋପଣ କରିଛନ୍ତି ।

ରସିଲା ଯାହାରସେ ସୁରସା/ ବସନ୍ତେ ମିଶିଗଲାକି ବରଷା । ପଦ
ମୁକ୍ତ କବରୀ କିବା ଘନମାଳା/ ମୁଖ କମଳେ ତୋଳା ଭୃଙ୍ଗ ଖେଳା ।୧
ଝଲକ କମ୍ପ ବିଦ୍ୟୁ ଝଟକଟକ/ ନାନା ବାଣୀକି ବନପ୍ରିୟ ଡାକ ।୨
ନଥ ନୀଳମଣି ଶିଖୀ ନର୍ତ୍ତନ/ ଓଷ୍ଠ ପଲ୍ଲବ ରଙ୍ଗ ଛନ ଛନ ।୩
ଢଳେ ଢଳ ତାର ହାରକି ବକାଳି/ ଶ୍ୱାସ କି ମଳୟ ମରୁତ ଚଳି ।୪

(ରାଜା ବ୍ରଜବିହାରୀ ଶ୍ରୀଚନ୍ଦନ)

ଗୋଟିଏ ନିର୍ଦ୍ଦିଷ୍ଟ ସୃଷ୍ଟିରେ ନହେଲେ ବି ସମଗ୍ର ଚଉପଦୀ ସାହିତ୍ୟରେ ନାୟକ ନାୟିକାଙ୍କ ରୂପ ରଚି । କବିଙ୍କ ଶୈଳୀରେ କିଛି ବର୍ଣ୍ଣିତ ହୋଇଅଛି । ବୈଷ୍ଣବ ଚେତନା ସମ୍ପୃକ୍ତ ଚଉପଦୀରେ ଉଭୟ ନାୟକ ନାୟିକାଙ୍କର ରୂପ ବର୍ଣ୍ଣନା ହୋଇଥିବା ବେଳେ ଲୌକିକ ପ୍ରେମ ମୂଳକ ଚଉପଦୀରେ କେବଳ ନାୟିକାର ରୂପ ବର୍ଣ୍ଣନା ହୋଇଅଛି । ବିଶେଷ କରି ନାୟିକାର କେଶ, ମୁଖ, ନେତ୍ର, କଟାକ୍ଷ, ନାସା, ଓଷ୍ଠ, ଅଧର, ଦନ୍ତ, ହାସ, ଉରଜ ଓ ଉରୁ ବର୍ଣ୍ଣନାରେ ଚଉପଦୀକାର ସମସ୍ତ ଉପମାକୁ ବ୍ୟବହାର କରି ତାଙ୍କ କବିତ୍ୱ ଶକ୍ତିକୁ ନିଃଶେଷ କଲପରି ମନେହେଉଛି ।

ଓଡ଼ିଆ ଚଉପଦୀ ରାଗାଶ୍ରୟୀ ଏକ କ୍ଷୁଦ୍ର ସୃଷ୍ଟି ହେଲେ ମଧ୍ୟ ଏଥିରେ ସଂଯୋଜିତ ରସ, ଅଳଙ୍କାର ଓ ପ୍ରକାଶନ ଶୈଳୀ ଏହାର ସାହିତ୍ୟିକ ମୌଳିକତାକୁ

Digitized by srujanika@gmail.com

ବହୁ ଗୁଣିତ କରିଅଛି ଏବଂ ଓଡ଼ିଆ ବାଣୀ ଭଣ୍ଡାର ଏହାଦ୍ୱାରା କେତେକାଂଶରେ ସମୃଦ୍ଧ ହୋଇ ପାରିଛି ।

ରାଗର ପୃଷ୍ଠଭୂମିରେ ଓଡ଼ିଆ ଚଉପଦୀ :

ଓଡ଼ିଆ ଚଉପଦୀ ଏକ ରାଗାଶ୍ରୟୀ କ୍ଷୁଦ୍ର ରଚନା ଭାବେ ସ୍ୱୀକୃତ ଏବଂ ଆଦୃତ । ସାହିତ୍ୟ ଓ ସ୍ୱରର ସନ୍ତୁଳନ ବା ସମାହାରରେ ଏହା ପରିପୁଷ୍ଟ । ତେଣୁ ଚଉପଦୀରେ ରାଗ ଓ ତାଳର ମହତ୍ତ୍ୱ ସାହିତ୍ୟ ଠାରୁ ଆଦୌ ନ୍ୟୂନ ନୁହେଁ । ସ୍ୱରର ଆରୋହ ଅବରୋହର ମାଦକତାରେ ମନ ମୋହିତ ହେବାକୁ ରାଗ କୁହାଯାଏ । ଏହା ପ୍ରଶସ୍ତ ଏବଂ ଭାବାତ୍ମକ । ଭରତଙ୍କ ପରମ୍ପରାରେ ଛଅଟି ରାଗ ଯଥା — ହିନ୍ଦୋଳ, ଦୀପକ, ମେଘ, ଭୈରବ, ଶ୍ରୀ ଓ ମାଲକୋଶର ପ୍ରୟୋଗକୁ ସ୍ୱୀକାର କରାଯାଇଛି । ରାଗିଣୀ ଓ ଉପରାଗିଣୀର ସଂଖ୍ୟା ଓ ନାମକରଣ କ୍ଷେତ୍ରରେ ନାନା ମୁନିଙ୍କ ନାନା ମତ ଦେଖାଯାଏ । ପୁନଶ୍ଚ ରାଗଗୁଡ଼ିକ ଋତୁଭିତ୍ତିକ । ନିର୍ଦ୍ଦିଷ୍ଟ ରାଗକୁ ନିର୍ଦ୍ଦିଷ୍ଟ ଋତୁରେ ହିଁ ବ୍ୟବହାର କରାଯାଇଥାଏ ।

ଦରବାରୀ ଯୁଗରେ ହିଁ ସମ୍ରାଟଙ୍କ ଠାରୁ ଆରମ୍ଭ କରି ସାମନ୍ତଗୋଷ୍ଠୀ ଦ୍ୱାରା ସଙ୍ଗୀତର ଆଦର ଏବଂ ଚର୍ଚ୍ଚା ଶୀର୍ଷ ସ୍ଥାନରେ ଉପନୀତ ହୋଇଛି । ସାହିତ୍ୟ କେବଳ ସେହି ପ୍ରବୃତ୍ତିକୁ ଉପସ୍ଥାପନ କରିଅଛି । ତେଣୁ ଓଡ଼ିଆ ରାଗ ଓ ତାଳରେ ଋଦ୍ଧିମନ୍ତ ହୋଇ ସ୍ରଷ୍ଟାମାନଙ୍କ ସଙ୍ଗୀତ ପ୍ରବଣତାର ସ୍ମାରକ ବହନ କରିଅଛି । ଓଡ଼ିଆ ଚଉପଦୀରେ ହିନ୍ଦୋଳ, ଦୀପକ, ମେଘ, ଭୈରବ, ଶ୍ରୀ, ମାଲକୋଶ, ଆନନ୍ଦ, ଆରବୀ, ଆଶାବରୀ, ଇମାନ, ଇମନ ସୁରଠ, ଏରକୁଳା କାମୋଦୀ, କାମୋଦୀ, ଖମାଚ, କଲ୍ୟାଣୀ, କାମୋଦୀ କେଦାର, କେଦାର ଭୈରବ, କେଦାର ମହ୍ଲାର, କେଦାର, କେଦାର ଗୌଡ଼ା, କଳହଂସ କେଦାର, କୌଶିକ, କରୁଣାଶ୍ରୀ, କାଫି, କାଫି ମହ୍ଲାର, କର୍ଣ୍ଣାଟ, କାନଡ଼ା ଗୌଡ଼ା, କାଳୀ, କୁମ୍ଭ କାମୋଦୀ, ଗୁର୍ଜ୍ଜରୀ, ଘଣ୍ଟାରବ, ଝିଂଝୋଟ, ତୋଡ଼ିମହ୍ଲାର, ତୋଡ଼ି ପରଜ, ଦଶାକ୍ଷ, ଦକ୍ଷିଣ କାମୋଦୀ, ଦ୍ରାବିଡ଼, ଧନାଶ୍ରୀ, ନାଟକୁରଙ୍ଗୀ, ପଠହମଞ୍ଜରୀ, ପରଜ, ପଞ୍ଚମ ବରାଡ଼ି, ପୁରିଆ କଲ୍ୟାଣ, ପୂରବୀ, ବସନ୍ତ ପୂରବୀ, ବିଭାସ ଗୁର୍ଜ୍ଜରୀ, ବେଲାବଳୀ, ବେହାଗ, ଖଣ୍ଟିଆରୀ, ଭୂପାଳ, ମଙ୍ଗଳ ଗୁର୍ଜ୍ଜରୀ, ମଙ୍ଗଳ ଧନାଶ୍ରୀ, ମାରୁଆ, ମାଳବ ଗୌଡ଼ା, ମୁଖାବରୀ, ମୋହନା, ଜହ୍ନନ-ପୁର ତୋଡ଼ି, ରାମକେରୀ, ରେ ଗୁପ୍ତ, ଲଳିତ, ଲଳିତ ବସନ୍ତ, ସାରଙ୍ଗ, ସାବେରୀ, ସିନ୍ଧୁ କାମୋଦୀ, ଶଙ୍କରାଭରଣ, ଶୋକ କାମୋଦୀ, ଶୋକ ବରାଡ଼ି, ହୁସେନ ଇତ୍ୟାଦି ରାଗ ବିଶେଷ ବ୍ୟବହାର ହୋଇଅଛି । ଏଗୁଡ଼ିକ ମଧ୍ୟରୁ କେତେକ ରାଗ ଓଡ଼ିଶାର

Digitized by srujanika@gmail.com

ଗୀତକାରମାନଙ୍କ ଦ୍ୱାରା ନୂତନ ଭାବେ ସୃଷ୍ଟି । ଏକାଧିକ ରାଗକୁ ଏକତ୍ର ପରିବେଷଣ କରିବା ଦ୍ୱାରା ସେମାନେ ମିଶ୍ର ରାଗର ପରମ୍ପରା ମଧ୍ୟ ସୃଷ୍ଟି କରି ଯାଇଛନ୍ତି ।

ରାଗକୁ ବିଭିନ୍ନ ତାଳରେ ପରିବେଷଣ କରାଯାଏ । ତାଳର ସଂଖ୍ୟା ନିରୂପଣ କରିବାକୁ ଗଲାବେଳେ ନାନା ମୁନିଙ୍କର ବହୁବିଧ ମତ ପରିଦୃଷ୍ଟ ହୁଏ । ଏହା ସପ୍ତବିଧ/ ଅଷ୍ଟବିଧ/ ନବବିଧ/ ଦଶବିଧ/ ଚତୁର୍ଦ୍ଦଶବିଧ ବୋଲି ତଦ୍‌ବିଦ୍‌ମାନେ କହିଛନ୍ତି । ସାଧାରଣତଃ ଓଡ଼ିଆ ରଚନାରେ ଆଠତାଳି, ଏକତାଳି, ଆଦି, ସଭିମାନ, ଝୂଲା, ପହ୍ନପଟ, ତ୍ରିପୁଟା, ରୂପକ, ମିଶ୍ରରୂପ, ଗୁମ୍ପା, ଖେମଟା, ଦ୍ରୁତଏକତାଳି, ଚଉତାଳି, ଝମ୍ପାସରି, ଜଳଦ ତ୍ରିତାଳି, ଲଘୁ ଶେଖର, କାଶ୍ମିରୀ ଖେମଟା ଇତ୍ୟାଦି ବ୍ୟବହୃତ ହୋଇଅଛି । କେତେକ ଚଉପଦୀରେ ନିର୍ଦ୍ଦିଷ୍ଟବାଣୀ ଓ ବୃତ୍ତିରେ ଗାଇବା ପାଇଁ ନିର୍ଦ୍ଦେଶ ଅଛି । ବାଣୀ ଓ ବୃତ୍ତିକୁ ରାଗ ଅର୍ଥରେ ଗ୍ରହଣ କରିବା ପ୍ରମାଦପୂର୍ଣ୍ଣ । କୌଣସି ରାଗକୁ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ଏକ ଲୋକପ୍ରିୟ ରଚନାରେ ବ୍ୟବହୃତ ରାଗକୁ ସଙ୍କେତ କରାଯିବା ଅର୍ଥ ବାଣୀ ଅଟେ । ଗୋଟିଏ ଗୋଟିଏ ରାଗ ବିଭିନ୍ନ ବାଣୀରେ ଗାନ ହୋଇଥାଏ । ତେଣୁ ଚଉପଦୀରେ ବାଣୀ ବ୍ୟବହୃତ ହେଲେ ରାଗ ଏବଂ ଅକ୍ଷର ବିନ୍ୟାସ ଶୈଳୀ ଅଧିକ ସ୍ପଷ୍ଟ ହୁଏ ।

ଓଡ଼ିଆ ଚଉପଦୀ ପରିକ୍ରମା :

ଚୌପଦୀ ଓଡ଼ିଆ ସାହିତ୍ୟର ଏକ ମୌଳିକ ବିଭବ । ତେଣୁ ଏହାର ଇତିବୃତ୍ତି ଅନୁଶୀଳନ କରିବା ଆବଶ୍ୟକ । ପ୍ରାକ୍ ସାରଳା ଯୁଗ ତଥା ଆଦି ଯୁଗରେ ଓଡ଼ିଆ ଭାଷା ଅପଭ୍ରଂଶ ଶବ୍ଦାବଳୀରୁ ମୁକ୍ତ ନୁହେଁ କି ଓଡ଼ିଆ ସାହିତ୍ୟ ରୂପଗତ ବିବିଧତାରେ ପୁଷ୍କଳ ନୁହେଁ । ଏହି ପରିପ୍ରେକ୍ଷୀରେ ଚଉପଦୀର ସ୍ଥିତି ପ୍ରାକ୍ ସାରଳା ଯୁଗରେ ଅନ୍ୱେଷଣ କରିବା ନିରର୍ଥକ । ରାଜା କପିଳେନ୍ଦ୍ର ଦେବଙ୍କ ସଂସ୍କୃତ ନାଟକ 'ପର୍ଶୁରାମ ବିଜୟ'ରେ ପ୍ରଦତ୍ତ ଗୀତଟିକୁ କେହି କେହି ଓଡ଼ିଆ ସାହିତ୍ୟର ସର୍ବ ପ୍ରଥମ ଚଉପଦୀ ବୋଲି ମତ ବ୍ୟକ୍ତ କରିଛନ୍ତି । ସେଥିରେ ଥିବା "କେବଣ ମୁନି କୁମାର/ ପରଶୁ ଦକ୍ଷିଣ କର" ରାଗାଶ୍ରୟୀ ରଚନାଟି ସ୍ୱଦେଶୀ ଅମର ରାଗରେ ରଚିତ । ଉଦ୍ଦେଶ୍ୟ ମୂଳକ ଭାବେ ରଚିତ ହୋଇ ନଥିବା ଯୋଗୁଁ ସାର୍ଥକ ଚୌପଦୀର ରୂପତତ୍ତ୍ୱ ଉପରେ ଏହା ପର୍ଯ୍ୟବେକ୍ଷିତ ନୁହେଁ । କିନ୍ତୁ ପରବର୍ତ୍ତୀ କାଳରେ ଓଡ଼ିଶାର ରାଜନୈତିକ, ସାମାଜିକ, ଧାର୍ମିକ ଓ ସାହିତ୍ୟିକ ବାତାବରଣ ବିଭିନ୍ନ କାରଣରୁ ଆନ୍ଦୋଳିତ ହୋଇଛି । ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାକୁ ଚୈତନ୍ୟଙ୍କ ଆଗମନ, ରାଗାନୁଗା ଭକ୍ତିର ପ୍ରଚାର ଏବଂ ରାଜ ପୃଷ୍ଠପୋଷକତାରେ ଏହାର ପ୍ରସାର ଓଡ଼ିଆଙ୍କ ଜନ ଜୀବନରେ ଗଭୀର

Digitized by srujanika@gmail.com

ଚିରଞ୍ଜୀବି କରିଛି । ଫଳରେ ଓଡ଼ିଆ ସାହିତ୍ୟ ରାଧାକୃଷ୍ଣ, ଗୋପୀକୃଷ୍ଣଙ୍କ ପରକୀୟା ପ୍ରେମକୁ ଉପଜୀବ୍ୟ କରି ରସୋତ୍ତୀର୍ଣ୍ଣ ହେବାକୁ ଲାଗିଛି । ତଥାପି ଉତ୍କଳୀୟଙ୍କ ହୃଦୟରୁ ଜ୍ଞାନମିଶ୍ରା ଭକ୍ତି ସଂପୂର୍ଣ୍ଣ ଦୂରୀଭୂତ ହୋଇ ପାରି ନାହିଁ । ବୈଷ୍ଣବ ଜଗନ୍ନାଥ ଦାସଙ୍କ ଷୋଳ ଚଉପଦୀରେ ସେହି ତତ୍ତ୍ୱ ହିଁ ପରିବେଷିତ । ଷୋଳ ଗୋଟି ରାଗାଶ୍ରୟୀ କ୍ଷୁଦ୍ର ଗୀତର ସମାହାରରେ ଷୋଳ ଚତୁପଦୀ ପରିକଳ୍ପିତ । ଏଥିରେ ଧନାଶ୍ରୀ କଉଶିକ, ଦେଶାଖ, ଗୁର୍ଜ୍ଜରୀ, ମଙ୍ଗଳ ଗୁର୍ଜ୍ଜରୀ, ବରାଡ଼ି ଗୁର୍ଜ୍ଜରୀ, ବସନ୍ତ, ଆଷାଢ଼ ଶୁକ୍ଳ ଇତ୍ୟାଦି ରାଗ ଏକାଧିକ ବାର ବ୍ୟବହାର ହୋଇଅଛି । ସମ୍ଭବତଃ ଜଗନ୍ନାଥ ଦାସଙ୍କ ଷୋଳ ଚଉପଦୀରେ ପ୍ରଥମେ ଚଉପଦୀ ଶବ୍ଦ ବ୍ୟବହୃତ ହୋଇଅଛି । ଏହା ପରେ ପରେ ବିଧିବଦ୍ଧ ଭାବେ ଓଡ଼ିଆ ଚଉପଦୀ ସାହିତ୍ୟିକ ମର୍ଯ୍ୟାଦା ଲାଭ କରିଛି ।

ସାରଳା ଓ ପଞ୍ଚସଖା ଯୁଗରେ ଓଡ଼ିଆ ଚୌପଦୀ ସାହିତ୍ୟର ଭିତ୍ତି ସେତେ ସୁଦୃଢ଼ ନୁହେଁ । ଏହାର ସାର୍ଥକ ବିକାଶ କେବଳ କାବ୍ୟ ଯୁଗରେ ହିଁ ସମ୍ଭବ ହୋଇଛି । ଓଡ଼ିଆ ମଧ୍ୟ ଯୁଗରେ ସାହିତ୍ୟ ରୂପ, ଭାବ, ରସର ବୈଚିତ୍ର୍ୟରେ ଏପରି ଋଦ୍ଧିମନ୍ତ ଯେ ବହୁ ସମାଲୋଚକ ଏହି ଯୁଗକୁ ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ ଯୁଗ ନାମରେ ନାମିତ କରିଛନ୍ତି । ତେଣୁ ଏ ସାହିତ୍ୟର ଅନୁଶୀଳନ ପ୍ରସଙ୍ଗରେ ତତ୍କାଳୀନ ସାମାଜିକ ପୃଷ୍ଠଭୂମିର ବିହଙ୍ଗାବଲୋକନ ଅନିବାର୍ଯ୍ୟ ଅଟେ ।

ଷୋଡ଼ଶ/ ସପ୍ତଦଶ ଶତାବ୍ଦୀରେ ଦିଲ୍ଲୀ ଦରବାରର ବିଳାସ ପ୍ରିୟତାକୁ ଅନ୍ଧାନୁକରଣ କରି ଉତ୍କଳର ରାଜା ଏବଂ ସାମନ୍ତ ଗୋଷ୍ଠୀ ଭୋଗ ସର୍ବସ୍ୱ ଜୀବନ ଯାପନ ଆରମ୍ଭ କଲେ । ଶୂରତା ପ୍ରଦର୍ଶନ ପରିବର୍ତ୍ତେ ସୁର, ସୁରା ଓ ଶୃଙ୍ଗାର ସେମାନଙ୍କର ଅବଲମ୍ବନ ହେଲା । ସୁଫି ଓ ବୈଷ୍ଣବ ସମ୍ପ୍ରଦାୟ ଏହି ଧାରା ପାଇଁ ପୂର୍ବରୁ ମାର୍ଗ ପ୍ରସ୍ତୁତ କରି ଯାଇଥିଲେ । ଫଳରେ ସାହିତ୍ୟ ଓ ସଂସ୍କୃତିରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏହି ଚେତନା ହିଁ ପ୍ରତିଧ୍ୱନିତ ହେବାକୁ ଲାଗିଲା । ଯାହାର ପରିଣତି ସ୍ୱରୂପ ଓଡ଼ିଆ କାବ୍ୟ ଏବଂ ଗୀତି କବିତା ଶୃଙ୍ଗାରିକତାରେ ଭରପୁର । ବୈଷ୍ଣବ ସାହିତ୍ୟ ପରକୀୟା ଓ ଅବୈଷ୍ଣବ ସାହିତ୍ୟ ସ୍ୱକୀୟା ପ୍ରେମ ଆଧାରରେ ଉପସ୍ଥାପିତ ହେଲା । କିନ୍ତୁ କାବ୍ୟ ଅପେକ୍ଷା ଗୀତି କବିତାର ସଂକ୍ଷିପ୍ତତା, ନାଟକୀୟତା, ଛାନ୍ଦ, ରାଗ ଓ ତାଳର ପ୍ରୟୋଗରେ ପ୍ରଶସ୍ତତା ଏବଂ ପର୍ଯ୍ୟାପ୍ତ ଆଦୃତହେବାରୁ ଓଡ଼ିଆ ମଧ୍ୟଯୁଗର ବହୁ ସ୍ରଷ୍ଟା ଏଥିପ୍ରତି ଅନୁରକ୍ତ ହୋଇଛନ୍ତି । ତେଣୁ କାବ୍ୟ ଯୁଗକୁ ଚଉପଦୀ ଯୁଗଭାବେ ମଧ୍ୟ ସ୍ୱୀକୃତି ଦିଆଯାଇଛି । (୭)

---

୭. ଓଡ଼ିଆ ଚୌପଦୀ ସାହିତ୍ୟ : ଜାନକୀ ବଲ୍ଲଭ ମହାନ୍ତି; ଓଡ଼ିଶା ସାହିତ୍ୟ ଏକାଡ଼େମୀ—୧୯୮୬, ପୃ ୧୩ ।

Digitized by srujanika@gmail.com

ଏହି ଯୁଗରେ ଧନଞ୍ଜୟ ଭଞ୍ଜ, ସାଲବେଗ, ଫକୀର ଭଞ୍ଜ, ରଘୁନାଥ ରାଜ ହରିଚନ୍ଦନ, ନୃସିଂହ ପଟ୍ଟନାୟକ, ଦୀନବନ୍ଧୁ ରାଜ ହରିଚନ୍ଦନ, ଦୀନକୃଷ୍ଣ ଦାସ, ନୀଳକଣ୍ଠଭଞ୍ଜ,ଉପେନ୍ଦ୍ର ଭଞ୍ଜ, ବନମାଳି ଦାସ, ବିଶ୍ୱନାଥ ଖୁଣ୍ଟିଆ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଭୁବନେଶ୍ୱର କବିଚନ୍ଦ୍ର, ପଦ୍ମନାଭ ଶ୍ରୀଚନ୍ଦନ,କିଶୋରଚନ୍ଦ୍ର ରାଜେନ୍ଦ୍ର,କୃଷ୍ଣଚନ୍ଦ୍ର ରାଜେନ୍ଦ୍ର, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ ପଟ୍ଟନାୟକ, ଚନ୍ଦ୍ରମଣି ମହାପାତ୍ର ହରିକୃଷ୍ଣ ପଦ୍ମନାଭ ଶ୍ରୀଚନ୍ଦନ, ବୀର କିଶୋର ଦେବ ଏବଂ ଅନ୍ୟାନ୍ୟ ବହୁ କବି ଓଡ଼ିଆ ଚୌପଦୀ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ତତ୍କାଳୀନ ସମୟରେ ପ୍ରଚାର ଓ ପ୍ରସାରର ସଙ୍କୀର୍ଣ୍ଣତା ଥିଲେସୁଦ୍ଧା ଚଉପଦୀ ଗୁଡ଼ିକର ସାର୍ବଜନୀନ ଆବେଦନ ସେଗୁଡ଼ିକୁ ବହୁ ଆଦୃତ କରାଇ ପାରିଥିଲା । ଦକ୍ଷିଣ ଓଡ଼ିଶାରେ, ବିଶେଷ କରି ଗଞ୍ଜାମ ଅଞ୍ଚଳରେ ପ୍ରଚଳିତ ସଖୀନାଚ ବା ଗୋଟିପୁଅ ନାଚ ମାଧ୍ୟମରେ ଚଉପଦୀ ଗୁଡ଼ିକ ଜନମାନସକୁ ସ୍ପର୍ଶ କରୁଥିଲା ।

ଆଧୁନିକ ଯୁଗରେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିର ସଂସ୍ପର୍ଶରେ ଆସି ଓଡ଼ିଆ ସାହିତ୍ୟ ମଧ୍ୟ ଏକ ପରିବର୍ତ୍ତିତ ଦ୍ୱାର ଦେଶରେ ପହଞ୍ଚିଛି । ଫଳରେ ସାହିତ୍ୟର ରୂପ ଏବଂ ସ୍ୱଭାବଗତ ରୂପାନ୍ତର ଦେଖା ଦେଇଛି । ଗୀତି କବିତାର ଆଙ୍ଗିକରେ ବହୁ ପରୀକ୍ଷା ନିରୀକ୍ଷା କରାଯାଇଛି ।

ଫଳରେ ପାରମ୍ପରିକ ଚଉପଦୀ ରଚନା କରିବା ଧାରା କ୍ରମଶଃ ଶିଥିଳ ହୋଇ ଯାଇଛି । ପୁନଶ୍ଚ ବହୁ ଅଧୁନିକ କବିଙ୍କର ରାଗ ଓ ତାଳ ତଥା ସଙ୍ଗୀତରେ ବିଶେଷ ପ୍ରବେଶ ନାହିଁ କହିବା ଅଯୌକ୍ତିକ ହେଲେ ମଧ୍ୟ ଅସତ୍ୟ ନୁହେଁ । ସାଂପ୍ରତିକ କବିତା ସକାଶେ ମଧ୍ୟ ସଙ୍ଗୀତ ଜ୍ଞାନର କୌଣସି ଆବଶ୍ୟକ ନାହିଁ । ଏହି ତତ୍ତ୍ୱାନୁସାରେ ଆଉ ଚଉପଦୀ ପ୍ରାୟ ରଚିତ ହେଉନାହିଁ । ତଥାପି ଓଡ଼ିଶାର କବି ଶ୍ରୀ ଆନନ୍ଦ ଚନ୍ଦ୍ର ରାୟଗୁରୁ, ଶ୍ରୀ କିଶୋର ଚନ୍ଦ୍ର ବେହେରା, ଶ୍ରୀ ଘନଶ୍ୟାମ ହୋତା, ଶ୍ରୀ ଦଣ୍ଡପାଣି ଗୌଡ଼, ଶ୍ରୀ ବ୍ରଜ କିଶୋର ପଟ୍ଟନାୟକ, ଶ୍ରୀ ସୀତାରାମ ପାତ୍ର ଇତ୍ୟାଦି ବହୁ ସ୍ରଷ୍ଟାଙ୍କ ରଚନାରୁ ପାରମ୍ପରିକ ଚଉପଦୀକୁ ଉପଭୋଗ କରାଯାଇଥାଏ ।

ଚଉପଦୀ ଓଡ଼ିଆ ସାହିତ୍ୟ ଓ ସଙ୍ଗୀତ ପାଇଁ ଅପୂର୍ବ ଦାନ ଅଟେ । କାଳଜୟୀ ଚେତନାରେ ଋଦ୍ଧିବନ୍ତ ନହେଲେ ବି ଏହା ସାର୍ବଜନୀନ । ଏଥିରେ ସମାଜର ସାମୟିକ ଭାବରୁଚି ସାଙ୍କେତିକ ଭାବେ ପ୍ରତିଫଳିତ । କେବଳ ଆବେଦନକୁ ଉପଜୀବ୍ୟ କରି ଚଉପଦୀକୁ ଅବକ୍ଷୟମାଣ ପ୍ରବୃତ୍ତିର ପରିଣତି କହିବା ଯଥାର୍ଥ ନୁହେଁ । ବରଂ କୋମଳ ପ୍ରାଣ କବିର ସୌନ୍ଦର୍ଯ୍ୟ ବୋଧ ପ୍ରକାଶନର ଏହା ପ୍ରକୃଷ୍ଟ ମାଧ୍ୟମ ଅଟେ । ଆତ୍ମାନୁଭୂତିର ମାର୍ମିକ ଉପସ୍ଥାପନରେ ଓଡ଼ିଆ ଚଉପଦୀ ଯେତିକି ରସାଣିତ ଧାର୍ମିକ ଚେତନାର ବାହକ ଭାବେ ଏହା ମଧ୍ୟ ସେତିକି ଆଦୃତ ।

Digitized by srujanika@gmail.com

ବଷମାଣ

Digitized by srujanika@gmail.com

ଚଉପଦୀକାର ଉପେନ୍ଦ୍ର ଭଞ୍ଜ

କବି ଉପେନ୍ଦ୍ର ଜଣେ କ୍ରାନ୍ତିକାରୀ ସ୍ରଷ୍ଟା । ରସାଳ ଅଭିବ୍ୟକ୍ତି ଏବଂ ପ୍ରାଣ ସାଚ୍ଛନ୍ଦି ଭାବଧାରର ଅନନ୍ୟ ସମ୍ମିଶ୍ରଣରେ ତାଙ୍କର ସୃଷ୍ଟି ସମ୍ଭାର ସମୃଦ୍ଧ । ସଂସ୍କୃତର ପ୍ରତିଷ୍ଠିଦ୍ୱୀ ଭାବେ ଓଡ଼ିଆ ସାହିତ୍ୟକୁ ଗୁଣ ଓ ଗଣନାତ୍ମକ ଭିତ୍ତିରେ ପ୍ରତିଷ୍ଠିତ କରିବା ସକାଶେ ଉପେନ୍ଦ୍ରଙ୍କ ଅଦମ୍ୟ ଉଦ୍ୟମ ଅବିସ୍ମରଣୀୟ । ସମ୍ଭବତଃ ଏଥି ପାଇଁ ଶବ୍ଦର ବୈଚିତ୍ର୍ୟରେ, ଅଳଙ୍କାରର ବିଭୂଷଣରେ, ରସର ଉଦ୍‌ବୋଧନରେ, ସୌନ୍ଦର୍ଯ୍ୟର କମନୀୟତାରେ, ସଙ୍ଗୀତର ଛନ୍ଦୋବଦ୍ଧତାରେ, ଉପସ୍ଥାପନାର ବିଦଗ୍ଧତାରେ, ବିଷୟ ବିନ୍ୟାସର କୌଶଳରେ ଓ ଚରିତ୍ର ଚିତ୍ରଣର ନିପୁଣତାରେ ଉପେନ୍ଦ୍ରଙ୍କ କୃତି କୀର୍ତ୍ତିମାନ । ଯାହାର ନିର୍ଯ୍ୟାସ ଭାବେ ଓଡ଼ିଆ ସାହିତ୍ୟର କାବ୍ୟଯୁଗ ନାମରେ ସ୍ୱୀକୃତ ଏକ ସାରସ୍ୱତ ପର୍ବକୁ ଉପେନ୍ଦ୍ରଙ୍କ ନାମାନୁସାରେ ପରିଚିତ କରାଯାଇଥାଏ । ବାସ୍ତବରେ ଉପେନ୍ଦ୍ର ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଶବ୍ଦଶିଳ୍ପୀ । ଉପେନ୍ଦ୍ର ବର୍ଜିତ ଓଡ଼ିଆ ସାହିତ୍ୟ ଅପାଂକ୍ତେୟ, ଅବାନ୍ତର । ତେଣୁ ବିଗତ ଏକ ଶତାବ୍ଦୀ ତଳୁ ଉପେନ୍ଦ୍ର ସାହିତ୍ୟର ଉତ୍କର୍ଷ ଓ ଅପକର୍ଷକୁ ଖୋଲ୍ ମେଲ୍ ଦେଖାଇବା ପାଇଁ ବହୁ ସମୀକ୍ଷକ ପ୍ରୟାସରତ । ସ୍ଥଳ ବିଶେଷରେ ଭାବପ୍ରବଣତା ଓ ଦୋଷ ଦୃଷ୍ଟତା ନିରପେକ୍ଷ ସମାଲୋଚକର କଣ୍ଠରୋଧ କରିଅଛି । ତେଣୁ ଭଞ୍ଜ ଆଜି ସାହିତ୍ୟର ଚର୍ଚ୍ଚା-ବହୁଳ ଏକ ବ୍ୟକ୍ତି ଓ ଅନୁଷ୍ଠାନ । ତଥାପି କେତୋଟି ମନ୍ତବ୍ୟ ବିଶେଷ ଭାବେ ପ୍ରଣିଧାନ ଯୋଗ୍ୟ । ସେ ମଧ୍ୟରୁ କବି ଗୋପବନ୍ଧୁଙ୍କ ଉକ୍ତି ଏ ସ୍ଥଳରେ ସ୍ମରଣୀୟ ।

"ଗାଏ ତବ ଗୀତ ସଭାରେ ପଣ୍ଡିତ ପଥପ୍ରାନ୍ତେ ହୃଷ୍ଟ ମନା
ବଳେ ବୋଲେ ତଥା ଅନ୍ତଃପୁରରେ ଯୋଷା ନୃତ୍ୟରଙ୍ଗେ ବାରାଙ୍ଗନା ।"(୧)

ଉପରୋକ୍ତ ଉକ୍ତିରେ ଉପେନ୍ଦ୍ରଙ୍କ ଗୀତିକବିତ୍ୱ ଓ ସୃଷ୍ଟିର ସାର୍ବଜନୀନ ଆବେଦନ ପ୍ରତି ସୂଚନା ପ୍ରଦତ୍ତ । ପୁନଶ୍ଚ ତାଙ୍କର କାବ୍ୟୋତ୍ତର ସୃଷ୍ଟି ତଥା ଗାନ ଯୋଗ୍ୟ ଗୀତିସମୂହର ସ୍ପର୍ଶକାତର ଅନୁଭବ,ନୈର୍ବ୍ୟକ୍ତିକ ଆବେଦନ ଓ ସାଙ୍ଗୀତିକତା

୧· ଅବକାଶ ଚିନ୍ତା (ଉପେନ୍ଦ୍ର ଭଞ୍ଜ); ଗୋପବନ୍ଧୁ ଦାସ : ୬ଷ୍ଠ ସଂସ୍କରଣ ୧୯୭୮, ପୃ ୨୦ ।

Digitized by srujanika@gmail.com

ଅପାଠୁଆ ଚଷାଠାରୁ ଅନ୍ତଃପୁର ଯୋଷା ପର୍ଯ୍ୟନ୍ତ ସମସ୍ତଙ୍କୁ ରସାଣିତ କରିଅଛି । ତେଣୁ ଉପେନ୍ଦ୍ରଙ୍କ ଲେଖନୀ ଅଜସ୍ର ଗୀତିକା ରଚନାରେ ବ୍ରତୀ ହୋଇଅଛି ।

"ଅଣ୍ଟେଶ ଚଉତିଶା ଚଉପଦୀ/ ତାହା କେତେ ଯେ କହିବି ସପାଦି
ଗାହା ଦୋହା ଷୋଡ଼ଶଛନ୍ଦ ଛ' ପୋଇ/ ଇତ୍ୟାଦି କବିତ୍ୱ ଗଣନା ନାହିଁ ।" (୧)

ଉପରୋକ୍ତ ପଂକ୍ତିରେ ଉପେନ୍ଦ୍ର ତାଙ୍କ ଗୀତିକବିତାର ବହୁବିଧ ସ୍ୱରୂପ ମଧ୍ୟରୁ କେବଳ ଚଉତିଶା, ଚଉପଦୀ, ଗାହା, ଦୋହା, ଷୋଡ଼ଶଛନ୍ଦ, ଛ' ପୋଇ ଇତ୍ୟାଦିର ନାମ ଉଲ୍ଲେଖ କରିଛନ୍ତି । ଅନ୍ୟାନ୍ୟ ସୃଷ୍ଟିଠାରୁ ଚଉପଦୀକୁ ସେ ସଂଖ୍ୟାଧିକଭାବେ ରଚନାକରି ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟାର ପଦଚିହ୍ନ ଛାଡ଼ି ଯାଇଛନ୍ତି ।

ଓଡ଼ିଆ ଗୀତ ସାହିତ୍ୟର ପରମ୍ପରା ପୂର୍ବରୁ ପ୍ରବର୍ତ୍ତିତ ହେଲେ ମଧ୍ୟ ଉପେନ୍ଦ୍ରଙ୍କୁ ଏହି ଯୁଗର ସ୍ରଷ୍ଟା ତଥା ସର୍ବଶ୍ରେଷ୍ଠ ପ୍ରତିନିଧି ଭାବେ ସ୍ୱୀକାର କରାଯାଇଛି । ଯେପରି ଓଡ଼ିଆ ଚଉପଦୀର ଇତିବୃତ୍ତରେ ଉପେନ୍ଦ୍ର ସର୍ବ ପ୍ରଥମ ମାର୍ଗ ପ୍ରଦର୍ଶକ ନୁହଁନ୍ତି । ତଥାପି ତାଙ୍କୁ ଚଉପଦୀ ସାହିତ୍ୟର ପୁରୋଧା ଭାବେ ଗ୍ରହଣ କରିବାରେ ଦ୍ୱିଧା ପ୍ରକାଶ କରି ଯାଇନାହିଁ । ଗୀତ କାବ୍ୟରେ କବିଙ୍କ ଉନ୍ନତମାନର ପ୍ରୟୋଗାତ୍ମକ ଦୃଷ୍ଟିଭଙ୍ଗୀ ଯେପରି ପ୍ରତିବିମ୍ବିତ ହୋଇଛି ଓଡ଼ିଆ ଚଉପଦୀରେ ବି ସେହି ପ୍ରତିଧ୍ୱନିର ଅନୁରଣନ ଶୁଣାଯାଇଛି । ତେଣୁ ପରବର୍ତ୍ତୀ ସ୍ରଷ୍ଟାମାନେ ଉପେନ୍ଦ୍ରଙ୍କ ପଦାଙ୍କ ଅନୁସରଣ କରି ଓଡ଼ିଆ ଚୌପଦୀ ସାହିତ୍ୟକୁ ପୁଷ୍କଳ କରିଛନ୍ତି ।

ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ ସଫଳ ଚଉପଦୀକାର ଭାବେ ସାହିତ୍ୟିକମାନେ ରାଜକବି ଧନଞ୍ଜୟ ଭଞ୍ଜଙ୍କୁ ହିଁ ଗ୍ରହଣ କରିଛନ୍ତି । ବୈଷ୍ଣବୀୟ ଏବଂ ଲୌକିକ ପ୍ରେମାନୁଭୂତିକୁ ଆଶ୍ରିତ କରି ଧନଞ୍ଜୟଙ୍କ ଚଉପଦୀ ଗୁଡ଼ିକ ରସାଳ । ସମ୍ଭୋଗ ଓ ବିପ୍ରଲମ୍ଭ ଶୃଙ୍ଗାର ରସରେ କବିଙ୍କ ବର୍ଣ୍ଣାଢ୍ୟ ଚଉପଦୀ ଭୂଷଣଟି ରସାପ୍ଳୁତ । ଚଉପଦୀରେ ଏହି ଧରଣର ଆତ୍ମିକ ଓ ଆଙ୍ଗିକ ପରମ୍ପରାର ଆଦ୍ୟ ପ୍ରବର୍ତ୍ତକ ଭାବେ ଧନଞ୍ଜୟଙ୍କୁ ଗ୍ରହଣ କରାଯାଇଛି । ଚଉପଦୀ ଭୂଷଣ ବ୍ୟତୀତ ଧନଞ୍ଜୟଙ୍କ "ମଧୁପୁରୁ କାନ୍ତ ବିଦେଶ ଗଲ", 'ନୀରଜମୁଖୀମୁଖେ ଜଳତିଳକ','ମୋର ଜୀବନଧନ ପରାଣମଣି','ଦେଖି ନବଘନ ଚନ୍ଦ୍ର ପ୍ରିୟା ଗୁଣମାନ', 'କି କରୁଥିବ ଚନ୍ଦ୍ର ବଦନା', 'ନେତ୍ର ଅରୁଣ ଦିଶେ','ମୋର ସଖୀ ବିରହୀ', 'ଚନ୍ଦ୍ରମା ବଦନୀ କୁରଙ୍ଗ ନୟନୀ', 'ମତ୍ତ କୋକିଳ ବଚନୀ', 'କର କମଳେ ତୋ ମୁଖ କମଳ', 'ଗୋକୁଳ ତେଜିଗଲ ଗୋପୀପତି', 'ବିରହ କହି ପ୍ରିୟା ଶୁମୁରେ,

୧. ଚିତ୍ରକାବ୍ୟ ବନ୍ଧୋଦୟ : ଉପେନ୍ଦ୍ର ଭଞ୍ଜ : ୧ମ ଛାନ୍ଦ, ୧୦, ୧୧ ପଦ ।

Digitized by srujanika@gmail.com

"କୋକିଳ କହ ପ୍ରିୟାକୁ ଯାଇ', 'ଘେନ ଘେନ ମୋ ବନସ୍ତ', 'ବହଇ ମନ୍ଦ ମରୁତ' (ପୋଥି ନଂ—OL/୧୭୫ ଓ /OL୮୨୨) ଇତ୍ୟାଦି ଚଉପଦୀରେ ଶୃଙ୍ଗାରକଥା ହିଁ ଉପଜୀବ୍ୟ । ଏହି ପୃଷ୍ଠଭୂମିରେ ଉପେନ୍ଦ୍ରୀୟ ଚଉପଦୀ ପର୍ଯ୍ୟବେକ୍ଷିତ ।

ଏ ଯାଏଁ ପ୍ରକାଶିତ ହୋଇଥିବା ଉପେନ୍ଦ୍ରଙ୍କ ଚଉପଦୀ ସମୂହ ଦୁଇଟି ସ୍ୱରୂପରେ ସଙ୍କଳିତ । କେତୋଟି ନିର୍ଦ୍ଦିଷ୍ଟ ଚଉପଦୀ ଗୁଚ୍ଛାକାରରେ ତଥା ଚଉପଦୀ ଭୂଷଣ, ଚଉପଦୀ ଚନ୍ଦ୍ର, ଚଉପଦହାର ଓ ରସପଞ୍ଚକ ଗ୍ରନ୍ଥରେ ଏବଂ ଅନ୍ୟଗୁଡ଼ିକ ଅସଲଗ୍ନ, ଅସଯତ୍ନଭାବେ ପ୍ରକାଶିତ । ଦ୍ୱିତୀୟ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥିବା ଚଉପଦୀଗୁଡ଼ିକୁ ପରବର୍ତ୍ତୀ କାଳର ସଂଗ୍ରାହକମାନେ 'ଲବଣ୍ୟନିଧି', 'ସଙ୍ଗୀତ ଉପେନ୍ଦ୍ର ଭଞ୍ଜ, ଇତ୍ୟାଦି ନାମକରଣ କରି ସଙ୍କଳିତ କରିବା ବୃଥା ଉଦ୍ୟମ କରିଛନ୍ତି । ଲବଣ୍ୟନିଧି ଉପେନ୍ଦ୍ରଙ୍କ ଏକ କ୍ଷୁଦ୍ର କାବ୍ୟ ଗ୍ରନ୍ଥ । କିନ୍ତୁ ଓଡ଼ିଆ ଜଗନ୍ନାଥ କମ୍ପାନୀଦ୍ୱାରା ପ୍ରକାଶିତ ଲବଣ୍ୟନିଧି କାବ୍ୟ ଗ୍ରନ୍ଥରେ ଚଉପଦୀଗୁଡ଼ିକୁ (ତୃତୀୟ ଛାନ୍ଦଠାରୁ ପଞ୍ଚଦଶ ଛାନ୍ଦ ପର୍ଯ୍ୟନ୍ତ) ଛାନ୍ଦ ନାମରେ ପରିଚିତ ଦିଆଯାଇଛି । ସେଗୁଡ଼ିକ ଚଉପଦୀ ତତ୍ତ୍ୱର ସମସ୍ତ ଲକ୍ଷଣରେ ପରିପୁଷ୍ଟ । ପୁନଶ୍ଚ ସେଥି ମଧ୍ୟରୁ କୋଟିଏ ରସପଞ୍ଚକ ଏବଂ ଅନ୍ୟଟି ଚଉପଦହାର ଅନ୍ତର୍ଗତ ଚଉପଦୀ ଅଟେ ।

ଉପେନ୍ଦ୍ର ଭଞ୍ଜଙ୍କ ଚଉପଦୀ ସମୂହକୁ ଆଲୋଚନାର ସୁବିଧା ଦୃଷ୍ଟିରୁ ତାତ୍ତ୍ୱିକ, ମାନବୀୟ ପ୍ରଣୟମୂଳକ ଓ ଶ୍ରୀ କୃଷ୍ଣ ଲୀଳାତ୍ମକ ଏପରି ତିନୋଟି ଶ୍ରେଣୀରେ ବିଭକ୍ତ-କରଣ କରାଯାଇ ପାରେ । ରସପଞ୍ଚକ ଆଲଙ୍କାରିକ ଗ୍ରନ୍ଥରେ ସଂଯୋଜିତ ହୋଇଥିବା (୪୯ଟି ଚଉପଦୀ) ଚଉପଦୀ ତାତ୍ତ୍ୱିକ ଏବଂ ଉଦ୍ଦେଶ୍ୟ ପ୍ରଧାନ ରଚନା । ଏହି ଗ୍ରନ୍ଥର ପାଞ୍ଚଟି ପରିଚ୍ଛେଦରେ ରସର ଆଲମ୍ବନ (ର'କାର ଚଉପଦୀରେ), ନାୟିକାର ପ୍ରକାର ଭେଦ (ସ'କାର ଚଉପଦୀରେ), ସୁରତ (ପ'କାର ଚଉପଦୀରେ), ଅନୁରାଗ (ଚ'କାର ଚଉପଦୀରେ) ଓ ଚୁମ୍ବନ ଲକ୍ଷଣ (କ'କାର ଚଉପଦୀରେ) ବର୍ଣ୍ଣିତ ହୋଇଅଛି । ରସପଞ୍ଚକର ଚଉପଦୀଗୁଡ଼ିକ ଅନ୍ତଃସ୍ଥ ତତ୍ତ୍ୱ ସମ୍ପନ୍ନ ହେଲେ ମଧ୍ୟ ବାହ୍ୟତଃ ଏଥିରେ ଲୌକିକ ପ୍ରଣୟାନୁଭୂତିକୁ କେବଳ ରୂପାୟିତ କରାଯାଇଛି । ତେଣୁ ଚଉପଦୀର ରସାଳ ଆବେଦନରେ କୌଣସି ବ୍ୟତିକ୍ରମ ଘଟିନାହିଁ ।

"ରହିଥାଇ ମୋ ଜୀବ, କାମ ତାପ କି ସିବ
ରାଜୀବ ଲୋଚନୀକି ପାଇବି କି, ରସେ ମୋହିବି କି, ରମା । ଘୋଷା
ରତି ଉତ୍ସବେ ମାତି, ଦଣ୍ଡେ କରିବି ରାତି, ସ୍ତନେ କରଜ ଚିହ୍ନ ଥୋଇବି କି
ରଚିତ ବୀରବର ଯୁବା ପ୍ରୀତି ବଢ଼ୁର ସଙ୍ଗେ ମୁଁ **ପୂର୍ଣ୍ଣକାମ** ହୋଇବି କି ।"

Digitized by srujanika@gmail.com

“ରେ ସୁନ୍ଦରି ସତ ଯା କହୁ ସତ୍ୱର ଗମନ ମନ ଆବେଶ କାହିଁ । ପରି
ସୁବେଶ ରହୁ ମାରଗ ହୀରକେ ନାହିଁ ସରାଗ, ଏ ଗୁପତ ଅନୁରାଗ ଜାଣିଲି କେହୁ ।
ଶୁଣି ସଖୀର ଏ ଗୀତ, ଧରିକର କଲ୍‌ଗୀତ ଏ **ଅଭିସାରିକା** ଉପେନ୍ଦ୍ର କହୁ ।”

“ଆହେ ପ୍ରାଣମିତ ପ୍ରତି କ୍ଷଣେ ପଡ଼େ ମନେ ମୋର
ଭୂଷଣ ନନ୍ଦିନୀ ସୁରଧୁନୀ ସୁକେଶୀ ମୋହିନୀ ପୀରଭର ମନହର
ପ୍ରଗଲ୍‌ଭା ନାରୀ ସୁରତ ଲକ୍ଷଣରେ ସ୍ଥିତ ରସିକ ସେ ମୂର୍ତ୍ତୀଙ୍କ ସେ ମୋହେ
ପଦ ଯେ ଷଡ଼ମୁଖର ତା କୋଷ ଉଦ୍ଭବ ନର ଭକ୍ତ ଉପଇନ୍ଦ୍ର ଗୀତେ କହେ ।”(୫)

ଛତ୍ର ମିତ ଅସ୍ତ୍ର କର କଶ ଚଳ ଦଳ ଦଳ ପବନେ କମ୍ପିତ ବନ ଅପଘନ ଥର ଥର
ଗୈରବତ ଗତି କରି ତୁମ୍ଭ କତି ଆସିଲି ମୁଁ ହୋଇ ଡର ଡର
ଚଉପଦୀରେ ଉପେନ୍ଦ୍ର କହେ **ରତିଭୀତି** ପୁଂଯ ବୋଲେ ହର ହର ।” (୬)

ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକରେ ଯଥାକ୍ରମେ ପ୍ରାପ୍ତି ଇଚ୍ଛା, ଅଭିସାରିକା, ନାୟିକାର ଲକ୍ଷଣ, ପ୍ରଗଲ୍‌ଭ ରତି ସ୍ମୃତି, ରତିଭୀତାନୁରାଗ ଇତ୍ୟାଦି ତତ୍ତ୍ୱର ସ୍ୱରୂପ ଉଦ୍‌ଘାଟନ କରିବା ଉଦ୍ଦେଶ୍ୟ ନିହିତ ଥିଲେ ମଧ୍ୟ ଚଉପଦୀଗୁଡ଼ିକର ସୌନ୍ଦର୍ଯ୍ୟ ଏବଂ ରସାଭାସ ଆଶାନୁରୂପ ।

ଏହା ବ୍ୟତୀତ ଉପେନ୍ଦ୍ର ଭଞ୍ଜଙ୍କ ‘ପ୍ରାଣ ସଜନୀ ଗୋ ଯାହା ମୁଁ ଦେଖିଲି ଆଜ/ କହିବା ଲୋକର ମନକୁ ନ ଆସେ ଶୁଣିବା ଲୋକକୁ ଲାଜ’ ଚଉପଦୀଟି ଏକ ତାତ୍ପର୍ଯ୍ୟପୂର୍ଣ୍ଣ ରଚନା ଅଟେ । ସାଧାରଣଙ୍କ ବୋଧଶକ୍ତିର ବହୁ ଊର୍ଦ୍ଧ୍ୱରେ ଥିବା ତତ୍ତ୍ୱକୁ ଏଥିରେ ବର୍ଣ୍ଣନା କରାଯାଇଛି । ସାନ୍ଧ୍ୟ ଭାଷାରେ ରଚିତ ହେଲେ ବି ଏହା ଉପେନ୍ଦ୍ରଙ୍କ ଜନାଦୃତ କୃତି । ସମଗ୍ର ଚଉପଦୀଟି ଅଦ୍‌ଭୁତ ରସ ସମ୍ପନ୍ନ ରଚନା ଯାହା ଉପେନ୍ଦ୍ରୀୟ ପାଣ୍ଡିତ୍ୟର ଏକ ବ୍ୟତିକ୍ରମ ଦୃଷ୍ଟାନ୍ତ ।

ଲୌକିକ ପ୍ରଣୟାନୁଭୂତିକୁ ଉପଜୀବ୍ୟ କରି ଉପେନ୍ଦ୍ରଙ୍କ ଶତାଧିକ ଚଉପଦୀ ପରିକଳ୍ପିତ । ସେ ତାଙ୍କର ସୃଷ୍ଟି ଭିତରେ ଏହାକୁ ସ୍ୱୀକାର କରିଛନ୍ତି ।

କବିସ୍ତୁତି ଅନ୍ତରେ ଯେ ଏମନ୍ତ ଭାବିତ
କଲି କାମିନୀ ବର୍ଣ୍ଣନା କରି ବହୁ ଗୀତ ।” (୭)

ଉପେନ୍ଦ୍ର ଚଉପଦୀଗୁଡ଼ିକରେ ନବାନୁରାଗ, ଉତ୍କଣ୍ଠା, ପଶ୍ଚାତ୍ତାପ, ବିନୟ, ପ୍ରାପ୍ତିଇଚ୍ଛା, ବୟଃସନ୍ଧି, ପ୍ରବାସ, ମେଳାଣି, ବିଦେଶାନୁଚିନ୍ତା, ପ୍ରଶଂସା, ମିଳନ,

Digitized by srujanika@gmail.com

ରତିଇଚ୍ଛା, ଆଲାପ, ଦାମ୍ପତ୍ୟ, ସ୍ୱପ୍ନ ବିଚ୍ଛେଦ, ଚନ୍ଦ୍ର ତୁଳନା, ନୀବି ମୋକ୍ଷଣ, ମାନ, ବିପରୀତ ରତି, ସମ୍ଭୋଗ ଇତ୍ୟାଦିକୁ ବର୍ଣ୍ଣନା କରିଛନ୍ତି । ଏଗୁଡ଼ିକ ମଧ୍ୟରୁ ଅନୁଚିନ୍ତା, ଗୃହବୃତ୍ତି ଓ ସମ୍ଭୋଗ ଅର୍ଦ୍ଧାଧିକ ଚଉପଦୀରେ ବର୍ଣ୍ଣିତ । ବର୍ଷା, ବସନ୍ତ ଓ ଶୀତଋତୁରେ ନାୟକ ନାୟିକାର ଅନୁଚିନ୍ତା କାମ ବାସନାଦୀପ୍ତ ଐନ୍ଦ୍ରିକ ଆବେଗକୁ ପ୍ରକାଶିତ କରିଅଛି ।

"ଏ ଘୋର ବରଷା କାଳେ ପ୍ରିୟାରସ ରସ ଆଦରରେ ବସିଥିବ
ଘନ ପଥ ପଥ ପରେ ଦୃଷ୍ଟି ଦେଇଣ ସନ୍ତାପ କରୁଥିବ
ଚିନ୍ତାମଣି ସେ ଘର ନବାରଣୀ ନେତ୍ର ଅମ୍ବୁଜରେ ମଣ୍ଡିଥିବ
ସୁନାଶିର ଧନୁ ଟଙ୍କାର ଶବଦେ ଅବଳା ଚମକି ପଡୁଥିବ ।"

× ×

"ଋତୁ ବସନ୍ତେ ବଞ୍ଚିଲି ରତଣେ ବାଦ ରଚିଲି
ଚକ୍ଷୁ ମୋର ମଞ୍ଜୁଳାକ୍ଷ ତୋ ଛାମୁରେ ପକ୍ଷ ହୋଇଥିବ ସଢ଼ିଲି ।"

ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକରେ ଋତୁକାଳୀନ ଅନୁଚିନ୍ତା ହର୍ଷକାତର ହୋଇଅଛି ।

ଭଞ୍ଜ ସାହିତ୍ୟ ଆଙ୍ଗିକ ପ୍ରଧାନ । ତାଙ୍କ ରଚିତ ଚଉପଦୀଗୁଡ଼ିକ ମଧ୍ୟ ଆଙ୍ଗିକ ବୈଚିତ୍ର୍ୟରେ ସୌଷ୍ଠବ । ଚଉତିଶଟି ବର୍ଣ୍ଣ ନିୟମରେ ଧନଞ୍ଜୟଙ୍କ ପରି ଉପେନ୍ଦ୍ରଙ୍କ ଚଉପଦୀ ଭୂଷଣ ପରିକଳ୍ପିତ । ଧନଞ୍ଜୟଙ୍କ ଚଉପଦୀ ଭୂଷଣର ଗ, ଛ, ଟ, ଠ, ଢ଼, ତ, ଥ ଇତ୍ୟାଦି ବର୍ଣ୍ଣର ଚଉପଦୀର, ଗୋଳ କରି ଅଧର ଚୁମ୍ବନ ଯାଚୁ, ଛାମୁରେ ବସି ମୁଁ ଥାଇ ସଖୀ, ଟୋପେ ପକାଇଛୁ ମୋତେ ପୁଷ୍ପାଶୁଗ, ଠାକୁର ଅଟୁ ତୁ ମୋରରେ, ଢଙ୍ଗର କାମ ମୁଖେ ମୋତେ ପକାଇ, ଢୋକୁ ଥାଇ ତୋ ଅଧରୁ ଅମୀୟରସ, ଥୋଇଥିଲି ବହୁ ଅନେକ ଅବସ୍ଥା ଇତ୍ୟାଦି ଖଣ୍ଡବାକ୍ୟ ପ୍ରାୟତଃ ଉପେନ୍ଦ୍ରଙ୍କ ଚଉପଦୀ ଭୂଷଣରେ ଯଥାକ୍ରମେ ଗୋଳ କରି ଓଷ୍ଠ ଚୁମ୍ବ ଦେଲି ପ୍ରାୟେ, ଛାମୁରେ ମୁଁ ଥିଲି ଧନେ ଦେଖି, ଟୋପେ ପକାଇଛୁ ମାରରେ, ଠାକୁର ଅଟନ୍ତି ମୋରରେ, ଢଙ୍ଗର କାମ ବସି ମୁଖେ ଦେଇ, ଢୋକନ୍ତେ ଓଷ୍ଠ ସୁଧା ଭଙ୍ଗି ସୁମୁଖୀ, ଥୋଇଥିଲି ବହୁ କାହିଁ ଏ ଦୁଃସହ ଦଶା ଇତ୍ୟାଦି ସମାନ ଭାବେ ବ୍ୟବହୃତ ହୋଇଅଛି । ତଥାପି ଅନୁଭୂତିର ତୀବ୍ରତା ଓ ପ୍ରକାଶନର ସରସତା ଉପେନ୍ଦ୍ରଙ୍କ ସୃଷ୍ଟିକୁ ବହୁ ଜନାଦୃତ କରିପାରିଛି ।

---

୩. ଛାନ୍ଦଭୂଷଣ; ଉପେନ୍ଦ୍ର ଭଞ୍ଜ; ୧ମ ଛାନ୍ଦ; ୭ମ ପଦ ।

Digitized by srujanika@gmail.com

ଚଉପଦୀ ଛନ୍ଦରେ ଉପେନ୍ଦ୍ରଙ୍କ ମୌଳିକତା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ସ୍ୱର ବର୍ଣ୍ଣର ଷୋଳଗୋଟି ଅକ୍ଷରକୁ ପଦାଦ୍ୟରେ ବ୍ୟବହାର କରି ଉପେନ୍ଦ୍ର ଏକ ଅନତିକ୍ରମଣୀୟ ସୃଷ୍ଟି ଦାନ କରିଯାଇଛନ୍ତି । ଏହାକୁ ଚିତ୍ରକାବ୍ୟ ବନ୍ଧୋଦୟ ଅନୁସାରେ ଷୋଡ଼ଶଛନ୍ଦ କୁହାଯାଏ । ଏହି ଚଉପଦୀ ଗୁଚ୍ଛଟି ଅନୁଚନ୍ଦ୍ରାରୁ ଆରମ୍ଭହୋଇ ପ୍ରାନ୍ତରେ ମିଳନାନନ୍ଦରେ ସମାପ୍ତହୋଇଛି । ତତ୍ସଙ୍ଗେ ସଙ୍ଗେ ପ୍ରଶଂସା,ପ୍ରାପ୍ତି ଇଚ୍ଛା,ବିପଳମ୍ଭ,ପଶ୍ଚାତ୍ତାପକୁ ଆଧାର କରି ଚଉପଦୀ ଛନ୍ଦ ପରିକଳ୍ପିତ । ସ୍ୱରାଦ୍ୟ ଶବ୍ଦାବଳୀର କ୍ଲିଷ୍ଟତା ପ୍ରଣୟାନୁଭୂତିର ନାଟକୀୟ ପ୍ରକାଶନରେ କୌଣସି ବାଧକ ହୋଇନାହିଁ, ବରଂ ଭାବ ସଂପ୍ରସାରଣରେ ସେତୁ ସ୍ଥାପନ କରିଛି ।

"ଈଶ୍ୱର କଲେ ପାଇବି, ଇଷିତେ ଦୁଃଖେ ଦହିବି
ଈଶ୍ୱରୀ ତାଙ୍କ ଅର୍ଦ୍ଧାଙ୍ଗ ହେଲା ପରି ବାଳା ଅଙ୍ଗେ ଜଡ଼ି ରହିବି
ଈନ୍ଦିରା ନଳର ଶ୍ରୀମୁଖେ ଚିବୁକ ଧରି ସରୁଚୁମ୍ବ ବହିବି ..
ଈକ୍ଷଣ ତୀକ୍ଷଣ ବାଣେ ବିନ୍ଧିପକା ଦୋଷ କରିଛି ମୁଁ ସହିବି ।"

× ×

"ଅଧରଧର ଦୟାରେ ଭେଟ ହେଲା ପ୍ରିୟାରେ ବିଦେଶୁ କାନ୍ତ ଯାଇ
ଅତି ରସରେ ରସାଇ ଅଙ୍ଗନା ମଣି କୋଳେ ବସାଇ
ଅରୁଣ ଅଧରୀ ଚିବୁକକୁ ଧରି କହେ ଗୃହୁ ରସ୍ତାଇ ।"

ଶବ୍ଦ ବୈଚିତ୍ର୍ୟରେ ବିମଣ୍ଡିତ ହେଲେ ମଧ୍ୟ ସାଙ୍ଗୀତିକତା ଓ ଶୃଙ୍ଗାରିକତାର ସଂଯୋଜନା ଉପେନ୍ଦ୍ରୀୟ ସୃଷ୍ଟିକୁ ଜନାଦୃତ କରିଅଛି । ଉପରୋକ୍ତ ଦୃଷ୍ଟାନ୍ତ ଦ୍ୱୟରୁ ତାହା ପ୍ରତୀତ ହୁଏ । ଚଉପଦୀ ଛନ୍ଦ ସମ୍ଭବତଃ ଉପେନ୍ଦ୍ରଙ୍କ ପରିପକ୍ୱ ପ୍ରତିଭାର ଅନ୍ୟତମ କୃତି ଅଟେ । ଚଉତିଶା ଶୈଳୀରେ ଉପେନ୍ଦ୍ରଙ୍କ 'କନକ ଶମ୍ଭୁକୁ ମୋ ଶତ ଥାଉ' ରଚନାଟି ଏକ ଉଲ୍ଲେଖନୀୟ ଚଉପଦୀ । ତାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଏହି ଧରଣର ଚଉପଦୀ ପରିଦୃଷ୍ଟ ହୁଏ ନାହିଁ ।

ରାମ ଉପାସକ କବି ଉପେନ୍ଦ୍ରଙ୍କ ସାହିତ୍ୟରେ କୃଷ୍ଣଭକ୍ତି ଏକ ଗୌଣଚେତନା ବା ଉପଚେତନା । ସମସାମୟିକ ଗୌଡ଼ୀୟ ଭକ୍ତିଧାରା କବିଙ୍କ ଲେଖନୀକୁ ସେଥି ପ୍ରତି ଆକୃଷ୍ଟକରିଅଛି । ସଂଖ୍ୟାଧିକ ନାୟିକା ପ୍ରଧାନ କାଳ୍ପନିକ ସୃଷ୍ଟି ଏବଂ ସ୍ୱଳ୍ପ କୃଷ୍ଣ ଚେତନା ମୂଳକ ରଚନା ସକାଶେ ଉପେନ୍ଦ୍ର ଅନୁତପ୍ତ । ତେଣୁ ଛାନ୍ଦ ଭୂଷଣରେ "କଳି କାମିନୀ ବର୍ଣ୍ଣନା କରି ବହୁ ଗୀତ' × × × କେଉଁ କାର୍ଯ୍ୟ ଅଛି ତହିଁ କୃଷ୍ଣ କଥା ଥାଉ ।"

" *

Digitized by srujanika@gmail.com

ଜୀବନୀରେ ଉପରୋକ୍ତ ସତ୍ୟତାକୁ ସେ ସ୍ୱୀକାର କରିଛନ୍ତି । ଉପେନ୍ଦ୍ରଙ୍କ ପ୍ରକାଶିତ ଚଉପଦୀଗୁଡ଼ିକରେ ଅଠରଟି ମାତ୍ର ସ୍ପଷ୍ଟ ବୈଷ୍ଣବୀୟ ଚେତନାରେ ପରିପୁଷ୍ଟ । ବିରହାନୁଚିନ୍ତା, ମାନ, ଆକ୍ଷେପ, ଅନୁନୟ, ପ୍ରୌଢ଼ ଭାବନା, ଖଣ୍ଡିତା ରାଧା, ବାସକସଜ୍ଜା ରାଧା ଓ ସମ୍ଭୋଗକୁ ଚଉପଦୀଗୁଡ଼ିକରେ ବର୍ଣ୍ଣନା କରାଯାଇଛି । ସମ୍ଭୋଗ ଅପେକ୍ଷା ବିପ୍ରଲମ୍ଭଶୃଙ୍ଗାର ରସରେ ଚଉପଦୀଗୁଡ଼ିକ ରସାଣିତ । ବୈଷ୍ଣବ ତତ୍ତ୍ୱ ଅନୁସାରେ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରକଟଲୀଳା ବିରହ ପ୍ରଧାନ ହୋଇଥିବା ଯୋଗୁଁ ସଙ୍ଖ୍ୟାବାନ ଉପେନ୍ଦ୍ରଙ୍କ ଚଉପଦୀଗୁଡ଼ିକ ସେ ଚେତନାରେ ଋଦ୍ଧିମନ୍ତ । ଭଞ୍ଜଙ୍କ ଶ୍ରୀକୃଷ୍ଣ ଲୀଳାତ୍ମକ ଚଉପଦୀଗୁଡ଼ିକ ମଧ୍ୟରେ 'ଶ୍ରୀରାଧା ଶ୍ରୀନାଥ ବୃନ୍ଦାବନେ କେଳି ରଚିଲେ', 'ଦୂତୀ କହୁଛି ଗୋ ଚନ୍ଦ୍ରରେଖାଙ୍କୁ ଏତକ', 'ମନ ତୋଷିବ, ମଲ୍ଲିମାଳ ଶ୍ୟାମକୁ ଦେବ', 'ଅହା ମୋ ଲାବଣ୍ୟ ନିଧିରେ', 'ନଟ ନାଗର ହେ ଏ ଘାତ କାହୁଁ ଶିଖିଲ' ଇତ୍ୟାଦି ବହୁ ଜନାଦୃତ ରଚନା । ଲୌକିକ ପ୍ରଣୟ ମୂଳକ ଚଉପଦୀରେ ନାୟକର ଅନୁଚିନ୍ତା, ବିରହ କାତର ପ୍ରତିଫଳିତ ହେଲା ବେଳେ କୃଷ୍ଣ ଚେତନା ମୂଳକ ରଚନାରେ ଚଉପଦୀ ନାୟିକାର ଆବେଗକୁ ରୂପାୟିତ କରିବା ପାଇଁ ଉପେନ୍ଦ୍ର ଯତ୍ନଶୀଳ ହୋଇଛନ୍ତି ।

●

ଭଞ୍ଜୀୟ ଚଉପଦୀର ଆଙ୍ଗିକ ବିଭବ

ଅଲଙ୍କାର :

ରୀତିଯୁଗ ବା ଆଲଙ୍କାରିକ ଯୁଗରେ ଓଡ଼ିଆ ଚଉପଦୀ ବିକାଶର ଶୀର୍ଷ ସ୍ଥାନରେ ଉପନୀତ ହୋଇଅଛି । ଯୁଗୀୟ ଆଦର୍ଶରେ ଏହି ସାହିତ୍ୟିକ ବିଭବଟି ନିଶ୍ଚିତ ଭାବେ ଋଦ୍ଧିମନ୍ତ ଏଥିରେ ନିଃସନ୍ଦେହ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟର ଆଲଙ୍କାରିକ ଯୁଗର ସର୍ବଶ୍ରେଷ୍ଠ ପ୍ରତିନିଧି । ତେଣୁ ଅଲଙ୍କାରର ଯାଦୁକାରୀ ସ୍ପର୍ଶରେ ତାଙ୍କର ପ୍ରତ୍ୟେକ ରଚନାକୁ ସୁଶୋଭିତ କରିବା ପାଇଁ ସେ ଯତ୍ନଶୀଳ ।

ଅଲଙ୍କାର ରସର ଅସ୍ଥାୟୀ ଧର୍ମ ହେଲେ ମଧ୍ୟ ଏହାର ଶବ୍ଦ ଓ ଅର୍ଥ ଦ୍ୱିବିଧ ରୂପରେ ଉପେନ୍ଦ୍ରଙ୍କ ଦୀର୍ଘ କାବ୍ୟ ସଦୃଶ ଚଉପଦୀଗୁଡ଼ିକ ସୁରୁଚିର । ପରିସରର

Digitized by srujanika@gmail.com

ସଂକ୍ଷିପ୍ତତା ଓ ବିଷୟ ଏକମୁଖୀନତା ଆଲଙ୍କାରିକ କବିଙ୍କ ଲେଖନୀକୁ ଶୃଙ୍ଖଳାବଦ୍ଧ କରିନାହିଁ । ତେଣୁ ଉପେନ୍ଦ୍ରଙ୍କ ଚଉପଦୀଗୁଡ଼ିକ ଅଳଙ୍କାରରେ ଭାରାକ୍ରାନ୍ତ ନୁହେଁ କି ଅଳଙ୍କାର ବିବର୍ଜିତ ନୁହେଁ । ଶବ୍ଦ ଓ ଅର୍ଥାଳଙ୍କାରର ସନ୍ତୁଳନ, ଭାବ ସଂପ୍ରସାରଣରେ ବରଂ ପ୍ରୋତ୍ସାହନ ଯୋଗାଇଛି ।

ଚଉପଦୀର ସ୍ୱରର ମୂର୍ଚ୍ଛନା ପାଇଁ ସାହିତ୍ୟର ଶବ୍ଦାଳଙ୍କାରର ଭୂମିକା ତାତ୍ପର୍ଯ୍ୟ ପୂର୍ଣ୍ଣ । ତେଣୁ ଶବ୍ଦାଳଙ୍କାର ମଧ୍ୟରୁ ଯମକ ଓ ଅନୁପ୍ରାସ ବିଶେଷ କରି ଉପେନ୍ଦ୍ରୀୟ ଚଉପଦୀରେ ବ୍ୟବହୃତ ହୋଇଅଛି । ଉପେନ୍ଦ୍ର ସାହିତ୍ୟର ଅଳଙ୍କାର କର୍ଣ୍ଣପୁରରେ ଲାବଣ୍ୟବତୀର 'ଦେଖି ନବକାଳିକା ବକାଳିକା ମାଳିକା ଆଳି କାଳିକା କାନ୍ତ ସୁଖ' କାବ୍ୟାଂଶଟିକୁ ଅନୁପ୍ରାସ ଅଳଙ୍କାରର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ଭାବେ ଗ୍ରହଣ କରାଯାଇଥାଏ । ସେପରି ଅନୁରୂପ ଅନୁପ୍ରାସ ଅଳଙ୍କାର କ୍ଷୁଦ୍ର ସୃଷ୍ଟି ଚଉପଦୀରେ ଉପେନ୍ଦ୍ର ବ୍ୟବହାର କରିଛନ୍ତି ।

"ରୂପିତ ମୋ ମଲ୍ଲିକା-ବଲ୍ଲୀ ଗୁମ୍ଫି କଳିକା ନବ ବାଳିକା ସେ ମୋ ମାଳିକା
ଢାଳିଥିବ କରେ ଗନ୍ଧ ପାଳିକା ।"

ବୈଷ୍ଣବ ଚେତନା ସମ୍ବଳିତ ଚଉପଦୀରେ ସଂଭୋଗ ଶୃଙ୍ଗାରକୁ ଅନୁପ୍ରାସ ଓ ଯମକାଳଙ୍କାରରେ କବି ମଞ୍ଜୁଳ ଭାବେ ବର୍ଣ୍ଣନା କରିଛନ୍ତି । ସମଗ୍ର ଓଡ଼ିଆ ଚଉପଦୀ ସାହିତ୍ୟରେ ତାହାକୁ ଶବ୍ଦାଳଙ୍କାରର ଏକ ସାର୍ଥକ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇଛି ।

"ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ
ବୃନ୍ଦାବନେ ଶୋଭିତରୁ କଳ୍ପତଳେ କଳ୍ପତରୁ ତରୁଣୀ ରତିନତରୁ ତରଳାକ୍ଷୀ ମାତିଲେ
ସାରଙ୍ଗ ରତ୍ନ ପଲଙ୍କେ ସାରଙ୍ଗ ପଙ୍କେଳପଙ୍କେ ସାରଙ୍ଗମୁଖୀ ସାରଙ୍ଗ ସାଙ୍ଗରେ
ମାତିଲେ ।"

ଉପେନ୍ଦ୍ର ଭଞ୍ଜଙ୍କ ଚଉପଦୀ ସମୂହ ଶବ୍ଦାଳଙ୍କାରରେ ଯେତିକି ମହୀୟାନ ଅର୍ଥାଳଙ୍କାରରେ ସେତିକି କମନୀୟ ହୋଇ ପାରିଛି । ଅର୍ଥାଳଙ୍କାରରେ ଭାବ ସଂପ୍ରସାରିତ ହୋଇ କଳ୍ପନା ଓ ବୋଧ ଶକ୍ତିକୁ ସୁସ୍ପଷ୍ଟ କରାଏ । ପୁନଶ୍ଚ ସୃଷ୍ଟିକୁ ଚିରଧର୍ମୀ କରାଇବାରେ ସାହାଯ୍ୟ କରେ, ଯେଉଁଥିପାଇଁ ଉତ୍ତମ କବି ସର୍ବଦା ଲାଳାୟିତ ହୁଏ । ତେଣୁ ଅର୍ଥାଳଙ୍କାରରେ ଉପେନ୍ଦ୍ରଙ୍କ ଚଉପଦୀ ଗୌରବାନ୍ୱିତ । ଅର୍ଥାଳଙ୍କାରରେ ବିବିଧ ରୂପ ମଧ୍ୟରୁ ତାଙ୍କ ସୃଷ୍ଟିରେ ଉପମା, ବ୍ୟତିରେକ, ବିଭାବନା, ରୂପକ, ଉତ୍ପ୍ରେକ୍ଷା,

Digitized by srujanika@gmail.com

ବିରୋଧାଭାସ ଇତ୍ୟାଦି ଅଳଙ୍କାରର ବହୁଳ ପ୍ରୟୋଗ ଦେଖାଯାଇଥାଏ । ସେଥିପାଇଁ ଉପେନ୍ଦ୍ରୀୟ ଚଉପଦୀ ରମ୍ୟବୋଧର ନିରୋଳ ଦୃଷ୍ଟାନ୍ତ ଅଟେ । ଓଡ଼ିଆ ସାହିତ୍ୟରେ ଉପମାଳଙ୍କାରର ସଂଯୋଜନାରେ ଉପେନ୍ଦ୍ର ଜଣେ ଅନନ୍ୟସମ୍ପନ୍ନ ସ୍ରଷ୍ଟା । ତାଙ୍କର ଚଉପଦୀଗୁଡ଼ିକ ଉପମା ଅଳଙ୍କାରରେ ରମ୍ୟ ଏବଂ ଆକର୍ଷଣୀୟ—

"ପୟୋଧରେ ଝଟକେ ହାର ପୁଣି ଗୁରୁ ଚନ୍ଦ୍ରେ ତୋର
ପ୍ରାଚୀ ଅଚଳେ କି ଲା ଦୋଳା ରଚିଲୁ ପରିସ୍ତେ ଅନେକ ତାରରେ ।"

ଉପେନ୍ଦ୍ରଙ୍କ ଚଉପଦୀରୁ 'ସୁମନ କିଟ ପ୍ରକାର ସ୍ୱଭାବ ଅଟେ ବିଟର', 'ଓଦା ବାସ ପ୍ରାୟେ କଞ୍ଚୁ', 'ନାଧି ପ୍ରତିମା', 'ରଙ୍କ ରତନ ପାଇଲି ପରି ପ୍ରତେ', 'ପ୍ରବାଳ ପଲ୍ଲବେ କୀଟ ଭେଦ ପ୍ରାପ୍ତ ଦନ୍ତ କ୍ଷତେ ଦନ୍ତ ବାସ', 'ଚନ୍ଦ୍ରଶୁକ୍ଲ ପକ୍ଷେ ଯଥା ବଢେ ଦିନୁ ଦିନୁ ରେଖା କାଞ୍ଚନ ଦହନ ପରି ମନେଦେନ', 'ତୋଳା ପିତୁଳା', 'ନୀପ ଫୁଲପରି ହୋଇଲି କପୋଳ, ଏପରି ଗୁଣି ଗୁଣି ଉପମାଳଙ୍କାରର ଦୃଷ୍ଟାନ୍ତ ମିଳିଥାଏ । ଏହାଦ୍ୱାରା ଉପେନ୍ଦ୍ର ପ୍ରତ୍ୟୁତ୍ପନ୍ନମତିର ଭାବ ସଞ୍ଚାର କରି ଚଉପଦୀ ପାଠକର କାବ୍ୟାନନ୍ଦ ବିବର୍ଦ୍ଧନ କରିଛନ୍ତି । ଉପେନ୍ଦ୍ରୀୟ ଚଉପଦୀରେ ଥିବା 'କାମ ସିନ୍ଧୁରେ ମୋ ଭେଳା ନ ବୁଡ଼ା ନବ ଛଇଳା', 'ଜବାଧରୁ ତୋର ମଧୁ ପିଉଥିଲେ ଅମୃତ ପାନ ହିଁ ଛାର', 'ଗଞ୍ଜିଲେ କଞ୍ଜ ଖଞ୍ଜରୀଟ ପୁଞ୍ଜ ଯେ ନେତ୍ରେ ଅଞ୍ଜନ ଲାଞ୍ଛି', 'କଞ୍ଜ ନେତ୍ରେ ନୀର କରିଥିଲୁ ପୂର୍ଣ୍ଣ ଦିଶୁଥିଲା କି ରୁଚିର' ଇତ୍ୟାଦି ଉକ୍ତାଂଶଗୁଡ଼ିକ ରୂପକ, ବ୍ୟତିରେକ, ଅତିଶୟୋକ୍ତି, ବିରୋଧାଭାସ ପ୍ରଭୃତି ଅଳଙ୍କାରର ଦୃଷ୍ଟାନ୍ତ । ଏହା ବ୍ୟତୀତ ଉପେନ୍ଦ୍ରଙ୍କ ଚଉପଦୀ ବିବିଧ ଅଳଙ୍କାରର ସନ୍ତୁଳିତ ସଂଯୋଜନାରେ ସୁଶୋଭିତ ଓ ଚିତ୍ତାକର୍ଷକ । ଚଉପଦୀ ପରି ଏକ ଆବେଗିକ ଏବଂ ସୂକ୍ଷ୍ମ ସାହିତ୍ୟିକ କୃତିରେ ଉପେନ୍ଦ୍ର ଶବ୍ଦ ଓ ଅର୍ଥାଳଙ୍କାର ଯଥାର୍ଥ ରୋପଣ କରି ଜଣେ ନିଖୁଣ ଶବ୍ଦ ଶିଳ୍ପୀର ପରିଚୟ ପ୍ରଦାନ କରିଛନ୍ତି । ତେଣୁ ଭଞ୍ଜୀୟ ଚଉପଦୀ ଆଜି ଆଦରର ଶୀର୍ଷସ୍ଥାନରେ ପହଞ୍ଚିଛି ।

ଶବ୍ଦ ବିନ୍ୟାସ :

ଓଡ଼ିଆ ସାହିତ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜଣେ ଉତ୍କୃଷ୍ଟ ଶବ୍ଦ ସ୍ଥପତି । ତାଙ୍କର କାବ୍ୟ କୋଣାର୍କର ନାନ୍ଦନିକ ମହତ୍ତ୍ୱ ପ୍ରାଧାନ୍ୟତଃ ଶବ୍ଦ ନିର୍ବାଚନ ଓ ସ୍ଥାପନ କୌଶଳରେ ହିଁ ପର୍ଯ୍ୟବେକ୍ଷିତ । ଉପେନ୍ଦ୍ର ଭଞ୍ଜଙ୍କ ସୃଷ୍ଟି ସମୂହରେ ବ୍ୟବହୃତ ଶବ୍ଦାବଳୀକୁ ଅନୁଶୀଳନ କରି କେତେକ ଆଧୁନିକ ସମୀକ୍ଷକ ଆତଙ୍କିତ ହେବା ସ୍ଥଳେ

Digitized by srujanika@gmail.com

କେହି କେହି ତାଙ୍କୁ ଶବ୍ଦର ବାଜିକର ରୂପେ ଉଦ୍‌ଘୋଷିତ କରିଛନ୍ତି । ଦୋଷ ଦର୍ଶୀଙ୍କ ମତରେ ଉପେନ୍ଦ୍ର ସାହିତ୍ୟ ଆହରଣ ସକାଶେ 'ଉତ୍କଳନାର୍ଥ'ର ଆବଶ୍ୟକ । କାରଣ ନୈୟାର୍ଥ,ଅପୁଷ୍ଟାର୍ଥ ଓ କ୍ଳିଷ୍ଟାର୍ଥ ଶବ୍ଦାବଳୀର ପ୍ରୟୋଗରେ ସେଗୁଡ଼ିକ ଭାରାକ୍ରାନ୍ତ । କିନ୍ତୁ ଉପେନ୍ଦ୍ର ଉପଯୁକ୍ତ ଶବ୍ଦ ବିନ୍ୟାସ ପ୍ରତି ସଚେତନ ଥିଲେ ଏବଂ ତାଙ୍କର ଶବ୍ଦଜ୍ଞାନ ଯଥେଷ୍ଟ ଥିଲା ।

"ତରଣି କୂଳର ସାର ଆଶ୍ରୟରୁ ନିରନ୍ତର
କହେ ଉପେନ୍ଦ୍ର ଭଞ୍ଜ ମୁଁ ଲଙ୍ଘିଛୁ ଶବଦ ସମୁଦ୍ର ପାର ।"

× × ×

"କହେ ଉପଇନ୍ଦ୍ର ମୋ ପ୍ରଭୁ ଶ୍ରୀରାମ ବୈକୁଣ୍ଠ ନାଥ ସାକ୍ଷାତ
ଜାତ କଲେ କୀର୍ତ୍ତିରୁ ସୁଧା ମୋର ଗୀର୍ତ୍ତିରୁ ରସ ଗୀତ ।" (୪)

ତେଣୁ ଆକ୍ଷେପ ପୂର୍ବକ ଅଙ୍ଗୁଳି ନିର୍ଦ୍ଦେଶ କରିବା ପୂର୍ବରୁ ଶବ୍ଦ-ସମୁଦ୍ର ପାର ହୋଇଥିବା କବି ଉପେନ୍ଦ୍ରଙ୍କ ରଚନାଗୁଡ଼ିକର ଭାଷାତାତ୍ତ୍ୱିକ ଆଲୋଚନା ଅପରିହାର୍ଯ୍ୟ । ସମଗ୍ର ଭଞ୍ଜ ସାହିତ୍ୟ ସତୁରି ଭାଗ ତତ୍ସମ ଓ ତିରିଶି ଭାଗ ତଦ୍‌ଭବ ଓ ଦେଶଜ ଶବ୍ଦରେ ପରିକଳ୍ପିତ । (୫) ଏହି ନିର୍ଣ୍ଣିତ ଅନୁପାତଟି ଉପେନ୍ଦ୍ରଙ୍କ ଚଉପଦୀ ପାଇଁ ମଧ୍ୟ ପ୍ରଯୁଜ୍ୟ । ତାଙ୍କର ଚଉପଦୀଗୁଡ଼ିକରେ ତେଜିଲି, ସଡ଼ିଲି, ଆଞ୍ଚିଲି, ଯୋଡିଲି, ଗୁଡ଼ିଲେ, ଏକି, ମୁଣ୍ଡେ, ଚେତିଲି, ହୁଡ଼ିଲି, ବୋଧିଲେ, ଓଲଗିଲୁ, ଅଲକିତ, ଭାଡ, ତୋ, ଚଆଉଁ, ଡ଼େରିଲି, ଫେଇ, ବେଗି, କଯ, ଜଡ଼ାଇ, ଅଶଳ୍ୟ, ଆପି,ଝଙ୍କି, ନିକ, ସରିକ, ରୁଣ୍ଡ, ଘୁମ୍, ଝାହି, ଡଙ୍ଗର, ଝିମିଟେ, ଡ଼କାହେଲି(ଚହଲ ପଡିବା ଅର୍ଥେ), ଢୋକ, ଜାକିଲୁ ,ଗିରି, ନୁହ୍ଲ, ଶୁଡିଲି, ମଞ୍ଚ (ମତ୍ରିୟ), ଫେର, ଜଡ଼େ, ଫୁଟିକି, ଭୁହାଇ, ଅଣକତ, ଲୋଚ, ଲୁଆଇଁ, ବନ୍ଧିପକା, ରୋଇବ, ଲାଗି (ପାଇଁ), ଚହୁଟି, ଭରକିଲୁ, ଉଚ୍ଛା, ଝିକାଟେ, ଲାଖକରି, ଚଖାଇଣ, ଫୁରୁଣା, ଛଛନ୍ଦେ, ପରଖ, ପ୍ରଡକିଛି ଇତ୍ୟାଦି ପ୍ରାଚୀନ ଦେଶଜ ଶବ୍ଦ ବ୍ୟବହାର ହୋଇଅଛି । ଭଞ୍ଜୀୟ ଚଉପଦୀରେ ଏଗୁଡିକ ପ୍ରାଚୀନଶବ୍ଦାବଳୀର କେତେକ ନିଦର୍ଶନମାତ୍ର । କିନ୍ତୁ, ସେଗୁଡ଼ିକର ପ୍ରୟୋଗାତ୍ମକ ଦିଗ ତାତ୍ପର୍ଯ୍ୟପୂର୍ଣ୍ଣ । ତତ୍‌ସମ ଶବ୍ଦ ସହିତ ଦେଶଜ

---

୪. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ; ଉପେନ୍ଦ୍ର ଭଞ୍ଜ, ୧୪ଶ ଛାନ୍ଦ/ ୩୮ ପଦ ଓ ୧୭ଶ ଛାନ୍ଦ/ ୩୦ ପଦ ।

୫. ଭଞ୍ଜ ସାହିତ୍ୟର ଭାଷା ତାତ୍ତ୍ୱିକ ଅଧ୍ୟୟନ (ଉପୋଟି ଅନ୍ତର୍ଭାଷଣ); ଡ଼ଃ. ବଂଶୀଧର ମହାନ୍ତି, ୧୯୭୨, ପୃ—୭ ।

Digitized by srujanika@gmail.com

ଶବ୍ଦର ଏକାଧିକ ବ୍ୟବହାରକୁ ସମାଲୋଚକମାନେ ଗୁରୁଚଣ୍ଡାଳ ଦୋଷ ଭାବେ ଗ୍ରହଣ କରିଥାନ୍ତି । ପରନ୍ତୁ ତତ୍ସମ ଶବ୍ଦସହ ଦେଶଜ ଶବ୍ଦକୁ ରୁଚିପୂର୍ଣ୍ଣଭାବେ ଉପସ୍ଥାପନ କରି ଉପେନ୍ଦ୍ର ଚଉପଦୀଗୁଡ଼ିକର ପଦ ଲାଳିତ୍ୟକୁ ବହୁ ଗୁଣିତ କରିଛନ୍ତି । ତେଣୁ ପାଠକ ଓ ଶ୍ରୋତା ଉଭୟେ ଭଞ୍ଜୀୟ ଚଉପଦୀର ଗୁରୁଚଣ୍ଡାଳ ଦୋଷ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ସେପରି ଶବ୍ଦ ସଂଯୋଜନାର କେତୋଟି ଦୃଷ୍ଟାନ୍ତ ଏଠାରେ ଉଦ୍ଧାର କରିବା ଉଚିତ ହେବ । 'ରାଜୀବ ଭବତ ବଡ଼ ଦାରୁଣ', 'ସିଞ୍ଚି ହେମ ଗଜ ଏକ୍କ ହେଜ', 'ପାଟଳି କୁସୁମ କର୍ଣ୍ଣ ନ ଡେରିଲ', 'ପର୍ବତ ସ୍ତନେ କନ୍ଦର୍ପ ଦନ୍ତ ଘାତ ପ୍ରାୟ ! ନଖକ୍ଷତ', 'ରଜନୀ ଅଦନାଙ୍କ, ଶିରୀକାଶ୍ରୟ ପାଶ ସ୍ତବକ ସୁରଙ୍କ, ନୀରରୁହମୁଖୀ କୁଚଜଘନ ନଟରଖିଲ, ଫୁଲଭଙ୍ଗୀ ଡାଳିମ୍ବ ବର୍ତ୍ତନା ମିଛେ, ଉହ୍ନ କନକ ବରନୀ ଚଉ, ଭିଙ୍ଗାର କାମ ବଶି ମୁଖେ, ଡୋଲା ପିତୁଳା, ଗାଙ୍ଗେୟ ବରନୀ ରୁଣ୍ଡ ଥିବ ଶେଷ ପାନ, ଢଳନ କାନୁ ଯୁବକ କାକଳୁରେ, ଗବାକ୍ଷକୁ ଫେଇ, ଫୁଲଳିଟ କେଶୀ, ବସିଖେ ଭୁଦାଇ, ଈକ୍ଷଣ ତୀକ୍ଷଣ ବାଣେ ବନ୍ଧି ପକୀ, ଶମ୍ବରାରି ତାପ ମନୁ ମୁଞ୍ଚି, ଗତ ପୁଷ୍ପାଙ୍ଗୀ ଶରଦ ଚନ୍ଦ୍ର ମୁଖେ ଉର୍ଦ୍ଧ୍ୱ କରୁଣ, କୁରୁଳ, ଈଷ ସର ନଖେ ତନୁ କ୍ଷେତ୍ର ନସି ପ୍ରେମ ବୀଜ ତହିଁ ରୋଇବ, କୁସୁମ କାର୍ମୁକ ଲଖ କରି ଅମ୍ବୁଜ ଅଧରୁ ସୁଧା ଚଖାଇଣ, କର ପଇଠି, ଫେଡ଼ି ଦେଲା ଗବାକ୍ଷ ପୁଡ଼ା ଓ ସ୍ୱେଦ ଅଙ୍ଗ ତାଡ଼ି ପାଇ, ଏପରି ଭୂରିଭୂରି ଦୃଷ୍ଟାନ୍ତକୁ ଭଞ୍ଜୀୟ ଚଉପଦୀଗୁଡ଼ିକରୁ ଖୋଜି ଦେଖାଇ ହେବ ।

ଉପେନ୍ଦ୍ର ଭଞ୍ଜଙ୍କ ଚଉପଦୀଗୁଡ଼ିକରେ ମଧ୍ୟ ବହୁ ଅପ୍ରଚଳିତ ଶବ୍ଦ ବ୍ୟବହାର ହୋଇଅଛି । ନୂଭୂଷା, ପ୍ରଲେପ୍ସକର କରେ, ପଞ୍ଚିଶ, ପ୍ରସ୍ତା, ପ୍ରଷଣ, ଇଉଗଢ, ଈଷଦାସ, ଈରମ୍ପା, ଈଦୃଶା ଉଦକରୁ ହ୍ରଦଦୃଶୀ, ଲପରି ମଧ୍ୟମା, ଲବତ ଶ୍ରବଣା, ଔଟକ, ଔନ୍ନତ, ଔତ୍ଥାନ ପାଦକ, ଗୁରୁ, ପର୍ବଶଙ୍କାଶ ମୁଖ ଇତ୍ୟାଦି ଶବ୍ଦାବଳୀକୁ ଉଦାହରଣ ସ୍ୱରୂପ ଉଲ୍ଲେଖ କରାଯାଇ ପାରେ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅସମାପିକା କ୍ରିୟା ସମାପିକା ଅର୍ଥରେ ବହୁଳ ବ୍ୟବହାର ହୋଇଅଛି । ଉପେନ୍ଦ୍ର ଭଞ୍ଜଙ୍କ ଚଉପଦୀଗୁଡ଼ିକରୁ ମଧ୍ୟ ସେପରି ନମୁନା ମିଳୁଅଛି ।

ଭଣି (ଭଣଇ), ରଞ୍ଜି (ରଞ୍ଜଇ), ହୋଇ (ହୁଅଇ), ଲେଖେ (ଲେଖଇ), ଶୋଇ (ଶୁଅଇ), ବୋଲେ (ବୋଲଇ), ଦଶେ (ଦଶଇ), ନୋହେ (ନୁହଇ), ହେଜ (ହେଜଇ), ମୁଞ୍ଚ (ମୁଞ୍ଚଇ), ଯାଚେ (ଯାଚଇ), ରଚେ (ରଚଇ), ପଡ଼ି (ପଡ଼ଇ), ଘୋଡ଼ୁ (ଘୋଡ଼ାଇ), ରୁଚୁ (ରୁଚଇ), ମୋହ (ମୋହଇ) ଇତ୍ୟାଦି ଅସମାପିକା କ୍ରିୟା ସମାପିକା ଅର୍ଥରେ ଚଉପଦୀରେ ଉପେନ୍ଦ୍ର ବ୍ୟବହାର କରିଛନ୍ତି । ଏତଦ୍ ବ୍ୟତୀତ ଚଉପଦୀ ମଧ୍ୟରେ ବ୍ୟବହୃତ ହୋଇଥିବା 'ହସିଲା ହୋଇ',

Digitized by srujanika@gmail.com

'ପକ୍ଷ ହୋଇଥିବୁ', 'ରୋଷୀ ହୋଇ', 'କି କରି କହିଲା', 'ଦୋଷ ପଟନ୍ତୁ ପକା', 'ବନିତା ଘେନି ହୁଅ ହସିଲରେ', 'ମନ୍ତ୍ରିଲି ହୋଇ', 'ମନକୁ ଘେନିଲି', 'ମାରି ନେବି କି ଯଶ', 'ଗୃହେଁ ଡେରି ରଖି ଅଛି', 'କହିବାକୁ ତ ଅଶକ୍ୟ', 'ହସିଲ ହେବା ଯାଏ', 'ଏବେ ସେ ହେଜିଲରେ', 'ଢଳା ହେଲି' (ଟହଲ ପଡ଼ିଲା), 'ନ ଚଳେରେ କି ଘେନି' ଇତ୍ୟାଦି ଖଣ୍ଡିତ ବାକ୍ୟାଂଶ ମଧ୍ୟରୁ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ଭାଷାତତ୍ତ୍ୱର ବୈଶିଷ୍ଟ୍ୟକୁ ଅନୁଶୀଳନ କରିହେବ । ଭଞ୍ଜୀୟ ଚଉପଦୀରେ କେତେକ ଶବ୍ଦ 'ତ' ଯୁକ୍ତ ହୋଇ ପ୍ରୟୋଗ ହୋଇଅଛି । ଲଜ୍ଜିତ, ଆଗତ, ପ୍ରିୟତ, ଧର୍ଷିତ, ଗୋପିତ, ଶ୍ୟାମଳିତ, ସୁଫଳିତ, ବିଫଳିତ, ଯୋଡ଼ିତ, ଶୋଭିତ ଇତ୍ୟାଦି କେତୋଟି ଦୃଷ୍ଟାନ୍ତ ମାତ୍ର ଅଟେ । ଶବ୍ଦ ତତ୍ତ୍ୱବିଦ୍ ଓ ଭାଷା ତତ୍ତ୍ୱବିଦ୍ ଉପେନ୍ଦ୍ରଙ୍କ ଚଉପଦୀ ଶବ୍ଦ ବିନ୍ୟାସ ବାସ୍ତବରେ ତାତ୍ପର୍ଯ୍ୟପୂର୍ଣ୍ଣ । ତେଣୁ ଭଞ୍ଜୀୟ ଚଉପଦୀ ସର୍ବଜନାଦୃତ ।

ରାଗ ରଙ୍ଗ :

ଖ୍ୟାତ କବି ଉପେନ୍ଦ୍ର ତାଙ୍କ ବିପୁଳ ସୃଷ୍ଟିରେ କୁତ୍ରାପି 'କବି ସମ୍ରାଟ' ଉପାଧିକୁ ବ୍ୟବହାର କରି ନ ଥିଲେ ମଧ୍ୟ ଆଧୁନିକ ଯୁଗରେ ଭାବ ପ୍ରବଣ ଓଡ଼ିଆ ସେ ମହାନ ଆତ୍ମାଙ୍କ ସ୍ମୃତି ସ୍ମରଣ ବେଳେ ଏହି ଉପାଧିକୁ ସ୍ୱତଃ ସଂଯୋଗ କରିଦିଏ । ବର୍ତ୍ତମାନ କେହି କେହି ଉପେନ୍ଦ୍ରଙ୍କ 'ସଙ୍ଗୀତ ସମ୍ରାଟ' ଉପାଧିରେ ବି ସମ୍ମାନିତ କରି ସାରିଲେଣି । (୬) ଏହା କେବଳ ଭଞ୍ଜ ସାହିତ୍ୟରେ ସାଙ୍ଗୀତିକତାର ଅପୂର୍ବ ସମନ୍ୱୟତା ଯୋଗୁଁ ହିଁ ବିଘୋଷିତ । ଭଞ୍ଜଙ୍କ ଚଉପଦୀରେ ସଙ୍ଗୀତର ଆବେଦନ ତାଙ୍କର କାବ୍ୟ ଠାରୁ ପ୍ରଭାବଶାଳୀ ଏବଂ ସ୍ପର୍ଶକାତର । ଏହାର ଏକ ମାତ୍ର କାରଣ ତାଙ୍କର କାବ୍ୟ ବୌଦ୍ଧିକ ଓ ପାଣ୍ଡିତ୍ୟ ପୂର୍ଣ୍ଣ ହେଲି ବେଳେ ଚଉପଦୀଗୁଡ଼ିକ ସାରଲ୍ୟ ଓ ତାରଲ୍ୟରେ ପୁଷ୍କଳ । କିନ୍ତୁ, କାବ୍ୟର ଯେଉଁଠାରେ ଲାଳିତ୍ୟ ଅଛି ସେଠାରେ ସଙ୍ଗୀତ ଅଧିକତର ହୃଦ୍ୟ ।

ରାଗ ଓ ତାଳ ଦ୍ୱାରା ସାହିତ୍ୟର ସାଙ୍ଗୀତିକତା ହୃଦୟସ୍ପର୍ଶୀ ହୋଇଥାଏ । ତେଣୁ ରଚନାର ଜନପ୍ରିୟତା ପାଇଁ କବି ଉପେନ୍ଦ୍ର ଚଉପଦୀରେ ରାଗ ଓ ତାଳର ନିଃସଙ୍କୋଚ ପ୍ରୟୋଗ କରିଛନ୍ତି ।

---

୬. କ) ଏକ ଭିନ୍ନ ଦୃଷ୍ଟିରେ ଭଞ୍ଜ କବି; ଡ଼ଃ ନିତ୍ୟାନନ୍ଦ ଶତପଥୀ; ବହ୍ନିଜ-୧ ୧୯୮୩, ପୃ. ୧୩୫ ।

ଖ) ସଙ୍ଗୀତ ଶାସ୍ତ୍ର ଓ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ; ଡ଼ଃ ପିତାମ୍ବର ସ୍ୱାଇଁ; ବହ୍ନିଜ-୫ ୧୯୮୬, ପୃ. ୧୫ ।

Digitized by srujanika@gmail.com

"ମୋହ୍ନ ପାରଇ ଜଗତ ଯେଉଁ ଗୀତ ଅଲଙ୍ଗତ ସ୍ୱର ସପତ ।" (୭)

ପୁନଶ୍ଚ ଚଉପଦୀ ଏକ ରାଗାଶ୍ରୟୀ ଗୀତ କବିତା । ରାଗ ଓ ତାଳର ଆଧାରରେ ଏହାର ସ୍ଥିତି ଦୋଦୂଲ୍ୟମାନ । ତେଣୁ ସଙ୍ଗୀତଶାସ୍ତ୍ର ପ୍ରବୀଣ ଉପେନ୍ଦ୍ରଙ୍କ ଚଉପଦୀ ବିବିଧ ରାଗ ଓ ତାଳରେ ରୁଚିବନ୍ତ । ସାହିତ୍ୟରେ ରାଗ ଓ ତାଳର ଲକ୍ଷଣ ପ୍ରୟୋଗ ବିଧି ସମ୍ପର୍କରେ ଉପେନ୍ଦ୍ର ବେଶ ପରିଚିତ ଥିଲେ । ତାଙ୍କର ରାମଲୀଳାମୃତ ଓ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ଯଥାକ୍ରମେ ରାଗ ଓ ତାଳ ମାନର ସଂଖ୍ୟା ଓ ପ୍ରୟୋଗ ବିଧିକୁ ସେ ବର୍ଣ୍ଣନା କରିଛନ୍ତି ।

ଉପେନ୍ଦ୍ର ତାଙ୍କର କାବ୍ୟ ସମୂହରେ ଯେତିକି ରାଗ ବ୍ୟବହାର କରିଛନ୍ତି ତା'ଠାରୁ ଅଧିକ ସଂଖ୍ୟକ ରାଗରେ ଚଉପଦୀଗୁଡ଼ିକୁ ପରିକଳ୍ପନା କରିଛନ୍ତି । ଆଜିଯାଏଁ ପ୍ରକାଶିତ ଏବଂ ସଂଗୃହୀତ ଭଞ୍ଜୀୟ ଚଉପଦୀ ମଧ୍ୟରେ ପଞ୍ଚାବନ ପ୍ରକାରର ରାଗ ପ୍ରୟୋଗୀକୃତ ହେଲାବେଳେ ଉପେନ୍ଦ୍ରଙ୍କ କାବ୍ୟାବଳୀରେ ମାତ୍ର ଏକାବନଟି ରାଗ ବ୍ୟବହୃତ ହୋଇଅଛି ।

ଉପେନ୍ଦ୍ରଙ୍କ ସମଗ୍ର ଚଉପଦୀ ସାହିତ୍ୟରେ ଆନନ୍ଦଭୈରବ, ଆଶାବରୀ, ଆହାରୀ, ଇମନ କଲ୍ୟାଣ, କଉଶିକ, କଳହଂସକେଦାର, କଳହଂସ, କଲ୍ୟାଣ, କନଡ଼ା, କଲ୍ୟାଣଆହାରୀ, କରୁଣାଶ୍ରୀ, କାଫି, କାମୋଦୀ କାଫିମୁଖାବରୀ, କାଳି, କେଦାର, କେଦାର କାମୋଦୀ, କେଦାର ଗୌଡ଼ା, କୁମ୍ଭକାମୋଦୀ, ଖମାଚ, ଖମାଚ ମିଶ୍ର, ଗୁପ୍ତ, ଗଡ଼ମାଳିଆ, ଗୁଜ୍ଜରୀ, ଘଣ୍ଟାରବ, ଚକ୍ରା କେଦାର, ଚକ୍ରା-ସିନ୍ଧୁଡ଼ା, ଚକ୍ରାମୁଖାରୀ, ଜହ୍ନପୁଣିଆ ତୋଡ଼ି, ଜୟଜୟନ୍ତ, ତୋଡ଼ି, ତୋଡ଼ି ପରଜ, ତୋଡ଼ି ବରାଡ଼ି, ଦକ୍ଷିଣ କାମୋଦୀ, ଦେଶାକ୍ଷ, ଧନାଶ୍ରୀ, ପୂରବୀ, ପରଜ, ପାହାଡ଼ୀ, ପଞ୍ଚମ ବରାଡ଼ି, ବସନ୍ତ, ବଙ୍ଗଳାଶ୍ରୀ, ବରାହି, ଭୈରବ, ଭାଟିଆରୀ, ମୁଖାରୀ, ମଲ୍ଲୁଆ, ମାଳଶ୍ରୀ, ମୁଖାବରୀ, ସିନ୍ଧୁଦେଶାକ୍ଷ, ଶଙ୍କରାଭରଣ, ସାରଙ୍ଗ, ସୌରାଷ୍ଟ୍ର ଗୁର୍ଜ୍ଜରୀ, ସାବେରୀ, ସୁରଟ, ଇତ୍ୟାଦି ରାଗ ବ୍ୟବହୃତ ହୋଇଅଛି । ଏଥିରୁ ବାଇଶିଗୋଟି ମିଶ୍ର ରାଗ ଓ ଅନ୍ୟ ତେତିଶିଟି ଶୁଦ୍ଧରାଗ ଅଟେ । ଉପେନ୍ଦ୍ରଙ୍କ ପୂର୍ବରୁ ପୀତାମ୍ବର ଦାସଙ୍କର ନୃସିଂହ ପୁରାଣରେ ବୟାଳିଶି ପ୍ରକାର ଏବଂ ପୁରୁଷୋତ୍ତମ ମିଶ୍ରଙ୍କ ସଙ୍ଗୀତ ନାରାୟଣରେ ଛୟାଳିଶି ପ୍ରକାର ରାଗର ସୂଚନା ମିଳିଥାଏ । କିନ୍ତୁ ଉପେନ୍ଦ୍ର ଏକାଧିକ ରାଗକୁ ଏକତ୍ରକରି ବହୁ ମିଶ୍ର ରାଗରେ ତାଙ୍କର ଚଉପଦୀଗୁଡ଼ିକୁ ଶ୍ରୁତି ରସାୟନ କରିଛନ୍ତି ।

ରାଗଗୁଡ଼ିକୁ ନିର୍ଦ୍ଦିଷ୍ଟ ତାଳମାନ ସଂଯୋଗ କରାଇ ଉପେନ୍ଦ୍ର ଚଉପଦୀ ଗୁଡ଼ିକର ସାଙ୍ଗୀତିକ ଉତ୍କର୍ଷକୁ ପ୍ରତିପାଦନ କରିଛନ୍ତି । ତାଙ୍କର ସମସ୍ତ ଚଉପଦୀରେ

---

୭ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ; ଉପେନ୍ଦ୍ର ଭଞ୍ଜ; ୬ଷ୍ଠ ଛାନ୍ଦ, ୧୩ ପଦ

Digitized by srujanika@gmail.com

ଶତାଧିକ ତାଳ ମଧ୍ୟରୁ ମାତ୍ର ଅଠରଟି ତାଳ ଯଥା—ଷରମାନ, ପଡ଼ତାଳ, ପହ୍ନପଟ୍ଟ, ଷଡ଼ମାନ ପଡ଼ତାଳ, ପଟତାଳ, ସତମାନ, ଏକତାଳି, ରୂପକ, ଦ୍ରୁତ ପଡ଼ତାଳି, ଝିଂପୁଟା, ସାନତୋଡ଼ି ଏକତାଳି, ଝୁଲା, ଆଠତାଳି, ଯତି ତେଢ଼ଯୋଗ, ଆଦିତାଳ, ଅଡ଼ାଠୋକା, ଧ୍ରୁବ ଏକତାଳ, ଧ୍ରୁବ ପଡ଼ତାଳ, ଇତ୍ୟାଦି ବ୍ୟବହାର କରି ଚଉପଦୀର ସାଙ୍ଗୀତିକତା ପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି ।

ଚଉପଦୀର ଭାବ ସମ୍ପ୍ରସାରଣ ଓ ରସ ନିଷ୍ପନ୍ନ ସକାଶେ ସ୍ୱରର ଭୂମିକା ମର୍ଯ୍ୟାଦାପୂର୍ଣ୍ଣ । ତେଣୁ ଉପେନ୍ଦ୍ର ସ୍ଥାନ, କାଳ ଓ ପାତ୍ର ବିଶେଷରେ ସଙ୍ଗୀତ ଶାସ୍ତ୍ରାନୁମୋଦିତ ରାଗ ରାଗିଣୀକୁ ଦକ୍ଷତାର ସହ ଚଉପଦୀରେ ପ୍ରୟୋଗ କରିଛନ୍ତି । ସ୍ୱ ପ୍ରତିଭା ବଳରେ ସେ ସଙ୍ଗୀତଶାସ୍ତ୍ର ବହିର୍ଭୂତ କେତେକ ନୂତନ ରାଗ ସନ୍ଧାନ କରି ଓଡ଼ିଆ ସାହିତ୍ୟରେ ସେ ସବୁ ପ୍ରଚଳନ କରିଛନ୍ତି । ବିଭିନ୍ନ ବାଣୀ ମଧ୍ୟରୁ ଉପେନ୍ଦ୍ର କେତେକ ଚଉପଦୀରେ କେବଳ ଆଷାଢ଼ ଶୁକ୍ଳ ବାଣୀକୁ ପ୍ରୟୋଗ କରିଛନ୍ତି । ଫଳରେ ସେଗୁଡ଼ିକର ସାଙ୍ଗୀତିକ ଆବେଦନ ଅଧିକତର ସ୍ପଷ୍ଟ ହୋଇଅଛି । ବାସ୍ତବରେ ରାଗ ରାଗିଣୀ ତାଳ ଓ ବାଣୀର ସମ୍ମିଶ୍ରଣରେ ଉପେନ୍ଦ୍ରଙ୍କ ଚଉପଦୀ ଭାବୋଦ୍ଦୀପକ ହେବା ସଙ୍ଗେ ସଙ୍ଗେ ଚିତ୍ତାକର୍ଷକ ମଧ୍ୟ ହୋଇ ପାରିଛି ।

ଭଞ୍ଜୀୟ ଚଉପଦୀର ଆତ୍ମିକ ସଂପଦ

ରସାନୁଭୂତି :

ଓଡ଼ିଆ ଚଉପଦୀ ସାହିତ୍ୟର ପୁରୋଧା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜଣେ ରସବାଦୀ ସ୍ରଷ୍ଟା । ଯଦିଚ ନବବିଧ ରସର ପ୍ରୟୋଗରେ ତାଙ୍କର କାବ୍ୟ ଗୁଡ଼ିକ ପୁଷ୍ଟ ତଥାପି ଉପେନ୍ଦ୍ରଙ୍କୁ ଶୃଙ୍ଗାର ରସର ସର୍ବଶ୍ରେଷ୍ଠ ସ୍ଥପତି ଭାବେ ଓଡ଼ିଆ ସାହିତ୍ୟରେ ଗ୍ରହଣ କରାଯାଇଛି । ଶୃଙ୍ଗାରକୁ ରସ ରାଜ ଭାବେ ଆଳଙ୍କାରିକ ମାନେ ଘୋଷଣା କରିଛନ୍ତି । ଉପେନ୍ଦ୍ରଙ୍କ କାବ୍ୟରେ ମଧ୍ୟ ଏହି ଉକ୍ତିଟି ଅନୁରଣିତ —

"ବିସ୍ତରଇ କରିବି ଉତ୍ତମ ଛାନ୍ଦଗୀତ
ରସସାର ଶୃଙ୍ଗାର ତହିଁରେ ହେବ ବ୍ୟକ୍ତ ।" ୮)

---

୮ । ରସିକହାରାବଳୀ; ଉପେନ୍ଦ୍ର ଭଞ୍ଜ ୧ମ ଛାନ୍ଦ, ୫ମ ପଦ

Digitized by srujanika@gmail.com

ଶୃଙ୍ଗାରର ଦ୍ୱିବିଧ ସ୍ୱରୂପ ମଧ୍ୟରୁ ବିପ୍ରଲମ୍ଭ ଶୃଙ୍ଗାରରେ ଅନୁରକ୍ତ ଗାଢ଼ରୁ ଗାଢ଼ତର ଭାବେ ଅଭିବ୍ୟକ୍ତ ହୁଏ । ଏଥିରେ ଜୀବନ ପ୍ରବୃତ୍ତିର ଆକୁଳତା ଓ ବ୍ୟଥା ମାର୍ମିକ ରୂପେ ଉପସ୍ଥାପିତ ହୋଇଥାଏ ଏବଂ ସମ୍ଭୋଗରେ ତାହାର ପରିଣତି ଆସେ । ତେଣୁ ଉପେନ୍ଦ୍ର ଜୀବନର ଏହି ସାର୍ବଜନୀନ ସତ୍ୟକୁ ତାଙ୍କର ଚଉପଦୀ-ଗୁଡ଼ିକରେ ବ୍ୟାପକ ଓ ବିପୁଳ ଭାବେ ଅଙ୍କନ କରିଛନ୍ତି । କଳାପୂର୍ଣ୍ଣ ପରିବେଷଣ ଯୋଗୁଁ ଏଥିରେ ମଣିଷର ଯୌନ ପ୍ରବୃତ୍ତି ବା ଶୃଙ୍ଗାରିକତା ଅଶ୍ଳୀଳ ହୋଇ ନାହିଁ । ପୂର୍ବରାଗ, ମାନ, ପ୍ରବାସ ଓ କରୁଣତା ସ୍ତର ମାଧ୍ୟମରେ ବିପ୍ରଲମ୍ଭ ଶୃଙ୍ଗାରର ପରିପ୍ରକାଶ ଘଟିଥାଏ । ଭଞ୍ଜୀୟ ଚଉପଦୀରେ ତାହାହିଁ ହୋଇଛି ।

"ରହିଲା ମନ ବିମ୍ବାଧରୀ ଧରରେ
ରମଣୀ ସେ କାହାର, ନୂଆ ହୋଇ ବାହାର ଗାଢ଼ ମନ୍ଥରେ ନନ୍ଦାକରିକଣ୍ଠରେ
ରସାଣିଲ ହାଟକ, ପରିକାନ୍ତ ଝଟକ ଛବିକନକ ଅପସରୀ ସରରେ ।"

× × ×

"ଡାଳିମ୍ବ ଦଶନା ମିଛେ ରୁଷି ଥିଲେ କି ହୋଏ ହୃଦୟ
ଡ଼ରି ରହିରେ କାହିଁକି କୋପ ବୋଲି ଲେଖଇ ବିନୟ
ଡ଼ମ୍ବରୁ ମଧ୍ୟାର କର୍ଣ୍ଣାକନଠାରେ କରୁଣାତ ଥିଲି
ଡ଼ହ କନକ ବରନା ତଉ ଏବେ କେମନ୍ତେ ହୋଇଲି ।"

"କୁସୁମ ବର୍ଣ୍ଣିଖେ ତାପୀ ପ୍ରବାସରେ ରହି
କେଉଁ କାମୀ ପ୍ରିୟ ଭାବମାନଂ ବିସ୍ମରଇ
କୃଶୋଦରୀରେ କାହିଁ ମୁଁ ପଡ଼ିଲି
କନକ ଗୋରୀ ତୋ ସଙ୍ଗ ବିଅର୍ଥେ ଛାଡ଼ିଲି ।"

× × ×

" ବସି କାନ୍ଦୁଥିବ ମାନସୀ-ପ୍ରାଣସଜନୀ
ଅଗୁରୁ ଚନ୍ଦନ ବିଷ ତୁଲ୍ୟ ସେ ମଣୁଥିବଣି ।"

ବୈଷ୍ଣବ ସାହିତ୍ୟରୁ ବିପ୍ରଲମ୍ଭ ଶୃଙ୍ଗାରର ପର୍ଯ୍ୟାପ୍ତ ବର୍ଣ୍ଣନା ମିଳେ । ତେଣୁ କୃଷ୍ଣ ଲୀଳାତ୍ମକ ଚଉପଦୀ ଉପେନ୍ଦ୍ରଙ୍କର ସ୍ୱଳ୍ପ ସଂଖ୍ୟକ ସୃଷ୍ଟି ହେଲେ ମଧ୍ୟ ସେ ଗୁଡ଼ିକରେ ବିରହର କାରୁଣ୍ୟ ଉପଭୋଗ୍ୟ ।

"ନଟନାଗର ହେ ଏ ଶଠ କାହୁଁ ଶିଖିଲ
ଚନ୍ଦ୍ର କୁମୁଦ ପରିଷ୍ଟେ ପ୍ରୀତି କରି ବେଳକୁ ଭାସ୍କର ହେଲ

Digitized by srujanika@gmail.com

ଜଣାଗଲା ତୁମ ପ୍ରୀତି କଣବାରେ ଆହେ ରସିକ ନାଗର
ଶ୍ରୀକରେ ଲଗାଇ ପୀରତି ଲତାକୁ ମୂଳରୁ ଯା' କାଟି ଦେଲ । ୧

ଉପେନ୍ଦ୍ରଙ୍କ ସଂଖ୍ୟାଧିକ ଚଉପଦୀରେ ବିପ୍ରଲମ୍ଭ ଶୃଙ୍ଗାରର ବିଭିନ୍ନ ସ୍ତର ନିଝୁଣ ଭାବେ ବର୍ଣ୍ଣିତ ହୋଇଅଛୁ । ଚଉପଦୀ ଗୁଡ଼ିକରେ ବ୍ୟକ୍ତିଗତ ଜୀବନର ବିରହ ବିଧୂରତାକୁ ସେ କୁଆଡ଼ର ପରି ଲୋପ କରିଛନ୍ତି । ତେଣୁ ଆତ୍ମିକ ସ୍ପର୍ଶରେ ଭଙ୍ଗୀପ୍ରୁ ଚଉପଦୀ ସମୂହ ସରସ ରୁଚିପୂର୍ଣ୍ଣ ହୋଇଅଛୁ ।

ବିପ୍ରଲମ୍ଭ ଶୃଙ୍ଗାର ସଦୃଶ ସମ୍ଭୋଗ ଶୃଙ୍ଗାରଉପେନ୍ଦ୍ରଙ୍କ ଚଉପଦୀରେ ବିପୁଳ ଭାବେ ରୂପାୟିତ । ଏ ଗୁଡ଼ିକରେ ବାସ୍ତବ ପ୍ରେମାନୁଭୂତି ଅପେକ୍ଷା କାମଶୋଧା-ନୁମୋଦିତ ବିଭିନ୍ନ ଲକ୍ଷଣର ଉଲ୍ଲେଖ ପ୍ରତି କବି ସତର୍କତା ଅବଲମ୍ବନ କରିଛନ୍ତି । ସ୍ଥଳ ବିଶେଷରେ ସମ୍ଭୋଗ ଶୃଙ୍ଗାର ରୁଚିହୀନ ହେଲେ ମଧ୍ୟ ରସ ନିଷ୍ପନ୍ନରେ ବ୍ୟତି-କ୍ରମ ଘଟି ନାହିଁ । ସମ୍ଭୋଗ ଶୃଙ୍ଗାର ପର୍ଯ୍ୟାୟରେ ବିପରୀତ ରତିକ୍ରୀଡ଼ା ବର୍ଣ୍ଣନା ପ୍ରତି ଉପେନ୍ଦ୍ରଙ୍କ ଦୁର୍ବଳତା ଥିଲା ପରି ଚଉପଦୀ ଗୁଡ଼ିକରୁ ମନେ ହୁଏ ।

"ଉତ୍ତମାରେ, ଉଲ୍ଲାସୀ ଚିତ୍ତକୁ ନେଲା ମୋହି
ଉଲଟ ରତିକି ସଖୀ, ମୁକୁର ବିତାନେ ଦେଖି ଧନେ ସେ ପ୍ରତୁଷ୍ଟୀଇତ ବିହି
ଉଚ୍ଛେ ବାଜିଲା ରସନା, ଆନ ରହରେ ରସନା, ଦମ୍ପତ୍ତି ସ୍ୱର୍ଗୀ ସମ୍ପତ୍ତି ଏହି
ଉଡ଼ିଲା କାମ ଅୟଶ ପତାକା କୁଟିଳ କେଶ ଫିଟି ଯା ଚରମ ଦେଶେ ରହି ।"

ଏପରି ସମ୍ଭୋଗ କ୍ରିୟାକୁ କବି ଦମ୍ପତ୍ତିଙ୍କ ସ୍ୱର୍ଗ ସମ୍ପତ୍ତି ସହିତ ତୁଳନା କରିଛନ୍ତି । କୃଷ୍ଣ ଲୀଳାତ୍ମକ ଚଉପଦୀରେ ମଧ୍ୟ ଏହି ସମ୍ଭୋଗ ଶୃଙ୍ଗାର ଚମତ୍କାର ଭାବେ ବର୍ଣ୍ଣିତ ହୋଇଛୁ ।

"ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ
ବୃନ୍ଦାବନେ ଶୋଭିତରୁ କଳ୍ପ ଉଟିଲେ କଳ୍ପତରୁ ତରୁଣୀ ରତନ
ତରୁ ତରଳାକ୍ଷୀ ମାତିଲେ ।"

× × ×

ହରିପଦରେ କର୍ଣ୍ଣ ଯେହନ ହରଷେ ମୃଗ ଲୋଚନୀ,
ହରିଶିପୁ ହରିହର ହରସେବା ବର୍ଣ୍ଣିଲେ
ଅଶେଷ ରସରେ ରସି ରସାଇ ରସିକ ରସି,
ହରଷରେ ରସେ ରସ ଉପଇନ୍ଦ୍ର ଭାଷିଲେ ।"

Digitized by srujanika@gmail.com

ବୈଷ୍ଣବ ଚେତନାରେ ପ୍ରତିଧ୍ୱନିତ ଚଉପଦୀର ସଂଖ୍ୟା ସ୍ୱଳ୍ପ ହେଲେ ମଧ୍ୟ କବି ଉପେନ୍ଦ୍ର ଦୁଇଟି ରଚନାରେ ସମ୍ଭୋଗ ଶୃଙ୍ଗାରକୁ ବର୍ଣ୍ଣନା କରିଛନ୍ତି । ଭକ୍ତି ରସର ପୃଷ୍ଠରେ ବୈଷ୍ଣବୀୟ ସମ୍ଭୋଗ ନଗ୍ନତାର ଶୀର୍ଷରେ ପହଞ୍ଚି ନାହିଁ । ସରଳ ଶବ୍ଦାବଳୀ ଓ ରୁଚିପୂର୍ଣ୍ଣ ଶୈଳୀରେ ଶ୍ରୀମତି ଓ ଶ୍ରୀପତିଙ୍କ ସମ୍ଭୋଗ ଉପରୋକ୍ତ ଦୃଷ୍ଟାନ୍ତରେ ମଣ୍ଡୁଳ ହୋଇଛି ।

ନାରୀ ଓ ଶୃଙ୍ଗାରିକତାରେ ଭଞ୍ଜୀୟ ଚଉପଦୀ ଗତିଶୀଳ । କିନ୍ତୁ ତାଙ୍କର ପ୍ରାଣ ସଜନୀ ଗୋ ଯାହା ମୁଁ ଦେଖିଲି ଆଜ କହିବା ଲୋକର ମନକୁ ନ ଆସେ ଶୁଣିବା ଲୋକକୁ ଲାଜ ।” ଚଉପଦୀଟି ଅଦ୍‌ଭୁତ ରସ ସମ୍ପନ୍ନ । ଉପନିଷଦରେ ଅଦ୍‌ଭୁତ ରସକୁ ପରମ ରସ ଭାବେ ଗ୍ରହଣ କରାଯାଇଛି । ଉପେନ୍ଦ୍ର ମଧ୍ୟ ଏହି ବିଶ୍ୱାସରେ ଦୃଢ଼ ।

“କହେ ଉପଇନ୍ଦ୍ର ଭଞ୍ଜ ବୀରବର ଏ ରସରୁ ରସ ନାହିଁ
କବିଙ୍କୁ ଛି’ ମାସ ପଣ୍ଡିତେ ବରଷେ ମୂର୍ଖେ ତା ବୁଝିବେ କାହିଁ ।”

ବାହ୍ୟତଃ ଚଉପଦୀରେ ପୁରୁଷ ନାରୀର ସମ୍ଭୋଗ ଚିତ୍ର ପରିବେଷିତ ହେଲେ ମଧ୍ୟ ଶୃଙ୍ଗାରିକତା ଏହାର ଉପଜୀବ୍ୟ ନୁହେଁ । ତାରକ ମନ୍ତ୍ର ଉପାସକ ଉପେନ୍ଦ୍ର ଏଥିରେ ତାରକ ବ୍ରହ୍ମ ତତ୍ତ୍ୱକୁ ହିଁ ଚଉପଦୀର ଭାବବସ୍ତୁ ଭାବେ ପରିକଳ୍ପନା କରିଛନ୍ତି ।

ବିବିଧ ରସର ଧାରାରେ ଭଞ୍ଜୀୟ ଚଉପଦୀ କଲ୍ଲୋଳିତ ନହେଲେ ବି ଏହାର ରସାଳତା କାଳଜୟୀ । ତେଣୁ ଓଡ଼ିଆ ରୀତି ଯୁଗ ଏବଂ ତା’ର ପରବର୍ତ୍ତୀ କାଳରେ ସେ ଗୁଡ଼ିକ ବହୁ ଆଦୃତ ହୋଇଅଛି ।

ଭାବ ବସ୍ତୁ :

ଶରୀରରେ ପଞ୍ଜର ବା ଅସ୍ଥି ତୁଲ୍ୟ ସାହିତ୍ୟ କୃତିରେ ଭାବବସ୍ତୁର ସ୍ଥାନ । ସୁସଂହତ ଭାବ ବସ୍ତୁ ହିଁ ରଚନାର ଆବେଦନକୁ ସାବଳୀଳ କରାଏ । ଭାବ ବସ୍ତୁର ଶିଥିଳତା ରସର ଧାରାକୁ ଶୀର୍ଣ୍ଣ କରାଏ । ଚଉପଦୀ ଏକ ଚତୁଷ୍ପଦ ବିଶିଷ୍ଟ ସୃଷ୍ଟି ହେତୁ ଅନ୍ୟାନ୍ୟ କୃତି ପରି ଏଥିରେ ସ୍ରଷ୍ଟାର ସ୍ୱଚ୍ଛନ୍ଦ ବିଚରଣ ସମ୍ଭବ ନୁହେଁ ବରଂ ସୀମିତ । ଜୀବନର ବ୍ୟାପକ ଦୃଷ୍ଟିଭଙ୍ଗି ଏଥିରେ ଚିତ୍ରାୟିତ ହେବା ପରିବର୍ତ୍ତେ ଆବେଗର ଖଣ୍ଡିତାଂଶ ଚଉପଦୀରେ ପ୍ରତିଫଳିତ । ତେଣୁ ଚଉପଦୀ ଏକ ବ୍ୟାପକ କାହାଣୀଧର୍ମୀ ସୃଷ୍ଟି ସଦୃଶ ରଚନା ନୁହେଁ ।

Digitized by srujanika@gmail.com

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ଗୁଡ଼ିକ ଚରିତ୍ର ଓ ଘଟଣାର ସମାବେଶରେ ପରିକଳ୍ପିତ ହେବା ସ୍ଥଳେ, ଚଉପଦୀ ଗୁଡ଼ିକ ସେଭଳି କାହାଣୀ ଭିତ୍ତିକ ନୁହେଁ । ସମଗ୍ର ଭଞ୍ଜୀୟ ଚଉପଦୀ (ବୈଷ୍ଣବୀୟ, ଶାସ୍ତ୍ରୀୟ ଓ ମାନବୀୟ) ନାୟକ ନାୟିକାଙ୍କ ପ୍ରେମଭାବ ସମ୍ପୃକ୍ତ । ବୈଷ୍ଣବୀୟ ଚଉପଦୀ ଗୁଡ଼ିକରେ ପୂର୍ବରାଗ, ରୂପାନୁରାଗ, ମିଳନ ଉତ୍କଣ୍ଠା, ଅନୁନୟ, ଅଭିସାର, ସମ୍ଭୋଗ, ଆକ୍ଷେପୋକ୍ତି, ପ୍ରତ୍ୟାଖ୍ୟାନ, ମାନ, ବିଚ୍ଛେଦ, ଅନୁଚିନ୍ତା, ପ୍ରେମ ବୈଚିତ୍ର୍ୟ, ଦୌତ୍ୟ, ସନ୍ତାପ ଓ ବାସକସଜ୍ଜା, ଖଣ୍ଡିତା କଳହାନ୍ତରିତା, ନାୟିକାର ଅବସ୍ଥା ଏବଂ ବିରହଶୀର୍ଣ୍ଣତା ବର୍ଣ୍ଣନା କରାଯାଇଛି । ଭାବ ବସ୍ତୁର ବହୁମୁଖୀନତା ବୈଷ୍ଣବ ଲୀଳାତ୍ମକ ଚଉପଦୀରେ ପରିଲକ୍ଷିତ ନ ହେଲେ ମଧ୍ୟ ସେଗୁଡ଼ିକର ଆବେଦନ ପ୍ରଭାବଶାଳୀ । ଏତଦ୍ ବ୍ୟତୀତ ରାମଭକ୍ତ ଉପେନ୍ଦ୍ରଙ୍କ ସୃଷ୍ଟିରେ କୃଷ୍ଣ ଚେତନାର ସାକ୍ଷର ରୂପେ ଏ ସ୍ତରରେ କେତୋଟି ଚଉପଦୀ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ ।

ଚଉପଦୀ ପରି ଏକ ସାହିତ୍ୟିକ ଆଙ୍ଗିକକୁ ଉପେନ୍ଦ୍ର ଅଭିନବ ଉଦ୍ଦେଶ୍ୟରେ ବ୍ୟବହାର କରିଛନ୍ତି । ଅଳଙ୍କାର ଶାସ୍ତ୍ରର ବିଭିନ୍ନ ଲକ୍ଷଣ, କାମଶାସ୍ତ୍ର ଉଲ୍ଲେଖିତ ସ୍ୱାଧୀନ ଭର୍ତ୍ତୃକା, ବାସକସଜ୍ଜା, ବିପ୍ରଲବ୍ଧା, ପ୍ରୋଷିତଭର୍ତ୍ତୃକା, କଳହାନ୍ତରିତା, ଅଭିସାରିକା, ଖଣ୍ଡିତା ଇତ୍ୟାଦି ନାୟିକାର ପ୍ରକାରଭେଦ, ନବାନୁରାଗ, ବିଚ୍ଛେଦ, ପଶ୍ଚାତ୍ତାପ, ଦୌତ୍ୟ, ପ୍ରାପ୍ତି ଇଚ୍ଛା, ବିନୟ, ଅନୁଚିନ୍ତା, ଗାଢ଼ରତି, ବିପରୀତ, ରତି-ଚିନ୍ତା, ମୁଗ୍ଧାରତିସ୍ତୁତି, ମଧ୍ୟାରତିସ୍ତୁତି, ପ୍ରଗଲଭ ରତିସ୍ତୁତି, ପ୍ରୌଢ଼ ଉଲଟା, ପାରୁଢ଼ ମୁଗ୍ଧା ଇତ୍ୟାଦି ନାୟିକାର ରତିଚିନ୍ତା, ମାଳ, କୁସୁମ୍ଭ, ମଣ୍ଡିଷ୍ଠା, ଯୁଗ୍ମ, ଅଭିସାର, ଅତିଶୟ, ପ୍ରୌଢ଼ରୂଢ଼ା, ସାବଧାନ, ରତିଶ୍ରାନ୍ତା ଇତ୍ୟାଦି ଅନୁରାଗ ଲକ୍ଷଣ ଏବଂ ସମ୍ପୂର୍ଣ୍ଣ, ବଳିତ, ଜିହ୍ୱାଭ୍ରମଣ, ପୀଡ଼ିତ, ସ୍ଫୁରିତ, ବଙ୍କ, ଓଷ୍ଠପାନ, ଉନ୍ନମିତ, ଉଦ୍‌ଘୃଷ୍ଟକ, ଓଷ୍ଠ ସମୁଦ୍‌ଗକ ଇତ୍ୟାଦି ଚୁମ୍ବନ ଲକ୍ଷଣକୁ ଭାବବସ୍ତୁ ରୂପେ ଗ୍ରହଣ କରି ଉପେନ୍ଦ୍ର ଆଲଙ୍କାରିକ ଚଉପଦୀ ରଚନା କରିଛନ୍ତି । ଏ ଧରଣର ଚଉପଦୀ ଗୁଡ଼ିକ ପ୍ରେମ ଭାବର ଆବରଣ ଦ୍ୱାରା ପ୍ରୀତିପଦ ହୋଇଅଛି ।

ମାନବୀୟ ପ୍ରେମମୂଳକ ଚଉପଦୀ ଗୁଡ଼ିକ ବିରହ କାରୁଣ୍ୟ ପ୍ରଶଂସା, ପ୍ରାପ୍ତି ଇଚ୍ଛା, ଅନୁଚିନ୍ତା, ପଶ୍ଚାତ୍ତାପ ଅନୁନୟ, ବିଚ୍ଛେଦ, ପ୍ରବାସ ଚିନ୍ତା, ସ୍ୱପ୍ନ ବିଚ୍ଛେଦ, ଚଟାଉ ପାଇଁ ଅନୁନୟ, ଆଲାପ, ବର୍ଷା ଓ ବସନ୍ତରେ ସ୍ମୃତିଚାରଣ ଇତ୍ୟାଦି ଭାବଧାରାରେ ପରିକଳ୍ପିତ ହୋଇଅଛି । ଅଧିକାଂଶ ଚଉପଦୀରେ ଭାବ ବସ୍ତୁର ଚର୍ବିତ ଚର୍ବଣ ହେଲେ ବି ପ୍ରକାଶ ଭଙ୍ଗୀର ବୈଚିତ୍ର୍ୟ ସେଗୁଡ଼ିକ ରସାଣିତ କରିଅଛି । ଶବ୍ଦ ସଂସ୍ଥାପନ ଓ ଅଳଂକାର ସଂଯୋଜନା କୌଶଳରେ

Digitized by srujanika@gmail.com

ଚଉପଦୀର ଭାବବସ୍ତୁ ରସୋତ୍ତୀର୍ଣ୍ଣ ହୋଇଛି । ତେଣୁ ଭଞ୍ଜୀୟ ଚଉପଦୀ ପାଠକ ଚିତ୍ତରେ ସ୍ଥାୟୀ ମୁଦ୍ରା ଅଙ୍କନ କରିବା ସଙ୍ଗେ ପରବର୍ତ୍ତୀ କବିମାନଙ୍କୁ ପ୍ରଭାବିତ କରିଅଛି ।

କୁଶୀଳବ :

ଭଞ୍ଜ ସାହିତ୍ୟ ନାୟିକା ପ୍ରଧାନ । ଉପେନ୍ଦ୍ରଙ୍କ ସୃଷ୍ଟି ଗୁଡ଼ିକର ନାମକରଣ ଠାରୁ ଆରମ୍ଭ କରି ଭାବବସ୍ତୁ ସମ୍ପ୍ରସାରଣ, ବର୍ଣ୍ଣନ ଓ ଚରିତ୍ର ଚିତ୍ରଣରେ ନାରୀ ହିଁ ହୋଇଛନ୍ତି କେନ୍ଦ୍ରବିନ୍ଦୁ । ତତ୍କାଳୀନ ଦରବାରୀ ସମାଜରେ ଦେହଭୋଗର ବାସନା ଚରିତାର୍ଥ ସକାଶେ ଓ ବୈଚିତ୍ର୍ୟମୟ ପରକୀୟା ପ୍ରେମରେ ଯୌନ ତୃପ୍ତିର ଅବଲମ୍ବନ ଭାବେ ନାରୀକୁ ଗ୍ରହଣ କରାଯାଇଥିଲା । ସମାଜ ଓ ସଂସ୍କୃତି ଏହି ଅବକ୍ଷୟମାଣ ପ୍ରବୃତ୍ତିରେ କ୍ରମଶଃ କଳଙ୍କିତ ହେବାକୁ ଲାଗିଲା । ଏହାର ସଂସ୍କାରକ ଭାବେ ଉପେନ୍ଦ୍ର ଭଞ୍ଜ ସ୍ୱକୀୟା ପ୍ରେମରେ ନାରୀ ଚରିତ୍ରକୁ ମହନୀୟ କରିବା ସକାଶେ ଲେଖନୀ ଚାଳନା କଲେ । ଭଞ୍ଜଙ୍କ ଦୃଷ୍ଟିରେ ନାରୀ ଅତୁଳା । ଭୋଗ ଦ୍ରବ୍ୟ ରୂପେ ସେ କେବଳ ପରିଗଣିତା ନୁହେଁ ।

"ହୀରା ନୀଳା ମାଣିକ୍ୟ ବିଦ୍ରୁମର
ମୂଲ୍ୟ ଅଛି ମୂଲ୍ୟ ନାହିଁ ତ୍ରିୟା ରତନର ଯେ ।" (୧)

ତେଣୁ ଉପେନ୍ଦ୍ର ସାହିତ୍ୟରେ ନାରୀର ବ୍ୟାପକ ପରିଚର୍ଚ୍ଚା ପରିଦୃଷ୍ଟ ହୁଏ । କିନ୍ତୁ ଅସୂୟା ପରବଶରେ କେହି କେହି ଉପେନ୍ଦ୍ରଙ୍କୁ ନାରୀ...."ର କବି କହି ତାଙ୍କୁ ସ୍ତୈଣ ରୂପେ ସମାଲୋଚନା କରିଛନ୍ତି । ବାସ୍ତବରେ ଏହାକୁ ହିଁ ଏକଦେଶଦର୍ଶୀ ସିଦ୍ଧାନ୍ତ କୁହାଯାଏ ।

ନାରୀର ବିବିଧ ରୂପ ଚିତ୍ରଣରେ ଉପେନ୍ଦ୍ରଙ୍କ କାବ୍ୟାବଳୀ ସ୍ଫୀତ ହୋଇଥିବା ବେଳେ କେବଳ ପ୍ରିୟାର ଚରିତ୍ର ଚିତ୍ରଣରେ ତାଙ୍କର ଚଉପଦୀ ସମୃଦ୍ଧ । ଚଉପଦୀ ଏକ ମୁହୂର୍ତ୍ତିରେ କ୍ଷୀଣ ପରିପ୍ରକାଶ ହେତୁ ଏଥିରେ ନବ ପରିଣୀତା, କୌତୂହଳ ବୟସୀ ନାୟିକାର କାମଚର୍ଯ୍ୟା ହିଁ ବିଶେଷ କରି ବର୍ଣ୍ଣିତ ହୋଇଅଛି । ବାସ୍ତବରେ ଚଉପଦୀ ନାୟିକାର ଆବେଗ, ଅନୁଭବ ଓ ଉପଭୋଗରେ ଭଞ୍ଜୀୟକୃତ ଅତ୍ୟନ୍ତ ହୃଦ୍ୟ ହୋଇ ପାରିଛି ।

---

୧ । ଲାବଣ୍ୟବତୀ: ଉପେନ୍ଦ୍ର ଭଞ୍ଜ; ୧୮ ଛାନ୍ଦ, ୨୭ ପଦ

Digitized by srujanika@gmail.com

"ରମଣୀ ରତନ ମେଘକୁ ଚୃନ୍ଧି କନ୍ଦରରେ ମେଘ କାନ୍ତକୁ ଯାଇ
ଏତେ ଦ୍ରବ କମ୍ପା ବିଳମ୍ବ କଲେ କାଲି ପରିକା କଣ୍ଠ କରିଥିଲେ
କରି ମୋତେ ପର, କି ବନ୍ଧୁରୁ ଥିବେ ଧନୁ ଅନନ୍ତ । (୧)

× × ×

କାମ ବଶ କଲ କେଉଁ ଚତୁର ଏବେ ରମଣୀ ରଖିଲ ମନ ହରି
କେଉଁ ବିଧି ଫଳ ଭୁଞ୍ଜନ୍ତି ବସି ନିଦ୍ରରୁ ପଡ଼ଣ ଯାଉନ୍ତି ଖସି
କେଉଁ ଉପାୟରେ କାନ୍ତକୁ ଭେଟିବି ନେତ୍ର ପଥରେ ।"

ଆକାଶରେ ନବଘନକୁ ଦେଖି ଚଉପଦୀ ନାୟିକାର ବିରହ ବେଦନା ବହୁଗୁଣିତ ହୋଇଯାଉଛି । ଉତ୍କଣ୍ଠା ଓ ଶଙ୍କାଭାବ ପରେ ନାୟକର ସାକ୍ଷାତ ଦର୍ଶନ ସକାଶେ ନାୟିକାର କାରୁଣ୍ୟକୁ ଚଉପଦୀକାର ଉପେନ୍ଦ୍ର ହୃଦୟ କାତର ଶବ୍ଦାବଳୀରେ ଉପସ୍ଥାପନା କରିଛନ୍ତି । ପୁଣି ନାୟିକାର ମନସ୍ତତ୍ତ୍ୱକୁ ତଦ୍ବଦ୍ ଭାବେ ଉପେନ୍ଦ୍ର ଚିତ୍ରଣ କରିବାରେ ସଫଳ ହୋଇଛନ୍ତି । ଉପେନ୍ଦ୍ରଙ୍କ ଚଉପଦୀ ନାୟିକା ଅପାରନ୍ତ ଯୌବନା, ରତିକ୍ରୀଡ଼ା ନିପୁଣା, ସନ୍ତୋଗ ପ୍ରିୟା ଯାହାକୁ ଶାସ୍ତ୍ରକାରମାନେ ସ୍ୱକୀୟାର ପ୍ରଗଲ୍‌ଭ ଶ୍ରେଣୀଭୁକ୍ତ କରିଥାନ୍ତି । ତେଣୁ ନାୟକର ଅନୁପସ୍ଥିତିରେ ସେ ଉଚ୍ଛୃଙ୍ଖଳା ପଥଭ୍ରଷ୍ଟା ହୋଇନାହିଁ । ବରଂ ବିରହର ଜ୍ୱଳନରେ ସନ୍ତାପିତ ହୋଇ ପ୍ରତ୍ୟେକ ମୁହୂର୍ତ୍ତରେ ସେ କାନ୍ତ ସ୍ମୃତିରେ ସମସ୍ତ ଅତିବାହିତ କରିଛି । ମାନ ଅଭିମାନ ଓ ବିରହ ମିଳନରେ ତା'ର ପ୍ରେମ ରସାଣିତ ହୋଇପାରିଛି ।

ଚଉପଦୀ ନାୟିକାକୁ ଉପେନ୍ଦ୍ର ରାମା, ରସାଳସା, ରୁରୁହୃଶା, ରାଜୀବଲୋଚନୀ, ରସିକା, ନବୀନା, ରାମାମାଣିକ, ରସବତୀ, ରସଦା, ବିବେକୀ ସୁନ୍ଦରୀ, ସୁଖ ସୃଷ୍ଟି ନାୟିକା, ପ୍ରିୟା, ପ୍ରେୟସୀ, ପ୍ରମଦା, ପ୍ରାଣମିତ, ସୁକେଶୀ, ଚତୁରୀ ଚନ୍ଦ୍ରବଦନା, ଚମ୍ପାଗୋରୀ, ଚମରୁ ନୟନୀ, କୃସୁକେଶୀ, କୁନ୍ଦରଦନା, କୁଞ୍ଜର ଗମନୀ, କୁନ୍ଦଦନ୍ତୀ, କୃପାବାରିଧି, ଇନ୍ଦ୍ରିମୋହିନୀ, କାଞ୍ଚନାଙ୍ଗୀ, ଅବଳା, ଆନନ୍ଦଦାୟିନୀ, ଉତ୍ତମା, ହେମାଙ୍ଗୀ, ରୁଚିରା, ପ୍ରାଣସଙ୍ଗୀ, ହେମଦେହା, ଲୁପତ ମଧ୍ୟମା, କେଳି ପ୍ରବୀଣା, ଲାବଣ୍ୟନିଧି, ପ୍ରେମନିଧି, ଅଙ୍ଗନାମଣି, ହେମବରନା, ଧୈର୍ଯ୍ୟମଣ୍ଡନା, ଛଇଳାରମଣୀ, ଯୁବତୀରତନ, କେଳି କଉତୁକୀ, ଅତୁଳ ବରନା, ଷୋଡ଼ଶୀ, ନବସପତ ବୟସୀ, ନବ ନାଗରୀବର, ଶ୍ରୀମନ୍ତ, ଠଣ ସୁନ୍ଦରୀ, ମନ-ମୋହିନୀ, ଜୀବନଧନୀ, ଧୀର, ନାରୀବର, ଜୀବଜୀବନ, ପ୍ରୌଢ଼ ଲାଳସୀ, ମାନିନୀ, ପ୍ରାଣ-ସଜନୀ, କୃଶୋଦରୀ, କନକଗୋରୀ, କଳାବତୀ, କେଳିଦାୟୀ, ଖେଳମୋହିନୀ, ଗୋରୀ,

Digitized by srujanika@gmail.com

ଷିନିମଣ୍ଡନା, ଢେଉଁଳାପିଉଳା, ଅବନୀଶିଙ୍ଗ, ଚାଳାମଣି, ସୁଖଦାମୀ ଇତ୍ୟାଦି ନାମରେ ସମ୍ବୋଧନ କରି ଚଉପଦୀ ରଚନା କରିଛନ୍ତି । ଅର୍ଥାତ୍ ଭଞ୍ଜୀୟ ଚଉପଦୀ ନାୟିକା କାମଶାସ୍ତ୍ରର ପଦ୍ମିନୀ ଜାତୀୟା ନାରୀ, ରୂପସୀ ଅପୂର୍ବ ଲାବଣ୍ୟମୟୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ସେ ସୌନ୍ଦର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ । ତେଣୁ ଭଞ୍ଜୀୟ ଲେଖନୀ ଚଉପଦୀ ନାୟିକାର ରୂପ ପ୍ରଶଂସାରେ ନିରନ୍ତର । ଚିତ୍ରକାବ୍ୟାଦର୍ଶରେ ଗୋଟିଏ ନିର୍ଦ୍ଦିଷ୍ଟ ରଚନାରେ ଚଉପଦୀ ନାୟିକାର ସମ୍ପୂର୍ଣ୍ଣ ଅଂଗ ଲାବଣ୍ୟର ବର୍ଣ୍ଣନା ନଥିଲେ ମଧ୍ୟ ଉପେନ୍ଦ୍ରଙ୍କ ସମସ୍ତ ଚଉପଦୀରେ ଗୋଟିଏ ନାୟିକାର ବର୍ଣ୍ଣନା କଲାପରି ହୃଦବୋଧ ହୁଏ । ନାୟିକାର କେଶ, କପାଳ, ମୁଖ, ନେତ୍ର, ନାସା, ଭ୍ରୂଲତା, କଟାକ୍ଷ, କର୍ଣ୍ଣ, ଓଷ୍ଠ, ଅଧର, ହାସ, ଚିବୁକ, କଣ୍ଠ, ବକ୍ଷୋଜ, ଅଙ୍ଗୁଳି, ପାଦ, ନଖ, ଇତ୍ୟାଦି ଅଙ୍ଗ ବିଶେଷକୁ ଉପେନ୍ଦ୍ର ଉପମା ବ୍ୟତିରେକ, ଉତ୍ପ୍ରେକ୍ଷା, ବିରୋଧାଭାସ, ଅଳଙ୍କାର ମାଧ୍ୟମରେ ପ୍ରକାଶ କରିଛନ୍ତି । ଉପେନ୍ଦ୍ରଙ୍କ ଚଉପଦୀ ସମୂହରେ ନାୟିକାର ମୁଖ, ନେତ୍ର, ସ୍ତନ, ଓଷ୍ଠ ଓ ଗତିକୁ ବହୁବାର ବିଭିନ୍ନ ଅଳଙ୍କାରରେ ବର୍ଣ୍ଣନା କରାଯାଇଛି । ମୁଖର ତୁଳନା ପାଇଁ ଚନ୍ଦ୍ର ଓ ପଦ୍ମର ଉପମାକୁ ସେ ବ୍ୟବହାର କରିଛନ୍ତି । ରଜନୀକର ମୁଖ, ବିଧୁମୁଖୀ, ଚନ୍ଦ୍ରବଦନା, ଚନ୍ଦ୍ରମୁଖୀ, ଶ୍ରୀମୁଖଶଶୀ, ଚନ୍ଦ୍ରବଦନୀ, ଚନ୍ଦ୍ରମାମୁହାଁ, ପୂର୍ଣ୍ଣ ସୁଧାକରମୁହାଁ, ଶଶାଙ୍କ ବଦନୀ, ଶରଦ ଚନ୍ଦ୍ରମୁଖ, କଳାକରବଦନ, ହିମକରମୁଖୀ, ଅମ୍ବୁଜଲପନ, ଅମ୍ବୁଜମୁଖୀ, ଫୁଲପଦ୍ମମୁଖୀ, ଜଳଜମୁଖ, କମଳଜିତ ମୁହାଁ, ସରସିଜ ମୁଖୀ, ପଦ୍ମ ମୁଖ, ନୀରରୁହ ମୁଖୀ, ଇତ୍ୟାଦି ଉପମାରେ ଉପେନ୍ଦ୍ର ଚଉପଦୀ ନାୟିକାର ମୁଖର ସୌନ୍ଦର୍ଯ୍ୟକୁ ପ୍ରକାଶ କରିଛନ୍ତି । ନାୟିକାର ନେତ୍ର ପ୍ରସଙ୍ଗରେ ରାଜୀବଲୋଚନୀ, ସରୋଜନୟନ, ସତରଙ୍ଗ ନୟନ, ପଙ୍କଜନେତ୍ର, ପଦ୍ମନେତ୍ର, ନେତ୍ର ଇନ୍ଦୀବର, ନେତ୍ର ବାରିରୁହ, କୁରଙ୍ଗନୟନା, କୁରଙ୍ଗଲୋଚନା, ବାରିଜନେତ୍ରୀ, ଇନ୍ଦୀବର, କୁଟିଳାକ୍ଷୀ, ଅମ୍ବୁଜାକ୍ଷୀ, ଉତ୍ପଳ ନୟନୀ, ରାଜୀବାକ୍ଷୀ. ଶତପତ୍ର ନେତ୍ରା, ଏଣୀଦୃଶୀ, କୁରଙ୍ଗି ନୟନା, ଚମରୁ ନୟନା, ଚ୍ବରୁ-ନେତ୍ରା, ତରଳ ନୟନା, ଛଟକାକ୍ଷୀ ଇତ୍ୟାଦି ଶବ୍ଦ ପ୍ରୟୋଗ କରାଯାଇଛି । ମୁଖ ଓ ନେତ୍ର ବ୍ୟତୀତ ଉପେନ୍ଦ୍ରଙ୍କ ଚଉପଦୀରେ ନାୟିକାର ସ୍ତନ ବର୍ଣ୍ଣନା ମଧ୍ୟ ବହୁଳ ପରିଦୃଷ୍ଟ ହୁଏ । ଏହାକୁ କୁଚଶମ୍ଭୁ, ପୟୋଧର, ପଦ୍ମକୋରକ ସ୍ତନ, ଧରସ୍ତନା, ମନ୍ଦରସ୍ତନା, କନକଗିରି ଉରଜା, ଐରାବତପରି ସ୍ତନ, କୁମ୍ଭସ୍ତନା, ଘଣ୍ଟସ୍ତନୀ, ଠୂଲ-ସ୍ତନା, ତୁଙ୍ଗ ଉରଜା, ପୀବରସ୍ତନା, ଶ୍ରୀଫଳ ସ୍ତନ ଏପରି ଢଙ୍ଗରେ ନିଃସଙ୍କୋଚ ଭାବେ ଉପେନ୍ଦ୍ର ଉଲ୍ଲେଖ କରିଛନ୍ତି ।

ଚଉପଦୀରେ ନାୟିକାର ଓଷ୍ଠାଧରକୁ ରଙ୍ଗୋଷ୍ଠ, ଗୋଳଓଷ୍ଠ, ପକ୍ୱବିମ୍ବ ଅଧର, ଓଷ୍ଠବିମ୍ବ, କରୁବନ୍ଦ ଅଧର, ବନ୍ଧୂକ ଅଧର, ଅରୁଣୋଷ୍ଠୀ, ଜବାଧର, ଅମ୍ବୁଜ

Digitized by srujanika@gmail.com

ଅପର ଭାବେ କେଶକୁ କୁଟିଳକେଶ, ଲୁଳିତକେଶ, ଅମୂଲ୍ୟବେଣୀ, ଘନକେଶୀ, ନୀରଦକେଶୀ, ବେଣୀଭୁଜଙ୍ଗୀ ଇତ୍ୟାଦି ଦାନ୍ତକୁ କୁନ୍ଦଦନ୍ତୀ, କୁନ୍ଦରଦନା, ମୁକୁତା-ଦନ୍ତୀ, ଡାଳିମ୍ବ ଦଶନା, ସୁଦନ୍ତୀ, ମୁକ୍ତାଦଶନା ଇତ୍ୟାଦି ,ହାସକୁ ଈଷତ ମୃଦୁହାସ, ଚତୁର୍ଥୀଶଶୀ ଅର୍ଦ୍ଧହାସ୍ୟା, କାଶୀହାସ, ନିଶାକର ହାସୀ, ଶଶୀହାସୀ ଇତ୍ୟାଦି ପ୍ରତ୍ୟେକ ଉପମାରେ ବର୍ଣ୍ଣନା କରାଯାଇଛି । କାବ୍ୟ ନାୟିକା ପରି ଚଉପଦୀରେ ନାୟିକାର ତ୍ରୁନାଣୀ, କର୍ଣ୍ଣ, ଭ୍ରୂଲତା, ନାସା, ଗଣ୍ଡ, କଟି, ପାଦ, ନଖ ଇତ୍ୟାଦି ଅଙ୍ଗ ପ୍ରତ୍ୟଙ୍ଗ ମଞ୍ଜୁଳ ଚିତ୍ରିତ ହୋଇଛି । ସଂକ୍ଷେପରେ କୁହାଯାଇ ପାରେ ଉପେନ୍ଦ୍ର-ଙ୍କର ଚଉପଦୀ ନାୟିକା ସୁଶ୍ରୀ ଏବଂ ସର୍ବାଙ୍ଗ ସୁନ୍ଦରୀ । ସେ ପ୍ରସାଧନ ଅଳଙ୍କାର ଅନୁ-ରକ୍ତା । ପ୍ରସାଧନର ଷୋଡ଼ଶ ଉପଚାର ପ୍ରଲେପ, ବସ୍ତ୍ର, ତିଳକ, ଅଞ୍ଜନ, କର୍ଣ୍ଣମୋତି, ନାସାମୋତି, କଣ୍ଠାଭରଣ, ବେଣୀ, ପୁଷ୍ପ, ସିନ୍ଦୂର, ଚନ୍ଦନ, ଅଙ୍ଗୁରୀୟ, ତାମ୍ବୂଳ, କଟିବନ୍ଧ, କଙ୍କଣ ଓ ନୂପୁର ଅଙ୍ଗରାଗରେ ବେଶ ହୋଇ ନାୟକର ଶୃଙ୍ଗାର ଚେତନାକୁ ସେ ବହୁ ଗୁଣିତ କରିଅଛି । ତାଟଙ୍କ, ନୋଥ, ଗୁଣା, ଝୁମ୍ପିଆ, ଝଲିକା, ହାର, ବାହୁଟି, କଟୀବନ୍ଧ, ପାହୁଡ଼ ଇତ୍ୟାଦି ଉତ୍କଳୀୟ ଅଳଙ୍କାରରେ ସେ ବିଭୂ-ଷିତା ହୋଇଛି । ତେଣୁ ଉପେନ୍ଦ୍ରଙ୍କ ଚଉପଦୀ ନାୟିକା ରୀତି ଯୁଗୀୟ କାବ୍ୟ-ନାୟିକା ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମସୁଧାନିଧି ଇତ୍ୟାଦି ଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ ।

ଭଞ୍ଜୀୟ ଲେଖନୀ ନାୟିକା ବର୍ଣ୍ଣନାରେ ଯେତେ ମୁଖର ଅଧିକାଂଶ ସ୍ଥଳରେ ନାୟକ ସମ୍ପର୍କରେ ସେତିକି ନୀରବ । ରୂପସୀ କାବ୍ୟ ନାୟିକା ପ୍ରକାଶେ ନାୟକ ଅନ୍ୱେଷଣ କଲାବେଳେ ଉପେନ୍ଦ୍ର ପ୍ରସଙ୍ଗାନୁସାରେ ଏହି ଚରିତ୍ରକୁ କେବଳ ବର୍ଣ୍ଣନା କରିଛନ୍ତି । ପୁଣି ଚଉପଦୀରେ ଏହାକୁ ବିଶେଷ ଉପେକ୍ଷା କରାଯାଇଛି । ସମଗ୍ର ଭଞ୍ଜ ସାହିତ୍ୟ ଧୀରୋଦାତ୍ତ ଓ ଅନୁକୂଳ ନାୟକର ଚରିତ୍ର ଚିତ୍ରଣରେ ପୁଷ୍କଳ ହୋଇଥିବା ବେଳେ ଚଉପଦୀ ମୁଖ୍ୟତଃ ଅନୁକୂଳ ନାୟକକୁ କେନ୍ଦ୍ର କରି ପରିକଳ୍ପିତ ।

ଉପେନ୍ଦ୍ରଙ୍କ ଲୌକିକ ପ୍ରଣୟ ପ୍ରଧାନ ଚଉପଦୀରେ ଅନୁକୂଳ ନାୟକର ବୈବାହିକ ଜୀବନ ଓ ମାନସିକ ଅବସ୍ଥାକୁ ବର୍ଣ୍ଣନା କରାଯାଇଛି । ରାଜାଜ୍ଞାରୁ ଅଣାୟତ୍ତ ହୋଇ ଚଉପଦୀ ନାୟକ ପ୍ରବାସ କରିଅଛି । ସେଠାରେ ଋତୁ ଭେଦରେ ବିୟୋଗୀ ନାୟକ ନାୟିକାର ଗୁଣ ଗୁଣି ହୋଇ ଅନ୍ତର୍ଦାହରେ ସନ୍ତୁଳିତ ହୋଇଛି ଏବଂ ନିରୂପାୟ ହୋଇ ଚିଠାଉ ଲେଖିଛି ।

"କନକକଣ୍ଡୂକୁ ମୋ ଚିଉ ଥାଉ
ଖଞ୍ଜନ ନେତ୍ରୀ ଛାମୁକୁ ଚିଠାଉ

Digitized by srujanika@gmail.com

ଗୋପ୍ପ ତୋ ଶ୍ରୀମୁଖ ଦେଖିଲ ଦନୁ
ଶନ୍ତବ ପାଶୋର ନ ଯାଏ ମନୁ
କଟ୍ଟେ ଏହ୍ଵ ଧ୍ୟାନ, ଚନ୍ଦ୍ରମାବଦନୀ ନ କର ଭିନ୍ନ ।''

ବାତ୍ରଚରେ ନାୟକର ଆବେଗ, ଅନୁଭବ, ଅନୁତାପ ଏବଂ ଶୃଙ୍ଗାର-କଡାର ଚନ୍ଦ୍ରକଳନା, ମାନମୋକ୍ଷଣ, ଚୁମ୍ବନ, ଦ୍ୟୁତ ଓ ସମ୍ଭୋଗ ଦକ୍ଷତାକୁ ଚଉପଦୀର ଅନୁଚନ୍ତା ପରିପ୍ରେକ୍ଷୀରୁ କଳ୍ପନା କରିହୁଏ । ଚଉପଦୀ ନାୟକ ତା' ନାୟିକାକୁ ପ୍ରଭୁ ପଦରେ ଅଧିଷ୍ଠିତ କରି ତା'ର ସେବା କରିଛି । ପାଦରେ ଲାକ୍ଷା ଲେଖିଛି । କସ୍ତୁରୀ ଓ ଚନ୍ଦନ ଦ୍ୱାରା ଗଣ୍ଡ ଓ ସ୍ତନରେ ଚିତ୍ର ଅଙ୍କିଛି ଓ କେଶ ମାର୍ଜନା କରି ବେଣୀ ବାନ୍ଧି ଦେଇଛି । ଏଥିରେ ନାୟକର ପ୍ରେମ ଭକ୍ତି ପରିବର୍ତ୍ତେ ଗାଢ଼ ଅନୁରାଗ ପ୍ରକଟିତ ହୋଇଅଛି । ସେ ବିଦେଶରେ କାମ ପୀଡ଼ାରେ ଦଗ୍ଧୀଭୂତ ହୋଇଛି ସତ, ପର ନାରୀ ପ୍ରେମ ପ୍ରତି ଅନ୍ୟେଁ ଆସକ୍ତ ହୋଇ ନାହିଁ । ତେଣୁ ଭଞ୍ଜୀୟ ଚଉପଦୀରେ ନାୟକ ଚରିତ୍ର ଚିତ୍ରଣରେ ବ୍ୟାପକତା ନଥିଲେ ମଧ୍ୟ ରୁଚିସ୍ଖଳନ ନାହିଁ ।

ସମାଜ ଚେତନା :

ସାମାଜିକ ଅବବୋଧ ସାହିତ୍ୟର ଅନ୍ୟତମ ଲକ୍ଷଣ । ସମାଜର ବିବିଧ ଘଟଣାବଳୀ ସାହିତ୍ୟର ଭାବ ସଞ୍ଚାର କରି ସୌନ୍ଦର୍ଯ୍ୟ ଓ ରସାନୁଭୂତ ସକାଶେ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ସାଧାରଣତଃ ଦୀର୍ଘ କଳେବର ବିଶିଷ୍ଟ କୃତିରେ ସମାଜର ବ୍ୟାପକ ପ୍ରତିଫଳନ ପରିଦୃଷ୍ଟ ହୁଏ । କିନ୍ତୁ, ଚଉପଦୀ ସୃଷ୍ଟି ଆବେଗିକ ପରିପ୍ରକାଶ ହେତୁ ଏଥିରେ ସମାଜ ଚିତ୍ରକୁ ସଂକ୍ଷିପ୍ତାକାରରେ ରୂପାୟିତ କରି ଉପେନ୍ଦ୍ର ଏକ ସାର୍ଥକ ସ୍ରଷ୍ଟାର ପରିଚୟ ଦେଇଛନ୍ତି ।

ମଧ୍ୟଯୁଗରେ ନାରୀ ସମାଜର ରୂପସଚେତନତା ବିଶେଷ ବୃଦ୍ଧି ପାଇଛି । ତେଣୁ ସେ ତା'ର ରୂପକୁ ଅଧିକ ଆକର୍ଷଣୀୟ କରିବା ସକାଶେ ବିଭିନ୍ନ ପ୍ରସାଧନ ଶୈଳୀ ପ୍ରତି ଆକୃଷ୍ଟ ହୋଇଛି । ଉପେନ୍ଦ୍ର ତାଙ୍କର ଚଉପଦୀ ଗୁଡ଼ିକରେ ତତ୍କାଳୀନ ସମାଜର ରୂପ ଚର୍ଚ୍ଚାକୁ ଯତ୍ନ ସହକାରେ ଅଙ୍କନ କରିଛନ୍ତି । ଷୋଡ଼ଶ ଶତାବ୍ଦୀରେ ଉତ୍କଳୀୟ ନାରୀମାନେ କେଶ ଗୁଚ୍ଛକୁ ସୁଗନ୍ଧ ଓ ସୁଶୋଭିତ କରିବା ପାଇଁ ଅଗୁରୁ ଧୂପ ଦ୍ୱାରା ତାହାକୁ ସଂସ୍କାର କରୁଥିଲେ (ଧୂପିତ ସେ ଗନ୍ଧେ ଫିଟିଲ କବରୀ କୁସୁମେ କଲ୍ପ ମଣ୍ଡନରେ— ଚଉପଦୀଭୂଷଣ) ପୁଣି ବିଭିନ୍ନ ଜୁଡ଼ା (ରଚ୍ଛଇ ଜୁଡ଼ା ବିବେକ ପ୍ରଳୟକୁ ଠୁଳ କଲ୍ପ ଘନ ଶ୍ରେଣୀକ—ରସ ପଞ୍ଚକ) ଓ ବେଣୀ ବିନ୍ୟାସ କରିବାରେ ସେମାନଙ୍କର ଦକ୍ଷତା (ଅମୂଲ୍ୟେ କରି ବେଣୀକି, ଅାଣୁ ମଧ୍ୟେ

Digitized by srujanika@gmail.com

ଝଣ୍ଟା କଙ୍କିଣୀକା— ଚନ୍ଦ୍ରପଦୀ ଚନ୍ଦ୍ର) ଥିଲା । ସେତେବେଳେ ସ୍ତ୍ରୀ କୁନ୍ତଳକୁ କପାଳରେ ସଜ୍ଜିତ କରିବା ପାଇଁ ସୁନ୍ଦରୀମାନେ ଆଗ୍ରହୀ ଥିଲେ (ହେଲେ ଶୋଭେ ଅଳକା ପନ୍ତି ଦିଏ ଯୁବା ଧଇର୍ଯ୍ୟ ମଣ୍ଡି) ଓ କଜ୍ଜଳରେ ନେତ୍ର ରଞ୍ଜନ କରି ଲମ୍ବି ଟାଣୁଥିଲେ । ଆଭିଜାତ୍ୟ ସମ୍ପନ୍ନ ରାଜା ଓ ସାମନ୍ତ ପରିବାରରେ ନାରୀମାନେ ଝୀନ ବା ପତଳା ଶାଢ଼ୀ ପିନ୍ଧୁଥିଲେ ଓ ପାଦକୁ ଅଳତାରେ ରଞ୍ଜିତ କରୁଥିଲେ (ପିନ୍ଧନ୍ତି ପଟମା ଶାଢ଼ୀ ଟିକି ଯେ ଥାଇ ସଜାଡ଼ି × × ସିନ୍ଦୁର ଅଳତା ଫୁଲେ ଶୋଭନ କରନ୍ତି ଅଙ୍ଗେ —ରସ ପଞ୍ଚକ) । ସବୁ ଯୁଗରେ ନାରୀମାନେ ଅଳଙ୍କାର ପ୍ରିୟ । ଭର୍ତ୍ତୀୟ ଚନ୍ଦ୍ରପଦୀ ନାୟିକା ଉତ୍କଳୀୟ ଅଳଙ୍କାର ତଥା ଗୁଣା ମାଦୁଳି, ଝିଲିମିଲି ମାଳି, ଝୁଣ୍ଟିଆ, ଝଲକା, କାଞ୍ଚି, ତାଟଙ୍କ, ନାସାମଣି, ହାର, କଙ୍କଣ, କିଙ୍କିଣୀ, ନୂପୁର, ମେଖଳାହାର, ଫୁଲନୋଥ ଇତ୍ୟାଦି ବିଭୂଷିତା ହୋଇଅଛି । ସେହି ଯୁଗରେ ଉପରୋକ୍ତ ଅଳଙ୍କାର ଗୁଡ଼ିକ ନାରୀ ସମାଜରେ ବହୁ ଆଦୃତ ହୋଇଥିଲା ।

ଉପେନ୍ଦ୍ରଙ୍କ ରଚନାରେ ଆମୋଦପ୍ରମୋଦର ବିସ୍ତୃତ ବିବରଣୀ ମିଳେ ନାହିଁ । ଅନ୍ତଃପୁର ମଧ୍ୟରେ ପ୍ରଚଳିତ ପଶା ଖେଳକୁ ଏଥିରେ କେବଳ ସେ ବର୍ଣ୍ଣନା କରିଛନ୍ତି ।

"ଦିନେ କରୁଥିଲି ଯୋର ବରଗା ବୋଇଲି ବାନ୍ଧିବି ଖେଳିବା ପଶା
ପଶା ଖେଳ ମୋତେ ଆସଇ ନାହିଁ ଦାନ ପଡ଼ିଲେ ସାର ଦେବ ବାହି
ସେ ଚତୁର୍ଥ ବାଲୀ ସାର ବାଛି ନେଲା ହଳଦୀ କାଳି ।"

ପ୍ରିୟତମର ସାନ୍ନିଧ୍ୟ ପାଇ ଅନ୍ତଃପୁରର ଯୋଷା ଯେପରି ପଶା ଖେଳରେ ମାତନ୍ତି ସେପରି ବିରହ ମୁହୂର୍ତ୍ତରେ ପ୍ରିୟ ପାଖକୁ ଚିଠି ଲେଖି ତା'ର ଅନ୍ତର୍ଦାହକୁ ପ୍ରକାଶ କରିଛି । ସେଥିରୁ ତତ୍କାଳୀନ ସମାଜରେ ପ୍ରଚଳିତ ନାରୀ ଶିକ୍ଷାର ସୂଚନା ମିଳିଥାଏ । ସେମାନେ ଶାସ୍ତ୍ର ଅଧ୍ୟୟନ କରି ଓ ପରମ୍ପରାରୁ ଆହରଣ କରି ଶକୁନ ବିଚାର ପ୍ରତି ସଚେତନ ଥିଲେ । ତେଣୁ ରାଜାଙ୍କଠାରୁ ଅଣାୟତ୍ତ ହୋଇ ନାୟକ ଯେତେବେଳେ ବିଦେଶ ଗମନ କରୁଥିଲା ସେତେବେଳେ ଶୁଭ ଫଳ ପାଇଁ ସେ ମଙ୍ଗଳ କ୍ରିୟା କରୁଥିଲା । (ସୁମଙ୍ଗଳ କୁମ୍ଭେ ସଖୀ ସହକାର ଶାଖା ଦେଖି ଷଟପଦ ମାଳାଏ ଲେଖି / ସତଣ୍ଡୁଳ କରେ ଯାଇ ସୂଚକ ଶୁଭେ ଦେଖାଇ—ରସ ପଞ୍ଚକ) । ବିଦେଶରୁ ନାୟକର ପ୍ରତ୍ୟାବର୍ତ୍ତନ ବିଳମ୍ବିତ ହେଲେ ସାଧାରଣତଃ ନାୟିକା ଶଙ୍କା ଗ୍ରସ୍ତ ହୁଏ । ସେ ଭାବେ ତା'ର ପ୍ରିୟତମାକୁ କେଉଁ

Digitized by srujanika@gmail.com

କାହା ମନ୍ତ୍ର ଦ୍ୱାରା ବଶୀଭୂତ କରି ରଖିଦେଇଛି କି (ଧନ୍ୟ ଲୋ ଚତୁରୀ ନାରୀ ରଖିଛି ମନ୍ତ୍ରର କରି) ? କାରଣ ତତ୍କାଳୀନ ସମାଜ ତନ୍ତ୍ର ମନ୍ତ୍ର ଓ କୁହୁକରେ ବିଶ୍ୱାସ କରୁଥିଲା ।

ଭଞ୍ଜୀୟ ଚଉପଦୀରେ ଓଷା ବ୍ରତ ଓ ପରମ୍ପରାର ସୂଚନା ମିଳିଥାଏ । ଚଉପଦୀ ନାୟିକା ଓଷା ପାଳନ କରି ଦୁର୍ଗାଙ୍କ ସନ୍ତୋଷରେ ନାୟକକୁ ପାଇବାର ଆଶା କରିଥିବା ବେଳେ (ଓଷା ପାଳି ମୋ ଭେଟକୁ ମୁକ୍ତ ଥିବ ନାଗରୀ —ଚଉପଦୀ ଚନ୍ଦ୍ର) ନାୟକ ନାୟିକା ପ୍ରାପ୍ତି ଆଶାରେ ଗଙ୍ଗାସାଗରରେ ଝାସ ଦେଇ ଶିବ ସେବା କରନ୍ତି (କୋଟି କୋଟି ଜୀବ ସେବା କରୁଥିବ ଯେ ଗଙ୍ଗାରେ ଝାସିବା କହେ ଉପଇନ୍ଦ୍ର କବିକୁଳ ଚନ୍ଦ୍ର ତା' ସଙ୍ଗ ଲଭିବ ସେହୁ) ଏତଦ୍‌ବ୍ୟତୀତ ତତ୍କାଳୀନ ସମାଜରେ ପ୍ରଚଳିତ ମହାଜନୀ କାରବାର (ମୂଳ କଳନ୍ତର ସୁଝିବାକୁ ନାହିଁ ମୋ ଶକ୍ତି କିରେ / ମୁଁ ତାଙ୍କର ବୋଲି ଲେଖି ମା ଦେଇଛୁ ଚରଣେ ମୋର ପତ୍ରରେ), ଗଣେଶ ଚତୁର୍ଥୀରେ ଚନ୍ଦ୍ର ଦର୍ଶନ ନ କରିବା ଋତୁସ୍ରାବ ବେଳେ ରଜଦନ ନାରୀ ପୁରୁଷ ସଂସର୍ଗରେ ନ ଆସିବା ଇତ୍ୟାଦି ବିଧି ବିଧାନ ଓ ଚଳଣିକୁ ଚଉପଦୀ ଗୁଡ଼ିକରେ ପ୍ରସଙ୍ଗାନୁସାରେ ବର୍ଣ୍ଣନା କରାଯାଇଛି ।

ଚଉପଦୀ କ୍ଷୁଦ୍ର ରଚନା ହେଲେ ମଧ୍ୟ ଉପେନ୍ଦ୍ର ସାଙ୍କେତିକ ଭାବେ ସମାଜ ଚିତ୍ରକୁ ଏଥିରେ ଉପସ୍ଥାପନା କରି ଜଣେ କୌଶଳୀ କଳାକାରର ପରିଚୟ ଦେଇ ଯାଇଛନ୍ତି ।

ଉପସଂହାର

ବାସ୍ତବରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ବାଣୀ ସୌଧର ଜଣେ ଅନନ୍ୟ ଶିଳ୍ପୀ । ଅନତିକ୍ରମଣୀୟ ପ୍ରଜ୍ଞା ଓ ଅପ୍ରତିହତ ପାଣ୍ଡିତ୍ୟ ତାଙ୍କର କୃତିକୁ କାନ୍ତିମାନ କରିଛି । ଓଡ଼ିଆ ଚଉପଦୀ ସୂକ୍ଷ୍ମ ଆବେଗର ମୁହୂର୍ତ୍ତିକର ପରିପ୍ରକାଶ । ଏହାକୁ ବିବିଧ ବର୍ଣ୍ଣ ବିଳାସରେ ରୁଚିପ୍ରଦ ଓ ହୃଦୟସ୍ପର୍ଶୀ କରିବା ସକାଶେ ଉପେନ୍ଦ୍ର ଯତ୍ନଶୀଳ । ପୁନଶ୍ଚ ଓଡ଼ିଆ ସାହିତ୍ୟରେ ଚଉପଦୀକୁ ଏକ ସ୍ୱତନ୍ତ୍ର ଆଙ୍ଗିକ ଭାବେ ସ୍ୱୀକୃତି ଦେବାରେ ଉପେନ୍ଦ୍ରଙ୍କ ଉଦ୍ୟମ ପ୍ରଶଂସନୀୟ । ତେଣୁ ଉପେନ୍ଦ୍ରଙ୍କୁ ଓଡ଼ିଆ ଚଉପଦୀ ସାହିତ୍ୟର ପୁରୋଧା ରୂପେ ଗ୍ରହଣ କରାଯାଇଛି ।

ପାରମ୍ପରିକ ରଚନା ପଦ୍ଧତି ବ୍ୟତୀତ ଉପେନ୍ଦ୍ର ଚଉପଦୀରେ ଛନ୍ଦବୃତ୍ତ ଓ ପଦ ସଂଯୋଗ କରି ଶୈଳୀଗତ ବିବର୍ତ୍ତନ ଆଣିଛନ୍ତି । ଚଉତିଶା ନିୟମରେ ଚଉତିଶ-ଚଉପଦୀ ପରିକଳ୍ପନା ତାଙ୍କର ଏକ ଅଭିନବ ସାହିତ୍ୟିକ କୃତି । ଯଦ୍ୱାରା

Digitized by srujanika@gmail.com

ପରବର୍ତ୍ତୀ ଚଉପଦୀକାର ବନମାଳି ଦାସ, କବିସୂର୍ଯ୍ୟ ବଳଦେବ ରଥ ଓ ଗୋପାଳକୃଷ୍ଣ ବିଶେଷ ଭାବେ ପ୍ରଭାବିତ । କେବଳ ସାହିତ୍ୟିକ ମୌଳିକତା ନୁହେଁ ଉପେନ୍ଦ୍ରଙ୍କ ଚଉପଦୀରେ ସାଙ୍ଗୀତିକ ଆବେଦନ ଉଲ୍ଲେଖଯୋଗ୍ୟ । ବିଭିନ୍ନ ଶୁଦ୍ଧ ଓ ମିଶ୍ରରାଗ ସହ ତାଳମାନର ସନ୍ତୁଳିତ ସଂଯୋଜନାରେ ସେଗୁଡ଼ିକ ପ୍ରାଣସ୍ପର୍ଶୀ ଏବଂ ଅତ୍ୟନ୍ତ ପ୍ରଭାବଶାଳୀ । ଚଉପଦୀ ସମ୍ବନ୍ଧରେ ଉପେନ୍ଦ୍ର ତାଙ୍କର କାବ୍ୟ ଅପେକ୍ଷା ଅଧିକ ରାଗ ଓ ତାଳ ପ୍ରୟୋଗ କରି ଜଣେ ପ୍ରବୀଣ ସଙ୍ଗୀତଜ୍ଞର ପରିଚୟ ଦେଇ ଯାଇଛନ୍ତି । ଭାଷାର ଗାମ୍ଭୀର୍ଯ୍ୟ ଓ ଅଳଂକାରର ବହୁଳତାରେ ଭଞ୍ଜୀୟ ଚଉପଦୀ ଭାରାକ୍ରାନ୍ତ ନୁହେଁ । ବରଂ ସୃଷ୍ଟିର ସୌଷ୍ଠବ ନିମନ୍ତେ ଓ ଚଉପଦୀ ନାୟିକାର ପ୍ରଶଂସା କଥନରେ ସେ ଅଳଙ୍କାର ଗୁଡ଼ିକୁ ଉପେନ୍ଦ୍ର ବ୍ୟବହାର କରିଛନ୍ତି । ଏହାଦ୍ୱାରା ଚଉପଦୀର ରସାନୁଭୂତି ତୀବ୍ର ଏବଂ ବ୍ୟାପକ ହୋଇ ପାରୁଛି । ଶୃଙ୍ଗାରିକତା ଭଞ୍ଜୀୟ ଚଉପଦୀର ଉପଜୀବ୍ୟ ହେଲେ ମଧ୍ୟ ଏହାକୁ ଅବକ୍ଷୟ ପ୍ରବୃତ୍ତିର ସୂଚନା ବୋଲି କୁହାଯିବ ନାହିଁ । ବରଂ ଏଥିରେ ତତ୍କାଳୀନ ସମାଜ ଚିତ୍ର ସାର୍ଥକ ଭାବେ ଉପସ୍ଥାପିତ ହୋଇଥିବାରୁ ଚଉପଦୀର ସାହିତ୍ୟିକ ମର୍ଯ୍ୟାଦା ବହୁଗୁଣିତ ହୋଇପାରିଛି । ସଂକ୍ଷେପରେ ଭଞ୍ଜୀୟ ଚଉପଦୀ ରସାଳ ଅଭିବ୍ୟକ୍ତିର ବଳିଷ୍ଠ ନମୁନା । ତେଣୁ ଅଦ୍ୟାବଧି ରସ ପିପାସୁ ଓଡ଼ିଆଙ୍କ ମନ ଓ ପ୍ରାଣରେ 'ଚଉପଦୀରେ ଉପେନ୍ଦ୍ର କହ୍ନେ' ଭଣିତାଟି ଅନୁରଣି

———

Digitized by srujanika@gmail.com

ଅକ୍ଷମାଳା

Digitized by srujanika@gmail.com

ଚଉପଦୀ

ଚଉପଦୀ ଚନ୍ଦ୍ର

1. ରାଗ-କାମୋଦୀ ଝଉତାଳ (ଅନୁଚନ୍ଦ୍ରା)

ଅବଳା ମୋ କେହ୍ନୁ ବନ୍ଧୁବ ବିଦେଶୀ ବସି ଖାଲେ
ଅନୁଭବ କଲି ମନୋଭବ ଦୁଃଖ ଏତେ କାଳେ । (ଘୋଷା)

ଅନ୍ତରଗତେ ରମା ନାମ ମନ୍ତ୍ରର ଜପୁ ଜପୁ
ଅଛୁ କି ଏ ମୋର ଜୀବ ଯାଇ ପାରି ହେଉ ତାପୁ । ୧ ।

ଅଭାଗ୍ୟବନ୍ତ ଯୁବା ଆନ୍ତ ମୋ ସମ ଥିବ କାହିଁ
ଅମ୍ବୁଜ ଲପନ ଦେଖିବା ସ୍ୱପନ ହେଲ ଯହିଁ । ୨ ।

ଅପାର ଶୋକ ସମୁଦ୍ର ନଷ୍ଟେ ବାସିଲିଟି ମୁହିଁ
ଅମୂଲ୍ୟ ଉରଜ କୁମ୍ଭି ଯେଣୁ ଅବଲମ୍ବ ନାହିଁ । ୩ ।

ଅଙ୍ଗନା ବିଛେଦ ଠାରୁ ଶିରଛେଦ ବଡ଼ ନୁହେଁ
ଅତରସେ ଉପଇନ୍ଦ୍ର ଭଞ୍ଜ ବୀରବର କହେ । ୪ ।

2. ରାଗ-ଶଙ୍କରାଭରଣ, ଯ ନ ତ ନ ଉ ଏକତାଳ (ଅନୁଚନ୍ଦ୍ରା)

ଆହା ମୋ ଅଙ୍ଗଜନ୍ମ ସୁଖୀ
ଆଜ ଯାଏ ସ୍ୱପ୍ନେ ଦୁଃଖ ନାହିଁ ଦେଖି (ପଦ)

ଆଣେ ନଖ କ୍ଷତ କଲେ ଯେ ନ ସହୁ
ଆଳକ ହେଲ କି ଦଣ୍ଡ, ଏବେ ସେ କୋମଳପିଣ୍ଡ,
ସହୁବ ଫୁଲକୋଦଣ୍ଡ କାଣ୍ଡ କେହୁ । (୧)

ଆନେ ନ ଶୁଆଇ ତାକୁ ଏକ ଲବ
ଆଉ ମୋ ହୃଦୟୁ ବିନା, କେମନ୍ତେ ଏବେ ନବୀନା,
ନବ ପଲ୍ଲବ ଶୟନେ ନିଦ୍ରାଯିବ । (୨)

Digitized by srujanika@gmail.com

ଆବାଲ୍ୟରୁ ସେବି ଏତେ କୃତ୍ୟ କଲି
ଅଟିରେ ଲକ୍ଷ୍ମୀ ପୂରାଇ, ନରପତେ ଆକୁଳ ହୋଇ,
ହେବ ସେ ମୋ ଗ୍ରାସ ପାଇଁ ମଲି ମଲି । (୩)

ଆହାର ବିହାର କରିବାରୁ ଦୂର
ଆନନ୍ଦ ଦାୟିନିବାଳୀ, ଦେଖିଲି ଚଳିବା ଭଳି,
ଦେହରେ ନଥିବ ପଗ୍ର ଜଳ ତାର । (୪)

ଆର୍ତ୍ତି ଭଞ୍ଜ ବୀରବର କହେ ରସ
ଆସିବ ଅଳପ ଦିନେ, ତୋ କାନ୍ତ ଅଛୁ ଜୀବନେ,
କେ କହିବ ତାଙ୍କୁ ଏ ସନ୍ଦେଶ । (୫)

3. ରାଗ-ଆହାରୀ, ତାଳ-ରୂପକ ; (ପ୍ରଶଂସା)

ଇତର ନେହି ଇନ୍ଦ୍ରମୂର୍ଖା ନୋହି
ଇତସ୍ତତ ହେବ ମୋ ଦୁଃଖ ଶୁଣି ସେହି । ଘୋଷା

ଇନ୍ଦ୍ରପଦ ଯାଚି ଦେବ, କାହିଁକି ଏତେ କହିବ,
ଯେତେବେଳେ ପଚାରିବ ବାଳା ବଳି ଦେଇ । ୧ ।

ଇନ୍ଦୀବର କୁଟିଳାକ୍ଷୀ, ତୋ ପାଦେ ଯେ ଲେଖେ ଲକ୍ଷା,
ମାର ମାରେ ତାଙ୍କୁ ରକ୍ଷା, କର ଏବେ ତୁହି । ୨ ।

ଇଚ୍ଛାଥିଲେ ଡାକିବାକୁ, ପତି ବୋଲି କରି ତାଙ୍କୁ,
ଆଗ କରି ପଣ୍ଡିକାକୁ, ଦିଅ ପଠାଇ । ୩ ।

ଇନ୍ଦୁ ଯାହା ତନୁଦେଶେ, ବୋଲୁଥାଉ ରତିଶେଷେ,
ସେ ଏବେ ନିଶି ଦିବସେ, ଅବନୀରେ ଶୋଇ । ୪ ।

ଇତ୍ୟାଦି ତୋ ସଙ୍ଗତି, ବି ନାହିଁ ଅନ୍ୟ ଗତି,
ନୀଳକଣ୍ଠ ନରପତି, ସୁତ ରସେ କହି । ୫ ।

4. ରାଗ-ବସନ୍ତ, ତାଳ-ପହପଟ (ପ୍ରାପ୍ତି ଇଚ୍ଛା)

ଈଶ୍ୱର କଲେ ପାଇବି ଈପ୍ସିତେ ଦୁଃଖ ଭୁଲିବି
ଈଶ୍ୱରୀ ତାଙ୍କ ଅର୍ଦ୍ଧାଙ୍ଗୀ ହେଲି ପରି ଗୋରୀ ଅଙ୍ଗେ ଜଡ଼ି ରହିବି । (ଘୋଷା)

ଈଦୃଶୀ ନୀଳସ୍ତ୍ରୀ ଶ୍ରୀମୁଖେ ଚିବୁକ ଧରି ସରୁଚାମ୍ଭ ବହିବ
ଈକ୍ଷଣ ତୀକ୍ଷ୍ଣ ବାଣେ ବିନ୍ଧପକା ଦୋଷ କରିଛୁ ମୁଁ ସହିବ । ୧ ।

Digitized by srujanika@gmail.com

ଈଶାନ ପ୍ରତିମା-କୁଚେ ପାଣିପଦ୍ମ ଦେଇ ମୁଁ ଚନ୍ଦ୍ର କି ଲଭିବି
ଈଷ ଯତ୍ନ ନଖେ ତନୁକ୍ଷେତ୍ର ଚଷି ପ୍ରେମ ବୀଜ ତହିଁ ରୋଇବି । ୨ ।

ଈଷ୍ଟ କଥା ମୋର ଏଥିରୁ ଅଛି କି ଅଧରୁ ଅମିୟ ପିଇବି
ଈର୍ଷି ଈର୍ଷି ବାଣୀ ସଞ୍ଜୀବନୀ ମନେ କାମସମ ମୂର୍ଚ୍ଛା ଝାଇବି । ୩ ।

ଈଷତ ହାସ ମୁଖେ ପ୍ରକାଶ କରାଇ ରତ ଉତ୍ସବେ ରସାଇବି
ଈଷ୍ଟ ମୂର୍ତ୍ତେ ସେହି କାମ କରିଥିଲେ ବିବସନ ଶୋଭା ଗୃହିବି । ୪ ।

ଈରଷା ଯାଥିଲା ଦଇବ ମନେ ତ ନଥିଲା ବିଦେଶୀ ହୋଇବି
ଈଦୃଶ ଭାଗ୍ୟ କି ଅଛି ଉପେନ୍ଦ୍ର ବୋଲେ ଆଉ ଭିନ୍ନ ନୋହିବ । ୫ ।

5. ରାଗ-ଅଶାବରୀ, ତାଳ-ସରିମାନ (ପୁରୁଷାୟିତ)

ଉତ୍ତମାରେ, ଉଲ୍ଲାସୀ ଚନ୍ଦ୍ରକୁ ନେଲ ମୋହି
ଉଲଟ ରତିକି ସଖୀ, ମୁକୁରଦନ୍ତାନେ ଦେଖି,
ଦେନେଯେ ପୁରୁଷାୟିତ ବନ୍ଧ । (ଘୋଷା)।

ଉଠେ ବାଜିଲ ରସନା, ଆନ ରସରେ ରସ ନା,
    ଦମ୍ପତ୍ତି ସ୍ୱର୍ଗ ସମ୍ପର୍କି ଏହୁ
ଉଡ଼ିଲା କାମ ଅସଣ-ପତାକା କୁଟିଳକେଶ
    ଫିଟି ଯା ଚରମ ଦେଶେ ରହୁ । ୧ ।

ଉନ୍ନତ ନାସାରେ ଖେଳେ, ମୁକୁତା କିବା କମଳେ,
    ତୁଷାର ବିନ୍ଦୁ ଚଳିତ ଶୋଭି
ଉଜ୍ଜ୍ୱଳ କେତକୀ ଦଳେ, କି ସେ ମୋତି ପନ୍ତି ଫଳେ,
    ତଥା ଝାଳ ଠୋପି ଠୋପି ଦେହୁ । ୨ ।

ଉରଜ ସମ୍ପୁଟ କୁନ୍ଦ-ଚକ୍ରକୁ ମନ୍ଦ ମନ୍ଦ ହାର,
    ନାଚିବାରେ ଶୋଭା ପାଇ
ଉହୁଁ ଉହୁଁ କଲ ଛଳେ, ତାଟଙ୍କ କର୍ଣ୍ଣ ଯୁଗଳେ,
    ଆନ୍ଦୋଳିତ ହେଜି ପାରୁନାହିଁ । ୩ ।

ଉନ୍ମାଦକ ପ୍ରେମମଦ, ବିବେକ ସଙ୍ଗେ ତା ବାଦ,
    ମୁଦ୍ରିତ ନୟନେ ପ୍ରାଣସଖୀ
ଉପଭୁ ପର୍ବତ ଜାତ, ହେଲ ଯେହ୍ନ ଏହୁ ଖ୍ୟାତ,
    ପ୍ରସାଞ୍ଜଳି ବେନିକର ନେଇ । ୪ ।

Digitized by srujanika@gmail.com

ଉତ୍ପାତ କଥା ହେଲ, ସକାଶୁ ବଳସ୍ଥ ବଳା,
ନିଃଶବଦ ହୋଇଥିଲେ ରହି
ଉପେନ୍ଦ୍ର ଭଞ୍ଜ କହେ, ମୂର୍ଚ୍ଛା ବା ଶୋଭା ସେ ନୋହେ,
ଉଣେ ଉନେ ଉଣେ ଦେଲେ ଚାହିଁ । ୫ ।

6. ରାଗ-ମୁଖାରୀ, ଏକତାଳ (ପ୍ରଶଂସା)

ଉର୍ଦ୍ଧ୍ୱ ନେତ୍ରକରେ ସମ କାହିଁଛ ଗୋ
ଉର୍ଦ୍ଧ୍ୱରେଖା ମୋହନୀ ମନ ମୋହୁଛ ଗୋ । (ଘୋଷା)
ଉରୁ ରମ୍ଭା ହରଣେ, ଅଧର ସୁଧା ରସେ,
ଏ ଦେହେ ସ୍ୱର୍ଗ ଭୋଗ ପାଇଛୁ ଗୋ । ୧ ।

ଉଦର ରୂହ ଦୃଶୀ, ରତି ଲୀଳାରେ ରସି,
ମୀନ ମୋକ୍ଷଣେ ମୋକ୍ଷ ହୋଇଛୁ ଗୋ । ୨ ।

ଉର୍କ ହୁଳ ରସରେ, ବିବସନ ବଶରେ,
ଈଶ୍ୱର ସୁଖ ମୋତେ ଦେଇଛୁ ଗୋ । ୩ ।

ଉର୍ଦ୍ଧ୍ୱ କାଙ୍କ୍ଷିତ କର, ଗ୍ରହଣ କରି ତାର,
ରାଜପଦବୀ ଭୋଗ ପାଇଛୁ ଗୋ । ୪ ।

ଉକାର ଧାର୍ଯ୍ୟ ଗୀତ, ଉପେନ୍ଦ୍ର ବିରଚିତ,
କେଉଁ କାମନା ପୂର୍ଣ୍ଣ ନୋହୁଛୁ ଗୋ । ୫ ।

7. ରାଗ-ପରଜ, ଏକତାଳୀ (ଅନୁଚିନ୍ତା)

ରତିମୋହ ହେମ ଅଙ୍ଗୀରେ, ରୁଚିରୁ ମୋ ପ୍ରାଣସଙ୍ଗୀରେ
ରଚଇ ମନକୁ ସେହୁ ଦିନେ ଦିନେ ରଚେ ଭିନ୍ନ ଭିନ୍ନ ଭଙ୍ଗୀରେ । ଘୋଷା)

ରଚନେତ୍ରୀ ଅଛୁ ଲୋଚନେ, ରଣୀ କରେ ଏତୁ ବଚନେ
ରକ୍ଷନ୍ତି କି କରି ପଞ୍ଚକ ସୁନ୍ଦରୀ କେଉଁ ଗାଢ ରଖି ବନ୍ଧନେ । ୧ ।

ରବିର ଚନ୍ଦ୍ରରେ କଣସକୁ, ରଚି କରି ଭଜେ ଲଜକୁ.
ରତୁ ବ୍ୟାଜେ ପାନପିକ ମୁହଁ ଆପେ ବୋଲଇ କି ହେଲା ଆଜକୁ । ୨ ।

ରକ୍ଷ ମଣି ମ୍ଲାନ ଅନାଇ, ରଚକ ଉରଜା ମନାଇ
ରହାଇ ଶିରଚୁଇ ପାଦେ କି ଦୋଷ ବୋଲି କହୁ ପଛେ ଧେନାଇ । ୩ ।

ରତ୍ନ ସେବା ଫଳ ସରିଲା, ରତ୍ନ କାମେ ଚିତ୍ତ ରହିଲା
ରତ୍ୟୈରସେ କହେ ବୀରବର ଭଞ୍ଜ ବନ୍ଧୁଙ୍କ ମନ ପାଶୋରିଲା । ୪ ।

Digitized by srujanika@gmail.com

8. ରାଗ-ଘଣ୍ଟାରବ, ତାଳ-ରୂପକ (ଘଣ୍ଟାଗ୍ରୁପ)

ରୂପକାର ଯାହାଙ୍କୁ' ନିର୍ମାଣ ନାହିଁ ତାଙ୍କୁ, ଗୁରୁ ସ୍ନେହକୁ, ହେମ ଦେହାକୁ
ଦେଇ ମୁଁ ଅଇଲି ରତି ନାହାକୁ । ୧ ।

ରୂପିତ ମୋ ମଲ୍ଲୀକା-ବଲ୍ଲୀ ଗୁମ୍ଫି କଳିକା, ନବ ବାଳିକା, ସେ ମୋ ମାଳିକା,
ଢାଳି ଥିବ କରେ ଗଣ୍ଡ ପାଳିକା । ୨ ।

ରୂପାପର୍ଣ୍ଣ ପିଉଳା, ହେବନି ତାଙ୍କୁ ତୁଳା, ହୃନ ପୃଥୁଳା ଉରୁବର୍ତ୍ତୁଳା,
ମୋ ଦେହକୁ ହୋଇଥିବ ଆକୁଳ । । ୩ ।

ରୂପ ଭଣି ଶୁକରେ, ଚିତ୍ତଙ୍କ ଧରି କରେ, ପ୍ରୀତି ପ୍ରକାରେ, ଅତି ଶୋକରେ
ଗୁର କରୁଥିବ କାଳ ଫା ନରେ । ୪ ।

ନୃପ ହେବ ନିରସ, ଥିବ ଆଉ ହରଷ, ନାହିଁ ସ୍ପରଶ ପୂର୍ଣ୍ଣ ବରଷ,
ହେଲି କହେ ଉପେନ୍ଦ୍ର ଏ ରସେ । ୫ ।

9. ରାଗ-ସୌରାଷ୍ଟ୍ର ଗୁର୍ଜରୀ, ଏକତାଳୀ (ପ୍ରାପ୍ତି ଇଚ୍ଛା)

ଅପର ମଧ୍ୟମା କବବନ୍ଦ୍ର ସତେ ଭେଟ ହେବ
ନାସେ ବାସ ଗଣ୍ଡି ଦେବ ଏମନ୍ତ କି । (ଘୋଷା)

ନାପର ବାଣକ ନୟନ, ଅଟକେ ରଖିବେ ଧନ,
ପୁଣି ହିଁ ହୋଇବା ଭିନ୍ନ ମମତେ କି । ୧ ।

ଲବଡ ଶ୍ରବଣା କାର୍ଣ୍ଣହାସ ତାର ବାହୁ ପାଶ,
ବନ୍ଧନେ ରଖିବ ଦୋଷ ନମନ୍ତ୍ରେ କି । ୨ ।

ଲବଡ-ମୋହନୀ ନାଶ୍ୱ କେଳିପୁର ମଧ୍ୟ ଭରି,
ସାରବ ଧନ ଶବଷ୍ଟ ଉନ୍ନତେ କି । ୩ ।

ଲବଙ୍ଗୀ ଉପେନ୍ଦ୍ର ବୋଲେ, ସତେ କୁଚ ଗିରି ତଳେ,
ପକାଇବ ରତିବେଳେ ହମ୍ମତେ କି । ୪ ।

10. ରାଗ-ପୂରବୀ, ପଡ଼ତାଳ, (ଅନୁଚନ୍ତା)

ଲୁଳିତ କେଶ ଗୁରୁଷ୍ଟ, ନିଶାନ୍ତେ ଜଳଦ ପରି,
ଚଉ ଗୃହକକୁ ହରି, ସେ ନୋହେ ପାଶୋଶ (ଘୋଷା)

ଲୁହି ଯାଇ ତୋ ଲପନ, ଲାବଣ୍ୟ ଜଳର ସ୍ଥାନ,
ମଜ୍ଜାଇ ନୟନ ମୀନ, ସେ ନରୁଚଇ ଆନ । ୧ ।

Digitized by srujanika@gmail.com

ଲୁବ୍ଧ ବଧୂକ ଅଧର, ମଧୁପାନେ ନିରନ୍ତର,
ପ୍ରାଣ ମତ୍ତ ମଧୁକର, ସେ ଏବେ କାତର । ୨ ।

ଲୁଚି ଉରଜ ମହେଶ, ମଧ୍ୟେ ଅଲିଙ୍ଗନେ ନାଶ,
କହିଥାନ୍ତି କାମ ଦାସ, ରେ କହିବି କସ । ୩ ।

ଲୁକାଇ ଦୀର୍ଘ ବନ୍ଧନ, ପ୍ରାପ୍ୟେ ଗାଢ଼ ନାହିଁ ଧନ,
ଉପେନ୍ଦ୍ର ଭକ୍ତ ରତନେ, ସେ ହେଲାରୁ ଭିନ୍ନ । ୪ ।

11. ରାଗ-ତୋଡ଼ି, ଏକତାଳୀ, (ବିରହୋତ୍କଣ୍ଠା)

ଏବେ ମୁଁ ବଞ୍ଚିବି କେହ୍ନେ, ଏଣିକି ଉପାୟ ନାହିଁ
ଏ ଯୁବା କାଳେ କୋଳେ, କେଉଁ ଅଭାଗ୍ୟ ବଳେ,
ନବ ଯୁବତୀ ଭାବ ବନ୍ଧୁ ଆସିଲ ନାହିଁ । (ଘୋଷା)
ଏହା ମୋ କରମେ ଥିଲା, ଏକାକୀ ନିଶି ପାହିଲା,
ଏତେ କରୁଣା ଉଣା ହେବ କେଳି ପ୍ରବୀଣା, ବୋଲି ନଥିଲି ଜଣା,
ସ୍ୱପ୍ନେ ଦେଖା ନ ଦେଲ । ୧ ।

ଏକାଳେ କୋକିଳମାନେ, ଏକା ମନ ହରେ ତାନେ
ଏଣିକି ସେ ହସ, ହୋଇ ହେ ବନ୍ଧୁ ଆସ, ବୋଲିବା ମୃଦୁ ଭାଷ,
ଶୁଣିଲି ନାହିଁ କର୍ଣ୍ଣେ । ୨ ।

ଏଣୁ ମୁଁ ପାଷାଣ ହେବେ, ଏ ସନ୍ଧି ପ୍ରୀତିରେ ଦବେ
ଏ ତ ବିଚିତ୍ର ଘୁନ, ବାଳା ମୋର ଜୀବନ, ସେ ପୁଣି ହେଲା ଭିନ୍ନ,
ମୁଁ ତ ରହିଛି ଜୀବେ । ୩ ।

ଏକା ସେ ମୋହନେ ମୋର, ଦୁଃଖ ବିଚ୍ଛେଦୁ ତାର
ଏ ଅପମାନ ଘୋର, ହେଲା ଥାଉଁ ଶରୀର,
ଜଣେ ଅନଣେ କର ଦେଇ ଚଦୁହୁ ମାର । ୪ ।

ଏଥିକି ଭକ୍ତି ମୋ ଏହି, ଏ ରଚେ ଉପେନ୍ଦ୍ର କହି
ଏଥର ଗଲେ ପାଶେ, ଚଣ୍ଡି ବାସକୁ ବାସେ, ଦେଇ ନ ଛୁଞ୍ଚି ଲେଶେ,
ସୁଖେ ରହିବି ମୁହିଁ । ୫ ।

12. ରାଗ କାଫି, ପଞ୍ଚତାଳ (ବିରହ ଭାବନା)

ଐରାବତ ଗତି ତୁ ମୋ ଜୀବନରେ
ଐଶ୍ୱର୍ଯ୍ୟଦାୟିନୀ ଘେନ ପାବନରେ । (ଘୋଷା)

Digitized by srujanika@gmail.com

ଐରାବତ ପରି ସ୍ତନ, ଅଙ୍କୁରିଲ୍ ଦନ୍ତୁ ଧନ ବନ୍ଧୁ
ମୁଁ ନ ଜାଣେ ଶମ୍ଭୁ ସେବନରେ । ୧ ।
ଐରାବତ କାନ୍ତିବାଳା, ମୋ ଡ଼ୋଳା ପିଉଳା ତୁଳା
ତୁ ମିଶ୍ର ହୁଇ ମୁଁ ଏନ୍ଧ ଭାବନାରେ । ୨ ।
ଐନ୍ଦ୍ରସୁତ ବାଣୀ ଗତା-ଗତରେ ଦଶେ ଶୋଭିତା,
ପୁରନ୍ଦର ପୁର ପରି ଭବନରେ । ୩ ।
ଐରାବତ କୁମ୍ଭସ୍ତନା, ଯାହା ନାହିଁ ତୋହ୍ନ ବିନା,
ଆହ୍ନା କରିବାକୁ ମଞ୍ଚ ଭୁବନରେ । ୪ ।
ଐକ ଉର୍ବଶୀ ସଜାତ, ଯୋଗ ବିୟୋଗ ହେଲ୍ତ,
ବୀରବର ବୋଲେ ଧିକ ଜୀବନରେ । ୫ ।

13. ରାଗ-ବଙ୍ଗଳାଶ୍ରୀ, ଏକତାଳି (ପ୍ରଶଂସା)

ଓଠାର ମନ ଯେନାଯେନ୍ନ ଭାବେ ଯେନ ଯାଇରେ । (ଘୋଷା)
ଓଳଗଇ କରେ ଦେଲେ ଯେନ ଚମ୍ପା ଗନ୍ଧର୍ବ ସେବକୀ
ଦାସ୍ତିମୀ ପରି ହୋଇରେ । ୧ ।
ଓଷ୍ଟ ଗୋଳ କରି ଚନ୍ଦ୍ର ଯାଚେ ଚଉ ଚଉରୀ ନ ଦେଇ
ରସ ଉପଜାଇରେ । ୨ ।
ଓଦା ପୀତବାସ ପରି ଜଡ଼େ ଅଙ୍ଗେ ଗଉରୀ ଉରଙ୍ଗେ
ଚନ୍ଦନ ଲେପି ଥାଇରେ । ୩ ।
ଓହ୍ଲାଣ୍ଟେ ସୋପାନ ଆସି ଯାଚେ କର ପଇଠି ହସି
କୋଳ କଲେ ସୁଖ ପାଇରେ । ୪ ।
ଓଷ୍ଠା ପାଳି ମୋ ଭେଟକୁ ପୂଜୁଥିବ ଗନ୍ଧର୍ବ କବି
ବୀରବର ଗୀତଗାଇରେ । ୫ ।

14. ରାଗ-ଦେଶାକ୍ଷ, ପଡତାଳ (ପଶ୍ଚାତ୍ତାପ)

ଔଷଧି କେବଳ ବାଳା ଏ ବିରହ ବ୍ୟାଧିକ । (ଘୋଷା)
ଔଷଧୀଶ ଆଦରଶ, ତାମରସ, ମୁଖୀ ପାଶ,
ଲୁଭିଲି ମୁଁ ଯା ରୁଚିଲି ହୁଡିଲି କ ବୁଦ୍ଧିକ । ୧ ।

Digitized by srujanika@gmail.com

ଐକେ ଥିଲୁ ଧନେ ଏକ, ଏବେ ତ ଧଣେ ଅନେକ,
ବିଚାର ଯାହା କେ ଦେଲୁ ଲାବଣ୍ୟନିଧିଙ୍କି । ୨ ।

ଔନ୍ନତ ଖଣ୍ଡିଲୁ ମାର, ଥିଲୁ ତା'ର ଅହଙ୍କାର ବଳ।
ଫଳା ବୋଲେ ଯାହା ରଚୁ ନେଲି ବଧିଙ୍କ । ୩ ।

ଔତ୍ତାନପାଦଙ୍କ ବଳି ଡାକେ ମୁଁ ତୋ ଭୃତ୍ୟ ହେବି ଲି,
ମୋ ଇଚ୍ଛାରେ ଗୁଡ଼ାଇଲୁ ଏତେ ବଡ଼ ଡିଙ୍କିକି । ୪ ।

ଔଦମ୍ବର ପରବାସ, ମୁଖେ ପତ୍ର ହେଲା ନାଶ, ଦେଖିବାକୁ ନାହିଁ ଆଶ,
ସେହୁ ପ୍ରେମ ନିଧିଙ୍କ । ୫ ।

ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟ ଗୁଣ ନିପୁଣାଙ୍କୁ ଏ କଥନ
ଉପେନ୍ଦ୍ର ଭଞ୍ଜ କହନ୍ତି ଦେଲୁ ଫଳ ବାଧିକ । ୬ ।

15. ରାଗ-ଇମନ କଲ୍ୟାଣ, ଧ୍ରୁତ ପଡ଼ତାଳ (ବିରହଚନ୍ଦ୍ରା)

ଅଙ୍ଗନା ଏକାନ୍ତେ ବସି କହି କେହୁ ନଥିବରେ । (ଘୋଷା)

ଅଂଶୁକୁ ମରି ଅପସର, ନୋହିଲେ ହେଲୁ ସେ ଏତେ ସରି
ମତେ ଏ ଦୁଃଖ ଯିବ ଥାଉ ଏ ଜୀବରେ । ୧ ।

ଅଂଶୁକ ଉର ଦେଖୁ ହରି, ଗୃହରେ ପରସନ କରି,
ସୁଖେ ଶୋଇବା ମନେ ପଡ଼ୁଥିବରେ । ୨ ।

ଅଞ୍ଚଳେ ବାନ୍ଧି ରତି ଅନ୍ତେ, ସ୍ୱେଦ ହରିବା କରି ଚିତ୍ତେ,
ଧନ ନୟନୁ ଜଳ ଜାତ ହେବରେ । ୩ ।

ଅଙ୍ଗକୁ ଅତି କ୍ଷୀଣ କରି, କହିବ ସଖୀ କର ଧରି,
ଆଣି କେ ପ୍ରାଣବଲ୍ଲଭକୁ ଦେବରେ । ୪ ।

ଅଙ୍ଗନେ ଆସି ଭାବ ଗୃହିଁ ଏ ରସେ ଉପେନ୍ଦ୍ର କହି
ଗୁଣନିଧି ଗୁଣିବ ସେ ଶିବରେ । ୫ ।

16. ରାଗ-କେଦାର ଗୌଡ଼ା, ପଡ଼ତାଳ (ମିଳନ)

ଅଣ୍ଡର ଦସ୍ୟାରେ ଭେଟ ହେଲୁ ପ୍ରିୟରେ ବିଦେଶୁ କାନ୍ତ ଯାଇ । (ଘୋଷା)
ଅତି ରସରେ ରସାଇ, ଅଙ୍ଗନା ମଣି କୋଳେ ବସାଇ,
ଅରୁଣ ଅଧରୀ ଚିବୁକକୁ ଧରି କହେ ଗୃହ ରଞ୍ଜାଇ

Digitized by srujanika@gmail.com

ଅନାସ୍ୱତ୍ତେ ଥିଲି ମୁଁ ନିଧି ହଜାଇ, ଅନ୍ତ୍ର ନେଜେ ତୋଠାରେ ମନ ମଜ୍ଜାଇ,
ଅହର୍ନିଶି ଅନଙ୍ଗ ତାପେ ବଞ୍ଚଇ । ୧ ।

ଅନା ଅନା ମୁଁ କାତର, ଅଛୁ ବନ୍ଧୁ ଜୀବନେ ମାତର,
ଅଳିଚନ୍ଦ୍ର ପିକେ ତୋ ମଙ୍ଗଳ ଶ୍ଳୋକ ପଢ଼ୁରେ ନିରନ୍ତର ।
ଅନୁଭବ କଲି ମୁଁ ତୋର ଅନ୍ତର, ଅଶ ହୋଇଥିଲି କି କଣ୍ଠ ସୂତର
'ଅପରାଧ ନ ଘେନ ନିଜ ଭୃତ୍ୟର । ୨ ।

ଅନିଦ୍ରେ ନେଇ ନିଶାକୁ ଅଛୁ ମାନସେ ରଖି ଯୋଷାକୁ
ଅରୁଣ ଚରଣ ତୋ କାରୁଣା ଲତା ହେଲିକି ଦୁର୍ଦ୍ଦଶାକୁ
ଅପାର ଏ ନଖରେ ଚିର ରସାକୁ ଅମ୍ବୁଜାକ୍ଷୀ ତୁ ଭାଙ୍ଗି ମୋ ଆଶାକୁ
ଅବନୀରେ ପାଇବୁ କି ପ୍ରଶଂସାକୁ । ୩ ।

ଅମୂଲ୍ୟେ କରି ବେଣୀ କି, ଆସୁ ମଧ୍ୟେ ଖଞ୍ଜି କଙ୍କିଣୀକି,
ଅମୀୟ ବାଣୀକି ଭ୍ରି ତୁ ବେଣୀକି ନ ଦିବ ମୁଁ ଏଣିକି ।
ଅଭିମାନେ ନ ଦିଅ ଗଣ୍ଡେ ପାଣିକି, ଅଭିନବେ ରଖ ତୁ ନିଜ ଆଣିକି
ଅନୁସରି ଅଛୁ ମୁଁ ପୃଥୁ ଶ୍ରେଣୀକି । ୪ ।

ଅନୁରାଗେ କି ଦଶିଲି ଅଛି ସେନେହେ କାନ୍ତ ରସିଲି, ଆଶିମାଦ ସୁଖଦାୟିନୀ
ଶ୍ରୀମୁଖ ଚୁମ୍ବୁଁ କାମ ନାଶିଲି ।
ଅବଲା ଯେ ଏ ବାଣୀ ଶୁଣି ହସିଲି ଅର୍ଧାରେ ବଲ୍ଲଭ ଅଙ୍ଗେ ମିଶିଲି
ଉପଇନ୍ଦ୍ର ଭଞ୍ଜ ଏ ଗୀତେ ଭାଷିଲି । ୫ ।

—o—

ଚଉପଦୀ ଭୂଷଣ

17. ରାଗ-ଆଶାବରୀ, ଏକତାଳୀ

କୁସୁମ-ବିଶିଖେ ତାପୀ ପ୍ରବାସରେ ରହୁ
କେଉଁ କାମୀ ପ୍ରିୟ ଭାବମାନ ବର୍ଣ୍ଣଇ
କୃଶୋଦରୀରେ, କାହିଁ ମୁଁ ପଡ଼ିଲି
କନକ ଯୋଷା ତୋ ସଙ୍ଗ ବ୍ୟର୍ଥେ ଛାଡ଼ିଲି । ୧ ।

କରିବା ବେଳେ ଗମନ ବିଦେଶକୁ ମୁହିଁ
କି କରି ଅନାଉଥିଲୁ ବିରସତା ହୋଇ
କଳାବତୀରେ, କଣ୍ଠ ନେଜେ ନୀର
କରିଥିଲୁ ପୂର୍ଣ୍ଣ ଦିଶୁଥିଲୁ କି ରୁଚିର । ୨ ।

Digitized by srujanika@gmail.com

କଣ୍ଠ ଗଦଗଦରୁ ସ୍ୱରେଣ୍ଟୁ ଫଳ ତା:
ଓଠଭିତରେ ଫୁଲୁଥିଲା ଝଲ ଫୁଲ ନାହା
କେଳିଦ୍ୱାନ୍ଦ୍ୱୀରେ, କମଳ ବଦନ
କେମନ୍ତେ ଦେଖୁଥିଲାଟି ହୋଇ ଅପ୍ରସନ୍ନ । ୩ ।

କାଲୁ ରତି ପାଉଛନ୍ତି ପଦ୍ମନେତ୍ର ଦନ୍ତଘାତ
କହ୍ନିଲ ରତ୍ନ ମେଲଣି ଧନ ନେଇଛି ଛିଦ୍ରେ
କେଳିଗତରେ, କଠୋର ମୋ ହୃଦ
ଏ ପାଇଁ ନଟଲା ଫାଟି ହୁଦିଲ ଛେଦ । ୪ ।
କାମବାଣେ ପରାଭବ ଦେଇ ତୋତେ ଧନ
କଷ୍ଟ ସହି ରହି ଅଛୁ ଯାହା ଏ ଜୀବନ
କୁନ୍ଦଦନ୍ତୀରେ, ନାହିଁ କହି ଯାନ୍ତୁ
କହେ ଉପେନ୍ଦ୍ର ଭଞ୍ଜ ହୃଦାଧୀନ ହେଉ । ୫ ।

18. ରାଗ-କାମୋଦୀ, ସଭମାନ

ଖେଦୁ ମଣିମ ହଜନ ହୁଗ ହମାନ ରଜନୀ ଅନ୍ଧନକ୍ତ
ଖଳ କୁସୁମ କୋଦଣ୍ଡ ଦଣ୍ଡିକୁ କୋମଳ ପିଣ୍ଡ ସହୁ ନାକ । ୧ ।
ଖପି ଖର୍ପି ନେତ୍ରନୀର ଢାଳୁଥିବ ପୟୋଧର ପରବାସ
ଖିଳ ମୋହିନୀ ମୋ କ୍ଷୀଣ ହେଲ ପୋଡ଼ି ଯାଉ କା ନା ପରବାସ । ୨ ।
ଖଣ୍ଡିବେ ଏ ଦୁଃଖ ହର ଦେଖିବି ଶ୍ରୀମୁଖ ତାର ଆଜ ଯାଇ
ଖଞ୍ଜନ ନୟନୀକି ସତେ ବସାଇ ମୋ ଅଙ୍କରତେ ଆଉଜାଇ । ୩ ।
ଖୋଜିଲେ ତା ସରି କଣ ନ ଦେଖିବ ଆଉ ନାକ୍ଷ ଜଗତରେ
ଖେଳାକାଳେ ରସବତୀ ମୋହିଇ ମୋହର ମତି ସେ ଗତିରେ । ୪ ।
କ୍ଷଣେ ହେଁ ଅନ୍ତର ମନୁ ନୋହୁବାର ହେ ଦୂତନୁ ମୋ ନବୀନା
କ୍ଷିତିରେ କି ସୁଖ ଥାଇ ଉପଇନ୍ଦ୍ର ଭଞ୍ଜ କହୁ ଧନ ବିନା । ୫ ।

19. ରାଗ ସିନ୍ଧୁ ଦେଶାକ୍ଷ, ତାଳ-ପହପଟ

ଗଜଗତି ଅତି ସୁରତିରେ ମତି ଦିନେ ମିଳିଲୁ ମୋ ପାଶ
ଗୁଣମଣି ଏଣୀଦୃଶି ବେଣୀ କରୁଥିଲୁ ସେ ଶଳ୍କଣ କେଶରେ
ଗୋଷ୍ଠୀ ଗୁରୁକ୍ରୋଧ ମୋଧ ନାଶେ
ଗଣ୍ଠି ଦେଇ ଚୀର ନବଢ଼େ ନୀବିକ କାଞ୍ଚି ଗନ୍ତି ମଧ୍ୟ ଦେଶେରେ । ୧ ।
ଗଞ୍ଜଇ ଯେ କଞ୍ଜ ଖଞ୍ଜରୀଟ ପୁଞ୍ଜ ସେ ନେନେ ଅଞ୍ଜନ ଲଞ୍ଜି
ଗିରିଜା ପତି ରିପୁ ପାଶ ସ୍ତବକ ପିଣ୍ଡକ ଥିଲା ସେ ଭଙ୍ଗରେ ।

Digitized by srujanika@gmail.com

ଗୋଷ୍ଠା, ଗନ୍ଧେ ଶ୍ୟାମଳତ ହୋଇ
ଗାଙ୍ଗେୟ ବରନୀ ଭୃଙ୍ଗ ଥିବ ଶେଷ ପାନ ସେଠାରେ ପକାଇ । ୨ ।

ଗୁଣ ଗୁଣି ମୁହିଁ ଜାଣି ରମଣୀକୁ ବୋଇଲ ଝା ଭାଗ୍ୟ ଥିଲା
ଗୃପତେ ଶତ୍ରୁରୁ ଥାଇ ମାଗିବାକୁ ଯାହା ସେ କରୁଣା ହେଲାରେ
ଗୋଷ୍ଠା, ଗଢ ଜାଣି ମୋର ଭୁକ୍ଷ,
ଗେହ୍ଲାଇଲ ହୋଇ ମଧୁରେ ବୋଇଲୁ କ ବୋଲୁଛ ଜାଣେ ନାହିଁ । ୩ ।

ଗଳିଲ ମୋ ଦମ୍ଭ ବଳିଲ ମାନସ ପଞ୍ଚଶରେ ହୋଇ ଦୁଃଖୀ
ଗାଢ଼ ଅନୁରାଗେ ବସି ବସାଇଲ କୋଳେ ସମ୍ମୁଖେ ସମ୍ମୁଖୀରେ
ଗୋଷ୍ଠା, ଗଢ ତୋହଠାରୁ ଜାତ
ଗୋଜ କର ଓଷ୍ଠ ଚୁମ୍ବ ଦେଲ ପ୍ରାୟେ ପୁଣି ନ ଦେଇ ଲଜ୍ଜିତ । ୪ ।

ଗଲାଇଲେ କର ବସନେ ଉରଜ ଲୋଭେ ଦେଲୁ ତାହା ଫିଙ୍ଗି
ଗଣ୍ଡ ଦଂଶିଲେ ଦଶନେ ମଲି ଇର୍ଷି ରଖ ବୋଲି କଲୁ ଭଙ୍ଗୀରେ
ଗୋଷ୍ଠା, ଗୁଣୁଛୁ ନିରତେ ତାହା
ଗୀତେ କହେ ଉପେନ୍ଦ୍ର ମଙ୍ଗରାଜ ସେ ଦନ ବିଳାସ ଯାହାରେ । ୫ ।

20. ରାଗ-ଧନାଶ୍ରୀ : ତାଳ-ପଡତାଳ

ଘନକେଶୀ ତୋ କେଳି ବାହୁଡ଼ା ଛବି
ଘର କଲା ନେତ୍ରେ ମୁଁ କସ କରିବି । ୧ ।

ଘନହ୍ରଦୁ ଲଭିଥାଉ ପଦ୍ମାବଳୀ
ଘୂମ ବଶୁ ଗୃଲୁଥାଉ ଟଳ ଟଳ । ୨ ।

ଘନ ବନ୍ଧ ନୀବି ପଡୁଥାଇ ଖସି
ଘେନ କରେ ତାହା ଦେଉଥାଉ ଖୋଷି । ୩ ।

ଘର୍ମେ ପଣ ଥାଇ ତନୁ ହେମ ଆଭା
ଘନସାର ଠା ଠା ହୋଇ ଶୋଭା । ୪ ।

ଘଟଣ ଚରମେ ଲୋଟୁଥାଇ କେଶ
ଘୋଷି କହେ ଉପେନ୍ଦ୍ର ସେହି ବେଶ । ୫ ।

21. ରାଗ-କନଡ଼ା : ଆଠତାଳୀ

ନବୀନା ଯୁବତୀ ମଧୁ ସମୟରେ ବଧୂ କରଣେ ଦନେ ବସି
ନାଗବଲ୍ଲୀ ଭୁଞ୍ଜି ସାରି ସୁକେଶୀ

Digitized by srujanika@gmail.com

ନୀରେ ଧୋଇ ମୁଖ ପୋଛିବା ସମୟେ ଝଟିକି ବାସ ଆଣିଲି ସେ
ନାଗରୀ, ନାଗ ରତନ ଛନ୍ଦି କଣ୍ଠ ଗ୍ରନ୍ଥି
ସଙ୍କେତ ଚନ୍ଦନ ବୋଲି ଜାଣି ହସି
ନାହିଁ ନାହିଁ କରି ଫେଡିଲା ବେଳକୁ ରଙ୍ଗେ ଅଙ୍ଗେ ମିଶି ଯାଇ ସେ । ୧ ।

ସଂପୁଟନ କଲି ଆରମ୍ଭ ମୁଁ ଝେନ ବସନ ଅଙ୍ଗୁ ଭିନ୍ନ କରି
ନାହିଁ ନାହିଁ ଶବ୍ଦ ଥିଲି ସୁନ୍ଦରୀ,
ନୟନ ଦୁଇଟି ଲାଜରେ ବୁଜିଲା ମରଜି ତାହା ସୁମତିରେ
ନାଗରୀ, ନୀଳ ବସନୀ କି ଏତେ ବଚନ
ନ ଶୋଭଇ ମୁଁ କହିଲି ବଚନ
ସଙ୍କୋଚ ସଙ୍ଗେ ଲାଜ ଦୂର ହେଲାଣି କାହିଁକି ବୁଜ ଲୋଚନରେ । ୨ ।

ନୀପଫୁଲ ପରି ହୋଇଲା କପୋଳ ମୁଁ ଛନ୍ଦି ଦିଅନ୍ତେ ଚୁମ୍ବନ
ନଖ ଲାଗି ସେ ଲଜ୍ଜିଲା କମନ
ନୀଳ ନେତ୍ରଙ୍କ ସେବାଫଳ ସଫଳ ହେଲା ମୋର ସେହି ଦିନରେ
ନାଗରୀ, ନାଗରୁଦ୍ଧମୁଖୀ କୁଚ ଗଗନ
ସରୋଜିନୀ ଦିଶୁଥିବ ଶୋଭନ
ସକଳ ଏ ଭୋଗେ ଯାହା ମନ ରସେ କି ହେବ ସ୍ୱର୍ଗ ଭୁବନରେ । ୩ ।

ନେତ୍ର ଫିଟିଲା ନାଲା ଶେଷ କାଳରେ ସେହି ବନ୍ଧେ ବନ୍ଧ ସଂଯୋଗେ
ନେଇ କୋଳେ ଝଟିକି ଅନୁରାଗେ
ସମ୍ଭ୍ରମ ସେ ତାର ପକାଇଲି ମୋର ବାସ ଦିଅ ବୋଲି ଅଙ୍ଗରେ
ନାଗରୀ, ନ ଦିଶିଲା ଉପାୟ ଦେଲି ଶ୍ରାନ୍ତି
ସଖି ଚନ୍ଦ୍ରମା କରେ ଝରି ଶାଢ଼ୀ
ନିଜ ଦେହେ ବେଢ଼ାଇବା ତରତର ସ୍ମୃତି ମୋ ମନେ ପଡ଼ରେ । ୪ ।

ସକଳଙ୍କୁ ଆସି ପ୍ରେମ ଲାଳସାରେ ଅଙ୍ଗକୁ ଫିଟାଇ ଚନ୍ଦନ
ନିଶାକର ସାରି କଲି ଲେପନ
ନର ଲୋକେ ନାହିଁ ତାପରି ରସିକା ପ୍ରୀତିରେ ନେବାକୁ ମନରେ
ନାଗରୀ, ନଡ ହୋଇଣ ମୁଁ ତାକୁ ବୋଇଲି
ନ ଦେଖାଇବା ଦରବ ପାଇଲି
ନତନୁ ନଦେ ଉପଇନ୍ଦ୍ର କହଇ ଏବେ ଭେଳା ଭସାଇଲିରେ । ୫ ।

22. ରାଗ-ବଙ୍ଗଳାଶ୍ରୀ : ତାଳ-ତ୍ରିପୁଟା

ଚଲାଇଲେ ଜାନୁମାଳରେ କରଜ କଖିବେ ଚମକ ପଡ଼ି
ଚଞ୍ଚଳ ନାସା ଖେଳାଇଲି କରି ସେ ଚନ୍ଦ୍ରମା ବଦନ ମୋଡ଼ି । ୧ ।

Digitized by srujanika@gmail.com

ଚନ୍ଦନ ଲେପି ତୋ ହୃଦସ୍ଥ ଦେଶରେ ଉହାଁରୁ ବସନ ଫେଡ଼ି
ଚଞ୍ଚଳ ଆଖି ଖେଳାଇଲ କରି ମେ ଉରରେ ଉରଜ ଯୋଡ଼ି

ଚୁମ୍ବନୀରେ ଚନ୍ଦ୍ର କରଣେ ଅମୃତ ହରାଲେ ଲାଜରେ ବୁଡ଼ି
ଚତୁରୀ ଏତେକେ ତୁ ତୁଟାଲେ ମୋ ନେତ୍ର ପଦ୍ମ କର ଯେସନ ଯୋଡ଼ି । ୩ ।

ଚମ୍ପାଗୋରୀ ଗାଢ଼ ରତେଲେ ନସନ୍ଧୁ କଟିକି ଉରରେ ଭିଡ଼ି
ଚୁମ୍ବି ଅଧରେ ଅଧର ମୋ ତନୁରେ ଓଡ଼ା ବାସ ପ୍ରାୟ ଜଡ଼ି । ୪ ।

ଚକ୍ଷୁ ମିଳୁଥିବା ନଥାଇ ତୋହର ଲବେ ମୋ ପାଣି ନ ଛାଡ଼ି
ଚିନ୍ତ କହେ ଉପେନ୍ଦ୍ର ମଙ୍ଗଳକି ବଦେଶ ପୂର୍ଣ୍ଣାର୍ଥ ପେଡ଼ି । ୫ ।

23. ରାଗ-କରୁଣାଶ୍ରୀ

ଛାମୁରେ ମୁଁ ଥିଲି ବଦନେ ଦେଖି ଫୁଲି ଭୃଙ୍ଗ
ଛଳିଲୁ ଏ ରୂପେ ତୁମ୍ଭ ପୁରୁଷଙ୍କ ରଙ୍ଗ, ଷିଢମନ୍ତ୍ରନାରେ । ୧ ।

ଛନ୍ଦେ ଯେବେ କଣଥାଇ ମୋ ମୁଖ ବାରସ
ଛଇଲ ଯେ କହୁଥାଉ ନାହିଁ କିଛୁ ଦୋଷ, ଷିଢମନ୍ତ୍ରନାରେ । ୨ ।

ଛଟକଣ୍ଠି ବ୍ୟାଜେ ବଦନେ ଥିଲି ନିଦ୍ରା ଯାଇ
ଛୁଆଁ ସିଂହ ମଧ୍ୟ ଚୁମ୍ବୁ ଦେଲୁ ଗଣ୍ଡ ନେଇ, ଷିଢ ମନ୍ତ୍ରନାରେ । ୩ ।

ଛନ୍ଦିଲି ସେହୁ ସମୟେ ତୋ ଗଳାରେ ପାଣି
ଛଳିଲୁ ଏଥିକି ଏତେ ଦମ୍ଭ ହେଲି ଜାଣି, ଷିଢମନ୍ତ୍ରନାରେ । ୪ ।

ଛାଡ଼ି ତୁ ଆସନ ଉଭା ହେଉ ଦେଖି ମୋତେ
ଛନ୍ଦେ ଉପେନ୍ଦ୍ର ରସ ମୂର୍ଚ୍ଛିବ କେମନ୍ତେ, ଷିଢ ମନ୍ତ୍ରନାରେ । ୫ ।

24. ରାଗ-ବଙ୍ଗଳାଶ୍ରୀ : ତାଳ ତ୍ରିପୁଟା

ଜାଣଇ ଯେତେ ଭାବେ ରତି ଯୁବତୀ ଜଗତେ ଆଉ କାହିଁକି
ଜୀବ ଥିବାଯାଏ ପିଣ୍ଡେ ନାଗରୀଙ୍କ ଦଣ୍ଡେ ନୋହିବ ମୂରୁଛି । ୧ ।

ଯେବେ ମାଗଇ ମୁଁ ବିପରୀତ ରତି ହସି ଭାଷଇ ମୃଗାକ୍ଷୀ
ଜାଣଇ କେ ତାହା କରି ସିନା କାଲି ସଜନୀମାନଙ୍କୁ ପୁଚ୍ଛି । ୨ ।

ଜାନୁ ଉପରେ ବସାଇଲେ ଗୋଷ୍ଠିକି ତଳେ ବସୁଥାଇ ଖସି
ଜଳଜ ପାଦକୁ କର ବଢ଼ାଇଲେ ବେଗେ ଅଙ୍ଗେ ଯାଇ ମିଶି । ୩ ।

Digitized by srujanika@gmail.com

ଜାଣିବାରେ ମୋର ମୋ ଆଡ଼କୁ ପିଠି କରି ଦିନେ ଶୋଇନାହିଁ
ଜୀବନ ଧନର ଏ ଗୁଣ ସୁମରି ପୁଣି ଜୀବ ଅଛୁ ରହି । ୪ ।
ଜବାଧରୁ ତାର ମଧୁ ପିଇଥିଲେ ଅମୃତ ପାନ କି ଛାର
ଜପି କାମେ କ୍ଷୀଣ ପ୍ରିୟ ଭାବ କହେ ଉପଇନ୍ଦ୍ର ରସସାର । ୫ ।

25. ରାଗ-ବଟିଆରୀ : ତାଳ-ପହ୍ନପଟ

ଝଲଗୋଷ୍ଠ ହେଲେ ରତେ ଜଣା
ଝଟକୁ ଆଇ ନାସାରେ ଗୁଣା
ଝାଡକାରେ ପୃଷ୍ଠେ ପଡ଼ି ବେଣୀ ନାଚେ ଗୁନ୍ଥି ମୋ ବୁଦ୍ଧି ହୁଅଇ ବଣା । ୧ ।
ଝାଳ ଶ୍ରୀଅଙ୍ଗରୁ ଗଳି ଅତ
ଝୀନବାସ ଯାଇଥାଇ ତନ୍ତ୍ର
ଝସକେତୁ କେତୁ ପାଶ ସମ ଶ୍ରବଣରେ ତାଟଙ୍କ ଯୁଗଳ ଦୋହଲନ୍ତ । ୨ ।
ଝଳ ଲଲାଟ ଉର୍ଦ୍ଧ୍ୱକୁ ଭଜି
ଝିଲମିଲ ମାଳ କି ବିରାଜି
ଝଲକ ଭଲ ସେ ଚତୁଷ୍ଟି ମାନସ ଭେଦନେ ଏବେ ପାଇଲି ଭଜି । ୩ ।
ଝମକ ନୂପୁର ଧ୍ୱନି ତହିଁ
ଝୁଣ୍ଟିଆ ଶବଦ ନବର୍ତ୍ତଇ
ଝାଡ଼ପତ୍ର କଟି ଚମକାଇବାରେ କ୍ଷୁଦ୍ର ଘଣ୍ଟି ନାଦ ପ୍ରକଟଇ । ୪ ।
ଝଲକାବଳୀ ଝଟକୁ ଥାଇ
ଝିମିଟେ ମନୁ ଦ୍ୱପୋର ନୋହି
ଝୁରୁଛି ଏବେ ସେହି ଭାବ ସୁମରି ଉପଇନ୍ଦ୍ର ଭଞ୍ଜ ବୀର କହି । ୫ ।

26. ରାଗ-କେଦାର କାମୋଦୀ : ତାଳ-ପହ୍ନପଟ

ନିଶି ଅଳପ ଅଛୁ ହେବାକୁ ଶେଷ
ନାଗରାମଣୀ ଦିନେ ଗୃହ ମୋ ପାଶ ଯେ
ନିରେଖି ସେହିକାଳ ମୁଖ ଶୋଭନ
ନତନୁ ବଶ ହୋଇ ବୋଇଲି ଧନରେ । ୧ ।
ନୀରସ ଭଜିଲେ ହେ ଶ୍ରୀମୁଖ ତୋର
ନିନ୍ଦୁ ଅଛୁ ନଳିନ ରଜନୀକର ଯେ
ନିଶ୍ଚେ ଜାଣିଲି ଯାହା ଉପମା କରି
ନୁହଇ ତୋ ମୁଖକୁ ଚନ୍ଦ୍ରମା ସରି ଯେ । ୨ ।

Digitized by srujanika@gmail.com

ନାଶ୍ୱ ରଚନ ଶୁଣି ଏମନ ବାଣୀ
ନବେଶିଲୁ ତର୍ଜନୀ ଚକ୍ରୁକେ ଆଣି ଯେ
ନଚ୍ଛିଚ ଭ୍ରୂ ଯୁଗ ଅଳପ ହସି
ନେଷ ଚାଳିଲୁ କ ଭଙ୍ଗୀରେ ସୁକେଶୀରେ । ୩ ।

ନ ରହିଲା ମୋ ଦମ୍ଭ ଧରଣ ବାସ
ନେଇଣ କୋଳେ ବସାଇଲି ଜାଟବେଶ ଯେ
ନାହିଁ ବଚନ ଯୋଗ କରି ମୁଖରେ
ନଟିତରେ ଧଇଲୁ ନୀବିକି କରେ ଯେ । ୪ ।

ନୀରଦ କେଶୀ ମୁଁ ଯେ ବିନୟ ଭାଷି
ନାନା ବିଳାସେ ପୁଚ୍ଛାଇଲି ଯେ ନଶି ଯେ ।
ନ ଯାଇ ମନୁ ଲବେ ସେ ଭାବ ସନ୍ଧି
ନଗଲ ଜଂବ ଉପଇନ୍ଦ୍ର କହଇ ଯେ । ୫ ।

27. ରାଗ-ପରଜ : ତାଳ-ଆଡ଼ତାଳି

ଟେକ୍ ସ୍ନେହ ମୋର ଏତେରେ
ଟିକଏ ହୃଦୟୁ ଉପର ବିନୁ ଯେ ଶେଯେ ନ ଶୁଆଇ ତୋତେ ରେ । ୧ ।

ଟହଟହ ବିମ୍ବା ଧରୁ ରେ
ଟାଙ୍କୁରାଇ ପ୍ରେମ ସୁଧାପାନ କଲେ କମ୍ପାଉ ଉରଜ ଉରୁ ଯେ । ୨ ।

ଟାଣେ ନୀବିକି ଧଇଲେ ରେ
ଟଳିପଡୁ ରସାଳସେ ମୋ ଉରକୁ ନାହିଁ ନାହିଁ ବୋଲି ଗୋଟଲରେ । ୩ ।

ଟାକି ବସିଥାଇ ମୁହଁ ରେ
ଟେକି ଆଶା ବାତାୟନ ପାଶେ ବାସ ପିନ୍ଧା ଦେଖିବାର ପାଇଁରେ । ୪ ।

ଟୋପେ ପକାଇଛୁ ମାରରେ
ଟାହି ନୋହେ ଭଞ୍ଜ ଉପଇନ୍ଦ୍ର କହେ ପାରିଲେ ଏଥୁ ଉଦ୍ଧାରରେ । ୫

28. ରାଗ-କେଦାର : ତାଳ-ପହପଟ

ଠଣମୁଖ ଦେଖିଥିଲୁ ଢନେ ଆଦରଶେ
ଠିଆ ମୁଁ ହୋଇଲି ଯାଇ ସୁନ୍ଦରୀ ତୋର ପଛ ପାଶେରେ । ସୁନ୍ଦରୀ ।

ଠକ ବଚନ ଦେଖିଣ ମୋର ପ୍ରତିବିମ୍ବ
ଠାଠିକ କରି ବନ୍ଧିଲୁ ଚତୁରୀ ଦର୍ପଣେ ରୁ ଚୁମ୍ବିରେ । ଚତୁରୀ ।

Digitized by srujanika@gmail.com

ଠାବ କର ତୋର ଚଉ ମୁହିଁ ଅଧରରେ
ଠିକେ କର ଟେଶ ନେଲି ରସିକା ସୁଧା ଲେପ ପୁରରେ । ରସିକା ।

ଠୁଲସ୍ତନା ମତ୍ତେ ଦ୍ରବିଲି କାମ ରଣେ
ଠକବାଉ କର ଏବେ ଜୀବନ ରହୁଛୁ ମୁଁ ଏବେରେ । ଜୀବନ ।

ଠାରୁଥାଉ କି ଭଙ୍ଗୀରେ ପରାଣ ମିତଣୀ
ଠାକୁର ଅଠୁ ରୁ ମୋର ନାଗଣ୍ଣ ମଙ୍ଗଳିକ ଭଣିରେ । ନାଗଣ୍ଣ ।

29. ରାଗ-କୁମ୍ଭକାମୋଦୀ

ଡାଳିମ୍ବ ଦଶନା ମିଛେ ରୁଷି ଥିଲେ କି ହୋଏ ହୃଦୟ
ଡର ରହଟରେ କାହିଁକି କୋପ ବୋଲି ଲେଖନ୍ତ ବିନୟ । ୧ ।

ଡମ୍ବରୁ ମଧ୍ୟାର କଣାଜନଠାରେ କରୁଣା ଥିଲ
ଡହକ କନକ ବରନା ଚଉ ଏବେ କେମନ୍ତ ହୋଇଲ । ୨ ।

ଢଙ୍ଗର କାମ ଶଶି ମୁଖେ ଦେଇ ଏଥୁକି କାରଣ
ଡେଣେଛୁ ଆଶ ଥିଲେ ଦୋଷ ପକାଅ କରକେ କରଣ । ୩ ।

ଡୋଳାଇଲୁ ମାନ ଏ ବିନଣ ମାନ ପଡଣ ଟେଟଣ
ଡାକନେଇ କେଳିପୁରେ କେତେ ଭାବେ ଦେଲୁଟି ସୁରଣ । ୪ ।

ଡୋଳା ପିରୁଲା ଲପନ ଦେଖିବା ତୋ ହୋଇଲି ସ୍ୱପନ
ଡକା ହେଲ ଉପଇନ୍ଦ୍ର କହେ ଗ୍ରୁଣ ଫାଟି ଯା ବଦନ । ୫ ।

30. ରାଗ-କାଫି : ତାଳ-ଝୁଲା

ଢଳ ଅଳସେ ଦନେ ଥିଲୁରେ ଶୋଇ
ଢାଳି ଶ୍ରୀଅଙ୍ଗେ ଅପସରକୁ ରେ ମୁଁ ଯେ ମିଳିଲି ଯାଇ । ୧ ।

ଢମ କାମ ଉଚ୍ଛନେ ଫେଡ଼ନ୍ତେ ନୀବି
ଢଳି ପଡ଼ିଲ ହୋଇ ଉରକୁରେ ବୋଇଲୁ ନ ପାରିବି । ୨ ।

ଢୋକନ୍ତେ ଓଷ୍ଠୁ ସୁଧା ଭଣ୍ଡି ସୁମୁଖୀ
ଢାଙ୍କି ଫେଡ଼ିବା ନେଇ ଗୃହୁଷ୍ଠରେ ମର୍ମେ ରହୁଛୁ ଲଖି । ୩ ।

ଢାଳେ ରଣ ଆରମ୍ଭ ବେଳେ ହେମାଙ୍ଗୀ
ଢଳନ ଜାନୁ ଯୁଗେ ଜାକିଲୁରେ ବୋଇଲି ଏ କି ଭଙ୍ଗୀ । ୪ ।

Digitized by srujanika@gmail.com

ଢ଼ମାଳ ନୋହେ ସେହି ଭବ ଚକ୍ରେଇ
ଢ଼କା ବଜାଇ ମାର ଯାବୁଛଟରେ ଉପଇନ୍ଦ୍ର କହଇ । ୫ ।

31. ରାଗ-ତୋଡ଼ି : ତାଳ-ଆଡ଼ତାଳୀ

ଅତି ଗୁଣବତୀ ତୁହିରେ
ଅଙ୍ଗ ତନୁଥିଲେ, ରତିଶ୍ରମ ଜଳେ, ବାତାୟନ ଦେଉ ଫେଇରେ
ଆରେ ଅମ୍ବୁଜ ମୁଖୀ, ଅଞ୍ଚଳରେ ବନ୍ଧି ହୋଇ ସୁଖୀରେ
ଆହା କେମନ୍ତେ ମୂର୍ଚ୍ଛିବ ସଖୀରେ । ୧ ।
ଅମୂଲ୍ୟ ପଙ୍କ୍ତି ବନ୍ଧୋଷ୍ଠିରେ
ଆଖି ନ ଫେଉ ମୋ ମୁଖକୁ ଚାହିଁବା ଯାଏ ପ୍ରଭାତରୁ ଉଠିରେ
ଆରେ ଅତୁଳ ଭ୍ରୂ, ଆଣି ନୀର ଅତି ସ୍ନେହ ଭ୍ରୁରୁରେ
ଆସି ମୋ ମୁଖ ଧଉତ କରୁରେ । ୨ ।
ଆଗତ ପଥକୁ ଚାହିଁରେ
ଆସି ପୁରଦ୍ୱାରେ ଦଣ୍ଡା ହୋଇ ଥାଉଁ ପାଛୋଟି ନେବାର ପାଇଁରେ
ଆରେ ଅବନୀ ଶିର, ଆସ ନାହିଁ ଥାଉ ନିର୍ଭୀକରରେ
ଅମ୍ବୁ ଭରି ପାଶେ ଥୋଇ ଝରିରେ । ୩ ।
ଅଶ୍ରୁଏ ମୁଖ ମଳିନରେ
ଅବା ଦେଖିଲେ ଆଳୀଙ୍କ ପାଶେ ଯାଇ କରୁଥାଉ ନିବେଦନରେ
ଆରେ ଅଙ୍ଗନା ବର, ଅପରାଧ କିଛି ନାହିଁ ମୋରରେ
ଆଜ ପ୍ରିୟ ତ ବିରସ ଉରରେ । ୪ ।
ଆସୁ ମୋ କଟିକି ପୁଣିରେ
ଆସ ପ୍ରିୟେ ବୋଲି ଜାଣି ମୁଁ ଡାକିଲେ ପାଦ ଧରୁ ଯେଉଁ କ୍ଷଣିରେ
ଆରେ ଅଳପ ହସୁ, ଆଉ ନ କୋପିବ ବୋଲି ଶପଥରେ
ଉପଇନ୍ଦ୍ର କହେ ଜ୍ଞାନ ଧ୍ୱଂସୁରେ । ୫ ।

32. ରାଗ-ତୋଡ଼ିପରଜ : ତାଳ-ପହ୍ମପଟ

ତୋଷାପୁରେ ଏକା ହୋଇରେ
ତରୁଣୀ ବନେ କୁସୁମ ଭୃଙ୍ଗ ରଙ୍ଗ ଚାହିଁ ହୋଇଥିଲୁ ମୋହରେ
ତପୀ ମୋହନା, ତହିଁ ହୋଇଥିଲୁ ତନମନାରେ
ତାପିଥିଲି ମନମଥ ସିନାରେ । ୧ ।

Digitized by srujanika@gmail.com

ତେମ୍ବନ୍ଦ ନାଳ ସୁକେଶୀରେ
ତୁ ଯେ ନବେଷ୍ଟିଥିଲୁ ଦ୍ୱାରବନ୍ଧରେ ତନୁବାସ ଥିଲା ଝସିରେ
ତପଭଙ୍ଗିମା, ତାହା ଜାଣି ନଥିଲୁ ତରୁଣୀରେ
ତନ୍ଦ୍ରୀ ବଶ ହେଲେ ନେତ୍ର ବେଦନରେ । ୨ ।

ତରତରେ ପଛୁ ଯାଇରେ
ତପନୀୟ ଗୋଷ୍ଠୀ ସ୍ପର୍ଦ୍ଧାରେ କରଜ କ୍ଷତ ଦେହୁଲି ମୁଁ ତନ୍ଦ୍ରୀରେ
ତୁଙ୍ଗ ଉରଜା, ତନୁ ଚମକାଇ ପାଇ ଲଜ୍ଜାରେ
ତା ଘୋଡ଼ାଇ ବୋଇଲୁ ଯାଅ ଯା'ରେ । ୩ ।

ତେତେବେଳେ ପୂର୍ଣ୍ଣ ମୂର୍ଚ୍ଛାରେ
ତରଳ ନୟନା ତୋ ଗୁରୁ ଚିବୁକେ କର ପକାଇଲି ନେଇରେ
ତନୁଉଦରୀ, ତୋତେ ମୋତେ ଆଲିଙ୍ଗନ କଲରେ
ନିମେଷକରେ ତୁ ଏକ ଚତୁର୍ଥରେ । ୪ ।

ତୁନି କର ଭାଷୁ ଏତେରେ
ତ୍ରପତ ନୁହଇ କାମୀ ତୁମ୍ଭ ମନଭାବ ମାନ କଲେ ଯେତେରେ
ତାପହାରିଣୀ, ତଳେ ନ ମୂର୍ଚ୍ଛେ ସେ ଗୁଣ ଗୁଣିରେ
ସାଧୁ ନାହିଁ ଉପେନ୍ଦ୍ର ଭଣିରେ । ୫ ।

33. ରାଗ-ଶଙ୍କରାଭରଣ : ତାଳ-ଆଠତାଳୀ

ଥୋପି ଦେଉଥାଇ ରଙ୍ଗ ଅଧର ସୁନ୍ଦରୀ
ଥାଇ ପୁଣି ତନ୍ଦ୍ରୀରେ ମଧୁର ରସ ପୂରି
ଥିରମଣ୍ଡଳ ମଣ୍ଡନା, ଥିର ଚନ୍ଦ୍ର ଆନ ନୋହେ ସେହି ରସଭାବନା । ୧ ।

ଥାଉ ଥାଉ ଏତେ ଦ୍ରବ୍ୟ ଅମୃତରୁ ସାର
ଥାବର କି ସୁରେ ସୁଧା କରନ୍ତି ଆହାର
ଥରେ ତାଙ୍କୁ ନିନ୍ଦୁଥାଇ, ଥାଣୁ ପରେ ଲବ ଭୟ ଉପୁଜଇ ନାହିଁ । ୨ ।

ଥିଲାଦିନେ ତୋହ ପାଖେ ରଜନୀ ଦିବସ
ଥିଲା ସ୍ତନା ପରତେ ହୁଅଇ ଏକ ଲେଶ
ଥିବ ଜୀବନେ କେ ରହି, ଅବର ହୃଦୟା ଯୁଗସମ ଦଣ୍ଡକ ହୈ । ୩ ।

ଥରୁ ଥାଉ ମଦନ ଖେଳେ ମୋ କୋଳେ ବସି
ଥରେ ଥରେ ଭିଡୁ ଥାଉ ଆଶ୍ୱାସି ଆଶ୍ୱାସି
ଥାପି ଥାଉ ଇନ୍ଦ୍ର ପଦେ, ଥୟ ନୋହୁ ମଲି ଇଷି ଭାଷି ପଦେ ପଦେ । ୪ ।

Digitized by srujanika@gmail.com

ଥୋଇଥିଲ ବିନ୍ଦୁ କାହିଁ ଏ ଦୁଃସହ ଦଶା
ଥିବି ବିଦେଶରେ ତୋହ ବିନୁ ନେବ ନିଶା
ଥିରଗତି ହଂସ ଜିଣି, ଥରେ ଦେଖିବି କି ଉପେନ୍ଦ୍ର ଭଞ୍ଜ ଭଣି । ୫ ।

34. ରାଗ-ଆହାରୀ : ତାଳ-ଏକତାଳୀ

ଦିନେ ଦିନେ ସୁଦନ୍ତୀ, ଦେଉ ଯେଉଁ ସୁରତି
ଦିବିପୁରେ ଜାଣିବାକୁ ନାହିଁ ଯୁବତୀ । ୧ ।

ଦନ୍ତ ପଲଙ୍କ ପର, ଦେଇ ଉରଜେ କର
ଦରହସ ବାଳା ଆଇ ରଧରେ ତୋର । ୨ ।

ଦିବ୍ୟ ବନ୍ଧରେ ରଙ୍ଗ, ଦନ୍ତେ ଚୁମ୍ବକ ସଙ୍ଗ
ଦେଲେ ରସନା ବୁଲାଇ ମୋତି ସେ ଅଙ୍ଗ । ୩ ।

ଦସ୍ତାନଧାନ ମୁହିଁ, ଦୃଢେ ବାଳା ଧରଇ
ଦ୍ରବୀଭୂତ ହେଉ କଣ୍ଠୁ ଫୁଙ୍କିଲେ ତୁହି । ୪ ।

ଦାତା ରତେ ତୋ ସରି, ଦେଖୁ ନାହିଁ ସୁନ୍ଦରୀ
ଦେବା ରସ ମଙ୍ଗରାଜ ଦମ୍ଭ କରୁଣ୍ଠି । ୫ ।

35. ରାଗ-କାଫି ମୁଖାରୀ : ତାଳ-ପହପଟ

ଧରଣୀ ମଣ୍ଡନା ଦିନେ ମୁଁ ସୁରତ ଅନ୍ତରେ ହୋଇ ହରଷରେ
ଧବଳ ସଦନେ ଯତନେ ବସାଇ ବନ୍ଧିଲି ବିଚିତ୍ର ବେଶରେ
ଆରେ ଧନରେ, ଧରି ତୋ ପୀବର ସ୍ତନରେ
ଧୂର୍ଜଟି ଧ୍ୱଂସି ମସି କରି ମୃଗମଦ ଲେଖିଲି ଚିତ୍ରକମାନରେ । ୧ ।

ଧୋଇ ହୋଇ ଯାଇଥିଲା ତୋ ସିନ୍ଦୂର ବିନ୍ଦୁ ଅର୍ଦ୍ଧ ଭାଲପଟ୍ଟୁରେ
ଧୀରେ ଚିବୁକ ଧରି ତାହା ରଚିବା ବେଳକୁ କି ଗତି କଲୁରେ
ଆରେ ଧନରେ, ଧଇର୍ଯ୍ୟ ହୋଇଲି ଭିନ୍ନରେ
ଧୂପିତ ଯେ ଗନ୍ଧେ ଫିଟିଲି କବରୀ କୁସୁମେ କଲି ମଣ୍ଡନରେ । ୨ ।

ଧ୍ୱନି କରିବ ବୋଲି ରତି କାଳରେ କାଢ଼ି ଯେ ଥିଲୁ ନୂପୁରରେ
ଧରିବାକୁ ପାଦ କର ବଢ଼ାଇଲି ଟଙ୍କି ବାରେ ତତ୍ପରରେ
ଆରେ ଧନରେ, ଧନ୍ୟ ଭାଷିଲୁ ବଚନରେ

Digitized by srujanika@gmail.com

ଧନ. କନ୍ଧ କଣ ପା'ଦ ଧଣବାର କାହିଁ ଶିଖିଲୁ ଏ ମାନରେ । ୩ ।

ଧ୍ରୁନ୍ତି ମୋହନୀ ଶୁଣି ମୁଁ ବୋଇଲି ମୁଁ ପରା ତୋ ପଦଜନରେ
ଧୀରା ତର୍ହିକ କହିଲୁ ଏହି ସ୍ନେହଥିବ ନିଜ ସବୁଦିନରେ
ଆରେ ଧନରେ, ଧରାରେ ଏମନ୍ତ ଜନରେ
ଧରବେ ତୋ ନାମ ଅଗ୍ରଣୀ କରଣ ରଖେ ବଶ ଯେତେ ଜନରେ । ୪ ।

ଧରାଧର ସୁନା କେବେ ଦେଇଁ ଚରଣେ ଛୁଆଁଇ ନ ଦେଲୁ କରରେ
ଧ୍ରୁବ ଏ ପାଷାଣ ଗିରା ପରା ଗିର ଗିରା ଲେଖିଛୁ ହୃଦରେ
ଆରେ ଧନରେ, ଧିକ ହେଉ ଏ ଜୀବନରେ
ଧ୍ୟାଏଁ ପ୍ରିୟା ଭାବ କହେ ଉପଇନ୍ଦ୍ର ମଙ୍ଗରାଜ ହେଲ ଷୀନୁରେ । ୫ ।

36. ରାଗ-ପଞ୍ଚମବରାଡି : ତାଳ-ତ୍ରିପୁଟା

ନୀରଦ ଗଗନେ ଘୋଟି କରୁଥିଲା ଘନ ବୃଷ୍ଟି ଝଟଝଟ ମାରୁଥିଲା ବିଜୁ
ନୀଳକଣ୍ଠେ ଭେକକୁଳ ଉଚ୍ଚେ କରୁଥିଲେ ରୋଳ
ତାହାଙ୍କ ବଚନ ଅଭି ମନ୍ତ୍ରରେ ନଳିନାକ୍ଷ,
ନିଶା ହୋଇଥିଲା ଅର୍ଦ୍ଧ ତହିଁ
ନୀପଗନ୍ଧ ଯେଣେ ଗନ୍ଧବହ ବହୁରେ । ୧ ।

ନିଷ୍ଠିନ୍ତେ ବିଳାସ ଶେଯ ଗବାକ୍ଷକୁ ଫେଇ ତୋଷେ
ଦେଖୁଯେ ଥିଲିଁ ଜଳଧରେ
ନିଦ୍ରା ଆଚ୍ଛାଦିଲା ଆସି କୋଳରେ ଯେଣେ ସୁକେଶୀ
ଶୁଭିଲି ଅବନୀ ଶେଯେ ଧୀରେରେ
ନବବାଳୀ, ନାଶ ଦୀପ ଯାଇ ବାତ ବଳେ
ନଚେଷ୍ଟା ହୋଇଲୁ ତହୁଁ କେତେବେଳେରେ । ୨ ।

ନିଛି ହୋଇ ଜୀବଧନ ଦେଖିଲୁ ତୁ ଯେ ସ୍ୱପନ ମୋ ସଙ୍ଗରୁ ବିଚ୍ଛେଦ ହେବାର
ନାଥ ନାଥ ବୋଲି ଖରେ ହାତକୁ ମାରି ହୃଦରେ
ଲୋଡିଲୁ ଉଚ୍ଛନ୍ନେ ଶେଯ ପରରେ
ନିତମ୍ବିନୀ, ନୟନରେ ପୂରିଥିଲା ନୀର
ନିଶ୍ୱେ ଦମଦମ ହେଉଥିଲା ଉରରେ । ୩ ।

ନାଗରୀ ଏ ଝାଡ ବୃତ୍ତି ଅତହିଁ ସଦ୍ଧରେ ମୁହିଁ
ଉଠି ତୋତେ କୋଳରେ ବସାଇ

Digitized by srujanika@gmail.com

ନିଜ ବାସ ଶେଷ ଯେନ ପୋଛୁ ଦେଇ ନେତ୍ରବେଣୀ
ବୋଇଲି ଏମନ୍ତ କାହିଁ ପାଇଁରେ
ନାଗମଣି, ନାହିଁ ବୋଲିକରି ହେଲୁ ତୁନି
ନତ ଦେହିକରି ପୁଣି କହିଲୁ ଭାବମତରେ ।୪।

ନାନା ଭାବେ ମନ ହରି ତୁ ପୁଣି ଏଡ଼େ ଚତୁରୀ
ମୋ ଚିତ୍ତ ବଳିବାବେଳେ ରତେ
ନିୟମ ସେ କରାଇଲୁ ସେ ଉତ୍ତରେ ରତି ଦେଲୁ
ସତେ ନ ଭ୍ରାନ୍ତିବ ବୋଲି ମୋତେରେ
ନିରବଧି ନୋହେ ଅନ୍ତର ସେ କଥା ସହି
ନାହିଁ ଗତି ଉପଇନ୍ଦ୍ର ଭଞ୍ଜ କହେରେ ।୫।

37. ରାଗ-କାଫି : ତାଳ-ସରିମାନ

ପୁଷ୍ପିତ କାନନେ ଦିନେ ବୁଲୁ ଦିନ ଅବସାନେ
ପୁରେ ମୁଁ ତୋତେ ନ ଦେଖି ଗୋଷ୍ଠଁ,
ପ୍ରବେଶ ହୋଇଲି ଯହିଁ ପୂର୍ଣ୍ଣ ସୁଧାକର ମୁହିଁ ।
ଇଚ୍ଛା କଲି ରତି ତୋର ବାସ ଶେଷ ଧରିରେ
ପୀନ କଚନା, ପ୍ରୀତି ଜାଣିବାକୁ ଏକା ତୁହି ସିନାରେ
ପକ୍ୱ ବିମ୍ବାଧରୀ ତୁ ଯେ କରୁ ମନାରେ ।୧।

ପରିହାସ ପରାମଣି ପଛେ ପଛେ ତୋ ରମଣୀ
ଗଲି ମୁଁ ବଢ଼ାଇଣ ସରାଗ
ପଶିଲୁ ମନ୍ଦରେ ଯାଇ ଚତୁର୍ଥ ତୁରିତେ
ତହିଁ ତୁ ଯେ ପାଡ଼ିଲୁ କପାଟ ଦୃଢ଼ା ବେଗରେ
ପଦ୍ମ ବଦନା, ପ୍ରକାଶିଲି ମୁଁ ଦର୍ଶନ ଦେଉ କି ନାରେ
ପୂର୍ବେ ଏ ରୀତ ନଥିଲା ସୁମନାରେ ।୨।

ପଦ୍ମ ନୀକରରେ ଯେନ ପ୍ରଫୁଲ୍ଲ କୁସୁମ ତନ ପକାଇଲୁ ମୋ ଉପରେ ଆଣି
ପୁଚ୍ଛିଲି ସତେ କି ବୋଲି ଶୁଣି କପାଳେ ଭ୍ରୂବଲ୍ଲୀ
ପ୍ରିୟେ ପୋଛିଲୁ ଶ୍ରୀମୁଖ ସେହି କ୍ଷଣିରେ
ପୃଥୁ ଉରଜା, ପାଇଲୁ ତୁ ବନ୍ଧୁ କି ଭାବରେ ଲଜ୍ଜାରେ
ପରିଯାଣ ତୁ ମୋର ବାକ ତନୁକାରେ ।୩।

ପୁଣି ମୁଁ ବୋଇଲି ଧନ ତୁ ଅଟୁ ଅତି ସୁଜାଣ ଜାଣିଣ ମାଇଲି ଆଣ୍ଟୁ ଫୁଲ
ଯାଇବି ସେହି କାନ୍ତରେ ଦଣ୍ଡ ଦଣ୍ଡ ଦଣ୍ଡକରେ
ଯେଣୁ ଅଣୁମଧ୍ୟା ନୋହିବ ତୋ ତୁଲରେ

Digitized by srujanika@gmail.com

ପାଦେ ଲୁଣ୍ଠନ୍ତି, ପ୍ରଚେ ଚନ୍ଦନ ଚନେଯୁଗ ସରରେ
ପଡ଼ିଲ୍ଣି ତ ପରମାଦ ଆସି କଣ୍ଠରେ । ୪ ।

ପଙ୍କଜ ନୟନୀ ବିପିନ ଅନ୍ତରେ ରହିଲୁ ଧନ ଏବେ ଏହା ଏ ଦେହ ସହୁଛି
ପଙ୍କଜରୁ ଅଶ୍ରୁ ବହିଲା ଫାଟି ପଡ଼ି ହିଁ ନ ଗଲା
ପିଣ୍ଡ ଏଠାରେ ପ୍ରାଣ ତୋଠାରେ ଅଛିରେ
ପ୍ରେମ ଲାଳସୀ, ପୂରାଇବ ସତେ ତୋ ସଙ୍ଗରେ ନିଶିରେ
ପଦ୍ମପତ୍ର କର ଉପେନ୍ଦ୍ର ଭଣିରେ । ୫ ।

୩୪. ରାଗ-ଜଦନ ପୁରିଆ ତୋଡ଼ି : ତାଳ-ଝମ୍ପଟ

ଫୁଟ ନ କର ପଡ଼ିଲେ ନୂକ ସାଙ୍ଗ ବସିବାବେଳେ ମୋ ପାଶେ
ଫଟିକ ମାଳ ସଖୀଙ୍କଠାର ଦେଇ ପଣ୍ଡୁଆ କ ଆଉ ରସେ ।
ଫାନ୍ଦେ ତୋ ଭାବ ଗୋ, ଫୁଲପଦ୍ମ ମୁଖୀ କାଶୁ
ଫାଟି ଯାଉନା ମୋ ହୃଦ ଚନ୍ଦ୍ର କାଷ୍ଠ ହୋଇଥିଲେ ଗୁଣୁଗୁଣୁ । ୧ ।

ଫୁଲ ଲଟକେଶୀ ଶଶୀ ଶୃଙ୍ଗାରେ ଚୁମ୍ବି ଥିଲ ତୋ ନୟନ
ଫୁଟିଛି ହୃଦ ତାହା ଭାବି ତହିଁରେ ଲାଗି ଯେ ଥିଲା ଅଞ୍ଜନ
ଫନ୍ଦା ତୁ ମୋର ଗୋ, ଫରଳା ହୃଦୟା ଉରୁ
ଫେରି ନ କହୁଣ ବାସେ ପୋଛୁ ଓଷ୍ଠ ସଖୀ ସଙ୍ଗେ ଥାଇ ଠାରୁ । ୨ ।

ଫେର ଯେ ବାସର ଝଇଲ ଦନେ ମୁଁ ବାସରେ ଏକାନ୍ତ ଦେଖି
ଫୁରୁଣାରେ ଭାଷ୍ଟ ନଟେଷ୍ଟ କଥାଟି ଏତକ ନ ଧାର ରଖି
ଫଳ ଏ ମୋର ଗୋ, ଫଣିଧର ସେବିବାର
ଫାଇ ସୁଖକୁ ଲଭିବେ ନେତ୍ର ବେଣ୍ଟ ବୋଲଇ ନାହିଁ ନ କର । ୩ ।

ଫେଇ ବାସ କୁଟେ କର ଦେଲ ଦନେ ବାଲାଥିଲୁ ନିଦ୍ରାଯାଇ
ଫଳକ କପୋଳେ ପୁଲକ ପୂରିଲା ଅଳପ ଚେତନା ପାଇ
ଫୁଟ ହାସିନୀ ଗୋ, ଫୁଲଇ ନାସିକା ଖରେ
ପିଙ୍ଗି ଦେଲୁ କର ଚରଣେ ପଡ଼ିଲି ତୋଳି ଲଗାଇଲ ଶିରେ । ୪ ।

ଫଟ ରୁ ନାହିଁ ବୁଝି ଗୁଣନିଧି ସେହିବିଧି ନିରବଧି ଚନ୍ଦ୍ର
ନ ଫାଟୁ ନାହିଁ କମ୍ପା ବଶିଖେ ମୋ ହୃଦ ଧିକ ହେଉ ରଢପଢ
ଫେଇ ଗୁହିଁଲେ ଗୋ, ଫୁଟେ ନେଏ ଶର ଦେହେ
ଫୁଟେ ମୁଁ ଜାଣଇ ଯାହା ହୋଏ ମନ ଉପେନ୍ଦ୍ର କହେ । ୫ ।

Digitized by srujanika@gmail.com

39. ରାଗ-ପୂରବୀ : ତାଳ-ପଡତାଳ

ବାଳାମଣି ପୂର୍ଣ୍ଣ ଚନ୍ଦ୍ର ନିଶାକୁ
ବନ୍ଧହୁଡ଼ କରି ଖେଳୁ ପଶାକୁ । ୧ ।

ବନ୍ଧୁ ହାରିଦେଲୁ ଆଉ ରୁଷାକୁ
ବିଧୁ ମୁଖ ଲଜ୍ଜେ କରି ରଷାକୁ । ୨ ।

ବଳା ଫେରି ଫୁଲ୍ଲଇ ମେ ନାସାକୁ
ବେଗେ କରୁ ସଫଳ ମୋ ଆଶାକୁ । ୩ ।

ବିଧିରେ ନ ଭଜେ ନେହ କଷାକୁ
ବଞ୍ଚଇ ରଜନୀ ଘେନି ଯୋଷାକୁ । ୪ ।

ବିନ୍ଧୁ ଦେଲା ଏବେ ଏତେ ଦଶାକୁ
କୋଟେ ଉପଇନ୍ଦ୍ର ମୃଗଦୃଶାକୁ । ୫ ।

40. ରାଗ-ଗଉଡ଼ମାଳଶ୍ରୀ : ତାଳ-ଏକତାଳୀ

ଭାବିନୀ ଥିଲୁ ଯେ ହନେ ମୀନ୍ଦ୍ର କରେ ନିବାନ୍ତି
ଭଲ କରି ପକାଇ ସିନ୍ଦୂରି ସୁରଙ୍ଗ ଶାଢ଼ୀ ଧରି । ୧ ।

ଭୁଲଇ ସେ ନେହ ମନ ବାଦକୁଟରେ ବଢ଼ାଇ
ଭବରିପୁ ସେ କାଳେ ଦଶିଖେ ଗୁହାଇ ବନ୍ଧୁ ଥାଇ । ୨ ।

ଭାବେ ଚୁମ୍ବ ଓଷ୍ଠ ପାନ ଆଲିଙ୍ଗନରେ ଭିଡି
ଭୋଗେ ରତି ରଚିବାବେଳକୁ ମାତ୍ର ମୁଁ ଆସି ଫେଡି । ୩ ।

ଭାଷିଲୁ ସଖୀରେ ମୋରେ ବଚନରେ ସୁମତି
ଭ୍ରମ ହେଲା ନୟୂମ ନାଥଙ୍କ ଆଜ ଏ ଭିନ୍ନେ ଖ୍ୟାତି । ୪ ।

ଭାଳି ମୁଁ ବୋଇଲି ଚଉ ତୁ କରୁଛୁରେ ବନ୍ଧ
ଭଣେ ମଙ୍ଗରାଜରେ ଖଞ୍ଚୁଛୁ ତୋର ଯେ ମାନବନ୍ଧ । ୫ ।

41. ରାଗ-କାମୋଦୀ : ତାଳ-ଏକତାଳୀ

ମରୁତେ ଅତାପିତ ଯେ ମନ୍ଦରେ ଗୋପିତ / ଅଗୁରୁରେ ଧୂପିତ କରିଥାଇ
ମଣିହାର୍ଯ୍ୟ ଭୂଷିତ କରିବାରୁ ହର୍ଷିତ / ପ୍ରକାରେ ଘୋର ଶୀତ ନାଶି ନେଇ
ଆହା ମହା ସୁଖଦାମୀରେ, ମୃଗ ଲୋଚନୀ । ୧ ।

Digitized by srujanika@gmail.com

ମଲ୍ଲିର ତୋ ବିହାରେ ଗନ୍ଧ ଚୋର ବାହାରେ
ନାହିଁ ମୋତେ ବାହାରେ ବାନ୍ଧି ଥାଉ
ମୁଖେ ଦେଇ ବଦନ ଚୁମ୍ବି କରି ମଦନ
ମା ଅଧରେ ରଦନ ଚିହ୍ନ ଦେଉ
ଆହା ମୁନୀନ୍ଦ୍ର ମୋହିନୀରେ, ମୃଦୁ ଭାଷିଣୀ । ୨ ।

ମହାରଜତ ତନୁ ଉତ୍ତମର ସୁତନୁ
ଲଭିଣ ତୋର ତନୁ ସୁଖୀ ହୋଇ
ମନେ ପାଞ୍ଚେ ସଂସାର ଲୋକେ ଏଣୁ ଅସାର
ଘୋଡ଼ ହୋନ୍ତି ନଶାର କାହିଁ ପାଇଁ
ଆହା ମୁକୁତା ଦଶନୀରେ, ମତ୍ତକାଶିନୀ । ୩ ।

ମୋତେ ରସି ଅନ୍ତରେ ଦୋଡ଼ାଇ ପର୍ଯ୍ୟନ୍ତରେ
ସେ ଭବ ନରନ୍ତରେ ଚକ୍ଷୁଁ ପୋଷେ
ମଣୁଥାଇ ଦମ୍ପତି ସୁଖବଡ଼ ସମ୍ପତ୍ତି
ନାହିଁ ମାର ବିପତ୍ତି ମାନ ନାଶେ
ଆହା ମରାଳ ଗାମିନୀରେ, ମହାମଣ୍ଡନୀ । ୪ ।

ମୁଁ ତୋ ପାଶେ ଥିବାର ଅନୁକ୍ଷଣ ସେବାରେ
ବାଧିବାରେ ନପାରେ ମନସିଜ
ମର୍ମେ ବିନ୍ଧୁଛି ଶର ପାଇଣ ଅବସର
କହଇ ଉପଇନ୍ଦ୍ର ମଙ୍ଗରାଜ
ଆହେ ମଧୁର ହାସିନୀରେ, ମହିଳାମଣି । ୫ ।

42. ରାଗ-ତୋଡ଼ିବରାଡ଼ି

ଜାଣିମାରେ ମୋ କରି ନାହୁଁ ମାନ, ଯୋଗରେ ପ୍ରସରିବାରେ ପବନ
ଜୁଡ଼ାମଣ୍ଡଳୁ ଫୁଲରେଣୁ ଝଡ଼ି, ଜାତ କଲ ଅଶ୍ରୁ ନୟନେ ପଡ଼ି
ଜଳକଣା ତୋତେ, ଜମ୍ବୁନଦାଙ୍ଗ ଦେଖିଛି ତୋ ନେହେ । ୧ ।

ଯାମିନୀ ବିଳାସେ ବଦନେ ଚନ୍ଦ୍ର, ଜଗନ୍ମୋହନୀ ତୋ ଗଣ୍ଡେ ରଞ୍ଜନ
ଜାଣି ତୁ ପ୍ରଭାତେ କର ସାରସେ, ଯତ୍ନେ ଘୋଡ଼ାଇ ବସିଲୁ ମୋ ପାଶେ
ଯୁବତୀଙ୍କ ବର, ଜାଣିଛି ଏତେ ଗଣ୍ଡେ ଦେବାକର । ୨ ।

ଜଳୁଥିଲ ଦୀପେ ପ୍ରଦୀପାବଳୀ, ଯତନେ ବିବସନ କରୁ ବାଳୀ
ଜାନୁ ଜାକିଣ ଲେଚ ହୋଇ ବସି, ଜଳଜ ମୁଖ କୁଚରେ ନିବେଶି
ଜୀବନ ସେ କାଳେ, ଯାହା ମୁଖ ନମ୍ର ଦେଖିଛି ଡୋଳେ । ୩ ।

Digitized by srujanika@gmail.com

ମାଇ ଏକାନ୍ତେ ବସି ରମ୍ଭାନ୍ତରୁ, ଯେଉଁ ନବ ନବ ଭାବ ବିସ୍ତରୁ
କାଢ଼ି କଳିକା ନଖେ ତାର ଗାର ଲେଖୁ
ହେତେ ଗୋଟି ରସ ମନରେ ରଖୁ
ଯୁବାମଣି ତନ୍ବୀ, ଯୁଗତେ ଦେଖିଛୁ ଚରିବା ମହ୍ନି । ୪ ।

ନବାଟର କଟେଁ ମଦନ ମନ୍ତ୍ରେ, ଜନମ ହୋଏ ଖରଶ୍ୱାସ ରତେ
ସାବତ ଲକ୍ଷଣ ଏମନ୍ତ କର, କଗିମାନର ଦେଖିଛୁ ସୁନ୍ଦରୀ
ଜପାମାଳି ବନ୍ଧୁ, କସ୍ତୁରି ତାହା ଉପେନ୍ଦ୍ର କହୁ । ୫ ।

43. ରାଗ-ମୁଖାରୀ : ତାଳ-ପହ୍ୱପଟ

ରମଣୀ ରତନ ରତାନ୍ତରେ ଏକଦନ
ରସାମଣ୍ଡନା ତୋର ମୋର ପାଲଟ ହୋଇଲା ବସନ । ୧ ।
ରାତି ଅନ୍ତେ ଶ୍ୟାମ ରାମା ଅତି ଲାଜପାଇ
ରାଜୀବ ନେତ୍ରୀ ମୋ ଆଗେ ଉଠାଇଲୁ ବଦନ ଲୁଆଁଇ । ୨ ।
ରସିକା ସିହାଣୀ ରସେ କହିଲି ମୁଁ ବାଣୀ
ରତି ଉଲଟ ତୋର ମୋର ଜାଣିମା ଚେମନ୍ତେ ଏ ପୁଣି । ୩ ।
ରକ୍ଷା ହେଉ କହୁ ରମ୍ଭାଉରୁ ତା ଚନ୍ଦ୍ରୋଇ
ରହସେ ପିନ୍ଧାଣ ପଣନ୍ତେ ପଣନ୍ତେ ବାସ ପାଲଟାଇ । ୪ ।
ରମଣୀସୁ ସ୍ତନ ରଙ୍ଗେ କରଇ ଲୋକନ
ରଚେ ଉପେନ୍ଦ୍ର ଭଞ୍ଜ ମଙ୍ଗରାଜ ସୁରସ ବିଧାନ । ୫ ।

44. ରାଗ-ଶଙ୍କରାଭରଣ : ତାଳ-ଏକତାଳୀ

ଲହୁଲି ବୟସୀ ଧନେ, ଲଳିତେ କି କହୁ କର୍ଣ୍ଣେ
ଲୋଭରେ ଚୁମ୍ବିଲି ଗଣ୍ଡ ଅତି ଛନ୍ନେ
ଅହାରେ ଲାବଣ୍ୟ ରାଶି, ଲାଖପଠା କଲା ମାର ତାହା ଦେଖି । ୧ ।

ଲଗିବା ଜାଣି ତାମ୍ବୁଲ, ଲୁଆଁଇ ମୁଖମଣ୍ଡଳ
ଲାଜ ପାଇ ପୋଛୁ ଯେନ ଚେଳାଞ୍ଚଳ
ଆହା ଲଳନାବର, ଲବେ ଥାଉ ବୋଲି ମୁଁ ଧଇଲି କର । ୨ ।

ଲଭିବ ସିନା ମନକଷ୍ଟ, ଲବଣୀ ପ୍ରଥମା ଗୋଷ୍ଠୀ
ଲେଖିଛୁ ଯତନେ ଯେତେ ଶ୍ରମ କରି
ଆହା ଲୋକରଞ୍ଜନୀ, ଲୋଭ ହାସ ପ୍ରକାଶିଲୁ ଶୁଣି ଧନୀ । ୩ ।

ଲୋଚନ ଢାଳି ଚଞ୍ଚଳେ ଲକ୍ଷଣ ଭାଷୁ କୋମଳେ
ଲଳିତ ଏ ନ ଯେନ ଶ୍ରମ ଆଚବଳେ
ଆହା ଲୋଲ ଲକ୍ଷଣା, ଲକ୍ଷକୋଟେ ଥିଲେ ମୁହିଁ ତୋ କଣା । ୪ ।

Digitized by srujanika@gmail.com

ଲୋକନାଥଙ୍କ ମନାଇ ଲଭିଥିଲି ତୋତେ ମୁହିଁ
ଲଙ୍ଘିବାର ବୋଲ କେବେ ଜାଣି ନାହିଁ ।
ଆହା ନୀଳା ବିଳାସ, ଲକ୍ଷ୍ମୀପତି ହେବ ଉପଇନ୍ଦ୍ର ଭାଷି । ୫ ।

45. ରାଗ-କାମୋଦୀ : ତାଳ-ପଡତାଳ

ବ୍ରହ୍ମାଣ୍ଡରେ ତୋହସରି ଦେଖିନାହିଁ ସୁନ୍ଦରୀ ମାନସ ମୋହନବାସ ରୂହରେ
ବଙ୍କିମ ନୟନ ଭଙ୍ଗୀ କାହିଁ ପାଇବେ କୁରଙ୍ଗୀ
ଜାଣି ଆଗୁ ବନେ ଛନ୍ତି ରହିରେ, ବନ୍ଧୁ ।
ବିମଳ କମଳଜିତ ମୁହିଁରେ ବନ୍ଧୁ ବିଧୁ କି ଅଟଇ ତ୍ରାସେହରେ
ବିଧୁ ବଦନକୁ ହାରି ହ୍ରାସେ ଉଡିଯାଇ କରି
ଝୁରି ଝୁରି କ୍ଷୀଣ କରେ ଦେହହରେ । ୧ ।

ବିଜୁଳିକି ବଳି ବର୍ଣ୍ଣ ଝଳରେ ଦଶେ ମଳିନ କରେ ବନ୍ଧୁଥିବା ସ୍ୱର୍ଣ୍ଣ ବାହରେ
ବର୍ତ୍ତୁଳ ଉତୁଙ୍ଗ ଘନସ୍ତନ ଯୋଗରୁ ଲୋଚନ
ଦରଶନ କରିନାହିଁ ମହୀରେ । ବନ୍ଧୁ ।
ବସନ୍ତ କୋକିଳପରି କହିରେ ବନ୍ଧୁ, ବାଣୀରେ ମୋ କର୍ଣ୍ଣ ଥାଉ ମୋହିରେ ।
ବାନ୍ଧବୀ ଚଳିବା ତୋର ଯେମନ୍ତ ଚଳି ମନ୍ଥର
ଗଜ ହଂସ ଶିଖିଲେ ସେ କେଉଁରେ । ୨ ।

କେଉଁରେ କଟି ତୋ ହରୁ ଯେସନେ ହେମ ଡମ୍ବରୁ
ନିତମ୍ବ ଉରକୁ କେହ୍ନେ ସହିରେ
ଖାଞ୍ଜେଣୀ ରସନା ଠନ ହେବାରୁ ତହିଁ ବନ୍ଧନ
ବଳ ପାଇ ନ ଭାଙ୍ଗଇ ଯହିଁରେ । ବନ୍ଧୁ ।
ବନ୍ଧୁକାଳେ ରହେ କଣ୍ଠ ନୋହିରେ ବନ୍ଧୁ, ବିମ୍ବରୁ ଥାଇ ମୁଁ କହେ ତହିଁରେ
ବିଧାତା ଏମନ୍ତ କଲା ସେ ଭାବ କେଣିକି ଗଲା
ଭ୍ରୂର ମନମଥ ଶର ବିନ୍ଧରେ । ୩ ।

ବିବେକ ବାଲା ରତନ ସୁନ୍ଦର ସିନ୍ଧୁ ମନ୍ଥନ
କରି ତୋତେ ଜାତ କଲା ବିହିରେ
ବନ୍ଧଣ ଶିରରେ ଶଶୀ ଏକାନ୍ତରେ ଥିଲେ ବସି
ଯୋଗଭଙ୍ଗ କେବେ ଶିବ ଚାହିଁରେ । ବନ୍ଧୁ ।
ବେଶ ଅଟୁ ତୁହି ବେଶକୁ ତହିଁରେ, ବନ୍ଧୁ ବେଶ ଲୋକାଗ୍ରହରେ
ଯିନା ବିହିରେ
ବିଶ୍ୱବନ୍ଦନ ଜୀବନ ଯାବତ ପରିବେଶନ
ଏକମାତ୍ର ତୋତେ ସିନା ଶୋହିରେ । ୪ ।

Digitized by srujanika@gmail.com

ବିଧିରେ ସୁନ୍ଦର ଗୁଣ ଥିବାରେ ବିଚାର ପୁଣ ଏମନ୍ତ ଶୁଣିଲି ନାହିଁ କାହିଁରେ
ବାଗ୍‌ସ୍ୱନ ଅଗୋଚର ଗତ ଏ ଆସ୍ୱଥ ତୋର
ତପ କରି ଲଭିଅଛୁ ମୁହିଁରେ । ବନ୍ଧୁ ।
ବାଞ୍ଛାନିଧି ତୁ ମୋ ପରିବାହରେ, ବନ୍ଧୁ, ବାଞ୍ଛା ମୋର ହୋଇଅଛି ଏହିରେ
ବାରେ ଲଭିଲେ ତୋ ପାଶ ବୋଲେ ଉପଇନ୍ଦ୍ର ଅବଶ୍ୟ
ଆଜ୍ଞ ପ୍ରବାସ କରିବ ନାହିଁରେ । ୫ ।

46. ରାଗ-ମୁଖାରୀ : ତାଳ-ଏକତାଳୀ

ଶିବ କରିବେ କି ଏତେ ଆଉ ସୁ ଜୀବିତେ
ଶ୍ରୀହସ୍ତ ପତ୍ରିକା ଲେଖିଦେବୁ ବନ୍ଧୁ ମୋତେରେ
ସାରଙ୍ଗ ଯାମିନୀରେ, ଶିରେ ତାହା ଘେନିରେ
ଶମ୍ବରାରି ତାପମନ୍ତୁ ମୁଞ୍ଚିବି ସଜନୀରେ । ୧ ।

ଶୀଘ୍ର କରି ତହିଁ ମୁଦ ପ୍ରମୋଦେ ଫେଡ଼ିବିରେ
ଶ୍ଳେଷକଣ୍ଠି ନୀବିଗଣ୍ଠି ଫେଡ଼ିବା ଭାବିବିରେ
ଶଶାଙ୍କ ବଦନୀରେ, ଶିଖି ଫଳ ସ୍ତନୀରେ
ଶୀତଳ ଭଜିବସିନା ବିରହ-ଅଗ୍ନିରେ । ୨ ।

ଶ୍ରବଣ ନୟନ ବେନି ହୋଇବେ ତୃପତରେ
ଶୁଣି ରସ ଭାଷ ଦେଖି ସବୁ ବର୍ଣ୍ଣ ପନ୍ତ୍ରରେ
ଶରଣ ବତ୍ସଳାରେ, ଶିକ୍ଷ କୋମଳାରେ
ଶଚୀପତି ପଦବୀ ମଣିବି ତୁଚ୍ଛ ବାଳାରେ । ୩ ।

ଶରକୁ କାମର ତାହା କବଚ କରିବିରେ
ଶମ୍ଭୁ ଦମ୍ଭ ହରି ହାରି ମଧ୍ୟେ ରଖି ଥିବିରେ
ସରସିଜ ମୁଖୀରେ, ଶଶିହାସୀ ସଖୀରେ
ଶୋକ ଦୂର ହୋଇବ ତୋ ଏ ସଙ୍କେତ ଦେଖିରେ । ୪ ।

ଶୟନ କରିବା ଯାଏ ଏକଶଯ୍ୟା ହୋଇରେ
ଶିଶୁ ମୃଗଦୃଶା ହେବ ଜୀବ ରକ୍ଷା ସେହିରେ ।
ଶ୍ରଦ୍ଧା ମୋର ଏହିରେ, ଶୁଭ ତୋ ଇଚ୍ଛାଇରେ
ଶୁଭ୍ରକେଶୀ-ଭାବଚନ୍ଦ୍ରା ଉପଇନ୍ଦ୍ର କହିରେ । ୫ ।

Digitized by srujanika@gmail.com

47. ରାଗ-ବଙ୍ଗଳାଶ୍ରୀ : ତାଳ-ସରିମାନ

ଷଣ ପୁଷ୍ପାଙ୍ଗୀ ଶରଷ ଚନ୍ଦ୍ର ମୁଖ ଉତ୍କର୍ଷ କଷୁରୀ କରୁକି
ଷଟପଦ ଶ୍ରେଣୀ ବିକଚ ପଦ୍ମକୁ ବେଢ଼ିଣ ଯେମନ୍ତେ ଝଙ୍କି । ୧ ।

ଷଡ଼ଜ ସୁସ୍ୱର ରଚନା ସେ ବଢ଼ି ଏବେ ତାହା ଥିବ ଗ୍ରାସି
ଷୋଡ଼ଶ ଚନ୍ଦ୍ର କଳାକୁ କାହୁଁ ଗିଳିଥିଲେ ରାହୁ ଯେସନ୍ତେ ଦଶି । ୨ ।

ଷଡ଼ଅଙ୍ଗ ପୁରେ ସମ ନାହିଁ ତୋତେ ସୁବର୍ଣ୍ଣରୁ ତନୁ ନେ ରା
ଷୋଡ଼ଶ ବୟସୀ ଦଶିବନ ଏବେ ସେ କାନ୍ତ କେତେକ ପରା । ୩ ।

ଷଡ଼ରତୁ ଯାକ ଯେ ଯାହା ଆଗମେ କେତେ ଦୁଃଖ ଦେଉଥିବେ
ଷଡ଼ାନନ ତାତ ଏଣୁଭ କରନ୍ତୁ ଏକା ରହିଥିବ ଜୀବ । ୪ ।

ଷୋଳ ଉପଚାରେ ପୂଜିବ ତାହାଙ୍କୁ କରି ସବୁ ଚତୁର୍ଦ୍ଦଶୀ
'ଷ' ବର୍ଣ୍ଣେ ଉପଇନ୍ଦ୍ର କହେ ଲଭିଲେ ମରକତ ନଭକେଶୀ । ୫ ।

48. ରାଗ-କେଦାର ଗୌଡ଼ା : ତାଳ-ସରିମାନ

ସୋପାନକୁ ଧନେ ଯାଉଛୁ ଉଠି
ସଦ୍ଧରେ ଦେଲି ମୁଁ କର ପଇଠି,ରେ ସୁନ୍ଦରୀ,
ସୁଖେ ପ୍ରକାଶି ହାସ, ସଧୀରେ ବୋଇଲୁ ଏ ପୁଣି କସ । ୧ ।

ସାରସଗନ୍ଧ ଗନ୍ଧ କଲି ମୁହିଁ
ସେବକର ଆଉ କି ସେବା ସନ୍ଧି,ରେ ସୁନ୍ଦରୀ,
ଶୁଣି ରୁଷିଲି ହୋଇ, ସାରସ କରକୁ ନେଲୁ ଛଡ଼ାଇ । ୨ ।

ସନ୍ତୋଷ ହେବାକୁ କରି ବଚନ
ସଜନୀ ରୁ ଯେ ଭାଙ୍ଗି ଦେଉ ପାନ,ରେ ସୁନ୍ଦରୀ,
ସୁଷ୍ଟୁ ଅଛୁ ତା ପୁଣି, ସୀମନ୍ତିନୀ ରୁଷ୍ଟି ହେବ କି ଚୂର୍ଣ୍ଣା । ୩ ।

ସଙ୍କୋଚ ପାଇ କଲୁ ଆଲିଙ୍ଗନ
ସବୁ ମଧୁ ଦେଇ ସବୁ ଚୁମ୍ବନ,ରେ ସୁନ୍ଦରୀ,
ସ୍ନେହେ କହିଲୁ ଏତେ, ସୁଜାଣ ତୁମ୍ଭଙ୍କୁ ନାହିଁ ଜଗତେ । ୪ ।

ସବୁଠାକୁ କାହୁଁ ଆହେ ପରାଣ
ସରସ ମିଶା ଭକ୍ଷ୍ୟମାନ ଆଣ,ରେ ସୁନ୍ଦରୀ,
ସୁମରୁଛି ମୁଁ ତାହା, ସାହା ନାହିଁଟି ଉପଇନ୍ଦ୍ର କହୁ । ୫ ।

Digitized by srujanika@gmail.com

49. ରାଗ-ଆନନ୍ଦଭୈରବ : ତାଳ-ତ୍ରିପୁଟା

ହରଣ ନେଲା ବିଦେଶରୁ ଯାଇ, ହେଲେ ତୋ ପାଶେ ପରବେଶ ସହି
ହଂସଗତି ସିହାଣୀ
ହେଲେ ବାଙ୍କ ଗୃହିଣୀ, ହେଲେ ପକାଇବ ଯେ ଦୁଃଖ ଆଣି । ୧ ।

ହୋଇବା ନିକଟ ସୁକେଶୀ ଦେଖି, ହଜାଇ ବିବେକ ବସିଲୁ ସଖୀ
ହେମ ଗୋଷ୍ଠ ତା ତୃହି
ହତଦମ୍ଭ ମୁଁ ହୋଇ, ହସ୍ତପୁଟ ଯୋଡ଼ି ହେବି ବିନମ୍ରୀ । ୨ ।

ହେଜ କହିବ ମୋଁ ଦିନ ଯେତେ, ହରବର ଦୁଃଖ ଦେଇଛୁ ମୋତେ
ହୃଦ ଯାହା ହୁଅଇ
ହରି ତାହା ଜଣାଇ, ହରଇ ନିଶି ଉଜାଗରେ ରହି । ୩ ।

ହିମକର ମୁଖୀ ରମଣୀମଣି, ହରଷ ହେବୁ ମୋର ଗୁଣ ଶୁଣି
ହସି ଅଳପ ସ୍ୱରୁ
ହାର କାଢ଼ି ଗଳାରୁ, ହରି ମଧ୍ୟପୁରେ ନେବୁ କାମବଶରୁ । ୪ ।

ହସ୍ତୀ ଦନ୍ତ ଖଟେ ରତିବିଳାସ, ହଠ କରାଇ ଛଡ଼ାଇବ ରୋଷ
ହରି ମଧ୍ୟମା ମୁହିଁ
ହେଲେ ସନ୍ତାପ ଦହି, ହେବ ସତେ ଉପଇନ୍ଦ୍ର କହଇ । ୫ ।

50. ରାଗ-ଚନ୍ଦ୍ରାକେଦାର : ତାଳ-ତ୍ରିପୁଟା

ଖ୍ୟାତ ମୋହ ପରି ହୋଇ କେହି, କ୍ଷିତି ମଧ୍ୟରେ ନିଷ୍ଠୁର ନାହିଁ
କ୍ଷୀଣୋଦରୀ, ଯୁବାକାଳରେ ବିଚ୍ଛେଦ ହେଲ ଦେହ ପୁଣି
ଏହା ସହିରେ, ଛଇଳା । ୧ ।

କ୍ଷପାରେ ନିଦ୍ରା ନ ଆସଇ, କ୍ଷୁଧା ଦିବସରେ ନ କରଇ
କ୍ଷରି କ୍ଷରି ନେତ୍ରୁ ଲୁହ ନ ରହଇ ଏକା,
ସୃଷ୍ଟି ଯାକେ ଦିଶୁ ଶୂନ୍ୟରେ ଛଇଳା, । ୨ ।

କ୍ଷମ୍ଭ ନୋହି କମ୍ପା ଅଛୁ ଭଲେ, କ୍ଷୋଭନାଶିନୀ ଦେଖିବୁ ଗଲେ
କ୍ଷଣ କ୍ଷଣକରେ ମୋହେ ହେଉଅଛୁ ତନୁ ଟଳେ
ପବନ ଲଗିଲେରେ, ଛଇଳା । ୩ ।

Digitized by srujanika@gmail.com

କ୍ଷୀଣ ଛାର ଫୁଲଶର କଳ, କ୍ଷିପ୍ରେ ହୃଦସ୍ଥ ଶରେ ଭେଦଲା
କ୍ଷଟପ୍ରଭ ଚୋଳ୍ପ ନବ୍ରୁ ଏତେ ସତ ହେବ ବୋଲି
ହଲେ ଲେଖିଥିଲରେ, ଛଇଳା । ୪ ।

କ୍ଷମାକର ପରତେ ପାବକ, କ୍ଷୋଭ ଗିରେ ପଡ଼ଇ କାଳକ
କ୍ଷମେ କହେ ଉପେନ୍ଦ୍ର, ମଙ୍ଗଳକ
ଗୁଣି ଗୁଣି ତୋହ ଗୁଣ ଯାକରେ, ଛଇଳା । ୫ ।

ରସପଞ୍ଚକ :

51. ରାଗ-କାଫି : ତାଳ-ସରିମାନ ପଞ୍ଚତାଳ (ଅନୁରାଗ)

ରାମାରଙ୍ଗେ ମୋତେ ଥରେ ଥରେ ଅନାଉରେ
ରହ ମୁଁ ଚାହିଁଲେ ତୁ ନ ଅନାଉରେ । (ଘୋଷା)

ରତି ପ୍ରାଣ ପତି ବାଣ, ମାର ଲକ୍ଷଣ ତୀକ୍ଷଣ,
ଏଥିଁ କେ ବଡ଼ ବୋଲି କି ଯେନାଉରେ । ୧ ।

ରାଜୀବ ମୃଗ ଖଞ୍ଜନ, କବ କରନ୍ତି ସମାନ,
ତାକୁ କି ଜଗତ ଯାକେ ଚହ୍ନାଉରେ । ୨ ।

ରଞ୍ଜନ ନୟନ ଠାର, ଗୁପତ ତହିଁ କୁଠାର,
ଯୁବା ଦମ୍ଭତରୁ କଟା ଚହ୍ନାଉରେ । ୩ ।

ରସାଳସା ଭ୍ରୂରୁ ଦୃଶା, ନାହିଁ ନାହିଁ ମୋ ଭରସା,
ବୋଲିବାକୁ ମୋର ସ୍ନେହ ଜନ୍ମାଉରେ । ୪ ।

ରସେ ଭଣେ ବୀରବର, ବାଳାକଳ୍ପ ସୀତ୍କାର,
ହସି ଯେ ନାଗର ମନ ମନାଉରେ । ୫ ।

52. ରାଗ-ସିନ୍ଧୁ ଦେଶାଖ : ତାଳ-ପହପଟ (ଗୁଣ୍ଠୁକ)

ରେ, ରାମା ରହ ରହ ଯାଅ କହ,
ରସ ଉଦସ୍ଥା ସୁହୃଦସ୍ଥା ମୋ ଠାରେ ସୁଦସ୍ଥା ଅଛୁ କି ନାହିଁ । (ଘୋଷା)
ରୁରୁ ଘଣ୍ଟ ନାଦ ବଶ ହେଲା ପ୍ରାୟେ ଟୁଣ୍ଟିଆ ଧ ନକା ମୁହିଁ
ରଙ୍କ ରତନ ପାଇଲା ପରି ପ୍ରତେ ଗଲେ ତୁ ହସିଲ ହୋଇ । ୧ ।

Digitized by srujanika@gmail.com

ରହେ ବସି ଝରକରେ କୁରଙ୍ଗ ପରାଏ ଯେଉଁ ଦିନ ଦେଖା ନୋହୁ
ରଖିଛୁ ହଂସାଦଶାକୁ ଗୃହି କାମ ଦହିଲ ଉପରେ ଦହି । ୨ ।

ରୂଦ୍ର ଯୋଗ ଭଙ୍ଗ ମୋ ଧୈର୍ଯ୍ୟ କେତେ କେ ରହିବ ତୋ କଣାଖ ଗୃହି
ରାହୁ ପ୍ରାପ୍ତ ପଚେ ହେଲେ ହେବି ଲୋଭ ଛାଡ଼ିତ ପାରିବ ନାହିଁ । ୩ ।

ରୂଭୂଷା ଯମିତ୍ରି ଯାଚ ଦେଇପାରୁ ରଚ କେଶ ଭଙ୍ଗୀ ରୁହି
ରଯେ ସ୍ଥିତି ଉପଇନ୍ଦ୍ର କେଉଁ ଯୁବା ବାଳାରେ ଏ ଗୃହ ବୃହି । ୪ ।

53. ରାଗ-କାଫି : ତାଳ-ପଡ଼ତାଳ (ପଶ୍ଚାତ୍ତ୍ୟ)

ଆରେ ରାମା ରୂପେ ମୁଁ ମଜ୍ଜିଲରେ
ରୁଞ୍ଜିଲି ବଚନେ ନାହିଁ କାହିଁକି ତେଜିଲରେ । (ଘୋଷା)
ରଯ ଘରଣୀରେ ମତି, ମୋହ ଉଦ୍ଧନ୍ତ ଯୁବତୀ,
ଏବେ ସେ ହେଜିଲରେ । ୧ ।
ରଞ୍ଜାଇବା ପାଇଁ ଦୂତୀ, ଭାଗ୍ୟେ ସେ ମିଳିଲା କତି,
ଭାବେ ନ ରଞ୍ଜିଲରେ । ୨ ।
ରାଧିକା କର ସଙ୍କେତ ଗଲା ନଇଲେ ମଲିତ
ଏହା ତ ଅର୍ଜିଲରେ । ୩ ।
ରଙ୍ଗେ ଧରି ଚେଲାଞ୍ଚଳ ବଳେ ତ ନକଲ କୋଳ
ଏ ଦୁଃଖ ଭୁଞ୍ଜିଲରେ । ୪ ।
ରସେ ଉପଇନ୍ଦ୍ର ବୋଲେ, କାମୀ ଭାଲେ କାମ ଭୁଲେ
ବାଦ ତ ସର୍ଜିଲରେ । ୫ ।

54. ରାଗ-କଲ୍ୟାଣ : ତାଳ-ପଟତାଳ (ବନସ୍ତ)

ରଖିଲି ମନ ବମ୍ବାଧରା ଧରରେ
ରମଣୀ ସେ କାହାର ନୃଆ ହୋଇ ବାହାର,
ଗଢ ମନ୍ଥରେ ନନ୍ଦାକର କନ୍ଥରେ ! (ଘୋଷା)

ରସାଣିଲି ହାଟକ, ସର କାନ୍ତ ଝଟକ,
ଛବିକି ନୀଳ ଅପସରି ସରରେ । ୧ ।
ରଦବାସେ ପ୍ରକାଶ, ଝଟକ ମୃଦୁହାସ,
ପଲକ ତାକୁ ଅନୁସର ସରରେ । ୨ ।
ରଙ୍ଗନେତ୍ର ଉଚିତ, କୁନ୍ତ ଢାଳି କୁଞ୍ଚିତ,
ଦେଲା ମରମେ ସୁକୁମାରୀ ମାରରେ । ୩ ।

Digitized by srujanika@gmail.com

ରଖ ମୋତେ ସେବାରେ, ଏତେ ଜଣାନ୍ତୁ ବାତରେ,
ସଙ୍ଗତେ ଥିଲେ ଅନୁତୃଷ୍ଣ ଗୃହରେ । ୪ ।
ରଚେ ଉପେନ୍ଦ୍ର କନ୍ଧ, କେ ଯୁବା ବୋଲେ ସନ୍ଧ,
ମଳ୍‌ଟି ହେଲ୍‌ବାରେ ଅଶ ଅଙ୍ଗରେ । ୫ ।

55. ରାଗ-ଆହାରୀ : ତାଳ-ଏକତାଳ (ପ୍ରାପ୍ତି ଇଚ୍ଛା)

ରହିଥାଇ ମୋ ଜୀବ, କାମ ତାପ କି ଯିବ,
ରାଜୀବ ଲୋଚନୀ କି ପାଇବି କି, ରସେ ମୋହିବି କି । (ଘୋଷା)
ରଜନୀକର ମୁଖେ, ଚକୋର ହୋଇ ସୁଖେ,
ସରୁ ଚନ୍ଦ୍ରିମାନ ବହିବି କି । ୧ ।
ରଦଚ୍ଛଦ ବନ୍ଧୁଳୀ, ମୋ ମନ ରହେ ଭୁଲି,
ଭ୍ରମର ହୋଇ ମଧୁ ପିଇବି କି । ୨ ।
ରସି ରସାଇ ଉରୁ ପରେ ବସାଇ ଶିରୁ,
ଖସାଇ କ୍ରମେ ନୀବି ଫେଇବି କି । ୩ ।
ରତି ଉତ୍ସବେ ମାତି, ଦନ୍ତେକ ଶବ୍ଦ ପ୍ରୀତି,
ସ୍ତନେ କରଜ ଚିହ୍ନ ଥୋଇବି କି । ୪ ।
ରଚିତ ହାରବର, ଯୁବା ପ୍ରୀତି ବଗୃର,
ସତେ ମୁଁ ପୂର୍ଣ୍ଣକାମ ହୋଇବି କି । ୫ ।

56. ରାଗ-ବସନ୍ତ : ତାଳ-ପହ୍ନପଟ (ବିନୟ)

ଋତୁ ବସନ୍ତେ ବଞ୍ଚିଲି, ରତିଶେ ବାଦ ରଚିଲି
ରକ୍ଷା ମୋର ମଞ୍ଜୁଳାକ୍ଷୀ ତୋ ଭ୍ରମୁରେ ପକ୍ଷ ହୋଇଥିବୁ ସଚ୍ଚିଲି । (ଘୋଷା)
ରଖି କମାଣ ସେ କରେ କଣ୍ଠାଜଲେ ନଚୁଇବୁ ଏକା ତୋଷିଲି ।
ରଞ୍ଜିବ ଗୁଣ ସେ ଜାଣି ମୁଁ କଜ୍ଜଳେ ଚଞ୍ଚଳିଟି ଭାବ ଅଞ୍ଚଳି । ୧ ।
ରୋଚେ ସେ ଧାଇଁଲେ ଚିହ୍ନା ବୋଲୁଁ ଚିହ୍ନି ଦେଲେ ତ ଶର ମୁଁ ଯୋଚିଲି
ରୋଷୀ ହୋଇ ଯେବେ ବାନ୍ଧିବ କି ହେବ କୁଚକୁମ୍ଭ ମଧ୍ୟେ ଲୁଚିଲି । ୨ ।
ଶପୁ ତାର ମୋର ଏ ଯେନ ଏକା ମୁଁ ରତି ଲଢିବାକୁ ପାଞ୍ଚିଲି
ରହସ୍ୟଗିରେ କେ ବୋଧେ କାନ୍ତା ଚିତ୍ତ ଉପେନ୍ଦ୍ର ବୋଲେ ତା ରଚିଲି । ୩

Digitized by srujanika@gmail.com

57. ରାଗ-ମୁଖାରୀ : ତାଳ-ପଡ଼ତାଳ

ରସିକା ରମା ନେହାଇ ମୋ ତୁହି, ରତୁଙ୍କ ମଧ୍ୟେ ମୁଁ ବଞ୍ଚିବ କେହ୍ନେ
ରାଜୀବ ଲୋଚନ ବଡ଼ ଦାରୁଣ, ରଚନ୍ତି ମୋ ପାଇଁ କୁସୁମ ବାଣ । ୧ ।
ରତି ରଣକୁ ନୋହି ଅଛୁ କଣେ, ରଖିବ କି ଆଉ ମହତ ବାଣେ । ୨ ।
ରଟୁଥିବେ ପୁଣି କୋକିଳମାନେ, ରଖିବ କେ ଧୈର୍ଯ୍ୟ ଶୁଣିଲେ କାନେ । ୩ ।
ରତିନେବ ପୁଣି ଅରାତି ମୋତେ, ରଖିବୁ କି କରି କହୁଲ ତୋତେ । ୪ ।
ରସିକ କାନ୍ତ ବାଣୀ ନବୀନା ଚାଉ, ରସେ ଉପଇନ୍ଦ୍ର ଭଞ୍ଜ ଉଚିତ । ୫ ।

58. ରାଗ-କାଫି : ତାଳ-ପହ୍ନପଟ

ରମାମଣିକ, ରସେ ଯତ୍ନବନ ଶାଣେ ଶାଣିକ
ରୁଣ୍ଡି କଲ ଅଙ୍ଗମାନଙ୍କେ ବଚନ ଶୋଭାଭଙ୍ଗୀ ମାନ ଆଣିକ । (ଘୋଷା)
ରଚାଇ ଜଙ୍ଘା ବଦେଳ ପ୍ରଳୟକୁ ଠଳ କଲ ଘନ ଶ୍ରେଣୀକ
ରଖାଇଥିଲ ଗଣ ନାଚେଶ ଖେଳାଇ ଶିଖାଇ ଭ୍ରୂଲତା ଫଣିକ । ୧ ।
ରଞ୍ଜଇ ଅଞ୍ଜନ ନେତ୍ରେ ଉପୁଜାଇ ଦେଲଣି ବନ୍ଦ ଚନ୍ଦ୍ରାଣିକ
ରକ୍ତ ବନ୍ଧନ ଶର ଧରା ଭରମ ହେବାକୁ ଖଞ୍ଜନ ଏଣୀକ । ୨ ।
ରୁଚେ ମନକୁ ଦେନଲ ବଦନକୁ ମାଜିଲ ମୁକୁର ଠାଣିକ
ରଙ୍ଗୋଷ୍ଠ ଅରୁଣ ବଣେ ଝଟକାଇ ହାସ୍ୟ ଜ୍ୟୋତ୍ସ୍ନା ପୁରମଣିକ । ୩ ।
ରାଜେ କୁଚ ଉଚ୍ଚ ହୋଇ କ୍ରମେ କ୍ରମେ ହେମ ଅଚଳୀ କର୍ମାଣିକ
ରାଜାଭିଷେକ କରିବ ପାଞ୍ଚଜନ୍ୟ କୁସୁମ କୋଦଣ୍ଡ ପାଣିକ । ୪ ।
ରଣିତ ବଳାରେ କୁହାଇ ଉରୁରେ ଭୃଙ୍ଗିଳାନ ରମ୍ଭା ଆଣିକ
ରଚେ ଉପଇନ୍ଦ୍ର ଭଞ୍ଜ କେଉଁ ଯୁବା ହେବେ ମୋ କି ଚନ୍ଦ୍ରା ଏଣିକ । ୫ ।

59. ରାଗ-କନଡ଼ା : ତାଳ-ପଢ଼ତାଳ

ରସବନ୍ତି ମୋ ମନରୁ ମୁରୁଛୁ କି ହୋଇବ
ରମ୍ଭୋରୁ ଗୁମୁରୁ ଯାଇ, ମେଲଣି ହେବକି କହ,
ଯତ ମୋ ବଳବ କେହ୍ନ, କି କରୁଛୁ ଦଇବ । ପଦ ।
ରଜନୀ ଶେଷରୁ ଉଠି, ତା ମୁଖେ ପଡ଼ଇ ଦୃଷ୍ଟି,
ମୋ ନେତ୍ର ଏ ସୁଖ ସୃଷ୍ଟି, ମଧ୍ୟେ କାହୁଁ ପାଇବ । ୧ ।
ରୁଷି ମୋହି କୋମଳାଙ୍ଗୀ, ଆହା ମହା ଅନୁରାଗୀ,
ନେତ୍ର କଜ୍ଜଳ ମୋ ଲଗି, ଅଶ୍ରୁ ଜଳେ ଧୋଇବ । ୨ ।

Digitized by srujanika@gmail.com

ରୋଷେ କରବ ପ୍ରହାର, ମରମେ ଯେ କାମ ଶର,
ମୋ କଥାକୁ କି ବିଚାର, ଧନ କି ମୋ ଜଗିବ । ୩ ।

ଗ୍ରୀଷକାଳେ ଏ ବୟସେ, ମନୋହର ମଧୁ ମାସେ
ଲେଖିଥିଲ ଭାଳଦେଶ, ବାଳା ଭିନ୍ନେ ଶୋଇବ । ୪ ।

ରଚତ ପାଠ କୁମାର, ଯାହା ଉଦ୍ଦେଶୀ ବିଚାର,
ଗୁଣ ଦୁହେଁ ଦୁହିଁଙ୍କର ପଦ ଯୋଡ଼ି ଗାଇବ । ୫ ।

60. ରାଗ-ମୁଖାରୀ : ତାଳ-ଏକତାଳୀ (ମେଲଣି)

ରାମା, ଚହ୍ଲରେ ମୁଁ ମେଲଣି ହେଉଛି
ରାମାଜାଣେ ହୃଦ କି ବ୍ୟଥା ପାଉଛି (ପଦ)
ରୋଷ ନ କର ମୋତେ ପକାଉଥିଲୁ ଚରଣ ସେବାରୁ ଦୂର ହୋଇଯାଉଛି । ୧ ।
ରଖି ଜୀବନ ମନ ତୋ ପାଶେ ପ୍ରାଣହୀନ ପିଣ୍ଡ ମାତର ଘେନା ନେଉଛି । ୨ ।
ରସଦା ତୁ ବିବେକୀ ମୋର ଆୟତ୍ତେ ନଜ ତୋ ପାଇଁ ତାପ ସହି ଥୋଉଛି । ୩
ରହିଲ ଏ ଅଯଶ ବନ୍ଧୁ ମୁଖ ସାରସ ମଳିନ ଚୁହିଁ ଯାହା ପାଉଛି । ୪ ।
ରଚିଲ ପ୍ରିୟ ବାଣୀ ପ୍ରିୟା ସନ୍ତାପ ଶ୍ରେଣୀ ଉପେନ୍ଦ୍ର ଭକ୍ତ ହରି ଧାଉଛି । ୫ ।

61. ରାଗ-ଆଶାବରୀ, ତାଳ-ପଢ଼ତାଳ (ସ୍ୱାଧୀନଭର୍ତ୍ତୃକା)

ସଙ୍ଗାତ ଆରେ ସହଜେ ନ ଜାଣେ କିଛି ମୁହିଁ
ଦମସ୍ତେ ବୋଲନ୍ତି କାନ୍ତ ହେବାରୁ ମୋର ମୋହିତ,
କି ମନ୍ତ୍ର କରିଛି ବୋଲି ଏହି (ପଦ)

ସିନ୍ଦୂରୀ ପଟମା ଶାଢ଼ୀ, ପିନ୍ଧ ଯେ ଥାଇ ସଜାଡ଼ି
ସୁବେଶ ଅଧିକେ ହେବ ନାହିଁ
ସିନ୍ଦୂର ଅଳତା ପୁଷ୍ପେ, ଶୋଭନ କରନ୍ତି ଆପେ,
କି କହିବି ବସିଥାଇ ଚୁହିଁ । ୧ ।

ଶୁଙ୍ଘିଲି ଦେଖିଲେ ମୁଖ, ହୋଇ ମୋର ପାଖ ପାଖ
ପାଦେ ମୋ ପକାନ୍ତି ଶିରଛୁଇଁ
ସତ ଏ ଜନ ନ ଥାଏ ମୋ ହସିଲି ହେବାଯାଏ
ବୋଲନ୍ତି ଏ ସୁଖ କାହିଁ ପାଇଁ । ୨ ।

ସଦନେ ଏକାନ୍ତ ବେଳେ କୋଳ ବିନା ମୋତେ ତଳେ
ହିଁଲେ ବସାଇବା ଅଛି କାହିଁ

Digitized by srujanika@gmail.com

ଶେଯ କରି ତାଙ୍କ ତ୍ରୁଟି ଗର୍ବ ଭୋଳେ ଦେଉଥାନ୍ତି
ପ୍ରତି ନିଶି ଯିବାଯାଏ ପାହି । ୩ ।

କୁସୁମ ନାଳ ସୁରୁଚି ଭୃତ୍ୟ ପ୍ରାସ୍ତୁ ଦେଲି ରଚି
ଗୃଲବେ ବସାଇ ଏବେ ତହିଁ
ସ୍ୱାଧୀନ ଭର୍ତ୍ତୃକା ନାୟୀ ସ୍ନେହ ବଚନ ତୃତୁଷି
ଉପେନ୍ଦ୍ର ବୀରବର କହି । ୪ ।

62. (ବାସକ ସଜ୍ଜା)

ସୁମତି ଅଧୀରା, ଚଞ୍ଚଳ ଦଳାଳିନୀ କଣ୍ଠକୁ ପରି ଶିଥିଳିତ ହାର ଦେଖ ତାରା,
ସ୍ୱାମୀ ନଇଲେରେ କି ଯେନ ।
ଶେଯାଇଛୁ ଆଜ, ସେବତୀ ପାଖୁଡ଼ା ଝଞ୍ଜ ଦ୍ରବ୍ୟ ଶେଯ,
ସିଞ୍ଚି ହେମ ରଜ କିଏ ହେଜ । ୧ ।

ସଜାଡ଼ିଛୁ ପୁନ ସୁବାସିତ ଚୂଆଗୁଆ ସାଚି ପାନ,
ସୁମନସ ଚନ୍ଦନ ବସନ । ୨ ।

ସୁବେଶ ହୋଇଛୁ, ସ୍ୱରୂପେ ମୁଁ ତାହାକୁ ମୋହିବା ଇଛି
ସୁଫଳ ନୋହୁଛି ସେ ତ କାନ୍ତ । ୩ ।

ସରସ ଚତୁର, ସୁମରଣ ନୋହିଲି କି କଥା ମୋହର,
ସଙ୍ଗତେ କାହାର କି ବିହାର । ୪ ।

ସ୍ୱଚ୍ଛେ ବୀରବର, ସଜ୍ଜିତ ବାସକ ସଜ୍ଜା ସୁବ୍ରାଚ୍ଛୃର
ଶ୍ୱାସ ମୁଞ୍ଚେ ଖର ନିରନ୍ତର । ୫ ।

63. ରାଗ-ମୁଖାରୀ : ତାଳ-ଏକତାଳୀ (ବିପ୍ରଲବ୍ଧା)

ସଖୀ ଯିବା ଉଠ ଗୋ, ସତେ କଲେ ମଠ ଗୋ
ସଙ୍କେତ ସ୍ଥାନକୁ ଆସି, ସରିଲା ବିଅର୍ଥେ ନିଶି (ପଦ)

ସଦନେ ନେବା ସଙ୍ଗତେ, ସୁଖ ଅରଜନ ଏତେ
ସରୋଜ ନୟନେ ନୀର, ସୁହୃଦେ କାମ କାତର । ୧ ।

ସୁମନ ଲୁଟ ପ୍ରକାର, ସ୍ୱଭାବ ଅଟେ ବିଟର
ସ୍ୱପନେ ଥିଲି ଜାଣିକି, ସତ ଦେଖିଲି ଏଣିକି । ୨ ।

ସୂର୍ଯ୍ୟମଣି ସେ ଯେ ସ୍ନେହ, ସନ୍ତାପୁ ଆନ ଜନ୍ମାଇ
ସେପରି ମୋଠାରେ କଲା, ସୁରସିକ କେହି ହେଲା । ୩ ।

Digitized by srujanika@gmail.com

ସିଂହ ଚତୁର୍ଥୀ ଚନ୍ଦ୍ରରୁ, ସେ ବଡ଼ ମୋ ଅଳଠାରୁ
ସଦନେ ରହିବ ଗୃହିଁ, ସତ୍ୟ କରୁଅଛୁ ମୁହିଁ । ୪ ।

ସଂସାର ହୋଇଲେ ଜନ, ସକଳ ମହତ ଧେନ
ସୁଭକ୍ତ ବିପ୍ରଲବ୍ଧାର, ସର୍ବେ ଭଞ୍ଜ ବୀରବର । ୫ ।

64. ରାଗ-କଲ୍ୟାଣ ଆହାରୀ : ତାଳ-ଏକତାଳୀ (ବିରହୋତ୍କଣ୍ଠିତା)

ରେ ସହଚରୀ, ସୁଖୀ ହେବ ଲଭି ପ୍ରିୟକୁ !
ସୁନ୍ଦର ଗୃହରେ ଆଜ ଜୁଡ଼ାଇବେ ମୋର ଲାଜ ଦୂରକଲା କାମ ଭୟକୁ (ପଦ

ସନ୍ନିଧେ ମିଳନ୍ତେ ମୁହିଁ ବସାଇବେ କୋଳେ ନେଇ,
ମୁଖେ ଦେଇ ଚୁମ୍ବଚୟକୁ
ଖସାଇ ଦେହରୁ ବାସ, ସେ ଯେ କରିବେ ଆଶ୍ଲେଷ
ଦେଖାଇ ନ ଦେବ କାୟକୁ । ୧ ।

ସୁରତ ରତରେ କଣି, ମନକୁ ରଖିବେ ପୁଣି
ରତ ଗତ ସମୁଦାୟକୁ
ସନ୍ତୋଷ କରିବେଟି କ ବଜାଇ କ୍ଷୁଦ୍ର ଘଣ୍ଟିକା,
ମୁଁ ରତିରଣ ଜୟକୁ । ୨ ।

ସେ ଯେ କରିବେ କରଜ, କ୍ଷତ ବିଧିରେ ବିରାଜ,
ମୋ ଉରଜ ଶମ୍ଭୁ ଦ୍ୱୟକୁ
ଶୁଖାଇବ ସୁଧା ପିଇ ଅଧରେ ଦନ୍ତ ବସାଇ,
ଏକ ଭାବେ ସେ ସମୟକୁ । ୩ ।

ଶୁଣନ୍ତିଟି କ ଆସି ଏବା, ନାହିଁ ଯାଇ ଦ୍ୱାରେ ଗୃହିଁ,
ରଖିଥିଲେ ମୋର ଲୟକୁ
ସଖ୍ୟାବାନ ଉପଇନ୍ଦ୍ର ଭଞ୍ଜ କହେ ପ୍ରେମାନନ୍ଦ,
ଉତ୍କଣ୍ଠିତା ରସୋଦୟକୁ । ୪ ।

65. ରାଗ-ଚନ୍ଦ୍ରାମୁଖାରୀ : ତାଳ-ପଢତାଳ (ପ୍ରୋଷିତଭର୍ତ୍ତୃକା)

ସଙ୍ଗିନୀ ସ୍ୱାମୀ ଗଲେ ବିଦେଶ
ସରିଲାଣି ମୋର ନବବୟସ (ପଦ)

ସଙ୍କୁଳି କ ଖଳ ଧାତା ଏକାଳେ ଦେଲା ଏକାକୀ କ୍ଲେଶ
ସଦନ ବନଚନ୍ଦନ ଘନସାର ତ ଦଶେ ଅଗ୍ନି ସଦୃଶ । ୧ ।

Digitized by srujanika@gmail.com

ସଫୁଲ ମଲ୍ଲୀ ମଧୁପ ମଲ୍ଲୀ କୋକିଳେ ପୁଣି କଲେ ନିର୍ଘୋଷ
ସୁଦର୍ପ ହୋଇ କନ୍ଦର୍ପ ନିଶ ଧରଇ ମାରେ ନେବକି ଯଶ । ୨ ।

ସଙ୍କଟ ଏଣୁ ପ୍ରକଟ ବଳାଗଲଣି ପଗ୍ର କଣ୍ଠ ଦିବସ
ସରସ ଚଉଠେ ମୋର ରସ ନ ପଣ୍ଡିଲ କି ମୂର୍ଚ୍ଛ ବରଷ । ୩ ।

ସନ୍ଦେଶ ନେଇ ସେ ଦେଶେ ଯାଇ କେ ପୁଣି ଆଣି ଦିଅନ୍ତା ହିଶ
ରଚେ ବୀରବର ଏ ଗୀତେ ପ୍ରୋଷିତଭର୍ତ୍ତୃକାରେ ବିରସ । ୪ ।

66. ରାଗ-ଆହାରୀ : ତାଳ-ରୂପକ 'କଳହାନ୍ତାରିତା)

ସରୋଷ ହେଲି ସଖୀ ମୁଁ ହୁଣ୍ଡିଲି
ସଭରମ ହୋଇ କାନ୍ତେ କି କରମ କଲି (ପଦ)

ସାରହାର ସେ ତାହାର କଣ୍ଠରୁ କରି ବାହାର
ଗଳାରେ ଦେଉ ମୋହର କର ଫିଙ୍ଗିଦେଲି । ୧ ।

ସୁ ଚରଣର ତେତେବେଳେ ସ୍ତନ ବିନ୍ଧାଲି ମୋତେ ତୋଲେ
ଧରୁ ପଛେ କରି ତଳେ, ଖସି ସେ ବସିଲି । ୨ ।

ସନ୍ତାପରୁ କି କାରଣ, ବୋଲି ଧରି ମୋ ଚରଣ
ମାଗୁଥିଲେ ସେ ଶରଣ ଦେଲି କମ୍ପା ପେଲି । ୩ ।

ସେ ନିରାଶ ମୋର ଗୃହୁଁ ଯାଇ ନିଶ୍ୱାସ ପକାଇ
ଦ୍ୱାରେ ଦଣ୍ଡେ ଥିଲେ ରହି ତେବେ ନ ଗୃହିଲି । ୪ ।
ସୁରସେ ଉପେନ୍ଦ୍ର କହି, କଳହାନ୍ତାରିତା ଏହି
ବୋଲେ ବନ୍ଧୁକୁ ତୁ ସହି, ନ ବୋଧିଲେ ମଲି । ୫ ।

67. ରାଗ-ମୁଖାରୀ : ତାଳ-ଦ୍ରୁତ ପଡତାଳ (ଅଭିସାରିକା)

ରେ ସୁନ୍ଦରୀ ସତ ଯା କହି, ସତ୍ୱର ଗମନ ମନ ଆବେଶ କାହିଁ (ପଦ)
ସୁବେଶ ରତ୍ନମାଳିକ, ହାରକେ ନାହିଁ ସରାଗ,
ଏ ଗୁପତ ଅନୁରାଗ ଜାଣିଲୁ କେହି । ୧ ।

ସୁମନାବର ଚତୁର୍ଥୀ ଜବାରେ ଗନ୍ଧ ରତୁର୍ଥୀ,
ଲେପି ହୋଇଛୁ କସ୍ତୁରୀ ଚନ୍ଦନ ନୋହି । ୨ ।

ଫନ୍ଦର ସବୁ ପ୍ରସନ୍ନ, ପିନ୍ଧିଛୁ କଳା ବସନ,
ବାନ୍ଧିଛୁ ପଗ୍ର ନିସ୍ୱନ କାଞ୍ଚୀରେ ନାହିଁ । ୩ ।

Digitized by srujanika@gmail.com

ସଞ୍ଚିତ ଚନ୍ଦ୍ରେ ରମଣୀ, ଅଞ୍ଚଳ ଚକ୍ର ଜ ମଣି,
ଦୀପ ନୋହେ ଫଣିମଣି ମାର୍ଗରେ ରହି । ୪ ।

ସତରଙ୍ଗେ ନୟନକୁ ଢାଙ୍କି କିମ୍ପା ଅୟନକୁ,
ଜାଣି ଜନ ଶୟନକୁ ଆସିଛୁ ତୁହି । ୫ ।

ଶୁଣି ସଖୀର ଏ ଗତ, ଧରିକର କଲା ଗତ,
ଏ ଅଭିସାରିକା ଗୀତ ଉପେନ୍ଦ୍ର କହି । ୬ ।

68. ରାଗ-ଶଙ୍କରାଭରଣ : ତାଳ ଏକତାଳୀ (ଖଣ୍ଡିତା)

ସୁଜାଣ ନାଥ ସେ ତୋ କାମିନୀ, ସାରିଲୁ ଆଜ ଯା ସଙ୍ଗେ ଯାମିନୀ
ସୁରସ ଜଣେ ବିଶେଷ, ଶୀଘ୍ର ଯାଅ ତାର ପାଶ
ଶୋଚନା ବଞ୍ଚନା ମୋତେ, ସାକ୍ଷୀ ଛନ୍ତି ଅଙ୍ଗ କେତେ (ପଦ)

ସୁହାଗ ପୋଡ଼ି ଓଳଗିଲୁ ସତେ, ସେ ଭାବ ପୁଣି ଦେଖାଅ ତୁ ମୋତେ
ସରକତ ଭାଲଦେଶେ, ସ୍ୱଚ୍ଛେ ଅଳକତ ଦଶେ
ଶାଢ଼ୀ ତାର ଅଛୁ ବହି, ସହିକେ ପାରିବ ଚାହିଁ । ୧ ।

ସୁଧାଂଶୁ କଳଙ୍କ ତ ପୋଛୁ ନୋହେ, ସେ ରୂପେ ହୃଦେ ନଖରେଖା ମୋହେ
ସୁନାତନୁ ଛୁଁ ନା ମୋର, ସହିକେ ତୋ ଗୀତ ଚୋର
ସଞ୍ଚା ଆଣିଛୁ ଚତୁର, ସାକ୍ଷାତେ କି ପରିହର । ୨ ।

ସରାଗ ଶୁକ ପ୍ରାୟ ମୁଖେ ଅଛି, ସ୍ୱଭାବ ଦରପଣେ ନୋହେ କାଛ
ସେ ଓଷ୍ଠ ଗୁଞ୍ଜ ଆକାରେ, ଅଞ୍ଜନ ନେତ୍ର ଚୁମ୍ବରେ
ସନ୍ନିଧେ ଥାଉ ଯାହାର, ସେ ପଣ୍ଡିତ ତୁ ତାହାର । ୩ ।

ସେବକ୍ଷି ଜଗି ଶୁଅନ୍ତି ତାର, ସୂଚନା ମୋର ଗୃହ କଣ୍ଠୀର
ସୁଖେ ବେଣୀ ନାହିଁ ପାଦ, ସମର୍ପି ଏ ତ ପ୍ରମାଦ
ସର୍ବେ ଉପେନ୍ଦ୍ର ଭଞ୍ଜ, ସୁ ଖଣ୍ଡିତା ତା ଭାବ ଗୁଞ୍ଜ । ୪ ।

69. ରାଗ-ଘଣ୍ଟାରବ : ତାଳ-ଏକତାଳୀ (ପ୍ରୋଷିତଭର୍ତ୍ତୃକା)

ସଙ୍ଗାତ, ସ୍ୱାମୀ ମୋ ବିଦେଶ ଯିବାର
ସ୍ୱଉପାୟେ ବିଘ୍ନ ବଲ ଅଧିବଙ୍କ ଫୁଲବରରେ । ପଦ ।

ସୁମଙ୍ଗଳ କୁମ୍ଭେ ସଖୀ, ସହକାର ଶାଖା ଦେଖି,
ଷଟପଦ ମାଳାଏ ଲେଖି, ସଜଳ ହେଲା ସେ ଆଖିରେ । ୧ ।

Digitized by srujanika@gmail.com

ସୁତନ୍ତ୍ରୁଳ ଜରେ ଯାଇ, ସୂଚକ ଶୁଭେ ଦେଖାଇ
ସ୍ୱେଦ ଅଙ୍ଗ ତାପ ପାଇ, ସେ ଗଲ ଅନ୍ୟ ହୋଇରେ । ୨ ।

ଶାଢ଼ୀ ନେଇ ନବଗଣ୍ଡି, ସେ ଦଶୀ ଛନ୍ଦ୍ରାର ପୁଣି
ସମର୍ପି ଦର୍ପଣେ ପାଣି, ସ୍ମିତେ ଗୃହେଲ ସେ କ୍ଷଣିରେ । ୩ ।

ସନ୍ତ୍ରୁଟି କଳି କି ପ୍ରୀତି, ଶ୍ୱାସକୁ ତେଜି ଝଟିତି
ସେ ଯାବ ତାଙ୍କ ପ୍ରତୀତ, ସୁମଚନ୍ଦ୍ର ରତ ପନ୍ଥରେ । ୪ ।

ସହସ୍ର କେହ୍ନ ଅନ୍ତର, ସଚନ୍ଦ୍ରା ଗରବ ମୋର
ସଜେ ଷ୍ଟେତ ବୀରବର, ସୃଷ୍ଟି ପ୍ରୋଷିତପତିକାରରେ । ୫ ।

70. ରାଗ-କାମୋଦୀ : ତାଳ-ଏକତାଳୀ (ଅନୁନୟୋକ୍ତି)

ନେହକୁ କେମନ୍ତେ ଏ ଦର୍ଶିଲରେ
ସେ ତୋତେ ଅନୁଯଶ ଭାଷିଲରେ (ପଦ)

ସେବକ ଜନେ ମାନ କରିବାର ବିଧାନ,
ଏ ତୋ ଅବଧାନକୁ ଆସିଲରେ । ୧ ।

ସିନ୍ଦୂର ଗନ୍ଧ କ୍ଷିତି, ଗୃହେ ବସିଲେ ଗତି,
ନାହିଁ ଷଷ୍ଠମ ଶର ନାଶିଲରେ । ୨ ।
ସୁଖ ସୃଷ୍ଟି ଦାସ୍ୟିକା, ଦୋଷ ପଛକୁ ପକା,
ବନିତ ଯେଣି ହୃଥ ହସିଲରେ । ୩ ।

ସୁଶୀଳାରେ ବଗ୍ୟର, ତାହା ଦୁଃଖ ତାହାର,
ଯାହାରେ ସହୁଁ ମନ ରସିଲରେ । ୪ ।

ସରସୀରୁହ ମୁହଁ ୀ, ସରସ ଚନ୍ଦେ କେହ୍ନ,
ସ୍ତନ କଠିନ ଏବେ ମିଶିଲରେ । ୫ ।
ସହି ପ୍ରବୋଧ କରେ, ମାନମାନ ଏ ଗୀରେ
ଉପେନ୍ଦ୍ର ବୀରବର ଭାଷିଲରେ । ୬ ।

71. ରାଗ-ଧନଶ୍ରୀ : ତାଳ-ତ୍ରିପୁଟା (ଗାଢ଼ରତା)

ପାଇଲ ଭାବ କେ ସ୍ମିତେ ମତେ କହେ ଏତକ
ପଞ୍ଚଦଶ ବରଷରସିକା ପ୍ରୀତିଅଧିକ (ପଦ)
ପ୍ରବେଶ ମୋ କେଳିପୁରେ ସଖୀ କଲ ବେଳକୁ
ପଳାଇଲ ଦେହଳି ପାଶରୁ ନେଲ କୋଳକୁ । ୧ ।

Digitized by srujanika@gmail.com

ପ୍ରୀତଗୃଷ୍ଟ ଭକ୍ତକ କହିଲ ଯେତେ ପ୍ରକାରେ
ପାଟଳ କୁସୁମ କର୍ଣ୍ଣ ନ ତେଜିଲ ଭ୍ରମରେ । ୨ ।
ପୁରନ୍ଦର କର ଲୁଚ ପରେ ଦେଉ ମୋ କର
ପକାଇ ଧଅଇ କରେ କ୍ରୋଧ ହେଲ ପ୍ରକାର । ୩ ।

ପ୍ରବଳେ ଫେଇ ବସିଲି ଯେତେବେଳେ ତା ନୀବି
ପ୍ରତିବନ୍ଧକ ବହିଲ ଯେତେ କେତେ କହିବି । ୪ ।

ପ୍ରଥମେ ରସ ଆରମ୍ଭ ହୋଇଲ କି ଅରତ
ପୁଷ୍ପକ ନାମକୁ କଲ ପୁନଃ ପୁନଃ ଖଣ୍ଡିତ । ୫ ।

ପ୍ରଭବ ଯୌବନା ଗାଢ଼ରତା ସ୍ୱଭ ଏ ହୋଇ
ପ୍ରଭାକର ବଂଶୀ ଉପେନ୍ଦ୍ର ଭଞ୍ଜ କହଇ । ୬ ।

72. ରାଗ-ପରଜ : ତାଳ-ଏକତାଳୀ (ବିପରୀତ)

ପ୍ରିୟା କି କଲା ଏ ରତରେ ବିରୁଦ୍ଧାଙ୍କିତରେ ମାତରେ
ପ୍ରକଟି ରସନା ଦେଖାଇ ନ ଦେଲ ଅନଙ୍ଗେ ଥାଇ ମତରେ
ପୃଷ୍ଠେ ନାଚୁଥିଲ ବେଣୀ, ପଞ୍ଚଶର ରଣେ ଜିଣି
ପଞ୍ଚିଶ ସାଧନ ଆରମ୍ଭ କରି ମୋ ଦମ୍ଭ ପକାଇଲ ହାଣିରେ । ୧ ।

ପଦ୍ମମୁଖୀ ସ୍ୱେଦ ଝରି, ପ୍ରସନ୍ନେ ଏମନ୍ତ ଦିଶି
ପଞ୍ଚଦଶୀ ଶଶୀ କାମ ସର୍ବ୍ୱବନେ ସିଞ୍ଚୁଥିଲେ ସୁଧାରାଶିରେ । ୨ ।

ପୟୋଧରେ ଖେଳେ ହାର, ପୁଣି ଗୁରୁଚନେ ତୋର
ପ୍ରାଚୀ ଅଚଳେ ନ୍ତଳା ଦୋଳା ରଚିଲ ପର୍ଯ୍ୟସ୍ତ ଅନେକ ତାରରେ । ୩ ।

ପ୍ରଲେଷ୍ଟ ତା ନାସାମଣି ପ୍ରଭାରେ କଟକ ଜିଣି
ପୂଜନେ ରଙ୍ଗେ କେତେ ଟାଙ୍କ ଆଳତି ଦୋହଲଇ ପୁଣି ପୁଣିରେ । ୪ ।

ପାପ ସେ କାଳରେ ଥିଲ ପୂର୍ଣ୍ଣ ମନୋରଥ ହେଲ
ଫୁଲବାଳା ରତି ଶୋଭା ଲେଖି ଉପେନ୍ଦ୍ର ଭଞ୍ଜ ପ୍ରକାଶିଲି । ୫ ।

73. ରାଗ-ଧନାଶ୍ରୀ : ତାଳ ପଡ଼ତାଳ

ପ୍ରତେ ହେଲ ଯେତେ ସୁଖ ରତିରେ
ପ୍ରାଣବନ୍ଧୁ ଫୁଲ ରତେ ମାତି ଯାହା ପ୍ରଦର୍ଶାଇଲ ସୁରସ ଭାବ ତାହା (ପଦ)
ପ୍ରତିଦନ ନ୍ତଶି ଯୋଷି ସରୁ ନାହିଁ
ପୂର୍ବକରି ମୋର ନେଜେ ଅଛୁ ରହି । ୧ ।

Digitized by srujanika@gmail.com

ପ୍ରବୃଦ୍ଧ କଙ୍କିଣୀ ନାଦେ ମୂକ ବଳା
ପ୍ରଦ୍ୟୁମ୍ନକୁ ମନ୍ତୁ ବୋଲେ ପଳା ପଳା । ୨ ।

ପ୍ରକାଶି ବେଣୀ ଭୁଜଙ୍ଗୀ ଖେଳି ଖେଳି
ପ୍ରଜ୍ଞା ସାର ଦମ୍ଭକୁ ମୋ ଦେଲା ଗିଳି । ୨ ।

ପ୍ରିୟକ କୁସୁମ ସମ ହେମ ଅଙ୍ଗ
ପ୍ରବୃଦ୍ଧ କଲା ଉତ୍ସାହ ଅତି ବେଗ । ୪ ।

ଫୁଲ୍ଲ ଫୁଲ୍ଲ ରତି ରାତି ମନୋହର
ପ୍ରକଟିତ କଲା ଭଞ୍ଜ ସାରବର । ୫ ।

74. ରାଗ-ଚକ୍ରାସିନ୍ଧୁଡ଼ା : ତାଳ-ରୂପକ (ରତାନ୍ତ)

ଆରେ ପ୍ରାଣ ପୀରତି, ପ୍ରୀତିବନ୍ତ ଭିନ୍ନ ଆଜ ରାତିରେ,
ପ୍ରତେ ହେଲ ଯେ ସୁଖ ରତିରେ ପତି ସଙ୍ଗେ ନେଲୁ ସରା ରାତିରେ
ପୃଥ୍ୱୀ ଶିର ଲଳିତ ଚମ୍ପା ଗର୍ଭ ପ୍ରାପ୍ତେ ଶୋଭି ଶମ୍ପାଗାନ୍ଧି
ପକ୍ଷୀଶ୍ୟେନ ଭୟ ଲଭିଲ ଖଞ୍ଜନ ପ୍ରାପ୍ତ ତୋ ଅଞ୍ଚଳ ନେତ୍ରରେ । ୧ ।

ପୌର୍ଣ୍ଣମାସୀ ନଶି ଶେଷେ ଶଶୀ ଥିଲା ପ୍ରାପ୍ତ ତୋ ମୁଖ ନୀରସ
ପ୍ରଭାମଣ୍ଡନା ଚାମର ପ୍ରାପ୍ତ ଫିଟି ଚରମେ ଲୋଟୁଛି କେଶରେ । ୨ ।

ପ୍ରବାଳ ପଲ୍ଲବେ କୀଟ ଭେଦ ପ୍ରାପ୍ତ ଦନ୍ତକ୍ଷତେ ଦନ୍ତବାସ
ପକ୍ୱେଷ୍ଟ ଖଣ୍ଡ଼ ଫଳ ହିଙ୍ଗୁଳିଲ ପ୍ରାପ୍ତ ଗଣ୍ଡେ ପାନ ରସରେ । ୩ ।

ପର୍ବତ ରାଜେ କନ୍ଦର୍ପ ଦନ୍ତଘାତ ପ୍ରାପ୍ତ ନଖକ୍ଷତ କୁଚେ
ପତନ ଛିଣ୍ଡିଲ ହାର ମୋତି ଗଙ୍ଗା ଝଲିଲା ପ୍ରାପ୍ତ ସୁସଞ୍ଚରେ । ୪ ।

ପାଗ ଫିଟିଲ ସରୀ ଯୋଡ଼ା ମସ୍ତକୁ ନୀବୀ ଖସିଯାଇ ଶୋଭି
ପାଦବଳା ନାଦେ ରଣ ପରାଜୟ ରାଜାତୁର ପ୍ରାପ୍ତ ଶୁଭେରେ । ୫ ।

ପାଲଟିଛି ସିନା ମଗଧ ନୃପତି ପ୍ରାପ୍ତ ପଳାଇଲା ଲାଜ
ପୁନ ମୋଠାରେ ନ ରଖ ସଖୀ ହାସ୍ୟେ କହେ ଉପେନ୍ଦ୍ର ଭଞ୍ଜ । ୬ ।

75. ରାଗ-ତୋଡ଼ି : ତାଳ-ଦ୍ରୁତପଡତାଳ (ରତିଚନ୍ଦ୍ରା)

ସେ ରମା ସୁହାଇଲାରେ ପ୍ରେମ ରସେ ଆଜ ରାତି
ପୁରନ୍ଦର ପଦ ଯାଚି ଦେଉଥିଲା ରତି ଏକ ଏକ ଗତି ଯେ । (ପଦ)

Digitized by srujanika@gmail.com

ପ୍ରଖର ନଖରେ ଲଗି ହେ ରାମା ଚମକି ପଡିଲା ବେଗି
ଫଡ଼ିଥିଲା ରଦେ ଦଶନ ବସନ ଏ ପୁଣି କେମନ୍ତ ଭଙ୍ଗୀ ସେ । ୧ ।
ପ୍ରତ୍ୟକ୍ଷ ସ୍ତନେ ରସନା ସେ ରାମା ପୁଲକେ ହୋଇ ରଞ୍ଜନା
ପରୁଶ ଏ ପୁଣି କିସ ବୋଲି ଚାଉ କଣି ନେଉଥିଲା ସିନା ସେ । ୨ ।
ପଡନ୍ତୁ ମନରେ ଏବେ ସେ ରାମା ପାଶୋର ନୁହଇ ଲବେ
ପୁଣି ପୁଣି କରି ମଦନ ମନ୍ଦର ଝୁଲୁଥିଲା କେତେ ଭାବେ । ୩ ।
ଚଳା ଚଳା ବୋଲି ବଳା ସେ ରାମା ପଞ୍ଚଶରେ ଡାକୁଥିଲା
ପ୍ରୀତି କେଡ଼େ ଜାଣେ ଚନ୍ଦନ ଗୋଟିକେ ଥରେ ଅଳିଙ୍ଗନ ଦେଲି । ୪ ।
ସେ ପଟାନ୍ତର ତାକୁ ହେବ ସେ ରାମା ପ୍ରତି କହୁ ଆଜ୍ଞାନାହିଁ
ପୁଣ୍ୟରୁ ପାଇଲି କେଉଁ କାମୀ ଭଲେ ଉପେନ୍ଦ୍ର ଭଞ୍ଜ କହୁ ସେ । ୫ ।

76. ରାଗ-କଲ୍ୟାଣ : ତାଳ ଏକତାଳୀ (ମୁଗ୍ଧା ରତିସ୍ପୃହ)

ପାଶୋର ନୋହିଲା ପ୍ରେୟସୀ ସେ ଯେଉଁ ଭାବକୁ ବହିଲା । (ପଦ)
ପ୍ରଦ୍ୟୁମ୍ନ ଯୌବନୀ ପ୍ରୀତି ଘଟକ ଯେନ,
ପ୍ରମୋଦେ ସଖୀ ବେନି ପାଶେ କହିଲା ସେ । ୧ ।
ପଦ୍ମ କୋରକ ସ୍ତନ, ସ୍ପର୍ଶ କରୁଥନ,
ପାଟକୁରଙ୍ଗୀ, ଛନ୍ନ ପରି ରହିଲା ସେ । ୨ ।
ପକ୍ୱ ବିମ୍ବ ଅଧର, ପାନ କରଣେ କର,
ପକାଉ ମୁଖ ତାର ପୋଛିକି ନେଲା ସେ । ୩ ।
ପାଦ ଧରନ୍ତେ ମୁହିଁ, ପଛକୁ ଘୁଞ୍ଚି ରହି,
ପଙ୍କଜ ନେତ୍ରେ ଅଧ୍ୱ ଦୟା ବହିଲା ସେ । ୪ ।
ପ୍ରେମ ଯତନ କରି, ପ୍ରାରମ୍ଭ କାମନାରି,
ପୁତ୍ରୀ କୃତ୍ରିମ ପରି ହ୍ରିୟ ଶୋହିଲା ସେ । ୫ ।
ପ୍ରାୟଶ ମୁଗ୍ଧାଙ୍କିତ, ପୀରତି ରତିସ୍ପୃହ,
ପାଟକୁମର ଖ୍ୟାତ ପ୍ରବନ୍ଧେ କହିଲା ସେ । ୬ ।

77. ରାଗ-କେଦାରଗୌଡ଼ା : ତାଳ-ତ୍ରିପୁଟା

ପ୍ରମଦା ଯେଉଁ ଭାବ ଦେଇଛି, ପଥର ଗାର ପରି ମନେ ରହିଛି । (ପଦ)
ପ୍ରବେଶ ହୁଅନ୍ତେ ପହରେ ରାତି, ପଦ୍ମନାଭ ସୁତ ମତରେ ମାତି । ୧ ।

Digitized by srujanika@gmail.com

ପ୍ରଧାନ କାନ୍ତ ପନ୍ତରେ ଆହ୍ଲାଦ, ପ୍ରବର୍ତ୍ତାଇ ରସ ବିଶେଷେ ମୋଦ । ୨ ।
ପକାଇ ଅନ ବୋଲୁ କାଞ୍ଚି ବନ୍ଧା, ପାହୁଡ଼ ମୂକ କରେ ପାଇ ଲଜ୍ଜା । ୩ ।
ପତିପ୍ରତୀକ ଦଶିବାରୁ ଭୟ, ପାଇ ଯେତେ ରଙ୍ଗ ରଚି ଉପାୟ । ୪ ।
ପ୍ରଳୟ କର କରେ ମୋତେ ଦେଖି, ପ୍ରୌଢ଼ୀୟା କ ଯେନ ବୁଜଇ ଅ.ଖି । ୫ ।
ପ୍ରବୀଣା ମଧ୍ୟା ରତିସ୍ପୃଷ୍ଟ ଏହୁ, ପଦେ ଉପଇନ୍ଦ୍ର ଭଞ୍ଜବୀର କହୁ । ୬ ।

78. ରାଗ-ଭୈରବ : ତାଳ-ସରିମାନ (ପ୍ରଗଳଭା ରତିସ୍ପୃଷ୍ଟ)

ଆହେ ପ୍ରାଣମିତ, ପ୍ରତିକ୍ଷଣେ ପଡ଼େ ମନେ ମୋର
ମୃଗାକ୍ଷି ନନ୍ଦନୀ ସୁରଧନୀ ସୁକେଶୀ ମୋହିନୀ ପୀରତିର ମନୋହର (ପଦ)

ପକାଇ ଶେଯ ଚତୁର ଗୃହିଣୀର ଗୃହିଣୀର ରଜନୀରେ ପାଶେ ବସି
ପ୍ରକଟ ଅଙ୍ଗହାବରେ କର ତାର ମୋର କରେ
ମାରନେଲ୍ କେତେ ଦଣ୍ଡ ନିଶି । ୧ ।

ପ୍ରଖର ନଖର ଗାର କରୁ କର ଅଙ୍ଗହାର ରଙ୍ଗହାର ରମଣୀ ହୃଷ୍ଟ
ପଚାରିଲା ଅବଳା ଚତୁଃଷଷ୍ଟୀ କାମକଳା
ବାହ୍ୟରତି ଆଦି ବିପରୀତ । ୨ ।

ପଦ୍ମ ମୁଦ୍ରିତ କୋରକ ମୁଖକର ସକମ୍ପକ କଣ୍ଠୀ ଘଣ୍ଟି ରଚିବାର ବୃଦ୍ଧି
ପ୍ରିୟଙ୍କ ପ୍ରିୟ ବଇରି କୁଞ୍ଚିକୁ ଚଞ୍ଚଳ କରି
ଘନରସ ଦେଲା ବରଷାଇ । ୩ ।

ପାଇ ଶ୍ରାନ୍ତ ରତି ଶେଷ ଶ୍ରମ ସ୍ୱେଦର ବିନାଶେ ଉରଜରେ ଆଉଜାଇ ରଖି
ପଞ୍ଚମୁଖ ପ୍ରଭଞ୍ଜନ କରି ବ୍ୟଜନ ରଞ୍ଜନ ପରି ଆଶ୍ୱାସିଲା ବିଧୁମୁଖୀ । ୪ ।

ପ୍ରଗଳ୍ଭା ନାୟି ସୁରତି ଲକ୍ଷଣରେ ସ୍ଥିତ ରସିକ ସେ ମୂର୍ଚ୍ଛିକି ସେ ମୋହେ
ପଦ ଯେ ଷଡ଼ ମୁଖର ତା କୋଷ ଉଭବ ନର
ଭଞ୍ଜ ଉପଇନ୍ଦ୍ର ଗୀତେ କହେ । ୫ ।

79. ରାଗ-ଗୁଜ୍ଜରୀ : ତାଳ-ଦ୍ରୁତପଡତାଳ (ପ୍ରୌଢ଼ଉତ୍କଣ୍ଠା)

ସେ ପରାଣ ପରି ମୋର, ପ୍ରକାଶ ରାଗ ଏମନ୍ତ
ପୋଡ଼ି ପାବକ ହରି ଶିଖି ତା ପାଦ ଯାବକ ଛଟେ ଛନ୍ଦିତ ।

ପ୍ରିୟାର ଏକ ଦୂଷଣ, ପାନ ବୋଲ ଖେଳେ ଚୁମ୍ବିବା ଲାଗିଲା
ରହୁ ମୋର ହିଁ ଭୂଷଣ । ୧ ।

Digitized by srujanika@gmail.com

ପୃଷ୍ଟା ଏକ ମୋର, ପଦ୍ମନେତ୍ରେ ଲଗି ତାର ଯାଁ
ମୋ ଓଷ୍ଠ ବିମ୍ବ ଗୁଞ୍ଜର ଆକାର । ୨ ।

ପୃରୁଷାସ୍ମିତ ସର୍ଜକ, ପ୍ରକଟ ବେଣାକ୍ଷୀର ସ୍ନେହରସ
ହୃଦେ ଜକ ଜକ । ୩ ।

ପରହାସୀଙ୍କି କ ଦର ପ୍ରମଦା ରତନ ନଶାବାରେ
ମୂର୍ଦ୍ଧେ ହୋଇଥାଏ ଜର ଜର । ୪ ।

ପ୍ରୀଢ ଉତ୍କଣ୍ଠା ଉତ୍ତର ପ୍ରବର୍ତ୍ତି ରସେ ସଖାକୁ କେଉଁ ପୁଂସ
କହେ କହେ ସାରବର । ୫ ।

୪୦. ରାଗ-ବଙ୍ଗଳାଶ୍ରୀ : ତାଳ-ତ୍ରିପୁଟା

ପଥ ପ୍ରବାସ ରହିତ କେଉଁ ପ୍ରିୟତମା ପ୍ରିୟଥିଲେ ବସି
ପବନ ବହୁ ପୂର୍ଣ୍ଣ ଶଶୀ ଉଦୟ କୁହୁକୁହୁ ପିକ ଘର୍ଷୀ ଯୋ । ୧ ।

ପଶ୍ଚରେ ପ୍ରମଦା କାନ୍ତରେ ବହୁଚି ଏହୁ ମନ୍ଦ ଗନ୍ଧ ବହୁ
ପରାଣ ଇଶ ଭିନ୍ନ ହେଲ ନାଗଙ୍କ କ କର ଦହଇ ଦେହ-ଯେ । ୨ ।

ପୁଷ୍କର ମଣ୍ଡଳ ତାରକା କୁମୁଦ ପ୍ରକାଶେ ଏ ଶୀତକର
ପ୍ରାପ୍ତ କେହୁ ମିଥ ଭାବକୁ ଅପୂର୍ବ ଏହୁତ ଚମତ୍କାର.ଯେ । ୩ ।

ପୀୟୂଷ ରସ ଆଭାସ ଭାଷ ଯାର ଏ ପରପୁଷ୍ଟ ବଚନ
ପର୍ବତ କଣ୍ଟକ ଶତବନ୍ତ ହୋଇ କରେ ବିଯୋଗ ତର୍ଜ୍ଜନ ଯେ । ୪ ।

ପ୍ରିୟ କହଇ ପଦ୍ମଜ ସର୍ଜନା ଏ ଜଳ ଅଗ୍ନିକ ଲଭାଏ
ପୂର୍ଣ୍ଣ ଭବ ମଧ ଅନ୍ତର ହେବାରୁ ସେହୁ ତାହାକୁ ଶୁଖାଏ ଯେ । ୫ ।

ପ୍ରଗାଢ଼ କଲ ପିଷ୍ଟ ପ୍ରକୃତ ଖଣ୍ଡ ପୂର୍ଣ୍ଣି ପ୍ରିୟତମ ଉକ୍ତି
ପ୍ରାରୂଢ଼ ମୁଗ୍ଧା ଲକ୍ଷ୍ମଣ ଏ ଲକ୍ଷଣ ଅଗ୍ରଜେ ଉପେନ୍ଦ୍ର ଉକ୍ତି:ଯେ । ୬ ।

୪୧. ରାଗ-ମରୁଆ : ତାଳ-ପଡ଼ତାଳ (ମାଲାରାଗ)

ଚତୁଷ୍ଟ ସ୍ମୃତୁଷ୍ଟ ପ୍ରେମସର,
ଚତୁର୍ଦ୍ଦଶ ପୁରେ ଏ ଅନୁରାଗରେ ନଥିବେ କେହୁ ରସିକା ନାଗ୍ରୀ ।

ଚତୁରାଷ୍ଟ ବେଳେ ଡୋଳା ମାଝ ଖେଳେ ଅପାଙ୍ଗ ସମାନ ବଳରହେ
ଚତୁର୍ଥୀର ଶଶୀ ଅର୍ଦ୍ଧହାସ ଦଶି ନ ଦଶି ରଙ୍ଗ ଅଧର ଶୋହେ । ୧ ।

Digitized by srujanika@gmail.com

ଚାରୁ ମୃଦୁଗୀର କହନ୍ତେ ମାତର କର୍ଣ୍ଣପୁଟ ପୂର୍ଣ୍ଣ କରି ରହେ
ଚିତ୍ତ ଅମରଷେ ଭ୍ରମରେ ସବେଶେ କଳୁଷ ଅଂଶ କଦାପି ନ ରହେ । ୨
ଚାତୁର୍ଯ୍ୟେ କେ କାହା ଗୁଣ ଉଦ୍‌ଘାଟନ ନ କରି ରହି ମାନସ ରସି
ଚିତ୍ତଜରସ ପୂରିତ ଅଙ୍ଗ ଦେଖି କେହୁ କେ ନୁହନ୍ତି ପରଶଂସି । ୩ ।
ଚନ୍ଦନ କର୍ପୂର ଚମ୍ପାଦାମ ଉରଦେଶେ କେଶରେ ସୁବେଶ ନୋହି
ଚଞ୍ଚଳ ଚିନ୍ତା ସମାନ ଅବର୍ଦ୍ଧନ ତୁଟ୍ଟ ରହିତ ସର୍ବଦା ବହି । ୪ ।
ଚାତୁ ଅରସିକେ କେମନ୍ତେ ଏ ଲୀଳାରାଗ ଲକ୍ଷଣ ସହଜେ ସାର
ଚିରକୁଟ ସ୍ଥାୟୀ ସୀତା ରାମ ଯଥା ତାଙ୍କୁ ଭଜେ ଭକ୍ତ ବୀରବର । ୫ ।

୪୨. ରାଗ-କରୁଣାଶ୍ରୀ : ତାଳ-ଏକତାଳୀ (କୁସୁମ୍ଭ ଅନୁରାଗ)

ଚିରପଟ ଦେଖି ଦେଖି ଦିନେ ପ୍ରିୟ ତାର
ଚାହିଁ କୋକନଦ କଲି ନେତ୍ର ଇନ୍ଦୀବର, ଚନ୍ଦ୍ରବଦନା ସେ (ପଦ)
ଚାଟୁ କହି ତୋ ରୂପ ସେ ବୋଲି ପ୍ରାଣପତି
ଚିତ୍ତ ସେ ଜଡ଼ାଇ ମନ ନାନା ରସେ ମାତି । ୧ ।
ଚନ୍ଦ୍ରାର୍ଦ୍ଧ ଚିହ୍ନ ଅନାଇ ଦିନେ ବର ଉରେ
ଚନ୍ଦ୍ରକୁ ରଖିଲ ବିକଶିତ କମଳରେ । ୨ ।
ଚାରୁ ଅତୋ ଗତ ନିଶି ଚିହ୍ନ ବୋଲି ଈଶ
ଚତୁରୀ ହେଜ ମଳିନ ହୋଇ ହସ ହସ । ୩ ।
ରଚିତ ଏ ରୂପେ ରେଷେ ତୋଷ ହୋଇବାର
ଚିତ୍ତ ଅନ୍ତର ନୁହଇ ନିମିଷେ ପ୍ରିୟର । ୪ ।
ଚାରୁ କୁସୁମ୍ଭ ରାଗ ଏ ଜଗତ ବିଦିତା
ଚନ୍ଦ୍ରେ ଉପେନ୍ଦ୍ର ରାମ ଜନକ ଦୁହିତା । ୫ ।

୪୩. ରାଗ-କଳହଂସ : ତାଳ-ପଡ଼ତାଳ (ମଞ୍ଜିଷ୍ଠା ଅନୁରାଗ)

ଚମ୍ପାଗୋରୀ କେଉଁ ପ୍ରିୟ ପ୍ରୀତିରେ ଏ ଲେଖା
ଚାରୁ ଯିବା ନୋହେ ଡ଼ୋଳେ ଯିବ କି ସେ ଦେଖା, ସେ ଚାରୁଶ୍ରୀ ।
ଚନ୍ଦ୍ର ଶୁକ୍ଳପକ୍ଷେ ଯଥା ବଢ଼େ ଦିନୁ ଦିନ
ରେଖା କାଞ୍ଚନ ଦହନ ପରି ମନେ ଘେନ । ୧ ।

Digitized by srujanika@gmail.com

ଚରମ ଦେଖା ଶପ୍ନ ଅପ୍ନେ ନ ଲେଖ
ଚନ୍ଦ୍ରମିତ ମନୋହାରୀ ବହାର ଅଲେଖ । ୨ ।
ଚଞ୍ଚରୀକ ମାଳତୀ ମଧୁରେ ଯଥା ଛନ୍ନ
ଚକିତ ହେବେ ରସିକେ କଲେ ଆସ୍ୱାଦନ । ୩ ।
ଗୃତକ ଜଳଦେ ନିଶାନାଶରେ ଚକୋର
ଚିତ୍ତକୁ ମଜାନ୍ତି ଯଥା ସେହୁ ପରକାର । ୪ ।
ଚନ୍ଦ୍ରଭୂଷଣ ଗୋପୀଏ ମଞ୍ଜିଷ୍ଠାନୁରାଗ
ଚତୁର୍ଦ୍ଦି ଜାଣେ ଉପେନ୍ଦ୍ର ଗ୍ରନ୍ଥ ଉପଯୋଗ । ୫ ।

84. ରାଗ-ଦେଶାକ୍ଷ : ତାଳ-ତ୍ରିପୁଟା (ଯୁଗ୍ମାନୁରାଗ)

ଚତୁରିକ ଝିଅ କେ ପୁଂସ କହେ ରସବତୀ କ ପତି)

ଚତୁରକୁଳେ ଯୁବାନାରୀ, ହୋଇଥିବେ ମନୋହାରୀ,
ପୁଣି ପରାଧୀନ ଅନାସ୍ୱତ୍ତ ଆଣ ମତକ । ୧ ।

ଚତୁରାକ୍ଷରେ ତନୁନ, ହୋଇ ଆକୁଳିତ ମନ,
ମନମଥର ମଥନ ବଶୁ ଲଭି ଖିଡକ । ୨ ।

ଚମ୍ପାତନୁ ଏଣୁ ତନୁ ବର୍ଣ୍ଣ ଦଶଇ ସ୍ୱବର୍ଣ୍ଣ,
ଝିଇଲ ମହା ରଜତ ନ ରଜତ କାନ୍ତିକ । ୩ ।

ଚତୁର ମୁଖରେ ଦନ, ଦନକୁ କଶ ଭର୍ତ୍ସନ,
ସଧି ଏକ ବୋଲି ଦଅନ୍ତି ଅଙ୍କୀର୍ତ୍ତିକ । ୪ ।

ଚତୁରୁ କର ବାହାର, ପୁରତେ ଅବା କାହାର,
କହିବାକୁ ତ ଅଶକ୍ୟ ଏ କପଣ ଗଢ଼ିକ । ୫ ।

ଚିର ବିରହଜ ରୁଜ ବଢ଼ଇ ଏଣୁ ସହଜ,
ଉପଇନ୍ଦ୍ର କହେ ଦ୍ୱନ୍ଦ୍ୱ ଅନୁରାଗ ଘାତକ । ୬ ।

85. ରାଗ-ମାଳଶ୍ରୀ : ତାଳ-ତ୍ରିପୁଟା (ଅଭିସାରାନୁରାଗ)

ଚତୁନେତ୍ରା ଫୁଲ ଭାବକୁ ଘେନ
ଚଉଚଉତ କେ ସେ ସମେ ଆନ ।

ଚନ୍ଦ୍ର ଉଦୟୁ ପର ଘନରତ, ଚତୁ ଘେନ ଅଭିସାରୁ କରନ୍ତି
ଚତୁର୍ଥ ଚତୁର ତହିଁ ନିରନ୍ତର କରେ କରୁଥାନ୍ତି ଲେପ
ଚନ୍ଦ୍ରମଣି ମଣିଦୀପ ସ୍ୱରୂପ । ୧ ।

Digitized by srujanika@gmail.com

ଚନ୍‌କଣ ମାର୍ଗରେ ପଦଶଙ୍କଣ, ଗୃଳୁ ହେଉ ଗ୍ରୀବ ଚର୍ଣ୍ଣ ପ୍ରାଙ୍ଗଣ
ଚୈର ଶ୍ବାପଦ କଶାଦେ ଅଖ୍ଯାତ, ଚମକନ୍ତ ନାହିଁ ଶୁଣି ସ୍ତନିତ
ଚପଲ ବଚନ ବଚନରୁ ଏକ ଚତୁର୍ଥ ହିଁ ପିଙ୍ଗ ପୀତ
ଚେଲ ହିଁ ହୋଇଥାଇ ଆଚ୍ଛାଦିତ । ୨ ।

ଚତୁର୍ଦ୍ଦଶ ହସ୍ତ ଦୀର୍ଘ ପାଚେରୀ, ଚନ୍ଦ୍ରେ ସୋପାନ ମାର୍ଗ ପରିକରି
ଚଳନ୍ତେ ନ ଥାଇ ଶଙ୍କା ବନ୍ଧୁରେ, ଚର ରଖିବାରୁ ଏକା ବନ୍ଧୁରେ
ଶୃଙ୍ଖଳ ହୁଏ ଯେଉଁ ଧୀର ହୋଇଲେ ଚନ୍ଦ୍ରଚୂଡ଼ ପରବଶେ
ଚରମ ପ୍ରୁରତ ମାତ୍ର ନ ଦଶେ । ୩ ।

ଚନ୍ଦ୍ରଶାଳା ଅଟ୍ଟାଳିକ ଭବନ, ଗୃହିଁଲେ ପରତେ ଘୋର କାନନ
ଚଷକ ଲେଷ୍ଟୁ କେଦାର ଏମନ୍ତ, ଚଳ କର୍ଣ୍ଣ ଦନ୍ତ ପଲଙ୍କ ବତ
ଚିନ୍ତ ବୃଦ୍ଧି ପନ୍ଥା ବିରୋଧୀ ସହଜେ ଚଞ୍ଚଳ ଜନ ପ୍ରକାରେ
ଚନ୍ଦ୍ରା ଏ କାମନା ମଗ୍ନ ଯହିଁରେ । ୪ ।

ଗୃରୁ ଚତୁର ସମା ନିତମ୍ବିନୀ, ଚୂମ୍ବକ ଯୌବନ ପ୍ରୁରୁଷ ବେନି
ଚେଷ୍ଟା ରତ ସାହସ କୁଶଳରେ, ଚମତ୍କାର ଗୁରୁ ଦୀକ୍ଷା ଦେବାରେ
ଚତୁର୍ମୁଖଠାରୁ କୀଟ ଯାଏ ସର ସେ ରାଗକୁ ନମସ୍କାର
ଗୃତୁର୍ଯ୍ୟେ କହେ ଭଞ୍ଜ ବୀରବର । ୫ ।

86. ରାଗ-ପାହାଡ଼ୀ : ତାଳ-ତ୍ରିପୁଟା (ଅଭିଶପ୍ତାନୁରାଗ)

ଚଣ୍ଡ କିରଣ ଚନ୍ଦ୍ର ଚମ୍ପିତ ପ୍ରୁରେ ବସି, କେଉଁ ରସିକା ପ୍ରିୟା ପ୍ରୀତିରେ
ଗୃହୁଁ ମାର୍ଗରେ ଅତିଶୀଘ୍ର ପ୍ରୁରତରେ ବ୍ୟାଧେ ମିଳିଲା ଏ ଖ୍ୟାତରେ । ୧ ।
ଚକ୍ରବାକ ପୁଗ ଏକ କାଳକେ ଧରି ବକ୍ଷ ବେନି ଭେଦକର ଶରେ
ଚର୍ମରକ୍ତୁ ଯେତେ ପଦେ ପଦେ ଯୁଚେ ଗୃହିଁ ପ୍ରୁନଃ କୋପ ମୂର୍ତ୍ତିରେ । ୨ ।
ଗୃରଦଣ୍ଡ ଅନେକ ପ୍ରାଣ ତେଜିବେ ଖ୍ୟବନ୍ତ ହେଉ ଏହି କଶାରେ
ଚକ୍ରକୂଟସ୍ଥ ତ ଅନୁଶାସନ ହରୁ ମାତ୍ର ତା ପରଶଂସାରେ । ୩ ।
ଗୃର ଏକ ମୁଖରେ ରାଗ ଅତି ପରମ ଦାନର ଆଦି ଲୋକରେ
ଚତୁ ଚୋର କାରକ କହଇ ଉପଇନ୍ଦ୍ର ଭଞ୍ଜ ବୀରବର ଶ୍ଳୋକରେ । ୪ ।

87. ରାଗ-ଗୁପ୍ତ : ତାଳ-ପଡ଼ତାଳ (ପ୍ରୀତିରୁଦ୍ଧାନୁରାଗ)

ଚନ୍ଦ୍ର ମୁଖୀରେ, ଚନ୍ଦ୍ରେଇବୁ ମୋ ବେଦନା ସଖୀରେ (ପଦ)

Digitized by srujanika@gmail.com

ଚନ୍ଦ୍ରମା ଅସ୍ତକୁ ମିତ, ଚେଟୀ ହାତରେ ସଙ୍କେତ,
ଚହ୍ନିବାକୁ କହିଥିଲେ ତାକୁରେ । ୧ ।
ଚୂତେ ପିକ କରୁ ଧ୍ୱନି, ଚଳିଲେ ମୋ ପ୍ରାଣଧନୀ,
ଚୂର୍ଣ୍ଣ ଶାଳାପୁର ନିକଟକୁ ଗୋ । ୨ ।
ଚତୁର୍ଥ ଯେ କପାଟର, ଚଳୁ ଯନ୍ତ୍ର କେଳିସ୍ୱର
ଚେତ ଶାଶୁ ଜାଣି ବଳସ୍ୱକୁ ଗୋ । ୩ ।
ଚାଆଁଉ ସେ ହୃଦସଲ୍ଲି, ଚୂପେ ଏକେ ଏକେ ବୋଲି
ଚମ୍ପା ଗୋଟି ଲକ୍ଷ୍ମଣ ଭଯ୍ୟକୁ । ୪ ।
ଚୁମ୍ବି ତେଡ଼ଶ ରଖି ଆଖି, ଚନ୍ଦ୍ରର ବନ୍ଧାର ସାକ୍ଷୀ,
ଚୁରୁମୂଳେ ନେଲି ଯେ ନଶାକୁ । ୫ ।
ଚୁପଣର ଧର ରାମ, ଚନ୍ଦ୍ର ଅଭିରାମ ନାମ,
ଚିନ୍ତ ଉପେନ୍ଦ୍ର କହେ ଏ ରସକୁ । ୬ ।

୪୪. ରାଗ-କେଦାର : ତାଳ-ତ୍ରିପୁଟା (ସାବଧାନାନୁରାଗ)

ସେ ଚତୁର, ଚତୁର୍ଥେ କେ ସମ ତାହାର । (ଘୋଷା)
ଚୁରୁ ବସନ୍ତେ ବସନ୍ତ ଉପବନେ ପୁରୁଷେ
ଚମରୁ ନୟନା ବେନି ତ୍ରିସ୍ତା ଘେନି ପାରୁଶେ । ୧ ।
ଚୂମ୍ବେ ଏକମୁଖ କରଭର ଦେଇ ଆରକୁ
ଚୁମ୍ବି ଦାସୀ ଚୁମର ଚୁଳନେ କୁଚ ମୂଳକୁ । ୨ ।
ଚୁଟ୍ଟୁ ବଟୁକୁ ଅନାଇଁ ଦୂରୁ ହୋଇ ସେ ଭୀତ
ଚୁଲିବା ଚନ୍ଦ ବିକାରରେ ହେଲି ମାନ ପ୍ରଣତ । ୩ ।
ଚହଲ ଶୁଭ୍ର ପ୍ରାକାର ପରସରେ କଣ୍ଟିତ
ଚନ୍ଦ୍ରହାସ କଳିତ କରରେ ହେଲି ସଂଯୁତ । ୪ ।
ଚମ୍ପକ ବୃକ୍ଷ ଆଚ୍ଛନ୍ନେ ପ୍ରାଚୀ ନାସ୍ତି ଥିବାରେ
ଚଞ୍ଚଳ ନେତ୍ରାନ୍ତ ଶର ପର ତାଳେ ତଦ୍ଧିରେ । ୫ ।
ଚରତୁ ଲକ୍ଷଣ ଘେନ ସାବଧାନ ପୁରୁଷ
ଚତୁଷ୍ପଦୀ ଗୀତେ କଲା ଉପଇନ୍ଦ୍ର ପ୍ରକାଶ । ୬ ।

୪୫. ରାଗ-ସାରଙ୍ଗ : ତାଳ-ଦ୍ରୁତପଢ଼ତାଳ (ରତିକ୍ଷୀତାନୁରାଗ)

ଚାଉ ମିତ ଅସ୍ତୁ କର କର
ଚଳଦଳ ଦଳ ପବନେ କମ୍ପିତବତ ଅପଘନ ଥର ଥର (ପଦ)

Digitized by srujanika@gmail.com

ଚୂଆଚନ୍ଦନ ମସୃଣ ପୃଷ୍ଠରେ ଭରତ ହୋଇଛୁ ଜରଜର
ଚଟଳାତର ନିର୍ମଳ ଚନ୍ଦ୍ରି ପଟରେ ବିରାଜେ କାହା ବିହାର ହାର । ୧ ।

ଚୂରୁ ଲୋଚନ ମଦ ଲଗି ହୋଇଛୁ ଅନାଥ ଚର୍ଚ୍ଚିତ କର କର
ଚହ୍ନା ଅଛୁ ମନେ ଆନ ନାହେ ଟଳିଥିଲ କାହା ପୟୋଧର ଟର । ୨ ।

ଚମକୁଛୁ ବୁକୁ ହୋଇ ଦୁକୁ ଦୁକୁ ଶ୍ୱାସ ପକାଉଛୁ ଖରଖର
ଚରିତ୍ର କହୁ ବସିଲେ ସ୍ଫୁଟ ନୋହେ ବଚନ ଶୁଭଇ ଗରଗର ! ୩ ।

ଚତୁର୍ମାସ ନୀରଦର ନୀରଧାର ପରି ସ୍ୱେଦ ବହେ ଝରଝର
ଚଳିଲ ସାହୁ ନନ୍ଦନ ଖାତକର ପରାସ୍ତ ହେଉଛୁ ଡ଼ରଡ଼ର । ୪ ।

ଚନ୍ଦ୍ରି କହେ ମିତ ଚଉଷ୍ଟି ଏ ନେତ୍ର ଶର ମାର ନେଲ ମରମର
ଚତୁଃଷଷ୍ଠି ରତି ରସେ ଥିଲ ମାତ ଯାମିକେ ମଲୁ ତା ପୁରପୁର । ୫ ।

ଚୌରବତ ଗତି କରି ତୁମ୍ଭ କତି ଆସିଲି ମୁଁ ହୋଇ ତରତର
ଚଉପଦାରେ ଉପେନ୍ଦ୍ର କହେ ରତିଶ୍ରାନ୍ତ ପୁଂସ ବୋଲେ ହରହର । ୬ ।

90. ରାଗ-କଉଶିକ : ତାଳ-ସରମାନ (ସମ୍ପୂର୍ଣ୍ଣଚୁମ୍ବନ)

କହ ବଚନ, କଳକଣ୍ଠ ଜିତ ବାଣୀ ନୋହ ମଉନ (ପଦ)
କରରେ ଗଣ୍ଡ ନ ଧର କମ୍ପା ନାରଙ୍ଗ ଅଧର ଘେନ ମୋ ସ୍ୱନସ୍ତୁ ଧର ସ୍ତନା
କି କାରଣେ ମାନ କରିଅଛୁ ଆରେ ମତ୍ତକରୀ ଗତି
ଏ ମାନ ନକରି ଅନାରେ । ୧ ।

କଜ୍ଜ୍ୱଳ ମିଶ୍ରିତ ବାରି ଖସଇ ରଖ ନିବାରି ନେତ୍ର ପଦ୍ମ ତୋର ବାରି ରୁହ
କର ମନରେ ମନ୍ଦର ସ୍ତନା କି ତୋର ସୁନ୍ଦର ଦିଶିଲଣି
ଅସୁନ୍ଦର ଦେହରେ । ୨ ।

କାନ୍ତ ଧରି କାନ୍ତାକର ବୋଇଲା ରୋଷ ନ କର ବନ୍ଧୁ ମୁଁ ତୋ ପରିକର ପରି
କହୁ ଏମନ୍ତ ହସିଲା ଦଇତ କୋଳେ ବସିଲା
ରତି ରସରେ ରସିଲା ଗୋଷ୍ଠୀ ସେ । ୩ ।

କୃତ ସମ୍ମୁଖେ ବସନା ଚଳୁ ଉଭୟେ ରସନା ବଜାଇ ନୀଳବସନା ମୋହୁ
କହ ସମ୍ପୂର୍ଣ୍ଣ ଚୁମ୍ବିତ ଉପେନ୍ଦ୍ର ସୁଗ୍ରୀବ ମିତ ଭଜଇ ସୁଖ ଅମିତ ବନ୍ଧୁ । ୪ ।

91. ରାଗ-କନଡ଼ା : ତାଳ-ପହ୍ନପଟ (ବଳିତ ଚୁମ୍ବନ)

କରୁ ପ୍ରସ୍ଥାନ ନରବାଣ ଆଙ୍କରେ କେଉଁ ପୁଂସ ଅତି ଆକୁଳେ
କୁସୁକେଶୀ ପ୍ରିୟାକୁ ଘେନି କୋଳେ
କରି ଆଶ୍ୱାସ ବସାଇ କହେ ଏହା ଡୋଳାକୁ ନିବେଶି ଡୋଳାରେ । କଣୋଷ୍ଠି,

Digitized by srujanika@gmail.com

କ କରବ ମୋର କେଉଁ ଆୟତ୍ତ କରେ ଦଇବ ଯାହା ହୋଏ ତା ତ
କରୁଣା ନିଧି ମନ ପ୍ରାଣ ତୋ ପାଶେ ରଖି ମୁଁ ଯାଉ ସତରେ । ୧ ।

କଟରୁ ନାହିଁ ମନରେ କଛୁ ଚନ୍ଦ୍ରା କାନ୍ତାରତନ ରସାଳସି
କାର୍ଯ୍ୟସାର ଗ୍ରୀଷ୍ମରେ ହେବ ଆସି
କରବ କେ ରକ୍ଷା କାମ କାମଶର ଅଶତରେ ଯେବେ ଯିବ ଖସିରେ, କଟୋକ୍ଷି
କୂଳ କୋଳ ତର୍ହିକ ତୋର ସିନା, କରୁ ତାରଣ ବାରଣ ଗମନା
କର୍ଣ୍ଣ ଦେଇ ଶୁଣ କର୍ଣ୍ଣଧାର ପୁଣ ଅଛୁ କ ମୋର ତୋ ବିନା କରେ । ୨ ।

କନକ ଗିରି ଉରଜା ହଜାଇବୁ ଜ୍ଞାନ ମୋ ବିନା ସିନା ତୁହି
କେତେ କରମ କରୁଅଛୁ ମୁହିଁ
କ୍ଷୀ ନାଶ ବାସ କରନ୍ତା କ୍ଷୀବ ବାସ ନ ଯା ବୋଲନ୍ତି କ କେହୁରେ, କଶୋକ୍ଷୀ
କାନ୍ତା ବିଚ୍ଛେଦରୁ ବଡ଼ ବିପତ୍ତି, କଷ୍ଟ କର ନଥିବ ପ୍ରଜାପତି
କେଜାଣି କେହୁ କେହୁ ସେ ସମ୍ବନ୍ଧ ବକ୍ତ୍ର ଆଣ୍ଠୁ ତାଙ୍କ ଗ୍ରନ୍ଥରେ । ୩ ।

କୁଟିଳ ବଳତେ ନାସିକା ଲଲାଟେ ସଂଯୋଗ ତୁମ୍ଭି ଲୋଭବଶେ
କଙ୍କଣେକୁ ପୂରାଇ ବେନ ବୃଶେ
କଷ୍ଟଅଶ ପର ପୁନଃ ପୁନଃ ଗୃହିଁ ପଛକୁ ଗଲ ନିରାଶେ ସେ କଶୋକ୍ଷୀ
କଣ୍ଡୁ ପଦ୍ମ ପଦ୍ମ ଶେଯେ ଶୟନ କଲ ସେ ଦିନରୁ ସ୍ୱାମୀ ରତନ
କପଟ କଦଳି ଦଳି ଦେଲେ ଶର ଯେ ସେ ଉପଇନ୍ଦ୍ର ଭଞ୍ଜ ହେ । ୪ ।

92. ରାଗ-କଲ୍ୟାଣ : ତାଳ-ତ୍ରିପୁଟା (ଜହ୍ନା ଭ୍ରମଣ ଚନ୍ଦ୍ରନ)

କୁନ୍ଦରଦନା, କର ନା ଲଜ, ମୁଖ ଟେକ ଅନାରେ (ପଦ)
କେଉଁ ନବୀନାକୁ ସଜନୀ ବ୍ରାତ
କରୁ ମନ୍ତ୍ରନକେ କଲ ଇଙ୍ଗିତ । ୧ ।

କରିଛୁ ଧ୍ରୁବ ହୃଦେ ଯେଉଁ ହାର
କନ୍ଦିରୁ ଥିବା ହେବାର ବାହାରରେ । ୨ ।

କସ୍ତୁରୀ ପତ୍ର ଲେଖା ସ୍ତନ ଦେଶେ
କାଳିକ ଏ ରୂପେ ଥିବଟି କପେରେ । ୩ ।

କିଙ୍କିଣୀ ନୂପୁର ପଛେ ବାଦନ
କୁଟିଳା ନୋହିବ କନ୍ଦୁରୁଟି ଧନରେ । ୪ ।

Digitized by srujanika@gmail.com

କାନ୍ତମୁଖ କାନ୍ତହାତ ଶୋଭନେ
ନଶବ ଜିହ୍ୱା ଭ୍ରମଣ ଚୁମ୍ବନରେ । ୫ ।
କହେ ଉପଇନ୍ଦ୍ର ବୋଲେ କେଉଁ ସଖୀ
କୁଚ ପରେ ତ ଦେଲୁ ମୁଖ ରଖିରେ । ୬ ।

93. ରାଗ-କାଫି : ତାଳ-ଏକତାଳୀ (ପୀଡ଼ିତ ଚୁମ୍ବନ)

କୁଞ୍ଜର ଗମନୀ କ ସନ୍ତର ପ୍ରାନ୍ତେ, କଞ୍ଜ ନୟନ ହର୍ଷା ଯେନ ସଙ୍ଗତେ
କାନ୍ତ ସମୀପରେ ଗଲେ, କବାଟ ଝିଙ୍କି ଆଣିଏହା କହିଲେ (ପଦ)
କର ଘେନ ତୁମ୍ଭର ସିନା କୋମଳା, କହୁଅଛୁ ସଖୀ ଏତେ ମାତ୍ର ଏ ବାଳା
କହୁ ଏତେ ମାତର, ଝମେ ସଙ୍ଗିନୀ ତହୁଁ ହେଲେ ଅନ୍ତର । ୧ ।
କର ଧରି ଏକାନ୍ତେ ଦଇତ ନେଇ, କୁନ୍ଦର ବରମୀକ ଅଙ୍କେ ବସାଇ
କଳାକର ବଦନ, କଲା ମଣ୍ଡନ ପ୍ରେମେ ଦେଇ ଚୁମ୍ବନ । ୨ ।
କୁରୁବିନ୍ଦ ଅଧର ଚୁମ୍ବି ପୀଡ଼ିତେ, ନଶ ନୀବି ଫେଡ଼ନ ରସାଇ ରତେ
କିଛି ବରଚୁ ବଳା, କନ୍ଦର୍ପ ମଦେ ବାମା ହୋଇଲା ଭୋଳା । ୩ ।
କେଳି କାଳରେ ରତି ଲଳସୀ ପତି, କଣ ଲବ ପର୍ଯ୍ୟନ୍ତେ ମାତ୍ର ସେ ରତି
କଲେ ମନ ହରଷ, କହଇ ଉପଇନ୍ଦ୍ର ଭଞ୍ଜ ଏ ରସ । ୪ ।

94. ରାଗ-କାମୋଦୀ : ତାଳ-ପଡ଼ିତାଳ (ସ୍ଫୁରିତ ଚୁମ୍ବନ)

କେଉଁ ରସିକା ରସିକ ମଦନେ ହୋଇ ଉତ୍ସୁକ ନିଶିଥିରେ
କାନ୍ତ ରତିକ ପ୍ରବୃତ୍ତିରୁ ଅନୁ ଅନୁଭବୀ ସ୍ୱରୁ ଅଙ୍ଗ ଥରେ । (ପଦ)
କୋଳେ ବସାଇଲେ ନେଇ ସେ ଯେ ତଳକୁ ବସଇ ଖସିକରି
କର ଦେଇ ଚିବୁକରେ ଗୃହେଁ ମନେ ମନ୍ଦାକ୍ଷରେ ମିଶିକରି । ୧ ।
କୃଧର ସ୍ତନ ଉପରେ ମରଦ ଦଅନ୍ତେ ତାର ରସିକରେ
କାମଶରେ ହୋଇ ଜ୍ଞାନ କିଛି ବଳାଇଲା ମନ ରସିକରେ । ୨ ।
କର୍ମି କୁନ୍ଦଦନ୍ତୀବର ଉଭୟ ସ୍ଫୁରିତ ଧରି ସୁରତକୁ
କାଙ୍କ୍ଷିତ କଶ ସୀତ୍କାର ମଧ ହେଲା ଏ ପତିର ସୁରତିରୁ । ୩ ।
କର ଉରହାର ଦୂର ନେଲ ମାତ୍ର ବୃଦ୍ଧ ହର ପରଶରେ
କହେ ଉପଇନ୍ଦ୍ର ମୋର ରାମଚନ୍ଦ୍ର ତାହା ହାର ପରଶରେ । ୪ ।

Digitized by srujanika@gmail.com

95. ରାଗ-କେଦାର : ତାଳ-ପଢତାଳ (ଭ୍ରମର ଚୁମ୍ବନ)

କହ୍ନ ଗିରରେ ସୁନ୍ଦରୀ ଗଣ୍ଡେ କର ଦେ ନା (ପଦ)

କର ଅମରନ୍ଧ ଚନ୍ଧ ବୋଲ୍ କ ରେ ପ୍ରାଣମିତ
ଶିଖାଇ ଦେଇଛୁ ଅଛୁ କେ ନା । ୧ ।

କାମକର ମାଣ ମୋର ପୂର୍ଣ୍ଣ ଦେଲାନ ଝର
ରୁନ୍ଧ ସିନା ଏଥିକ ସେନା । ୨ ।

କାନ୍ତ ହୃତ କଲ୍ ବାଣୀ ଜଗତରେ ରେ ରମଣୀ
ହେବ ଏ ଅଯଶକୁ ନେ ନା । ୩ ।

କହେ ଉପଇନ୍ଦ୍ର ସୀତ୍କାରେ ବନ୍ଦେ ଚୁମ୍ବ
ପତ ମୁଖେ ବୋଲେ ରତି ଟୋ ଏ ନା । ୪ ।

96. ରାଗ-କାଳୀ : ତାଳ-ରୂପକ (ଓଷ୍ଠପାନ ଚୁମ୍ବନ)

କେଉଁ ଦମ୍ପତି ଶୟନେ ପତି ଅନ୍ତର ସ୍ୱପ୍ନେ ଦେଖି
କାନ୍ତ ଲୋଚନା କରେ ଶୋଚନା ହୋଇ ସଜଳ ଆଖି । ୧ ।
କୋଳ ଅନ୍ତର ହେବାରୁ ତରଳାକ୍ଷୀ ନାଗର କହି
କମଳକର ଗଣ୍ଡରେ କରଖେଳ ବସିଛୁ ଦେଇ । ୨ ।
କୃପାବାରିଧି କୃତାପରାଧି ହେଲ ହେବେ ତା କହ
କରକେ ଚର ଅତ ଅଚର କଣ ମୋହର ଦେହ । ୩ ।
କହଇ ରସି ମୋହନ ରୁଷି ବସନ୍ତ କମ୍ପା ମୁହିଁ
କାମ ଅରତି ହୃଦନ୍ତା ରତି ପାହନ୍ତା ଆଜ କାହିଁ । ୪ ।
କଲ୍ ପ୍ରବାସ ଶୂନ୍ୟ ଆବାସ ଦେଖି ହୋଇଲି ଛନ୍ନ
କମଳାପତି ଘୋର ବିପତ୍ତି କେବଳ କଲେ ଦାନ । ୫ ।
କାମ ଆରତେ ମାତି ସୁରତେ ଅଧର ଓଷ୍ଠ ଭିଡ଼ି
କହିଲା ବାରବର ସେ ବୀର କାନ୍ତକୁ ଗାଢ଼େ ଭିଡ଼ି । ୬ ।

97. ରାଗ-କନଡ଼ା : ତାଳ-ତ୍ରିପୁଟା (ଉନ୍ନମିତ ଚୁମ୍ବନ)

କାନ୍ତ ଆସି ମୋତେ କୋଳ କଲେ ସ୍ୱପନେ
କରୁ ମୁଁ ମାନ ବୋଇଲେ ଛୁଡ଼ ଛୁଡ଼ କୋପନେ (ପଦ)
କରେ କର ଧରୁ ମୋର, ସଖୀ ହୋଇ କ୍ରୋଧଭର
କର ସାରସ ତାଙ୍କର ପିଙ୍ଗି ଦେଲି ତାପନେ । ୧ ।

Digitized by srujanika@gmail.com

କହିଲେ ପ୍ରୀତି ଏ ଗୀର କରି ଅତି ମୃଦୁତର
ପଞ୍ଚଶୋଳେ କରେଯାହା କରିଥିଲୁ ନୋପନେ । ୨ ।
କର ମାନସେ ବନ୍ଧୁର ଆଶ୍ରେ ହେଲା କି ମୋର
ଯାହା ଇଚ୍ଛା କର କହି ରହି ଅଙ୍ଗ କମ୍ପନେ । ୩ ।
କରି ଏ ଘାତ ତାଙ୍କର ଲୋକନେ ହେଲି ଅସ୍ଥିର
ଜାଣି ବେଦନକରେ ତୋଳି ଚୁମ୍ବିଲେ ମୋ ଲପନେ । ୪ ।
କ୍ରମେ ହୁଅନ୍ତେ ଆବେଶ, ନିଶି ହେଲା ଶେଷ ଈଶ
ଗଲେ ବୋଲି ଚକ୍ଷୁଁ ଦୃଷ୍ଟି ପଡ଼ିଗଲା ତପନେ । ୫ ।
କହେ ଉପେନ୍ଦ୍ର, ଭଞ୍ଜ, ସଜନୀ କି ଭାଷେ କାନ୍ତ
ନେତ୍ରୀ ହେଲି ଯେଉଁ ଦୁଃଖ ସହିବ ଜୀବନେ । ୬ ।

୭୪. ରାଗ-କରୁଣାଶ୍ରୀ : ତାଳ-ଏକତାଳୀ (ଉଦ୍‌ଘୃଷ୍ଟକ ଚୁମ୍ବନ)

କେଉଁ ପୁଂସ କୋଳେ ହେଲେ ବସନ୍ତେ ନାଗରୀ
କରି ଅବଲୋକନ ତରଳେ ମାନକରି, କୃଦ୍ଧ ରଦନାରେ (ପଦ)
କହଇ ନାଗର ବନ୍ଧୁ କମ୍ପା କରୁ କ୍ରୋଧ
କରିନାହିଁ ଜାଣି ମୁଁ ସ୍ୱପନେ ଅପରାଧ । ୧ ।
କି କାରଣେ ପୂରୁଛୁ ବାରିଜ ନେତ୍ରେ ବାରି
କି ଯଶ ହେବ ଦାସକୁ ମାରହାତେ ମାରି । ୨ ।
କଥା ନ କହି ବସିଲେ ଆଉ ଦନ୍ତେ ରୁଷି
କାମଦଣ୍ଡ ଦଣ୍ଡରେ ମୁଁ ହେଲିଟି ବିନାଶି । ୩ ।
କାନ୍ତା କାନ୍ତ ହୃଦୟକୁ ଅନାଇ ଜାଣିଲା
କରି ବାହାର ହାରକୁ ହାସ ଜାତ କଲା । ୪ ।
କରି ଉଦର ଆକ୍ରମ ଧ୍ୱାନ୍ତରେ ଓଷ୍ଠ
କୁଚାର୍ପିତେ ଚୁମ୍ବି ବାହୁ ଦେଲା ପଡିକଣ୍ଠ । ୫ ।
କହେ ବୀରବର ପ୍ରିୟ ମତକ ହରଷ
କରାଇ ହୋଇଲା ରତି ରସରେ ଆବେଶ । ୬ ।

୭୭. ରାଗ-କେଦାରଗୌଡ଼ା : ତାଳ-ସଣମାନ (ଓଷ୍ଠସମୁଦଗ୍‌ଦନ୍ତ ଚୁମ୍ବନ)

କାନ୍ତା ପତି କରନ୍ତେ ରତି, କାମରେ ମାତି । (ପଦ)
କେଉଁ ପ୍ରିୟା ପ୍ରସ୍ଥାରେ ଧରି ମୃଦୁ ହୁଆରେ
ସୁମନେ ଶେଯ କରି କହଇ ଶୁଣରେ ବିମ୍ବାଧରୀ

Digitized by srujanika@gmail.com

କର ଧରେ ନାୟକ କର ଟେକି, କ୍ରୀଡ଼ା ରସରେ ଧାର ଶଙ୍କି
କଲେ ଗାଢ଼ କଟାନ୍ତେ ସହଚଙ୍ଗି । ୧ ।

କୁଚେ ନଖ ଚଲାଇ ଉପରେ ଉର ଲଗାଇ ଭିଡ଼ନ୍ତେ ପଢ଼ ଚିହ୍ନି
କଞ୍ଜନେତ୍ରୀ ମୁଦ୍ରିତ କରି ଗୁହ୍ନି
କମ୍ପାଇ କଙ୍କଣ କାଞ୍ଚି ଦେହ୍ନି, ଜରି ଗାଢ଼ ବଚନ ନାନା କହ୍ନି
କାଞ୍ଚନାଙ୍ଗୀ କଦମ୍ବ ଶୋଭା କହ୍ନି । ୨ ।

କର ଟେକି ନାଗର କହେ ମୃଦୁ ଉତ୍ତର ମାଗୁଣି ଏତେ ମାତର
କର ମାନ ବାନ୍ଧବା ସୀତ୍କାର
କହୁଥିଲ ବୋଲି ତୋ ଧରିକର କଲି ହେମ୍ବଶରେ ଗ୍ରାମାବର । ୩ ।

କଟିଘଣ୍ଟି ବଜାଇ ପରମତ ମଜ୍ଜାଇ ରସନ୍ତେ ନାଗଙ୍କମଣି
କାନ୍ତ କାନ୍ତା ମୁଖରେ ମୁଖ
କରି କୋକ ଚୁମ୍ବନ ଦେଲେ ଗଣି
କଲେ ହୁଁ ହୁଁ ହ୍ନା ହ୍ନା ଓଁକାରବାଣୀ, କବି ଉପେନ୍ଦ୍ର ଏ ରସେ ଭଣି ।

ଚଉପହରା

100. ରାଗ-ମାଳବ

ପ୍ରଥମ ପ୍ରହର ନିଶି ପ୍ରବେଶେ ପୁରୁଷ
ପ୍ରବାସେ ଥାଇ ଚନ୍ତଇ ପ୍ରାଣବନ୍ଧୁ ରସ
ଧନେ ଯେ ସୁକେଶୀ ବସି ଗୋପ୍ୟ ମନ୍ଦିରରେ
ହେଉଥିଲା ରତିବେଶ ଏହି ପରକାରେ । ୧ ।

ଗନ୍ଧେ ସମାଜୁଛି ତନୁ କଳାକର ମୁନ୍ଦିଁ ।
ଗଳାର ମୂଳରେ ବାସାଞ୍ଚଳ ଛନ୍ଦଦେଇ
ଉରଜ ଅଧିକ ମାନ ବାସ ଘୋଡ଼ାଇଛି
ଚାନ୍ଦକ ଘେନିବା ପାଇଁ ସମ୍ମୁଖେ ଫେଡ଼ିଛି । ୨ ।

ଚନ୍ଦ୍ର ଚନ୍ଦନ ମିଶାଇ ଗୋଳିଅଛି ଚୁଆ
ଗୁହିଁବାକୁ ଦର୍ପଣ ହୋଇଛି ଆଗେ ଥୁଆ
ପାନକଲ ପୂରିଅଛି ସୁରଙ୍ଗ ଅଧର
କି ଉପମା ଦେବା ଅବା ରୁଚ୍ଛାବେଳେ ତାର । ୩ ।

ଲେଖଣି ଜୁଡ଼ା ସଜାଡ଼ି ଜାଇଫୁଲ ମାଳା
ଝରା କରି ପକାଇଛି ନବୀନା ଅବଳା

Digitized by srujanika@gmail.com

ଏ ସମୟେ ଦୈବ ଯୋଗେ ମୋର ଭାଗ୍ୟବଶ
ସେ ଠାବରେ ଯାଇ ମୁହିଁ ହୁଅନ୍ତେ ପ୍ରବେଶ । ୪ ।

ମୋତେ ଦେଖି ଡର ଡରେ ତରଳ ନୟନୀ
ଉଠି ସନ୍ନେ ବାସେ ଘୋଡ଼ାଇଲା କୁଚ ବେନି
ମୋ ଆଡ଼କୁ ମନୋରମା ଗମନ ସେ କରି
ମୁଖ ପୋଡି ଉଭା ଯେ ହୋଇଲା ସୁକୁମାରୀ । ୫

ବଡ଼ ଲୋକ ନୟମ ଲଙ୍ଘିବା ବଡ଼ ଦୋଷ
ଏହା ମୁଁ ବୋଲନ୍ତେ ଜାତ କଲା ମୃଦୁହାସ
କେ ଧାରିବ ଏ ଭଙ୍ଗୀ କି ଯାଅ ଯା ବୋଇଲା
ଅଳପ ନୋହ୍ଲା'ଇ ଗ୍ରୀବା କି କରି ଗୃହିଁଲା । ୬ ।

ମଲ୍ଲି ମଲା ହୃଦୟ କି ହୁଏ ତାହା ଶୁଣି
ସେ ଭାବ ମନେ ପଡିଲେ ହୃଦ ହୁଏ ହାଣି
ବାଣା ବଚନୀର କଣା ଏ ଦେହ ମୋହର
ପିଣ୍ଡେ ପ୍ରାଣ ଥିବା ଯାକେ ନ ଯିବ ପାସୋର । ୭ ।

ହେ ଶିବ ମାଗୁଛି ମୋତେ ଏମନ୍ତ କରିବା
ତାହା ପାଶେ ଥିବା ତାହା ମୁଖକୁ ଗୃହିଁବା
ତାହା ସେବା ବିନୁ ମନ ନ ରସଇ କାହିଁ
ଏହି ବର ଦିଅ ଉପଇନ୍ଦ୍ର ଭଞ୍ଜ କହି । ୮ ।

101. ରାଗ-କଳହଂସ କେଦାର

ଦ୍ୱିତୀୟ ଯାମ ନିଶି ପ୍ରବେଶେ ସଖୀ
ଦିନେ ପଲଙ୍କେ ଥିଲି ମୋ କୋଳେ ଶୋଇ ଯେ
କୁସୁମବତୀ ହୋଇ ଅବନୀ ଶୋଭି
ଶଯ୍ୟା ତେଜି ନିକଟେ ହୋଇଛି ଉଭା ଯେ । ୧ ।

କେତେବେଳେ ଚେତନା ପାଇଲି ମୁଁ ଯେ
ଖୋଜିଲି ପ୍ରାଣ ପ୍ରିୟା ନାହିଁ ମୋ ଶେଯେ ଯେ
ହେ ଜୀବେଶ୍ୱରୀ ବୋଲି ଡ଼ାକନ୍ତେ ପୁଣି
ଚତୁରୀ ନ କହିଲା ଭୁଲିତେ ବାର୍ତ୍ତା ଯେ । ୨ ।

ନାଶ ଯାଇଛି କଳା ପ୍ରଦୀପ ଲୋଡ଼ା
ଭୁଲିତେ ଫେଇଦେଲି ଗବାକ୍ଷ ପୁଡ଼ା ଯେ

Digitized by srujanika@gmail.com

ଚନ୍ଦ୍ର କରତେ ଚନ୍ଦ୍ର ମୁଖ ଦର୍ଶିଲି
ବସନାଞ୍ଚଳ ମୁଖେ ଦେଇ ହସିଲ ଯେ । ୩ ।
ଏତେ କପଟ କମ୍ପା ନିଜ ଦାସକୁ
ବୋଲି ମୁଁ ଯା'ନ୍ତେ ପ୍ରାଣପ୍ରିୟା ପାଶକୁ ଯେ
ଜୁଡ଼ାରୁ କରବୀର କୁସୁମ ଘେନ
କାଢ଼ି ପକାଇ ଦେଲା ଘନଜଘନୀ ଯେ । ୪ ।
ତାହା ଦେଖିଣ ମୁଁ ଯେ ହେଲି ଅସ୍ଥିର
ପ୍ରେମକେ କାନ୍ଦେ କାନ୍ଦେ ଶିଖିଲି ମାର ଯେ
ଧାତାକୁ ନିନ୍ଦାକଲି ବିମୁଖ ପାଇ
ପ୍ରଭୁଏ ଏତେ କଷ୍ଟ ଦେଲୁ କମ୍ପାଇ ଯେ । ୫ ।
ଯାହା ବଞ୍ଚିବ ପ୍ରିୟା କୋଳେ ନଥାଇ
ରାତ୍ରିକୁ ହେଲେ ଦୋଷ ଲାଗନ୍ତା ନାହିଁ ଯେ
ସ୍ୱରୂପ ଚିତ୍ରପଟ ହୃଦେ ଲଗାଇ
ଅନବରତେ ମୁଖ ନିରେଖୁ ଥାଇ ଯେ । ୬ ।
ଏତେ ଅନ୍ତର ଦେହ ସହୁ ନ ଥିଲି
ଏବେ ସେ ନ ଦିଶିଣ ଅନ୍ତର ହେଲି ଯେ ।
ପ୍ରବାସୀ ହେଲଠାରୁ ଆସୁତ ନାହିଁ
ପରାଣ ବାନ୍ଧବାଙ୍କ ପାଇବ କାହିଁ ଯେ । ୭ ।
ହେ ଶିବ ମାଗୁଅଛୁ ଭେଟାଅ ମୋତେ
କହଇ ଉପଇନ୍ଦ୍ର ଭଞ୍ଜ ଏ ଗୀତେ ଯେ
ଏତେ ବିଚ୍ଛେଦ ଯାହା ଜାଣିଛୁ ମୁହିଁ
ଏ ଭବ ମନେ ଚିନ୍ତା ହୃଦ ଦହଇ ଯେ । ୮ ।

102. ରାଗ-ଚୋଖୀ

ତୃତୀୟ ଯାମ ଯାମିନୀ ପ୍ରବେଶେ ଧନେ କାମିନୀ
ସ୍ୱପନରେ ମୋ ସଙ୍ଗକୁ ବିଚ୍ଛେଦ ହୋଇ
ଆହା ଆହା ପ୍ରାଣନାଥରେ ବୋଲି ହୃଦେ ମାରି ହାତ
କଠିଣ ଲୋଡ଼ଇ ପଲଙ୍କରେ ସୁମୁହିଁ
ମୋ ଉପରେ ପଡ଼ିଲି କରି, ବାସେ ବାସ ଛନ୍ଦ ଦେଲି ନାଗେଶ୍ୱର । ୧ ।
ମୁଁ ତହିଁ ଚେତନା ବଳେ ଧରି ବସାଇଲି କୋଳେ
ସବିନୟ କରି ସେ କନକ ଗୋଷ୍ଠୀକ
ଭୁଜେ ଯେ ମୋତେ ଭିଡ଼ିଲ ପ୍ରିୟତମା ନ ଛାଡ଼ିଲା
ଦେଖିଲି ମୁଁ ଲୋଚନରେ ଅଶ୍ରୁ ବାରିକ
ବୋଇଲି ତା ନୟନ ପୋଛି, ମୋ ଜାଣନ୍ତେ ଦୋଷକରି ନାହିଁ ମୁଁ କିଛି । ୨

Digitized by srujanika@gmail.com

ଛବି ଖେଳରେ ବାନ୍ଧବୀ   ଅପଶ୍ରାନ୍ତ ହଉଥିବି
ଏ ପ୍ରକାରେ ଯାହା ଜଣାଉଛୁ ମୁଁ ତୋତେ
ଚନ୍ଦ୍ରକରେ କୃନ୍ଦନରେ   ବାସ ହରିବା ବେଳରେ
ନାହିଁ ନାହିଁ କରୁ କରୁ ଲମ୍ପଟୁ ମୋତେ
ରତିରସେ ଝାଳ ବାହାରେ, ଶ୍ରୀମୁଖଇନ୍ଦୁରେ ଶୋଭି ବିନ୍ଦୁ ପ୍ରକାର । ୩ ।

ସେ ଶୋଭା ଦେଖିବା ପାଇଁ   ମୁଁ ତାହା ପୋଛଇ ନାହିଁ
ଉରଜେ କରଜ କ୍ଷତ କରିବା ସତ
ରତାନ୍ତେ ସେ କରେ ଜ୍ୱାଳା   ଏହି ରୂପେ ଚଢେ ବାଳା
ବିସ୍ତର ଯେନଲେ ହେବ ଦୋଷ ବହୁତ
ଯେବେ ଏହା ଘେନନ୍ତୁ ରାମା, ତଥାପି ତ ପ୍ରଭୁ ତୁହି କରିବୁ କ୍ଷମା । ୪ ।

ଶୁଣି ଶୋକ ଗଦଗଦେ   ମୁଖ ନନ୍ଦୁ ଶଲ୍ୟ ପଦେ
ବାଣୀ ଏ ମୋ ହୃଦୟେ ଯେମନ୍ତେ ନେଇଚ
ତହିଁକି ସାକ୍ଷୀ ମଦନ   କେବଳ ଜାଣଇ ମନ
ମୋ ନିଷ୍ଠୁର ବୋଲି ସେ କହିଲ ମୃଗାକ୍ଷୀ
ଶୁଣି ମୁହିଁ ଚନ୍ଦ୍ରମୁଖୀ ବଦନ, ବୋଇଲି ଏ ଜୀବ ଥିଲେ ନୋହିବ ଭିନ୍ନ । ୫ ।

ପୁଣି ମୁଁ ବୋଇଲି ସଖୀ   ତୁ ଜୀବନ ପିଣ୍ଡ ମୁହିଁ
ପିଣ୍ଡ ନ ଛାଡ଼ଇଟି ଛାଡ଼ଇ ଜୀବନ
ଶୁଣି ସେ ବୋଇଲା ସତ   ଏହି କଥା ବିପରୀତ
ମୂଳ କରି ସଦା ଘେନଥିବଟି ମନ
ସ୍ୱପ୍ନେ ହେଲେ ବିଚ୍ଛେଦ ହେଲା, କହିବାକୁ ଏହା ସିନା ଦଇବ କଲା । ୬ ।

ଯେତେ ପରକାରେ ରସ   ସେ ଦିନ ହୋଇଲା ଶେଷ
ରତି ପତିଙ୍କ ପ୍ରଣୀତ କେବେ ନୋହିବ
ତାକୁ ପ୍ରୀତି ଘେନା ଯଣେ   ସମାନ ନ ଥିବ ଜଣେ
ଏଣୁ ତାକୁ ପଟାନ୍ତର କେ ବା ହୋଇବ
ସୁନ୍ଦରୀରେ ଅଗ୍ରଣୀ ସେହି, ଯାହାକୁ ପ୍ରତିବନ୍ଧାଣୀ ଧାତା ବୋଲଇ । ୭ ।

ସେ ଦିନୁ ଦଣ୍ଡେ ଅନ୍ତର   ନୁହଇ ପାଶରୁ ତାର
ସତେ ହେଁ ବିଚ୍ଛେଦ କର୍ମ ଅବଳେ ଏବେ
ବନ୍ଧୁ ଯେବେ ଜୀବେ ଥିବ   ତାର ମୋର ଭେଟ ହେବ
ସେ ଯେବେ ମାନ କରିବ କହିବ ତେବେ
ଦୋଷ କହି ମୁଁ ଛଡ଼ାଇବି, ଉପଇନ୍ଦ୍ର କହେ ଦୟାଶୀଳ ବାନ୍ଧବୀ । ୮ ।

Digitized by srujanika@gmail.com

103. ରାଗ-ବସନ୍ତ

ଚତୁର୍ଥ ପ୍ରହର ନିଶି ପ୍ରବେଶ ହେନେ ସୁକେଶୀ
କାରବାର ପୂରପଲଙ୍କରେ
ଶୋଇ ଯେ ଥିଲିକ ବାଳୀ ଜଳୁଥିଲି ଦୀପାବଳୀ
ତା ନିଦ୍ରା ଭଜିଲି କି ପ୍ରକାରେ ସେ, ଜବେଶ୍ୱରୀ
ହସି ଅନାଇଲି ପ୍ରିୟା ବୋଲି, ଚେତନା ମୋ ଥାଲେ ମିଛେ ଶୋଇଥିଲି । ୧

ବମ୍ୱୋଷ୍ଠି ଉଠ ସନ୍ଧ୍ୟାରେ ନିଶ୍ୱାସ ମୋ ବାଜୁ କରେ
ମୁଖେ ଚୁମ୍ୱ ଦେଲି ଅଣି ହେଲେ
ଗଣ୍ଡେ ପୁଲକ ସ୍ଫୁରିଲି ବାଳା ଆଧୋମୁଖ ହେଲି
ଉଠିଣ ମୁଁ ବସାଇଲି କୋଳରେ, ଜବେଶ୍ୱରୀ
ବୋଇଲି ଚୁମ୍ୱନ ହୁଅ ଆଉ, ଏକ ପ୍ରାଣ ସିନା, କପଁା ଲଜ ପାଉଛରେ । ୨ ।

ଚିବୁକେ ଅଙ୍ଗୁଳି ଦେଇ ଅଲପ ହସିଲି ହୋଇ
ଫୁଲଇ ନାସିକା ପୁଡ଼ାଦୁଇ
ସ୍ତୃତୁର୍କରେ ସେ ଚତୁରୀ ଚୁମ୍ୱିଲି ମାତ୍ରକେ କରି
ମୋ ଦନ୍ତକୁନ୍ଦରୁଚି ପକାଇ ସେ ଜବେଶ୍ୱରୀ
ନାହିଁ ନାହିଁ ଟେରୁଥିଲି କର, ନ ଦେନ ମୁଁ ଚୁମ୍ୱ ଦେଲି ବାରମ୍ୱାର । ୩ ।

ବହୁତ କରି ଆରମ୍ଭ ବୃଷ ବନ୍ଧେ ପରରମ୍ଭ
କରନ୍ତେ କର ଧରନ୍ତେ ସଖି
ଆଉ ନ ପାରଇ ବୋଲି କହିଲି ବେଲେ ଛଇଳୀ
ତେତେ ବେଳରେ ଉପମା ନୋହିବରେ ଜବେଶ୍ୱରୀ
ଉପମେୟ ଭୁବ ଏ ସଂସାର, ସାର ନାଗରୀମାନଙ୍କ କଣ୍ଠହାର । ୪ ।

ଗ୍ଭହିଁ ଧୀରେ ଧୀରେ ମୋତେ ଦର୍ପଣ ବତାନେ ସଖି
ଖିବିଲି ସେ ବିପରୀତ ପରି
ଚକିତେ ଅନାଇ ଧନ ଜ୍ଞା ବିଗ୍ରହି ତାର ମନ
ନୟନକୁ ବୁଜିଲି ସୁନ୍ଦରୀ ସେ, ଜବେଶ୍ୱରୀ
ସତେକ ହୋଇଲି ବିପରୀତ, ଗ୍ଭହିଁ ମୋତେ ହୋଇଲି ସୁକୃତ ସେ । ୫ ।

ମୁଁ କହିଲି ଭାବ କରି ଯାହା ମାଗୁଥାଇ ଗୋରୀ
କେ ତାହା ଜାଣେ ଯହିଁ କି ବୋଲୁ
ଆଜ କି ହେଲି କମୁଣା ଦାସଠାରେ ବାଣୀ,
କ୍ଷଣୀ ବାଣୀକି ନ ଜାଣି ଜଣାଇଲୁରେ, ଜବେଶ୍ୱରୀ ।
ହାତ ମାରି ଦାସ କଲି ହତ, ସୁଖେ ବାସ ପିନ୍ଧିଲି ତ୍ୱରିତ ସେ । ୬ ।

Digitized by srujanika@gmail.com

ପଢ଼ା ଶୁକ ସେ କନ୍ଦରେ ରାମ ନାମ ପ୍ରଭାତରେ
ପଢ଼ିବାକୁ ପଞ୍ଜରାରେ ଥାଇ
ଶୁଣିଲା ପାଶୋରେ ନାହିଁ ଅବଶ୍ୟ ପଢ଼ଇ ତାହି
ଏହା ହେଳ କଳାକର ମୁହିଁ ସେ, ଜୀବେଶ୍ୱରୀ
ମାଣିକ୍ୟ ତାଙ୍କ କର୍ଣ୍ଣେ ନେଇ,
ତା ମୁଖେ ଦେଇ ଚମ୍ପୁତି ନେବା ପାଇଁ ସେ । ୭।

କେତେ ବେଳ ତହିଁ ଗଲା ରଜନୀ ବିନାଶ ହେଲା
ଶୁକ ନ ପଢ଼ିଲା ଅନାଇଲା
ଦେଖିଲା ତାଙ୍କ ଧର ଅଧର ପ୍ରାପ୍ତେ ବିମ୍ବଫଳ
ତାହା ଦେଖିଣଆନନ୍ଦ ହେଲା ସେ, ଜୀବେଶ୍ୱରୀ
ରସିକ ଧମାନେ ଆଉ ନାହିଁ, ମନୁ ଯିବା ନୋହେ ଉପଇନ୍ଦ୍ର କହି ସେ । ୮

104.

ହେମ ନଶାରେ ହେମ ବରନା ବହିଲୁ ଦଶାରେ
ପାଶୋରି ତ ଯାଉ ନାହିଁ ସଖୀ ତୋ ଅଙ୍କ ପଲଙ୍କ ବସାରେ (ଘୋଷା)
ଭୃ ଲତା ତୋ ରଞ୍ଜନ ଗୁଣ, ଖଞ୍ଜିଛୁ କି କଟାକ୍ଷ ବାଣ,
ନାନ୍ତି ରଙ୍ଗି ଦହିଲା ପ୍ରାଣ ଗୃହିଁ ନ ଗୃହିଁ କେତେ ଦୃଶାରେ । ୧ ।
କି ସୁନ୍ଦର ଶ୍ରୀମୁଖ ଶଶି, ଗଗନରୁ ପଡ଼ଇ ଖସି,
ଦୁଃଖ ସାଗରେ ଭାସି ଶୁଣାଅ ତୋ ବାଣୀ ଜଣା ଭାଷାରେ । ୨ ।
ଭାଲେ ଶୋହେ ଅଳକାପନ୍ତି, ଧଏ ଯୁବା ଧଇର୍ଯ୍ୟ ମନ୍ତ୍ରି,
ସଂସାରେ ସାର ନାସା ମୋଟକ ସଂସାରରେ ସାର ପରଶଂସାରେ । ୩ ।
ଯବାଧରା ଧରାମଣ୍ଡନା, ମହୀରେ କେ ନାହିଁ ଉପମା,
ଉପଇନ୍ଦ୍ର କରେ ଭାବନା ବନ୍ଧୁ କଲିଣି ଭଗାଣୀ ହସାରେ । ୪ ।

105. ରାଗ-ଆଷାଢ଼ ଶୁକ୍ଳ ବାଣୀ

କନକ ଶମ୍ଭୁକୁ ମୋ ଚାଉ ଥାଉ, ଖଞ୍ଜନ ନେତ୍ରୀ ଭ୍ରୁମୁକୁ ଚଟାଉ
ଗୋରି ତୋ ଶ୍ରୀମୁଖ ଦେଖିଲା ଦିନୁ, ଘଡ଼ିଏ ପାଶୋର ନ ଯାଉ ମନୁ
ନିତ୍ୟେ ଏହି ଧ୍ୟାନ, ଚନ୍ଦ୍ରମା ବଦନୀ ନ କର ଭିନ୍ନ । ୧ ।
ଛଇଳା ରମଣୀ କଲୁ ନିରାଶ, ଜୀବ ଗଲେ ଯିବ ଶମନ ପାଶ
ଏକହାସୀ ଦସ୍ତୁକୁ, ବୋଲାଉ, ନନ୍ଦସ୍ତ୍ରୀ କି ପାଇଁ ମୋଠାରେ ବନ୍ଧୁ
ଟେକ ଭାଗ୍ୟ ଥିଲେ, ଠିକେ ହବା ନଣୀ ନେବ ତୋ ଭୂଲେ । ୨ ।

Digitized by srujanika@gmail.com

ଡ଼ାଳିମ୍ବଦନ୍ତୀ ତୁ ଚନ୍ଦ୍ର ଚକୋର, ଡ଼ାକେ ମୁଁ ଚାତକ ତୁ ଜଳଧର
ଅଙ୍ଗନା ମୁଁ ହଂସ ତୁ ମାନସର ତଥାକୁ ମାଳତୀ ମୁଁ ମଧୁକର ।
ଅରେ କୃଷ୍ଣ ଯେନ ଦରହାସୀ ତୁ ମୋ ପିଣ୍ଡ ପରାଣ । ୩ ।

ଧନ ମୁଁ ନିର୍ଧନ ହୋଇଲି ଅତ, ନ ପାଇଲେ ହେବି କାହିଁ ତୃପତ
ପୂର୍ବେ ପ୍ରସନ୍ନ ହୋଇଥିଲେ ଶିବ, ଫୁଲ ସ୍ନେହ ମାଗେ କରୁଣା ହେବ
ବାଳା ଯେନ ଏତେ, ଭଲ ମନ୍ଦ ସବୁ ଲାଗଇ ତୋତେ । ୪ ।

ମୋତେ ଏହୁ ଆଜ୍ଞା ହେବରେ ସହି, ଯୁବତୀ ରତନ ଗୁଣିକ ତୁହି
ରାମା ମୁଁ ପିନ୍ଧାଉଥିବି ବସନ, ଲଳନା ଭଙ୍ଗି ଦେଉଥିବି ପାନ
ବର୍ତ୍ତୁଳ ଉରଜେ, ଶ୍ରଦ୍ଧାରେ ଚନ୍ଦ ଲେଖୁଥିବି ମୁଁ ଯେ । ୫ ।

ଷୋଡ଼ଶୀ ମୋ ପରେ ପ୍ରଭୁ ହୋଇବୁ, ଶିରେ ଯେନ ବଦାନ୍ୟ ଆଜ୍ଞା ଦେବୁ
ହରିଣୀ ନେତ୍ରୀ ତୁ ବିବେକ ସାର, କ୍ଷଣେ ଏଥି ଦେବୁ ପ୍ରତିଉତ୍ତର
ପ୍ରତିଭାଷା ଏହୁ, କ୍ଷମେ ଉପେନ୍ଦ୍ର ଭଞ୍ଜ କହଇ । ୬ ।

106. ରାଗ-ଆଷାଢ଼ ଶୁକ୍ଳ : ତାଳ-ଝୁଲ

ରମଣୀ ରତନ ମେଘକୁ ଚାହିଁ, କହିବୁରେ ମେଘ କାନ୍ତକୁ ଯାଇ
ଏତେ ଧନ କମା ବିଳମ୍ବ କଲେ, କାଲି ପରିକ କଣ୍ଠ କରିଥିଲେ
କରି ମୋତେ ପର, କି ବିଗୁରୁ ଥିବେ ଧନୁ ଅନ୍ତର । ୧ ।

କଲଣି ଘୋର ଦୁର୍ଦ୍ଦିନ ଚମକ, ନାଦ କଲେଣି କୋକିଳ ଡାହୁକ
କହୁଥିଲେ ବନ୍ଧୁ ନିୟମ କରି, କେବେ ହେଁ ନ ଯିବି ପ୍ରବାସ କରି
କି ବିଗୁରି ମନ, କେଉଁ ନାରୀ ସଙ୍ଗେ ବଞ୍ଚିଲେ ଧନ । ୨ ।

କାମେ ବଶ କଲା କେଉଁ ଚତୁରୀ, କେ ରମଣୀ ରଖିଲା ମନ ହରି
କେଉଁ ବିଧି ଫଳ ଭୁଞ୍ଜୁଛନ୍ତି ବସି, ପିଣ୍ଡରୁ ପରାଣ ଯାଉଛି ଖସି
କେଉଁ ଉପାୟରେ, କାନ୍ତକୁ ଭେଟିବି ନେତ୍ର ପଥରେ । ୩ ।

ସତେ କି କରିବେ ହରି ଗଉରୀ, ପ୍ରବାସୁ ମୋ କାନ୍ତ ଆସିବେ ଫେରି
କରିବେ ଅଙ୍କ ପଲଙ୍କେ ଶୟନ, ସତେ କି ମୋ ଦୁଃଖ ହେବ ମୋଚନ
କରି ରସ କେଳି, ଭଣେ ଉପେନ୍ଦ୍ର ଏ ରସେ ଭଳି । ୪ ।

107. ରାଗ-ଆଶାବରୀ : ତାଳ-ଯତ୍

ଆଜି ଦେଖିଲିରେ ନବୀନ ବୟସୀ ବାଳା
ପାଇଥାନ୍ତି ଯେବେ ଚନ୍ଦ୍ରବଦନୀ କି କରିଥାନ୍ତି ଗଳାମାଳା ।

Digitized by srujanika@gmail.com

ଦୂରୁ ଦେଖି ମୋତେ କୁରଙ୍ଗୀ ନୟନା ତରତର ହୋଇଗଲା
କାଖେ କୁମ୍ଭଘେନି ଲେଉଟି ଚହାଁନ୍ତେ ମନେ ଶର ଦହିଲା । ୧ ।
ସୁନ୍ଦର କନ୍ଦର୍ପ ଦର୍ପଣ ପରାୟେ ଝଟକୁ ଥିଲା ତା ମୁଖ
ରୁନ୍ଧିଲା ମାନକେ ଷଷ୍ଟ ଗଲା ମୋର ଅଙ୍ଗର ଅନଙ୍ଗ ଦୁଃଖ । ୨ ।
କୋଟି କୋଟି ଶିବ ସେବା କରୁଥିବ ଯେ ଥିବ ଗଙ୍ଗାରେ ଧାୟି
କହେ ଉପଇନ୍ଦ୍ର କବିକୁଳ ଚନ୍ଦ୍ର ତା' ସଙ୍ଗ ଲଭିବ ସେହି । ୩ ।

108. ରାଗ-କଳହଂସ କେଦାର : ତାଳ-ଝୁଲା .

କେଳି ସଦନ ମଣ୍ଡି ବସିଛୁ ବାଳା
କରେ ଗୁନ୍ଥୁଛୁ ବସି କୁସୁମ ମାଳା ଯେ ।
ବିଦେଶୁ ଆସି ମୁଁ ଯେ ହେଲି ପ୍ରବେଶ
ଗବାକ୍ଷକୁ ଲଭିଛୁ ପ୍ରମଦାଈଶ ଯେ । ୧ ।

ବାସେ ଲପନ ଢାଙ୍କି ବାସକୁ ଗଲି
ବାସବ ପଦେ ପଦ ରୁଳାଣ ଦେଲି ଯେ ।
କର ଯୋଡ଼ି କହୁଛୁ ଅଧୈର୍ଯ୍ୟ ହୋଇ
ମୁଁ ପରା ତୁମ୍ଭ ନିଜ ଦାସ ଅଟଇ ଯେ । ୨ ।

ଶୁଣି ସୁମନା ମନେ ଆନନ୍ଦ ହେଲା
ସୁମନମାଳା କଣ୍ଠେ ଲମ୍ବାଇ ଦେଲା ଯେ ।
ସୁମନ ଶରେ ମାତି ଝାପନ୍ତେ ମୁହିଁ
ବାରୁଣୀ ଦିଗକୁ ସେ ଦେଲା ଦେଖାଇ ଯେ । ୩ ।

କହେ ହସିଣ ନବ ନାଗରୀ ବର
ବିରହ ବାଧା ତୁମ୍ଭେ ସଧୀର କର ଯେ ।
ଆଜ ରଜନୀ ହେବ ନବ କାମିନୀ
ମୋ ସଙ୍ଗେ ପ୍ରୀତି ଭୋଗ କର ଯାମିନୀ ଯେ । ୪ ।

କହଇ ଉପଇନ୍ଦ୍ର ଭଞ୍ଜ ଏ ଗୀତେ
ହର'ପୂଜିବ ମୋର ବନ୍ଧୁ ନିମନ୍ତେ ହେ ।
ମନାଇ ମାଗିବି ମୁଁ ପାର୍ବତୀ ବର
ପ୍ରିୟା ପାଶରୁ ମୁଁ ନୋହିବି ଅନ୍ତର ଯେ । ୫ ।

Digitized by srujanika@gmail.com

109. ରାଗ-ଦକ୍ଷିଣ କାମୋଦୀ : ତାଳ-ଯତି

ନ କରରେ ଗ୍ରାମାମାନ, କହୁଛୁ ବନସ୍ଥ ଘେନ,
କ୍ଷଣା ଜନଠାରେ ମାନ କଲେ କି ହେବ ସମାନ । ୧ ।

ତୁ ମୋ ଗଳା ରତ୍ନମାଳା, ବାଳାରେ ନେଇ ପିନ୍ଧିଲା
କାମ ସିନ୍ଧୁରେ ମୋ ଭେଳା ନ ବୁଡ଼ା ନବ ଛଇଳା । ୨ ।

ଲଗାଇ ପ୍ରୀତି ବଲ୍ଲରୀ, ନ ଛେଦ ଶ୍ରୀହସ୍ତେ ଧରି
ବାନ୍ଧବୀ ମୁଁ କିଣା ପଣଜନ ତୋର ବମ୍ବାଧରି । ୩ ।

ମୁଁ ଯେବେ ହୋଇଲି ଦୋଷୀ, ତୁ ପରା କରୁଣା ରାଶି,
ଶରଣ ପଶିଲି ଆସି ରଖ ମୋତେ ମଦାଳସୀ । ୪ ।

କାନ୍ତା କାନ୍ତ ବାଣୀ ଶୁଣି ହରଷେ ରମଣୀ ମଣି
ଆରମ୍ଭିଲେ ପ୍ରୀତି ପୁଣି ଉପେନ୍ଦ୍ର ଭଞ୍ଜ ଭଣି । ୫ ।

101. ରାଗ-ସୁରଟ୍ : ତାଳ-ଆଠତାଳି

ଏ ଘୋର ବରଷା କାଳେ ପ୍ରିୟରସା ରସ ଆଦରରେ ବସିଥିବ (ପଦ)
ବନପନ୍ଥ ପନ୍ଥ ପନ୍ଥ ପରେ ଦୃଷ୍ଟି ଦେଇଣ ସନ୍ତାପ କରୁଥିବ
ଗିର୍ବାଣମଣି ସେ ଖର ନବାଶଣୀ ନେଇ ଅମ୍ବୁଜରେ ମଣ୍ଡିଥିବ । ୧ ।
ସୁନାଶିର ଧନୁ ଟଙ୍କାର ଶବଦେ ଅବଳା ଚମକି ଗଡୁଥିବ ।
ରବିସୁତ ପରେ ଇନ୍ଦ୍ର ବାହାନକୁ ଦେଇଣ ନିରୋଧ କରୁଥିବ । ୨ ।
ବୃଷ୍ଟି ବାହାନଙ୍କ ଅରି ଧ୍ୱଜା ପରେ ବସି ମୋ ସଙ୍ଗତେ କହୁଥିବ ।
ଘରର ଘରଣୀ ବାହନ ରିପୁ ଦନ୍ତ ପଲଙ୍କ ତେଜ୍ୟା ସେ କରୁଥିବ । ୩ ।
ଘୋର ବନେ ଦେଖି ବସେ ଚନ୍ଦ୍ରମୁଖୀ ଚଉଦିଗକୁ ନିରେଖୁଥିବ ।
ଉପେନ୍ଦ୍ର ଭଣି ସେ ମନ ମୋହିନୀ ପିଣ୍ଡରେ କି ପ୍ରାଣ ରଖିଥିବ । ୪ ।

111. ରାଗ-କଳ୍ୟାଣକଳ୍ୟାଣ : ତାଳ-ଯତ୍

ଆଉ କାହା କର ଧରିବ, ସଜନୀ ଗୋ,
ଛାଡିଗଲେ ଗୁଣମଣି ଝୁରିଝୁରି ମରିବ । (ପଦ)
ତୁ ମୋହର, ମୁଁ ତୋହର ନ କରିବୁ ଅନ୍ତର
ମାରୁଅଛୁ ପଞ୍ଚଶର ଦହୁ ଅଛୁ ଶରୀର । ୧ ।

Digitized by srujanika@gmail.com

ସୁନ୍ଦର ତୋ ଲଲାଟ, ପଡ଼ୁଛି ଆଲାଟ,
ଗଜଦନ୍ତ ପଲଙ୍କରେ ଆଉ ନାହିଁ ତୋ ଭେଟ । ୨ ।

କୋକିଳ ପରି ବାଣୀ, କହୁ ଚତୁରୀମଣୀ,
ଭ୍ରୂଲତା ଶୋଭା ତୋହର ଇନ୍ଦ୍ରଧନୁକୁ ଜିଣି । ୩ ।

କି ସୁନ୍ଦର ଧନକୁ ଚାହିଁ ତୋ ବଦନକୁ
ଯେତେ ଯେତେ ଦୋଷ କଲି ନ ଘେନିରୁ ମନକୁ । ୪ ।

ରସବନ୍ତି ରସିବ କାନ୍ତ ପାଶେ ବସିବ
ଭଣେଉପଇନ୍ଦ୍ର ଭଞ୍ଜ ଗୃହଚକ୍ର ମିଶିବ । ୫ ।

112. ରାଗ-ଖମାଚ ମିଶ୍ର : ତାଳ-ଏକତାଳୀ

ଆହା ମୋ ଜୀବନ ଧନୀ ଜୀବନେ କି ଥିବରେ । (ପଦ)
ନିଶାକର ବଧୂ ମୁଖୀ କିସ କରୁଥିବରେ,
ଆଶା ପଲଙ୍କରେ ବସି ଭାଷା ଲେଖୁ ଥିବରେ । ୧ ।

ଗଳେ ଥିଲି ମୋତିମାଳା ତୁଟି ଲୋଟି ଥିବରେ,
ଫିଟି ଲୋଟୁଥିବା କେଶ ଝାଳ କଣ୍ଠୁ ଥିବରେ । ୨ ।

ଉତ୍ପଳ ନୟନୀ ତୋ କପାଳେ ଏ ଥିଲାରେ
ସୁଫଳିତ ଅଙ୍ଗ ତୋର ବିଫଳିତ ହେଲାରେ । ୩ ।

ଭଣେ ଉପଇନ୍ଦ୍ର ଭଞ୍ଜ କରି ପ୍ରୀତି ଆଶାରେ,
ଆଉ କି ଶୁଣିବି ପ୍ରାଣ ପ୍ରିୟା ପିକ ଭାଷାରେ । ୪ ।

113. ରାଗ-ସାରଙ୍ଗ : ତାଳ-ଆଠତାଳୀ

ବୀଣାଜିଣା ସ୍ୱରନ୍ତି ତୁ ଶୁଣାରେ,
ଆଜନମ ଦାସ, ଆଶା ନ ନାଶି ତୁ କର ମାନସ ଫୁରୁଣାରେ ।
ଧବଳୋକ ପରି ଶୁଦ୍ଧ ବସନା ଧୀରା କରଜରେ ମସୀ ଲେଖନା
ଧବଳୁନା ପର କୁହା ଶୁଣି ଯାହା ଅନୁରାଗ କରୁ ଉଣାରେ । ୧ ।

ବାର ବାର ଦିଅ ରମ୍ୟ ନୟନୁ, ନାସା ରତନ କହ କେ ତୋ ବନୁ
ଗତି ନ ଥିବାର ବାରଣ ଗମନା ନୁହଇ କି ତୋତେ ଜଣାରେ । ୨ ।

ସାଜି ଦେବି ଘନଜିତ ଚିକୁର ମାଜି ଦେଖାଇବି ଆଣି ମୁକୁର
ରାଜୀବାକ୍ଷୀ ରାଜି କରୁ କିନା ଥରେ ବନ୍ଧୁ ଅପାର କରୁଣାରେ । ୩ ।

Digitized by srujanika@gmail.com

ଦର୍ପ ଦର୍ପ କର ଦର ଏବାର ପଙ୍କ ଶଙ୍କାଶ ମୁଖୀ ନବାର
କାଞ୍ଚନ ବରନା ଶ୍ୱାସରୁ ମୂର୍ଚ୍ଛନା ଫୁଲର ସୁଗନ୍ଧ ଘେନାରେ । ୪ ।
ଉପଇନ୍ଦ୍ର ଘେନ ଏ ଅରଜ, ଶୁଣ ସୁମନୁ ମାନଙ୍କୁ ବରଜ
ସୁବରଜ ତନୁପାଇ ଚମ୍ପା ଗୋଷ୍ଠି ହେଲ ମୁଁ ତୋର କଣାରେ । ୫ ।

114. ରାଗ-ଭୈରବ : ତାଳ ଆଠତାଳୀ

ମୋ ରାମା ମନେ କି ପାଞ୍ଚିଲ
ବେଦ କୁମ୍ଭ ପରେ ସାତ କୁମ୍ଭଥୋଇ ପଞ୍ଚମନକୁ ଚୋଷିଲ । (ପଦ)
ଏକେ ବେଦ ମୁଖ ତାର ଗୃହ ମୁଖ ଷଡ଼ଚକ୍ରରେ ଘୋଟିଲ
ମନ୍ଦର ସୁତା ସେ ମନରେ ହରଷ ପନ୍ଦର ନେତ୍ର ମୋହିଲ । ୧ ।
କର୍ଣ୍ଣ ପରେ ହର ହର ପରେ କର୍ଣ୍ଣ କି ରଙ୍ଗେ ଚଢ଼ାଇ ଥିଲ
ଚନ୍ଦ୍ର ପରେ ସୂର୍ଯ୍ୟ ସୂର୍ଯ୍ୟ ପରେ ଚନ୍ଦ୍ର ତାପରେ ତାରା ଝଞ୍ଜିଲ । ୨ ।
ବିମ୍ବଫଳ କମ୍ବୁ ଜନ୍ମିଲ ଶ୍ରୀଫଳ ପକେ ପରିପୂର୍ଣ୍ଣ ହେଲ
ଶମ୍ଭୁ ବୋଲି କରି ଦର୍ଶନ କରନ୍ତେ ଦୁକୂଳେ ଘୋଡ଼ାଇ ଦେଲ । ୩ ।
ନାଭିବାର ଗୃହ ବରଷ କୁମାରୀ ପର ପୁରୁଷେ ମୋହିଲ
କହେ ଉପଇନ୍ଦ୍ର ଭଞ୍ଜ ବୀରବର ନିଜ ମନ୍ଦିରେ ଚଳିଲ । ୪ ।

115. ରାଗ-ପରଜ : ତାଳ-ଏକତାଳୀ

ରମଣୀ ରତନ ବେଦ ଯୁଗ୍ମ ବୟସୀ ମୋ କର ଧରି ପାଇଲି କକ୍ଷଣରେ (ପଦ)
ଶିଖଣ୍ଡି ଉପରେ ଶିଖର ଯେ ନାଦ କରୁଥିବ ଘନ ଘନ
ତା ଶୁଣନ୍ତେ କଣ୍ଠେ ମୋହ ଯାଉଥିବ ପରା ମୋ ଜୀବ ଜୀବନ । ୧ ।
ହରହର ରାବ ଶୁଣି ଅମ୍ବୁଜାକ୍ଷୀ ହେଉଥିବ ଛନ୍ନଛନ୍ନ
ସେତ ସଦାଶିବ ପ୍ରସନ୍ନ ହୋଇବେ ଦେଖିଣ ପ୍ରିୟା ବଦନ । ୨ ।
ଶିଖିଷ ତାତ ମାତ ବାହାନ ରିପୁ ଦନ୍ତ ପଲଙ୍କ ତେଜିଣ
କାମ ତାତ ଜ୍ୟେଷ୍ଠ ମୁକୁଟ ଧାରଣ ପରେ ଲେଟୁଥିବ ଧନ । ୩ ।
କହେ ଉପଇନ୍ଦ୍ର ନୃପକୁଳ ଚନ୍ଦ୍ର ଧିକ ଏ ବିଦେଶୀ ଜନ
ଦିନ ନ ସରଇ ପ୍ରିୟା ପାଶେ ନାହିଁ ବଞ୍ଚିବ କେମନ୍ତେ ଦିନ । ୪ ।

116. ରାଗ-ଖମାଚ : ତାଳ-ଯତ୍

ରସେ ରସିକା ରସିକ ନିକରରେ ଚକ୍ରବର୍ତ୍ତୀ କି ଜାଗଇଲରେ
ପୁରୁଷାଇତକୁ ପୁରୁଷାଇତକୁ ପୁରୁଷାଇତକୁ ବାହିଲରେ । (ପଦ)

Digitized by srujanika@gmail.com

ରଖିବାର ଠାଣି ଆଣି ପାଦ ପାଣି କନକ ସ୍ତମ୍ଭ ସୁହାଇଲରେ
ଜଣା ମୁକୁର ବିତାନ ପଣ ଗୋଖ ଉପରେ ମୋର ଯ ରହିଲରେ । ୧ ।
ହୁଁ ହୁଁ ହୁଁ ହୁଁ କୃତ ଶତ ଶଙ୍ଖ ଭୃଙ୍ଗ କାହ୍ନ ଡିଣ୍ଡିମ ବଜାଇଲରେ
ତାଟଙ୍କ ମାଳତୀ ମାଣିକ୍ୟର ନୈୟାତ ମଙ୍ଗଳାର୍ପଣ କରାଇଲରେ । ୨ ।
ସ୍ୱେଦ ଜରଜରେ ଅଶକତ ଉରେ ଉରଜ ଲଗାଇ ରହିଲରେ
ସପ୍ତ କୁମ୍ଭେ କମ୍ବୁ ଶୋଭି ତୀର୍ଥ ଅମ୍ବୁ ମୋ ପରେ ନେଇ ଢାଳାଇଲରେ । ୩ ।
ନ ପାରିବି ଆଉ, ବୋଲିବାରେ ସେହୁ ଦ୍ୱିଜ ଆଶିଷ କରାଇଲରେ ।
ଭଣେ ଉପଇନ୍ଦ୍ର, କବିକୂଳ ଚନ୍ଦ୍ର, ଲଭିଛୁ ଏପରି ବୋଲାଇଲରେ । ୪ ।

117. ରାଗ-ମୁଖାରୀ : ତାଳ-ତ୍ରିପୁଟା

ଏ ଘନ କାଳରେ କାନ୍ତ କରି ଯା ଗଲେ ଏକାନ୍ତ
ଯାହା ପାଇ ରତି ନାହା ମରମେ ଦହେ ସତତ । (ଘୋଷା)
ବିଦେଶେ ନାଗରମଣି ରହିଲେ କି ମନେ ଗୁଣି
ଶିଖାଇ କେଉଁ ରମଣୀ ରଖିଲା ମୋ ଗୁଣମଣି (ପଦ)
କାମଦୂତ ଦର୍ଦ୍ଦୁର ଉତ୍ସୁକ ହେଲେ ଘୋର
ଶିଖରୀ ଶିଖେ ଶିଖୀ କଲେ ସୁଖେ ବିହାର
ବିରହୀ ମାରିବାକୁ ହୋଇଛନ୍ତି ବାହାର
ଏକେ ଅବଳା ନାରୀ ସାହା କେ ଅଛି ମୋର । ୧ ।
ନଦୀମାନେ ହେଲେ ବୃଦ୍ଧି ଦିଶୁନାହିଁ କିଛି ବୁଦ୍ଧି
କଷ୍ଟ ବଳାଇ ଅବଧି ବାମ ହେଲେ ମୋର ବିଧି (ପଦ)
ଆଷାଢ଼ ପାଇ ଘନ ବରଷୁ ଅଛି ବନ
ଅତି ପ୍ରବଳ ହୋଇ ଝାଙ୍କେ ଝଞ୍ଜା ପବନ
କାଳ କଣ୍ଟକ ମାନ ରଟନ୍ତି ରାତି ଦିନ
କେମନ୍ତେ ପ୍ରାଣବନ୍ଧୁ ବିନା ବଞ୍ଚିବି ଧନ । ୨ ।
ସାରସେ ତେଜିଲେ ସର ଗଲେ ମାନସରୋବର
ପ୍ରବାସୀ ପ୍ରବାସୁ ଦୂର କରିଗଲେ ଯେଝା ପୁର (ପଦ)
ଝିଙ୍କି ଝିଙ୍କାରୀ ମେକେ କରନ୍ତି କୋଳାହଳ
ଅତି ପ୍ରବଳ ହୋଇ ଜଳେ ବିରହାନଳ
ଅମ୍ବୁଜ ତେଜି ଅଳି ମାଳତୀ ସଙ୍ଗେ ମେଳ
ହରାଇବି ଜୀବନ ସଖୀ ଭକ୍ଷି ଗରଳ । ୩ ।

Digitized by srujanika@gmail.com

ରମଣୀ ରମଣ ଅଙ୍କେ ବସାଇ ରତ୍ନ ପଲଙ୍କେ
ହାସରସ କହୁଥିବେ ପୁହାଇ ନିଶି ଜଣଙ୍କେ (ପଦ)
ମୋର କରମ ହିନ ବୃଥା ଏ ଯଉବନ
ଏକାଳେ ଏକା କରି କଲେ ମନ୍ଦିର ଶୂନ୍ୟ
ଭରଷା ରସବନ୍ତି ବରଷା ଶେଷେ ଧନ
ଆସିବେ ଉପଇନ୍ଦ୍ର ବୋଧି କହେ ବଚନ । ୪ ।

118. ରାଗ-ଆଷାଢ଼ଶୁକ୍ଳ : ତାଳ-ଝୁଲା

ବିଦେଶେ ନାୟକ ଭାଳଇ ବସି କି କରୁଥିବ ମୋ ପ୍ରୀତି ଲାଳସୀ
ଭାଳୁଥିବ ଭସି ରଜନୀ ହବା ଯାଉ ଜୀବନ ବିଦେଶେ ରହିବା
ଅଭାଗ୍ୟ ବଶରୁ, ଏକାଳେ ଛାଡିଲି ପ୍ରିୟା ପାଶରୁ । ୧ ।
ଏବେ ବହୁଥିବ ମନ୍ଦ ପବନ, କାହା କୋଳେ ସଖୀ ବଞ୍ଚିବ ଧନ
ପନ୍ଦର ବୟସୀ ଶେଯର ସଖୀ ମଦନ ବାଣ ବିନ୍ଧୁଥିବ ଯୋଖି
ସେ କାହିଁ ରହିବ, ମୋହ ଲାଗି ବାଳା ବିଚ୍ଛେଦ ହେବ । ୨ ।
ଘନେ କରୁଥିଲା ଘୋର ବରଷା, ବୋଇଲି ବାନ୍ଧବୀ ଖେଳିବା ପଶା
ପଶା ଖେଳ ମୋତେ ଆସଇ ନାହିଁ ଦାନ ପଡିଲେ ସାର ଦେବି ବାହିଁ
ସେ ଚତୁରୀ ବାଳୀ, ସାର ବାଛି ନେଲା ହାଲଧୀ କାଳି । ୩ ।
ଧନ୍ୟ ସେ କାଞ୍ଚୁଲି କି ତପ କଲା କୁଚ ସନ୍ଧି କି ଭିଡି ଯା ରଖିଲା
ସେ ଧନ କାଞ୍ଚୁଲି ହେଲି ବାହାର ସ୍ୱେଦ ବହି ପଡ଼େ ନାଭି ଭିତର
ମୁଁ କରିବି କିସ, ଭୃଙ୍ଗ ମଧୁପାନେ ଖାଇବି ବିଷ । ୪ ।
ଶିବସେବା ପାଇଥିଲିରେ ଧନ ଏ କାଳେ ବିହି କଲା ଭିନ୍ନ ଭିନ୍ନ
ସତେ କି କରିବେ ସେ କାମ ଦେବ ତା ଦେହ ମୋ ଦେହ ଏକାନ୍ତ ହେବ
ପ୍ରତେ ଲାଗୁ ନାହିଁ, ସତେ କି ଦେଖିବ ଚନ୍ଦ୍ରମା ମୁହିଁ । ୫ ।
ଘନେ ଶୋଇଥିଲି ଚନ୍ଦ୍ର କିରଣେ ପାଶେ ନ ଥିଲେ ପ୍ରିୟ ସଖୀମାନେ
ସହାସ ବଚନେ ଆରମ୍ଭିଲି ରତି ଚେତା ପାଇ ଉଠୁ ମୁକୁତା ଦନ୍ତୀ
ମୁଁ କୋଳେ ଧଇଲି, ଏ କି ବିପରୀତ ବୋଲି ବୋଇଲି । ୬ ।
ଭଣେ ଉପଇନ୍ଦ୍ର ଭଞ୍ଜ ନୃପତି ବିଦେଶେ ରହିଲି ଛାଡି ଯା କତି
ନିତି ନିତି ଝୁରି ନୟନୁ ନୀର ଝରାଇ ମନେ ପୂଜୁଥିବ ହର
ସେ କାହିଁ ରହିବ, ମୋହ ଲାଗି ବାଳା ଦୁଃଖ ସହିବ । ୭ ।

Digitized by srujanika@gmail.com

119. ନାମ ଜୀବନ ତୋ କେହ୍ନ
ବନ୍ଧୁ ପ୍ରୀତି ବନ୍ଧ ଛିଜିଗଲା ଖେଦୁ ରହ୍ନ । (ପଦ)

ପ୍ରେମ ସିନ୍ଧୁ ବନ୍ଧ ରୁନ୍ଧୁ ପରା ମନ ଯେନ
ଏ ଅସମୟେ ତା ପାଶେ ନକଲୁ ଗମନ । ୧ ।

ହେମ ଆଭା ଅଙ୍ଗ ଶୋଭା ନ ଦେଖି ନୟନ
ଦେଖ ଅନ୍ଧ ଆକୁଳରେ ତେଜନ୍ତୁ ଜୀବନ । ୨ ।

ମୀନ ନେତ୍ରୀ ଆଲିଙ୍ଗନ ବିନା ଅପଘନ
ଦେଖି ଦୁଃଖ ମଜ୍ଜା ହଜି ଗଲା ଏହା ବର୍ଣ୍ଣି । ୩ ।

କାଶହାସୀ ପାଶୁ ଯେଉଁ ଦିନ ହେଲା ଭିନ୍ନ
ଦାସ ପ୍ରାୟ ତା ପାଶକୁ ଦେଖ ଗଲା ମନ । ୪ ।

କହେ ଭଞ୍ଜ ଯୁବରାଜ ଧନ ବିନା କ୍ଷୀଣ
ଭଜିଲଣି ଦେଖ ପ୍ରତ ଅବୟବ ମାନ । ୫ ।

120. ବସି କାନ୍ଦୁ ଥିବ ମାନିନୀ, ପ୍ରାଣ ସଜନୀ
ଅଗୁରୁ ଚନ୍ଦନ ବିଷ ତୁଲ୍ୟ ସେ ମଣିଥିବଣି । ୧ ।

ଗୁନ୍ଥିଣ ଗଇଣା ହାର ପୂଜୁଥିବ ସେ ଶଙ୍କର
ମୋ ବିଚ୍ଛେଦେ ରମାବର ଉଚ୍ଛନ ସେ ହେବଣି । ୨ ।

ବସିଥିବ ଚନ୍ଦ୍ରମୁଖୀ ଯେସନେ ଚାତକ ପକ୍ଷୀ
କାମେ ହେଉଥିବ ଦୁଃଖୀ ରଜନୀରେ ସଜନୀ । ୩ ।

ଆସି ବସନ୍ତ ହୋଇଲା କି କରୁଥିବ ମୋ ବାଳା
ବସି ଉପେନ୍ଦ୍ର ଗଳାମାଳା ଜପୁଥିବଣି । ୪ ।

121. ବନ୍ଧୁ କାହିଁକି ମୋଠାରେ ଦୁଃଖ ହୋଇଲରେ
ଏ ଘଟିତ ନ ଥିଲା କାହୁଁ ଶିଖିଲରେ
ବୁଝାଇ କହୁଲେ ଯେତେ ନ ଘେନଲୁ ଦିବ୍ୟ ଚନ୍ତେ
କିବା ବିଧି ମୋରେ ବାମ ହୋଇଲରେ । ୧ ।

ଆଶା ନାହିଁ ମୋର ଆନେ ଦଶବ୍ର ହେଲୁ ବଚନେ
ତୋ କରୁଣା ହେଲେ ଧାନେ ନୋହିଲାରେ । ୨ ।

ନ ପୀଡ଼ିଇ ମୋତେ ମାର ଉଦେ ହେଲେ ଦିବାକର
କୁହୁଁ କୁହୁଁ ଚନ୍ଦ୍ର ରାତି ପାହିଲାରେ । ୩ ।

Digitized by srujanika@gmail.com

ବୋଲେ କବ ରାଜସୁତ ଏ କଥା ତୋର ଉଚିତ
ସତ କହ ତୋ'ତେ କିସ କହିଲରେ । ୪ ।

122. ଇଷ୍ଟି ଇପ୍ସିତେ ବାଣୀ ଭର୍ଷିଲା, ଗଣ୍ଡେ ଗଣ୍ଡକୁ ମୋଦେ ଘର୍ଷିଲା
ମୁଖେ କପୋଳେ ନେତ୍ର ଖୋସିଲା ।
ଚପଳାକ୍ଷି ରତି ମାଗନ୍ତେ ମୁହିଁ, ରଜନୀ କର ମୁଖେ କର ଦେଇ
କର ସନମତ, ମଧୁ କନ୍ଦ୍ରାବଳ ପଲଙ୍କେ ଘେନ ବସିଲି । ୧ ।
ଝୁଲନ୍ତେ ବାଜଇ କିଂକିଣି ରସନା ବୋଲଇ ଆନ ରସରେ ରସନା
ନାସା ନୀଳମଣି ଝୁଲିବାରୁ ଝାଣି ତାଙ୍କଙ୍କ ତେଜେ ଦଶିଲେ । ୨ ।
ଭ୍ରମରୁ ଭଲେ ଝାଳ ଚୋପି ଚୋପି ଅଳକା ତଳେ କ ମୁକୁତା ଝୁମି
ଗେଲେଇ ବୋଲଇ ଆଉ ନ ପାରଇ ଆଉ ଯା ପଛେ ବୋଇଲା । ୩ ।
ଛିଣ୍ଡି ପଡ଼ି ହାର ଗୋଟି ଗୋଟି ଶିର ଫୁଲ ପ୍ରାୟେ ଗଲ ଚହଟି
ମାର ଯେ ବୋଲଇ ଝରବର ଗଙ୍ଗ ଆଜ ନାଶିଲା । ୪ ।
ରଜନୀ ପ୍ରାନ୍ତ ଅବଶେଷ ଜାଣି ହରଷ ହୋଇଲା ରମଣୀ ମଣି
ବୋଲେ ଉପଇନ୍ଦ୍ର ଭଞ୍ଜ କୁଳଚନ୍ଦ୍ର ମନକୁ ମୋଦେ ତୋଷିଲା । ୫ ।

123. ରାମା ରତନରେ ଏହା ରୁ ପାଇଲୁ କାହିଁ
ଅତି ଯତନରେ ଶିବ ପୂଜା କରି ଗଙ୍ଗାରେ ଥିଲୁ କି ଦାହି ।
ଯେଉଁ ଦିନ ବ୍ରହ୍ମା ହୋଇ ବିଶ୍ୱକର୍ମା ଏ କୁଚ କୁମ୍ଭ ଗଢ଼ିଲ
ସ୍ୱର୍ଗ ନୀଳା ମୋତି ମାଣିକ୍ୟ ପୁରାଇ ମର୍କତ ଢାଙ୍କୁଣୀ ଦେଲ । ୧ ।
ଯେଉଁ ଦିନ ହରି ଲକ୍ଷ୍ମୀ ବନ୍ଦାପନା ଆଳତିରେ ବଜେ କରି
ସେ ରତ୍ନ ଫରୁଆ ଥୋଇଥିବା ବେଳେ ଆଣିଲୁ କି ଚୋରି କରି । ୨ ।
ଅତି ଯତନରେ ଝୀନ ବସନରେ ଘୋଡ଼ାଇ ରଖିଛୁ ଯାହା
ତୁ ଅବା ବୋଲିବୁ କେହି ଦେଖି ନାହିଁ ମୋ ନେତ୍ର ଦେଖିଛି ତାହା । ୩ ।
ବୋଲେ ଉପଇନ୍ଦ୍ର ଶ୍ରେଷ୍ଠ ନୋହେ ଯେବେ ବସନ କମ୍ପାଇ ଢାଙ୍କୁ
ତୋର ଯେବେ ଏହା ଅରଜିଲା ବସ୍ତୁ ଫେଡ଼ି ଦିଅ ନେତ୍ର ଦେଖୁ । ୪ ।

124. ବନ୍ଧୁ ଜାଣିଲିରେ ତୋ ହୃଦୟରେ ଦୟା ନାହିଁ
ବାରେ ରଖ ମୋତେ ଅନଙ୍ଗ ବାଣରୁ ତୋ କୁଚ ଶମ୍ଭୁ ଛୁଆଇଁ । (ଘୋଷା)
କା ଆଗେ କହିବ କପଟ ସହିବ ମୋ ପାଇଁ କୁମୁଦ ମୁଦ
ଏଣିକି ତେଣିକି ଯେଣିକି ଚାହିଁଲେ ଖାଲ ନ ମାଡ଼ଇ ନିଦ । ୧ ।

Digitized by srujanika@gmail.com

କଳାହୀନ ଶାଢ଼ୀ ରଙ୍ଗ ପାଟ ଟେନ୍ତି କି ଯତନେ ପିନ୍ଧିଥିଲା
ତୋ ପଦ୍ମ ଦେହକୁ କି ଚୋରା ଦୃଷ୍ଟିରେ ମୋ ମନ ଲାଗି ରହିଲା । ୨ ।

ପ୍ରୀତି ସୁଧା ବୋଲି ତୋତେ ଯେ ବୋଲନ୍ତି ସେହି କଥାରେ ଭୁଲିଲି
ଜାଣିଲି ଏଥର ଛାତିରେ ପଥର ପଡ଼ିଲା ପରି ମଣିଲି । ୩ ।

ଅର୍ପିତ କରି ଦୁଇ ଗୃହ ଦେବା ମିଳ ସ୍ୱର୍ଗ ସମ୍ପତ୍ତି ଲଭିଲି
ବୋଲେ ଉପେନ୍ଦ୍ର ରସିକ ନାଗର ତା ସଙ୍ଗରେ ଭାବ କଲି । ୪ ।

125. ବାସେ ଘୋଡ଼ାଇଛ ତୋଷ କଳିକି
ବାନ୍ଧିଥାଉ ବାହୁ ପାଶେ ସୁନା ସୁତା ସଙ୍ଗେ ଯା'ର ଘାଟ ଫୁଲିକି
ମଣିଲି ମୋ ମନ ଆଜ କାମଜର ଆସିବ ବୋଲି ହସିବି କି । ୧ ।

ଦହନ କନକ ତୋ କୁଚ କଳଶ ଟେଉସି ପଡ଼ୁଛି ଝଲକି
ସୁବର୍ଣ୍ଣ ଘଟରେ ଅମୃତ ପୂରାଇ ଭୁଲୁଛି ସିଞ୍ଚିଲି ପରିକି । ୨ ।

ସେ ଯେଉଁ ଅମୂଲ୍ୟ ନାସାଛିଲଫୁଲ ଚୋପି ଚନ୍ଦନର କଳି କି
ଓଠାର ଟେରିଛୁ ବନ୍ଧବ ସେ କାଲି କନ୍ଦର୍ପର ତୀକ୍ଷ ଭାଲି କି । ୩ ।

କର୍ଣ୍ଣରେ ତାଟଙ୍କ ଦେଶେ ଝଲଝଲ ସେ ଯେଉଁ ମୁକ୍ତାବଳୀ କି
ଉରଜରୁ ଯେବେ କାଞ୍ଚିଲି ଖସିଛୁ ଅନଙ୍ଗ ଶକଟା ପାଲି କି । ୪ ।

ଭୁଲି ଆସୁଥିଲି ମହାମନ୍ତ୍ର ହୋଇ ଅନଙ୍ଗ ଅଟାଲି ଡେରିକି
ବୋଲେ ଉପେନ୍ଦ୍ର ଭକ୍ତ ବୀରବର କାଲି ମୁଁ କି କି ନ କଲି କି । ୫

126. ନାଞ୍ଚ ବ୍ରଜା ଦାସ ନାଶ ମାନଯେ ନ ଯା'ରେ । (ପଦ)
ସୁର ସମ୍ପଦ ଦୃଷ୍ଟି ଲୁଚି ହେବାରୁ
କି ଅବା ଜଗତେ ଖ୍ୟାତ ମଧୁ ସ୍ୱୀରୁ
ଦୋଷିକି ଯା ଦଣ୍ଡ ଦେଲା ଉତାରୁ କ୍ଷମା ଉଚିତ ପର ଯାରେ । ୧ ।

ବାହୁ ଫାଶେ ବାନ୍ଧିକରୁ ଯେ କରତ
ମଡ଼ାଇ ପକାଇ ଉରଜ ପରବତ
ସସ୍ମିତ ହାସ ପ୍ରକାଶ କରି ଚତ୍ତି ନାନା ବନ୍ଧରେ ତୁ ମଜାରେ । ୨ ।

ବଧିରେ ସିଦ୍ଧି ତୋ ଦାମୀ ପଣେ
ବଳା କି ବଳା ରହୁଛି ଢନ ଗୁଣେ
ଅଳପ ଲୋକ ମୁଁ କି ଚତ୍ତେ ଇକ୍ଷଣେ ପରମ ପଦ ପରଜାରେ । ୩ ।

Digitized by srujanika@gmail.com

ସୁବ୍ରସ୍ଥା ଥିଲେ ପ୍ରଭୁ ପଣ ଦେଖାଇ
ସୁରଙ୍ଗ ଅଟରୁ ଅର୍ମାସ୍ତ୍ର ଚଖାଇ
ପରମ୍ପରା ଜମ ସେବାରେ ରଖାଇ ଖରଚ ଘୋଷଣ ବଜାରେ । ୪ ।

କହେ ଉପଇନ୍ଦ୍ର ବନସ୍ତୁ ଉତ୍ତର
ଭାବେ ଭାବିନୀ ଉଚିତ ଯାହା କର
ଆଜନ୍ମ କାଳରୁ ଯେ କଣ୍ଠା ଗୃକର ଜନକୁ ତୋ ଘଟିବ ମଜାଠେ । ୫ ।

127. ପ୍ରାଣ ସଜନୀ ଗୋ ଯାହା ମୁଁ ଦେଖିଲି ଆଜ
କହିବା ଲୋକର ମନକୁ ନ ଆସେ ଶୁଣିବା ଲୋକକୁ ଲାଜ । (ଘୋଷା)

ପୁରୁଷ ହୋଇଣ ଲିଙ୍ଗ ତାର ନାହିଁ ସ୍ତ୍ରୀର ହୋଇନାହିଁ ଯୋନି
ଅତି ହରଷରେ ରତି କରୁଥାନ୍ତି ନାହିଁ ଦିବସ ରଜନୀ । ୧ ।

କିଛି ଦିନ ଅନ୍ତେ ପୁତ୍ର ଜନମିଲା କୁଆଁ କୁଆଁ ରାବ ଦେଇ
ଅନ ନାହିଁ ପୁତ୍ର କ୍ଷୀର ପାନ କରେ ମୁଖ ଗୋଟି ତାର ନାହିଁ । ୨ ।

ପାଦ ନାହିଁ ପୁତ୍ର ଗମନ କରଇ, କର୍ଣ୍ଣ ନାହିଁ ବାକ୍ୟ ଶୁଣେ
ଚକ୍ଷୁ ନାହିଁ ପୁତ୍ର ତିନି ପୁର ଦେଖେ, ଜିହ୍ୱା ନାହିଁ ସ୍ୱାଦୁ ମଣେ । ୩ ।
କହେ ଉପଇନ୍ଦ୍ର ଭଞ୍ଜ ବୀରବର, ଏ ରସରୁ ରସ ନାହିଁ
କବିକୁ ଛ ମାସ ପଣ୍ଡିତେ ବରଷେ, ମୂର୍ଖେ ତା ବୁଝିବେ କାହିଁ । ୪ ।

128. ରାଗ-ପରଜ : ତାଳ-ଏକତାଳୀ

ଦୂତୀ କହିବୁ ଗୋ, ଚଉ ଶ୍ୱେରଙ୍କୁ ଏତେକ
ଗତ ସ୍ନେହ ହରି ଗଲେ ଦୂରକରି ଚଉ ହୁଏ ଦକ ଦକ ।

ମନ୍ଦର ବେନ ମୋ ଉରରେ ଥିବାରୁ ପନ୍ଦର ପଡ଼ିଲା ଶିରେ
ମଗା ପ୍ରୀତି ଦଗା ଜାଣି ମୁଁ ନ ଥିଲି ଏକ ଦେଲେ ମୋ ମୁଖରେ । ୧ ।
ଛବିଶ ପଦରେ କେଉଁ କାର୍ଯ୍ୟ ଅବା ଦୁଇ ଯେବେ ହେଲା ଦୂର
ଅନ୍ତର ଆଠ ପରସ୍ତେ ଏଣିକି ମୁଁ ତିନି କରିଅ ସନ୍ଧିର । ୨ ।

ଧବ ସେବା ଦିନୁ ନବ ଯୌବନକୁ ତାଙ୍କୁ ଭୋଗ କରାଇଲି
ଦୁଇ ପଚ ଅଣ ଆୟୁଷରେ ମୁଁ ଯେ କେଡ଼େ ଦଶାକୁ ଲଭିଲି । ୩ ।
ପଚିଶରୁ ଦୂଷି ମୁଁ ତାଙ୍କର ପର ଏବେ କାହାର ହୋଇବି
ରସିକ ହୋଇଲେ ଏ ଭାବ ଜାଣିବେ ଉପଇନ୍ଦ୍ର ଭଞ୍ଜ ରାବି । ୪ ।

Digitized by srujanika@gmail.com

129. ସଙ୍ଗାତ ମନା କଲ ପଥ୍ୟ ଡେଙ୍ଗେ,

ନ ଅନାଅ ସୁନାରନା ବୋଲନ୍ତେ ଘୃଣା କଲୁ ପଥ୍ୟ ମୋତେ,
ପର କ ମୁଁ ତୋର ତରକଲୁ ଗୀର ପରଖ ତୁ ଏବେ ଚନ୍ଦ୍ରେ
ତୁଚ୍ଛା ତ ଉସ୍ରାହ ହେବାରୁ ତୋ ଇଚ୍ଛା ସୁଖେ ଲୁହ ପୋଛୁ ଏତେ । ୧ ।

ପରମାଦ ମନ୍ତ୍ରି ପୋଡ ଦେଇ ଝଣ୍ଟି ଗଣ୍ଡିଲୁ ତ ଆଶାଫଳେ
ରଙ୍କ ଇଷଣୀ ନ ଅଙ୍କୁରେଲ ଷଣି କଁପା ତାଙ୍କ ମୁଖ ତଳେ । ୨ ।

ଘଣ୍ଟ ସ୍ତନୀ ପାଣ୍ଡ କରଥିଲୁ ଅାଞ୍ଚ ନ ଲାଗିବ ବୋଲି ଦୃଢେ
ଚତୁର୍ଥ ଆତୁର୍ଥ ନ ରହେ ଗୃତୁର୍ଥ ବଚନ କତୁର୍ଥ ଦାଢେ । ୩ ।

ଏ ଗୋପ କଠକ ଟିକାଟେ ପାଠକ ଜାଣିକା ଅଠକ ଥାଇ
ହଜାଇଲୁ ମଠ ମଲ୍ଲାଇଲୁ ପ୍ରୀତି ହେଜି ଉପଇନ୍ଦ୍ର କହି । ୪ ।

130. ଯେବେ ନୂଆ ହୋଇ ବୃନ୍ଦାବନେ ସଖୀ,

ବସନ୍ତ ସମସ୍ତ ପ୍ରବେଶ ହୋଇ ନଷ୍ଟପ୍ରୟ ଜୀବନ ଯିବରେ (ଘୋଷା)
ଦେଖ ଦେଖ ସଖୀ ପକ୍ଷ୍ୟ ଚୂତ ପତ୍ର ଧରଣୀର ପରେ କେଉଁ ଦୂତ
ଚଉ ଦରଦର ଦନ୍ତ ରଷାତି, ଅସି ପତ୍ର ପଶ ନବ ପତ୍ର ହେବ । ୧ ।
ଯଦ୍ଧ ସେ ରସାଳ ଧଶବ ବକୁଳ ଆକୁଳ କୁଳ ବିରହିଣୀ ସକଳ
ବେଲକ୍ର ବେଲ ହୋଇଲା ପ୍ରବଲ, ଆକୁଳ କୁଳକୁ ବୃଦ୍ଧି କରାଇବ । ୨ ।

ଅାସିଣ ବାୟସ ପାଲକେ ବାଲକ କୁହୁ କୁହୁ କର ଉଚ୍ଛେ ଦେବ ଡ଼ାକ
ଶୁଣି ମନମଥ କୁସୁମ କାର୍ମୁକ ଲଖ କର ପଞ୍ଚ ଶାୟକ ପେଷିବ । ୩ ।
ଯେତେ ସୁଧୀର ମହିଳା ହୋଇଥିବ ମଧୁ ମାସେ ଯେବେ ବିରହିଣୀ ହେବ
ଦେଖି ମଲି ମଲି ବୋଲି ଚମକିବ । ୪ ।

ବରଷା ହିମ ଶିଶିରରେ ରହି ତପସ୍ୱୀ ପ୍ରାପ୍ତ ଜୀବନ ଥିବ ବହି
କହେ ଉପଇନ୍ଦ୍ର ଯୁବା ତନୁ ବହି କହିଲେ ଏ କାଳ କାଳପଶ ହେବ । ୩ ।

131. ପରମାନନ୍ଦକୁ ପସୁର ପଗ୍ରବୁ ସଖୀ ପ୍ରୀତିହାର ବନ୍ଧା ନେଲେ

କାଳାନ୍ତର ଲଗି ମୋ ଯୁବା ବୟସ ଯେତେକ ସେ ଭୋଗ କଲେ ।
ଏଥି ଉତ୍ତାରୁ ଯେ ନ ଦିଅନ୍ତି ମୋର ଧନ
ସାକ୍ଷୀ ହୋଇ କଉ ଅଛୁ ତାଙ୍କ ମନ ନ କହେ କାହିଁ । ପିଶୁନ । ୧ ।

ଅବଶ୍ୟ ତ ମୋର ବଳାଲଣି କର ବନକୁ ଯିବାର ହେବ
ସ୍ମର ରାଜା ଆଗେ ମୋ ଦୁଃଖ ପଡଲେ ଯେମନ୍ତେ ମୋତେ ଭଜିବ

ଜାଣି ଅଛନ୍ତ ଯେ ସ୍ନେହ ଧନ ନେଲ ବେଳେ
ତାହା କେଉଁଠାରେ ଲୁଚାଇ ଯୋଇଣ ସାହାସ କରନ୍ତ ମୋତେରେ । ୨ ।
ମୂଳ କଳନ୍ତର ସବୁ ବୁଝିବାକୁ ନାହିଁ ମୋ ତହିଁ ବ୍ୟଗ୍ର
ମୁଁ ତାଙ୍କର ବୋଲ ଲେଖି ଯା ଦେଇଛନ୍ତି ଚରନ୍ତୁ ମୋ ପତର
ଲୋକେ ଜାଣନ୍ତୁ ଯେ ବିଶୋଧନ ମୋ ହେବାର
ଏ ଉତ୍ତାରୁ ଯେବେ ନଷ୍ଟ ଲଗାଇବେ ପ୍ରମାଣ ହେବଟି ମୋର । ୩ ।
ସାହୁ ପଣ ଏହି ପ୍ରକାରେ କରନ୍ତ ଶ୍ୟାମଙ୍କୁ କହନ୍ତି ସଖୀ
ଜୀବନ ଥାଉ ସେ ନଷ୍ଟ ଖଣ୍ଡିଥାନ୍ତୁ କଳଙ୍କ ନଥାଉ ବାକି ।
ଏହି ରସକୁ ଯେ କହେ ଭକ୍ତ ଉପେନ୍ଦ୍ର
ସବୁଠାରୁ ସେ ତ ସୁବୁଦ୍ଧି ସୁଜାଣ ନ ଖଣ୍ଡନ୍ତି କପାଁ । ଦ୍ୱନ୍ଦ୍ୱ । ୪ ।

132. ରାଗ-ସାବେରୀ : ତାଳ-ଝୁଲା

ନଷ୍ଟ ନାଗର ହେ ଏ ଖାତ କାହୁଁ ଶିଖିଲ
ଚନ୍ଦ୍ର କୁମୁଦ ପରାଏ ପ୍ରୀତ କରି ବେଳକୁ ଖସ୍କର ହେଲ । (ପଦ)
ଜଣାଗଲା ତୁମ ପ୍ରୀତି କରିବାରେ ଆହେ ରସିକ ନାଗର
ଶ୍ରୀକରେ ଲଗାଇ ପ୍ରୀତି ଲତାକୁ ମୂଳରୁ ଯା କାଟି ଦେଲ । ୧ ।
ଜଣା ନ ଥିଲା ତ ଏପରି କରିବ ବୋଲ ହେ ନାଗର ବର
ଅମୃତ ଅଧରୁ ସୁଧା ଚଖାଇଣ କଲ କୁଳିଶ ପ୍ରହାର । ୨ ।
ନାରୀମାନଙ୍କୁ ପ୍ରୀତିରେ ଭୁଲାଇ ମିଥ୍ୟାଚନ୍ଦ୍ର ବୋଲାଇଲ
ଦ୍ୱିତୀୟା ନିଶି ପରାଏ ଉଦେ ହୋଇ ପ୍ରତିପ ନିଶି ଯା ହେଲ । ୩ ।
ଉପେନ୍ଦ୍ର ଭଣି ଶୁଣରେ ରମଣୀ ନ କର ମୋରେ ନିରାଶ
ନାନା ପୁଷ୍ପେ ଚୁମ୍ବେ ଭ୍ରମର ଯେସନେ ମୁହିଁ ତ ଅଟେ ପୁରୁଷ । ୪ ।

133. ରାଗ-ଦକ୍ଷିଣ କାମୋଦୀ : ତାଳ-ଆଠତାଳୀ

ଆହା ମୋ ଲାବଣ୍ୟ ନିଧିରେ
ହରାଇ ବସିଲି ବୁଦ୍ଧିରେ । (ପଦ)
ଶିବ ସେବା ଅନୁବ୍ରତେ ପାଇଥିଲି ଧନ ତୋତେ,
ଏବେ କେମନ୍ତେ ମୂର୍ଚ୍ଛିବି ତୋତେରେ । ୧ ।
ଯେ ଦିନେ ଗୃହିଲେ ଧନ, ଦେଖେ ତୋ ଚନ୍ଦ୍ରବଦନ,
ଏବେ କେମନ୍ତେ ବଞ୍ଚିବି ଦିନରେ । ୨ ।

Digitized by srujanika@gmail.com

ସଖୀ ମୁଁ ଧରୁଛି କର ଏଥକୁ ଉପାୟ କର,
ଏବେ ତୋ ଚିନ୍ତା ମୋ ହୃଦେ ଗାରରେ । ୩ ।
ଚିନ୍ତାମଣି ବାଣୀ ଶୁଣି,
ନବଘ ରମଣୀ ମଣି ଉପଇନ୍ଦ୍ର ଭଞ୍ଜ ଭଣିରେ । ୪ ।

134. ରାଗ-ବେହାଗ : ତାଳ-ଯତି

ମନ ତୋଷିବି, ମଲ୍ଲିମାଳ ଶ୍ୟାମକୁ ଦେବି
ଗ୍ରୀଷମ ହୋଇଲେ ବାସ ଚନ୍ଦନ ମୁଁ ଲେପିବି । (ପଦ)
ତା ଅଙ୍ଗରୁ ସ୍ୱେଦ ବାରି ଯେବେ ପଡୁଥିବ ଝରି
ମୋ ଦୃଷ୍ଟି ପଡ଼ନ୍ତେ କାନ୍ତ ପଣତରେ ପୋଛିବି । ୧ ।
ତାଙ୍କୁ କରି ଗଳାହାର, ସେବି ବିତାଙ୍କ ପୟର
ସେ ଯେବେ ହୋଇବେ ପର ହର ପୂଜା କରିବି । ୨ ।
ସେ ଯେବେ କରିବେ ମାନ ଭଙ୍ଗି ଭୁଞ୍ଜାଇବି ପାନ
ଗଣ୍ଡେ ଦେଇଣ ଚୁମ୍ବନ ହରଷ କରାଇବି । ୩ ।
ଉପଇନ୍ଦ୍ର ଭଞ୍ଜ କହି, ରମଣୀ ରତନ ସେହି
ତାହାଙ୍କ ଚରଣ ଧ୍ୟାୟୀ ଶରଣାଗତ ହୋଇବି । ୪ ।

135. ରାଗ-କଲ୍ୟାଣ

କହ କି କରିବି, କିଛି ବୁଦ୍ଧି ଦିଶୁ ନାହିଁ ଗୋ ପ୍ରିୟ ସହି । (ପଦ)
ନାହିଁ ତ ମୋଠାରୁ ଦୁଃଖୀ,
କେଉଁ ଦୋଷ ମୋର ଦେଖି ରହିଲେ ବନ୍ଧୁ ଉପେକ୍ଷି
ମନ କେ ମୋହିଲା ସଖୀ,
ତୋ ପୀରତି ଫାନ୍ଦରେ ପକାଇ ଗୋ ପ୍ରିୟ ସହି । ୧ ।
ଶୋଯାଇ କୁସୁମ ଶେଯ, ସିଞ୍ଚି ତହିଁ ବଧୂରଜ,
କୁଞ୍ଚି ଝୀନବାସ ଆଜ
ସଞ୍ଚିଲି ବରଜ ଲଜ,
ମୁଞ୍ଚି ମୋତେ ଘୁଞ୍ଚିଲେ କି ପାଇଁ ଗୋ ପ୍ରିୟ ସହି । ୨ ।
ଆସିବେ ବୋଲି ନାଗର, ମଣ୍ଡିଥିଲି କେଳିପୁର
ଜାଳି ବସିଲି ଜାଗର
ନିଶି ହୋଇ ଉଜାଗର
ଶୋକ ଜଳେ ଦେଲେ ହେ ଭସାଇ ଗୋ ପ୍ରିୟ ସହି । ୩ ।

Digitized by srujanika@gmail.com

କଲି ତା ପ୍ରୀତିରେ ଆଶା,ଲଭିଲି ମୁଁ ଏତେ ଦଶା,
ନୟନ ନ ହେଲି କଷ୍ଟ
ହେଲି ଯା ଭଗାଣ୍ଡ ହସା,
ରସା ପରେ ଅଙ୍କାଙ୍ଗି ବସାଇ ଗୋ ପ୍ରିୟ ସହି । ୪ ।
ଶ୍ରୀମତୀ ବିନୟ ଶୁଣି,ଦୂତୀ ହସେ ପ୍ରୀତିବାଣୀ
ତେଜ ବିମନ ରମଣୀ
ଉପେନ୍ଦ୍ର ଭଞ୍ଜ ଭଣି,
ଭେଟାଇବି ସନ୍ତାପ ତୁଟାଇ ଗୋ ପ୍ରିୟ ସହି । ୫ ।

136. ରାଗ-କାମୋଦୀ : ତାଳ-ଆଦତାଳ

ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ । (ପଦ)

ବୃନ୍ଦାବନେ ଶୋଭିତରୁ ତରୁତଳେ କଳ୍ପତରୁ
ତରୁଣୀ ରତନତରୁ ତରଳାକ୍ଷୀ ମାଡିଲେ । ୧ ।
ସାରଙ୍ଗ ରଦ ପଲଙ୍କେ, ସାରଙ୍ଗ ପଙ୍କିଳ ପଙ୍କେ
ସାରଙ୍ଗମୁଖୀ ସାରଙ୍ଗରେ ମାତିଲେ । ୨ ।
କମଳ ଦେବେଶ କମଳ, କମଳେ କମଳ ମାଳ
କମଳ ମୁଖୀ କମଳ କମଳରେ ମାଡିଲେ । ୩ ।
ହର ପରେ କଣ୍ଠ ଯେନ ହରଷେ ମୃଗ ଲୋଚନୀ
ହରଶତ୍ରୁ ଶତ୍ରୁହର ହର ସେବା ବଞ୍ଚିଲେ । ୪ ।
ଅଶେଷ ରସରେ ରସି ରସାଇ ରସିକ ରସି
ହରସରେ ରସେ ରସି ଉପେନ୍ଦ୍ର ଭାଷିଲେ । ୫ ।

137. ରାଗ-ବରାଡି : ଆଷାଢ଼ ଶୁକ୍ଳ ବାଣୀ

କମଳ ଲୋଚନା କରିଛୁ ମାନ, କ୍ଷଣେ ରସିକ ବୋଲଇ ବଚନ
ଗଜଗମନା ଶୁଣ ଆରେ ବାମା, ଯେନ ବିନତି ଦୋଷ କର କ୍ଷମା ଗୋ ।
ମୁଁ ତୋହର ଦାସ, ଚମ୍ପା ବରଣୀ ନ କର ନିରାଶ ଗୋ । ୧ ।

ଛଳଛନ୍ଦେ ସଖୀ କହୁଅଛୁ ଶୁଣ, ଜରଜର କରେ ମଦନବାଣ
କିମିତେ ସଖୀ ନ ପାରଇ ସହି ନୟନ କରି କହୁଅଛୁ ମୁହିଁ ଗୋ
ଟେକିବାରେ ଟିହିଁ, ଠଣି ସୁନ୍ଦରୀ ଉଠି ହୁଅ ସାହା ଗୋ । ୨ ।

ତାଙ୍କ ବିନ୍ଧୁଅଛୁ କନ୍ଦର୍ପଶର, ତାଲେ ହେଁ ସଖୀ ନିରାଶ ନ କର
ଅମୃତ ବଚନ ନ କହୁ ମୋତେ, ତରିବି କାମଜ୍ୱାଳାରୁ କେମନ୍ତେ ଗୋ
ଅନ୍ୟ ନାହିଁ ମନ, ଦିଅ ମୋତେ ସଖୀ ତୋ ପ୍ରୀତି ଦାନ ଗୋ । ୩ ।

Digitized by srujanika@gmail.com

ଧରଣୀରେ ଜାତ ହୋଇଛନ୍ତି ଗୁଣ୍ଡ, ନବୀନା ନବ ଯଉବନ ବନ୍ଧ
ପୁରୁଷ ହତ୍ୟା ଗୋ ଲଗିବ ତୋତେ, ଫାନ୍ଦେ ପଡ଼ନ୍ତି ତରିବ କେମନ୍ତେ ଘୋ
ବାରେ ଦୟାକର, ଭସାଇ ଦେଇ ନିରାଶ ନ କର ଗୋ । ୪ ।

ମଦନ ଆରତରୁ ମୋତେ ରଖି, ଯାହାଇଚ୍ଛା ତାହା ମାଗ ଗୋ ସଖୀ
ରସିକ ବଚନ ଶୁଣି ସୁନ୍ଦରୀ, ଲଜ୍ଜାଭୟ ସବୁ ତା ଦୂର କରି ସେ
ବସି ନିକଟରେ, ଶ୍ରୀଅଙ୍ଗ ସମର୍ପି ଦେଲା କୃଷ୍ଣରେ ସେ । ୫ ।

ଶ୍ରୀମତୀ ଦେଖି ରାଜୀବ ଲୋଚନ, ସନ୍ତୋଷ ହୋଇଲେ ଅତ୍ୟନ୍ତ ମନ
ଯୁଗଳେ ଦୁଇ ଅଙ୍ଗ ଏକ ସଙ୍ଗ, ରାଧାକୃଷ୍ଣ ଭାବ ନାହିଁ ବିହଙ୍ଗ ଗୋ
ଏ ରସ ସାଗର, ଭଣିଲେ ଉପେନ୍ଦ୍ର ଭଞ୍ଜ ବୀର ଗୋ । ୬ ।

134. ରାଗ-ପଞ୍ଚମ ବରାଡ଼ି : ତାଳ-ଧ୍ରୁତ ଏକତାଳୀ

ନୂଆ ନୂଆ ହେନ କେତେ, ମୋରେ ଅନୁରାଗ ଯେତେ,ରେ
ବଚନ ତା'ଙ୍କେ ପାଉବ କହୁ
ନୋହିଲେ ଯେ ଆଦ୍ୟ ପ୍ରାନ୍ତ, ପରାସ୍ତେ ଯେବେ ଏମନ୍ତ,
ବୁଝିଲି ବେଳକୁ କାଚଭୃଙ୍ଗ ପରିରେ ସହଚରି
ଶ୍ୟାମବନ୍ଧୁ ପ୍ରୀତି ସେହିପରି । ୧ ।

ଭାଙ୍ଗିଗଲେ ଆଉ ଯୋଡ଼ିତ ନ ପାରି ଶିଳାରେ ଛେଚିଦେଲେ
କେଉଁ ଅବଗୁଣ ଚିହ୍ନ ମୋ ଠାରେ କଲେ ଏ ଘାତ,
ସବୁ ସୁହାଯାଏ ପିଣ୍ଡେ ପ୍ରାଣ ଥିଲେରେ ସହଚରି
ସହକାର ପରି ପ୍ରୀତି କଲେ ଅବଗୁଣ ମାଞ୍ଝ ବାହୁଲେଟରେ । ୨ ।

ପ୍ରଥମ ସମୟେ ମୋର ପୁରକୁ ସେ ନିରନ୍ତର ଆସି
ପଦ୍ମ ପାଦ ଚିହ୍ନମାନ ଲାଗଇ ହୋଇ ଘରଦ୍ୱାର
ପ୍ରାଙ୍ଗଣ ଯାକେ ମୋହର ଧ୍ୱଜ, ବ୍ରଜ, ଛତ୍ର, ଚକ୍ର ଚିହ୍ନରେ ସହଚରି
ସେମାନ ସ୍ୱପନ ପରି ହେଲା, ଝୁରି ମରିବାକୁ ବନ୍ଧୁ କଲାରେ । ୩ ।

ଦୂରୁ ଦେଖି ଯେବେ ହସେ, ମୋ ଅଙ୍ଗେ ସୁଧା ବରଷେ
କେଉଁ ଅବଗୁଣ ଚିହ୍ନ ମୋର

Digitized by srujanika@gmail.com

ଧନ୍ୟ କେ ଚତୁରଙ୍ଗ ନାରୀ, ରଖିଲ ମନ୍ତ୍ରର କରି
ଭଲ ଯତ୍ନେ ଭୃଙ୍ଗି ଦେଲା ସୁଖ ସାଗରରେ ସହଚରୀ ।
ସେ ଛାଡ଼ିଲେ ମୁଁ ତ ନ ଛାଡ଼ଇ, କହେ ଉପେନ୍ଦ୍ର କୃଷ୍ଣପାଦ ଧ୍ୟାଇ ରେ । ୪ ।

139. ରାଗ-ଆଶାବରୀ : ତାଳ-ଯତ୍ ଆଠତାଳୀ

କାଲି ରଜନୀ ଗୋ ବଞ୍ଚିଲି ମୁଁ ଶ୍ୟାମ ସଙ୍ଗେ,
ଆନନ୍ଦରେ ରତି ସୁରସରେ ମାତି ଯୁଝିଲି ମଦନ ସଙ୍ଗେ (ପଦ)

ଲପନେ ଲପନ ଗଣ୍ଡେ ଚୁମ୍ବନ ବାହୁକୁ ବାହୁ କାଛେଣି
ଉରକୁ ଉରଯେ ତା ମୁଖ ପଙ୍କଜେ ଦୋହଲିଲା ନାସାମଣି ।

କରରେ କଙ୍କଣ ବାଜେ କଣ କଣ ରଣ୍ଡିକଲା କାଞ୍ଚୁହାର
ତା ଦେଖି ନୂପୁର ଝମକ ଝଙ୍କାର ବୋଇଲା ମାରକୁ ମାର ।

ଗଳା ମୋତି ହାର ତୁଟି ପଲଙ୍କରୁ ଗୋଟିକି ଗୋଟି ଖସିଲା
ତା' ଦେଖି କିଙ୍କିଣୀ ବାଜେ କିଣି କିଣି ମଦନ ତ ହାରିଗଲା ।

ଶ୍ରମରେ ଧମିର ବନ୍ଧେ ଝରଝର ସ୍ୱେଦ ଅଙ୍ଗେ ଜରଜର
ମୁଁ ବୋଇଲି ମୀର ସୁଧା ପଣାକର ଯେ ଇଚ୍ଛା କର ନାଗର ।

ଶ୍ରୀମତୀ ଶ୍ରୀପତି ଶ୍ୟାମବନ୍ଧୁ ପ୍ରୀତି ରସଠାରୁ ସୁମଧୁର
ବୋଲେ ଦୟାନିଧି ନୃପ ସୁତାନିଧି ଉପେନ୍ଦ୍ର ଭଞ୍ଜ ବୀର ।

140. କିଏ ପକାଇଲା କାମ ନଟେ, ଗୋ କି କପଟେ । (ଘୋଷା)

ମୋହନ ଗୃହୁଁ ବାହାରୁ କି ମୁହିଁ, ଡ଼ର ସଖୀ ସଙ୍ଗେ ବାହାର ନୁହଇଁ
କାହୁଁ କାହୁଁ କେତେ କପଟ ଜାଣଇ
ମିଳେ ମୋର ଧ୍ୟାନ ଘାଟେ ଗୋ । ୧ ।

ଖଣ୍ଡେ ଦୂର ଯାଇ ଜଳରେ ପଡ଼ଇ, ବୁଡ଼ିଲି ବୁଡ଼ିଲି ବୋଲି ବୋଲୁଥାଇ
ହୃଦୟୁ ନ ସହୁ ଆହା ମୁଁ ମରଇ
ଛୁଡ଼ା କୁସୁମ ଲମ୍ପଟେ ଗୋ । ୨ ।

ଦେଖିଲେ ମୋହର ଚରଣ ଧୂଳିକି, ବୋଲି ଦେଉଥାଇ ହୃଦୟୁ ଝୁଲିକି
ଭଲି ବସିଥାଇ କାଇଁଚ ମାଳିକି
ଲେଖିଥିଲା ମୋ ଲଲାଟେ ଗୋ । ୩ ।

Digitized by srujanika@gmail.com

ସ୍ତ୍ରିୟା ଗ୍ରୁରଠାରେ ଏତିକ କପଟ, ଏକାନ୍ତରେ ନଟେଷ୍ଟେ କରାଇବ ଭେଟ
ବୋଲେ ଉପଇନ୍ଦ୍ର, ମୂରଲୀର ନଟ
ଶୁଣିଲ କର୍ଣ୍ଣ ଫୁଟେ ଗୋ । ୪ ।

141. ରାଗ-କାମୋଦୀ : ତାଳ-ପହ୍ନପଟ

ଘନେ ଘେନ ଗଲରେ ମାନସକୁ କଣି ମୋର
ମୁରୁଛୁ ନୋହୁଛୁ ଚଉରୁ ଜାଗରେ ନବ ନବ ଭାବ ତାର । (ପଦ)

ସ୍ନେହେ ଆଲିଙ୍ଗନ ମାଗନ୍ତେ ଅଙ୍ଗନା ଲଜ୍ଜା ବଶେ ପୋତେ ମୁଖ
ବଳେ ଗଲେ ବାଳା ଭୁଜ ଆଣି ରଖ ନ ନେଇ ଲଭିବା ସୁଖ । ୧ ।

ଓରେ ଆଉଜାଇ ଅମ୍ବୁ କେଷଣାକୁ ଚୁମ୍ବ ମାଗୁ ହୁଏ ରୁଦ୍ଧ
ମୁଖେ ମୁଖ ଦେଇ ଅନ୍ତେ ନ କର ମୁଦ୍ଧ ମୁଁ ନୟନ ବେନ । ୨ ।

ମୁଖ ଟେକି ଚୁମ୍ବି ଦୁଃଖ ହର କି ନା ବୋଲୁ ତା ଚବୁକ ଧରି
ଦର ହାସେ ସ୍ତନ ଉପରେ ନୟନ ନବେଶିବାରେ ଗୃଭୁଖୀ । ୩ ।

ଐରାବତ ଜିତ ଉରଜେ କରକୁ ଦେଉ ଅତି ସ୍ନେହ କରି
କରେ ଧରି ଧୀରେ ପ୍ରତି ଅଙ୍ଗଯାକ ଘିବାର ପୁଲକେ ପୂରି । ୪ ।

ସୁରତ ରସ ଲାଳସରେ ନବୋଢ଼ ନୀବି ବନ୍ଧ ଧରୁ ତାର
କରେ କର ମାରି ଆରତେ ମୋ କୋଳେ ଚନ୍ଦ୍ରମୁଖ ରଖିବାର । ୫ ।

ଯୁବରାଜ ଭାଷେ ଶ୍ୟାମ ଭାଷେ ତୋଷେ ଯେ ମୋର ନେନ ସମ୍ମତି
ଅଙ୍କସ୍ଥାନ କମଳାଙ୍କ ଆନନୀରେ ଅଙ୍କୁଶ ଆସିବା ପ୍ରୀତି । ୬ ।

142. କଷ୍ଟ ଗମନା ମୁଁ କି କରିବ ଗୋ, କହ କର ବ କଷ୍ଟେଂମରିବ ଗୋ

ହରି ବିହୁନେ ଚଉ ଧରିବ କେସନେ ମୁଁ,
ଶରୀର ହେଲ ଏତେ ସରି ଗୋ । (ପଦ)

ସୁମନେ ସୁମନେ ମୁଁ ଶେଯ କରି, ଗୃହେଁ ବସିଛୁ ଆସିବେ ଗୋ ବଂଶୀଧାରୀ
ଜାଳି ପ୍ରଦୀପ ସଜ କଲି ସୁମନେ ଆଜ
ଗୃହେଁ ପଲଙ୍କେ ସଖୀ ଲେଉଟୁଛୁ ଗୋ । ୧ ।

Digitized by srujanika@gmail.com

ଅତନୁ ଶରେ ଶର ମାରୁଛୁ ଗୋ, ବରଷା ଋତୁ ରସ ସାରକୁ ଗୋ
ସଶଗଲଣି ବୃଦ୍ଧି, ବୁଦ୍ଧି ହେଲ ଅବୁଦ୍ଧି
ହୁଡ଼ି ମୁଁ ସଖୀ ଏବେ ବୁଡ଼ୁଛୁ ଗୋ । ୨ ।

ଭୃଙ୍ଗି ରଖିଛୁ ନାଗବଲ୍ଲୀ ପୂଗ, ତାର ବାସେ ଘୋଟିଛୁ ଦଶ ଦଗ
ବୁଦ୍ଧି ହେଲଣି ବାମ କି କଲେ ମୋତେ ଶ୍ୟାମ
ଶ୍ୟାମ ସଙ୍ଗରେ ସଖୀ ଭ୍ରମୁଛୁ ଗୋ । ୩ ।

ଉପଇନ୍ଦ୍ର ବୋଲେ ଏସନ ଗୋ ତାକୁ ପ୍ରସନ୍ନ ପୀତ ବସନ ଗୋ
ବସନ୍ତେ ବରଦ୍ଧଣୀ ବଂଶୀ ଶବଦ ଶୁଣି
ପାଣିରେ ପାଣି ସଖୀ ରଖିଛୁ ଗୋ । ୪ ।

143. ରାଗ-କଲ୍ୟାଣ

ଦେଖିଲିଟି କୃଷ୍ଣକୁ ଗୋ, ଆଜ ମୁଁ ସଖୀ । (ପଦ)
ଯମୁନା ପଟୁଆଣ୍ଟା, ଲଟ ଲବଣୀ ଚୋରୁଣ୍ଟା,
ଗୋପୀଙ୍କ ମନୋହାଣ୍ଟା, ପୀତ ଦୁକୂଳଆକୁ । ୧ ।

ନାସେ ସିନ୍ଧୁ ଫଳ ଶୋହେ, କାମକୁ ମୋହେ ଘନେ ଶୁକ ଉଦୟେଁ
ହାର ପଦକ ଦେହେ, ମଣି କଙ୍କଣ ବାହେ,
ନୂପୁର ପଦ୍ମ ପ୍ରାୟେ, ରତ୍ନ ମୁକୁଟିଆକୁ । ୨ ।

ସୁନ୍ଦର ବର କାଳିଆ ବନମାଳିଅ' କଦମ୍ବ ତରୁତଳିଆ
ମକର କୁଣ୍ଡଳିଆ, ବଙ୍କା ପ୍ରଥ ପାଳିଆ ସେବତୀ ଛଳିଆକୁ । ୩ ।

ଗୋକୁଳ ବ୍ରଜନନ୍ଦନ, ନାଗରୀ ପ୍ରାଣ, ଗୋପୀଙ୍କ ହୃଦଚନ୍ଦନ
କାଳି ବିଷ ଖଣ୍ଡନ, ବୃନ୍ଦାବନ ମଣ୍ଡନ,
ବ୍ରହ୍ମା ଗର୍ବ ଗଞ୍ଜନ ଘନଶ୍ୟାମଳିଆକୁ । ୪ ।

ଦେଖିଲି ବେଳୁ ନୟନ, ଚନ୍ଦ୍ର ବଦନ, ଯାହା ହେଉଛୁ ମନ
ଚଉ ମୋ ଛନଛନ ଉଡ଼େ ତାଠାକୁ ମନ,
ଯୁବରାଜ ନନ୍ଦନ, ଧ୍ୟାୟେ ସେହି ରୂପକୁ । ୫ ।

Digitized by srujanika@gmail.com

144. ରାଗ-ସାରଙ୍ଗ

ଆହା କେ ଗଢ଼ିଛି ଭଲ ଦେଖ ସଖୀ ଆଖି ଲାଖି ରହିଲା । (ପଦ)
ଅଶେଷ ଲାବଣ୍ୟ ବାସ ବଦନ ଯହିଁ ଗ୍ରାଇ ଯିବ ନୂଆ ମଦନ
ଦଳିତାଞ୍ଜନ ତନୁ ଗଞ୍ଜନ ଦାଗ କରାଇବ ନିଷ୍ଟେ ସଦନ । ୧ ।

କି ରଞ୍ଜନ ସେ ଶତପତ୍ର ନେତ୍ର ଦୁଇ ଦେଖେ ଢଳି ଯିବାର ଚିତ୍ର
ହେ ଦୃଷ୍ଟିପାତ ହେବାରୁ ମିତ୍ର ସାଧ ଦେଲି ମୁଁ ସତୀ ବରତ । ୨ ।

ଆହା ସେ ଗୃରୁ ଲଲାଟେ କେ ନିନ୍ଦୁ ବାରି ଦେବ ଘର କାରତ ଚନ୍ଦ୍ର
ଦଳିତ ଇନ୍ଦୁ କୁମୁଦ ବନ୍ଧୁ ବାନ୍ଧୁ କେ ଦେଇଛି ତ ଦୀନବନ୍ଧୁ । ୩ ।

ଓଠପି ପଡ଼ନ୍ତୁ ଅଧର ରଙ୍ଗିମା ଦରହାସ ଦ୍ରବ୍ୟ ପିୟୂଷ ସୀମା
ନାହିଁ ଉପମା, ନାସ୍ତି ଗାରିମା ଭଙ୍ଗିଦେବ ଦୂରୁ ଭୃରୁ ଭଙ୍ଗିମା । ୪ ।

ଯୁବରାଜ ଏହୁ ରସେ ବଦନ୍ତି ସଖୀ ସମୀପେ ଭାଷନ୍ତି ଶ୍ରୀମତୀ
କରି ସେ ପ୍ରୀତି, ରଖି କୀରତି ହେଲେ ହେବ ପଛେ ଉଚ୍ଛନ୍ନ ଜାତି । ୫ ।

145. ମୁଁ ଯେବେ ହୋଇଲି ଦୋଷୀ ତୁ ଯିନା କରୁଣା ରାଶି
ଶରଣ ପଶିଲି ଆସି ସ୍ୱପନରେ କୋକିଳ କେଶୀ । ୧ ।

କ୍ରୋଧେ ନଖେ ଚରେ ମସ୍ତ ମୁଁ ଏବେ ଦୋଷୀ ନୁହଇ
କ୍ଷମା ରାଶି ପରା ତୁହି ସେ କରୁଣା ଗଲା କାହିଁ । ୨ ।

ମୁଁ ଅଟେ ତୋହର ଦାସ ତେଜ ମନରୁ ବିରସ
ପ୍ରିୟେ ତୁ ନ ଦିଅ ଦୋଷ ସରସେ ମୋ କୋଳେ ବସ । ୩ ।

କୃଷ୍ଣଚନ୍ଦ୍ର ବାଣୀ ଶୁଣି ହରଷେ ବ୍ରଜ ତରୁଣୀ
ଆରମ୍ଭିଲେ ରତି ବାଣୀ ଉପଇନ୍ଦ୍ର ଭଞ୍ଜ ଭଣି । ୪ ।

146. ରସାମନ୍ତ୍ରଣା ବାମା ରାମା ରତନ
ରୋଷ ନ ବନ୍ଧ ଭାଷ ବୀଣା ବଚନ । (ପଦ)
ଏକଳବ ଭକ୍ଷଣ ତା ପତି ଅଇଷ୍ଟ
ବଇଷ୍ଟ ହୋଇ ଗାତ୍ରକୁ ଦେଲା ବିଦାସ୍ତ
ଦୁଇପତି ଧାରଣ ଉଦ୍ଧାର ହେବ ମାନ
ତନଶ ହୃଦେ ଯେବେ ନୋହିଲଟିରେ ଜାଣ
ଭୃଙ୍ଗକୁ କଣ୍ଠେ ଦିଅ ବହନ । ୧ ।

Digitized by srujanika@gmail.com

ପାଞ୍ଚ ଅରିଷ୍ଟ ମତ୍ତ ପରି ହେଲଣି ମନ
ଛଅ ଦାନ ନ ଦେଲେ ଗଲା ଜୀବନ
ତୁ ତ ଚତୁର୍ଥ ବର ଚଣ୍ଡେ ଶୃଙ୍ଗର କର
ସାତକୁ କୁମ୍ଭେ ଧରି ଥରେ ଓଜନ କର
ଆଠ ସୁଖେ ନ ଦିଅ ତୁ ଚୁମ୍ବନ । ୨ ।

ନଅଦାର ଅଞ୍ଜନ ତୋ ନେତ୍ର ଚକୋର
ଖେଳାଇ ସନ୍ତତେ ଥରେଁ କର ଶୃଙ୍ଗର
ଦଶ ଧ୍ୱଜର ଡ଼ରେ ଶରଣ ଗଲି ବାରେ
ଏକାଦଶୀ ବରଜା ଭାବ ତୁ ଏକାନ୍ତରେ
କାନ୍ତା କାନ୍ତରେ କପାଁ ତୋର ଗୁମାନ । ୩ ।

ବାରନେତ୍ରୀ ବିମ୍ବାଧରୀ ବାରିଜ ମୁଖୀ
ସାମାନ୍ୟ କଥାରେ ରୋଷ ଥାଇ କି
କ୍ଷୀଣ କଟୀ ଈଶ୍ୱର ରିପୁ କୋଟି ପିଅର
ଚନ୍ଦ୍ର ପାଦକୁ ଧାତ୍ରୀ କହଇ ଭଞ୍ଜ ବୀର
ଦୋଷ ନ ଧରିବ ହେ ଜ୍ଞାନୀ ସୁଜନ । ୪ ।

147. ନୂଆ ପୀରତି ଭାଙ୍ଗି ଦେଲା ଦରବ
ନୂଆ ବୟସେ କାହା ଦେହ ସହିବ ?
ଜୀବନୁ ଅଧିକ କରିଥିଲେ ମାଧବ
ଛାଡ଼ିଗଲେ ଗୁଣମଣି ଲଗାଇ ଭାବ
କୃପ ଆଚାର୍ଯ୍ୟ ମତ ଧରିଲେ ପ୍ରାଣନାଥ
ଦହିଲେ ଅନେଶ୍ୱତ ମାନଗୋବିନ୍ଦ ଭ୍ରାତ
ନଚଲେ ଜୟଦ୍ରଥ ବିଷ୍ଣୁ ପାଦେ ଅରିରତ
ଧନମାଳିକୁ କିଏ ଯାଇ କହିବ । ୧ ।

ଦ୍ରୋଣ କେତେ କରିଥିଲେ ମୋ ଠାରେ ଭାବ
କର୍ଣ୍ଣେ ନ ଶୁଭିଲା ଆଉ ବଚନ ଶୁଭ
ଯୁଧିଷ୍ଠି ସାନ ରସା କହେ ଅର୍ଜ୍ଜୁନ ଦୃଶା
ଭୀମପରି ବୟସା ସୁରେ ସୁରେ ସହସା
ନକୁଳ ସହଦେବ ମାନସେ ଘେନ ଯୋଦ୍ଧା
ମାନ ସୁମରୁ ଅଛୁ ଯାହା ଦଇବ । ୨ ।

Digitized by srujanika@gmail.com

ଭାରତ ଭୂମିରୁ ଗ୍ରନ୍ଥ ଯାଉଛି ଜୀବ
ଦେଖିଲେ ଦୁର୍ଯ୍ୟୋଧନ ପାଶେ ଆସିବ
ଏ ବ୍ୟାସ ସରୋବର ସେ ଅଟେ ହୃଷ୍ଟ ଘୋର
ଦୃହେଁ ମର୍ମ ଭିତର ଅଶ୍ୱଥାମା ଗଡର
ଶଲ୍ୟ ହେଲେ କି ଆଉ ଭାବ ପାଇବ । ୩ ।

କହେ ଉପେନ୍ଦ୍ର ଭଞ୍ଜ ପଦ ଦୁର୍ଲଭ
ନୂଆ କବିମାନେ ବସି ଅର୍ଥ କରିବ
ନୂତନ ପଦସାର ଯତନେ ହେତୁକର
ପଢ଼ାଥିବ ଯାହାର ତଉକ ଅଳଙ୍କାର
ବ୍ରହ୍ମଜ୍ଞାନ ସୂତ୍ରରେ ଆଣି ଅର୍ଥକୁ କର
ଚିତ୍ତକୁ ଅସ୍ଥିକଲେ ମର୍ମ ପାଇବ । ୪ ।

148. କାନ୍ତ ବିନା ହବା ରଜନୀ ସଜନୀ
କୋଟି ଯୁଗସମ ହେଉଛିରେ । (ପଦ)

କାହିଁ ସେ ରହିଲେ କି ପାଇଁ ନଇଲେ
ଚେଣୁ କରି କାମ ଅନଳେ ଦହିଲେ ।
କିବା କେଉଁ ନାରୀ କି ମନ୍ତ୍ରେ ମୋହିଲା
ସେ ଦେଶେ ମଦନ ମଲଛିରେ । ୧ ।

ଭାରି ହେଲା ଆସି ଅଙ୍ଗକୁ ବସନ
ତହିଁ ପରେ ଆଭରଣ ଏ ଭୂଷଣ
ଦେଖ ଦେଖ ସଖୀ ଏ ଝଞ୍ଜା ପବନ
କାମ ବାଣେ ପ୍ରାଣ ନେଲାଛିରେ । ୨ ।

ଯେବେ ଥାନ୍ତେ କାନ୍ତ ବସନ୍ତ କାଳରେ
ଘେନି ବସିଥାନ୍ତି ରଜନୀ କୋଳରେ
କେତେ କେତେ ପ୍ରୀତିମାନ କରୁଥାନ୍ତି
କେଡ଼େ ସୁଖ ତୁଟି ଗଲାଛିରେ । ୩ ।

ତା ଲାଗି ଏ ଜୀବ ନାଶକୁ ଲଭିବ
ହତ୍ୟା ଦୋଷରେ କି କାରେଣି ହୋଇବ
କୁସୁମ ଭୂଷଣ ହେଲା ଅକାରଣ
ଭଣେ ଉପେନ୍ଦ୍ର ଭଞ୍ଜଛିରେ । ୪ ।

Digitized by srujanika@gmail.com

149. ମାନ ଉଦ୍ଧାରଣ   କର ହେ ତାରଣ
ଶରଣ ମୁଁ ତୁମ ପାଦ ତଳେ (ଘୋଷା) ।

ଅନାଥର ନାଥ   ନୀଳଗିରି ନାଥ
ଜଗନ୍ନାଥ ନାମ ନୀଳାଚଳେ
ମହୋଦଧି କୂଳେ   କଳ୍ପବଟ ମୂଳେ
ବିଜେ କରିଛ ବଡ଼ଦେଉଳେ । ୧ ।

ଲକ୍ଷେ ଯୋଜନରେ   ଗଜ ଡ଼ାକ ଦେଲା
ତା ଡ଼ାକ ଶୁଣିଲ ପଶା ଖେଳେ
ମାରକଣ୍ଡ ଋଷି   ଯାଉଥିଲେ ଭାସି
ଉଦରେ ଥଇଲ ବାମ କରେ । ୨ ।

କିସ୍କିନ୍ଧ୍ୟାକୁ ଗଲ   ବାଳି ବିନାଶିଲ
ବନ୍ଧ ଯେ ବାନ୍ଧିଲ ସିନ୍ଧୁ ଜଳେ
ଲଙ୍କାରେ ରାବଣ   ବଧିଲ ଆପଣ
ଜନକ-ନନ୍ଦନୀ-ସୀତା ଛଳେ । ୩ ।

ଯୁଧିଷ୍ଠିର ବୋଲେ   ହସ୍ତିନାକୁ ଗଲ
ଭୋଜନ କଲ ବିଦୁର ଘରେ
କୁରୁସଭା ତଳେ   ଦ୍ରୌପଦୀ ଚିନ୍ତିଲ
କୋଟି ବସ୍ତ୍ର ଦେଲ ଅବହେଳେ । ୪ ।

ବଣ ପୋଡ଼ି ବେଳେ   ଘୋର ଦାବାନଳୁଁ
ଉଦ୍ଧରି ରଖିଲ ବ୍ରଜବାଳେ
କହେ ଉପଇନ୍ଦ୍ର   କବିକୁଳ ଚନ୍ଦ୍ର
ଶରଣ ମୁଁ ତୁମ୍ଭ ପାଦତଳେ । ୫ ।

Digitized by srujanika@gmail.com

ସହାୟକ ଗ୍ରନ୍ଥସୂଚୀ

1. ଓଡ଼ିଆ ଗୀତି କାବ୍ୟ — ଜାନକୀ ବଲ୍ଲଭ ମହାନ୍ତି
2. ଓଡ଼ିଆ ଗୀତି କାବ୍ୟ ସଙ୍କଳନ — ଡ଼. ଜାନକୀ ବଲ୍ଲଭ ମହାନ୍ତି
3. ଓଡ଼ିଆ ଚୌପଦୀ ସାହିତ୍ୟ — ଡ଼. ଜାନକୀ ବଲ୍ଲଭ ମହାନ୍ତି
4. ପୂର୍ଣ୍ଣଚନ୍ଦ୍ର ଭାଷାକୋଷ — ଗୋପାଳ ଚନ୍ଦ୍ର ପ୍ରହରାଜ
5. ଭାରତୀୟ ସଙ୍ଗୀତ — ନୀଳ ମାଧବ ପାଣିଗ୍ରାହୀ
6. ଛନ୍ଦୋ ମଞ୍ଜରୀ — ଗଙ୍ଗାଦାସ
7. ଉଜ୍ଜ୍ୱଳ ନୀଳମଣି — ରୂପ ଗୋସ୍ୱାମୀ
8. ଅବକାଶ ଚିନ୍ତା — ଗୋପବନ୍ଧୁ ଦାସ
9. ଚିତ୍ରକାବ୍ୟ ବନ୍ଧୋଦୟ — ଉପେନ୍ଦ୍ର ଭଞ୍ଜ
10. ଛାନ୍ଦ ଭୂଷଣ — ଉପେନ୍ଦ୍ର ଭଞ୍ଜ
11. ରସିକହାରାବଳୀ — ଉପେନ୍ଦ୍ର ଭଞ୍ଜ
12. ରସ ପଞ୍ଚକ — ଉପେନ୍ଦ୍ର ଭଞ୍ଜ
13. କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ — ଉପେନ୍ଦ୍ର ଭଞ୍ଜ
14. ଲାବଣ୍ୟବତୀ — ଉପେନ୍ଦ୍ର ଭଞ୍ଜ
15. କବିସୂର୍ଯ୍ୟ ଗ୍ରନ୍ଥାବଳୀ
16. ବନମାଳି ପଦ୍ୟାବଳୀ
17. ଗୋପାଳକୃଷ୍ଣ ପଦ୍ୟାବଳୀ
18. ବନ୍ଧଣି

Digitized by srujanika@gmail.com